

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.141, Wednesday, 9 September 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୧, ବୁଧବାର, ୯ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.141, Wednesday, 9 September 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୧, ବୁଧବାର, ୯ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ
The Amruta Dunia
RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ
ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୪୦୮୪ ହ୍ୱାଟସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



Vol.13, Issue.141, Wednesday, 9 September 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୧, ବୁଧବାର, ୯ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


### ଆବୁଧାବିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ୟୁଏଇରୁ ଓଡ଼ିଶା ଆସିବ ପୁଞ୍ଜି

- ଉଚ୍ଚସ୍ତରୀୟ ନିବେଶ ଅଭିଯାନର ଶୁଭାରମ୍ଭ
- ଓଡ଼ିଶା ଶିଳ୍ପ ବିକାଶର ବୈପ୍ଲବିକ ମୋଡ଼
- ମାନୁଫ୍ୟାକଚରିଂ, ଭିତ୍ତିଭୂମି, ଶକ୍ତି ଓ ଏମର୍ଜିଂ ଇଣ୍ଡଷ୍ଟ୍ରି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ
- ଆଜି ଉଚ୍ଚସ୍ତରୀୟ ବ୍ୟବସାୟିକ ଆଲୋଚନା
- ଭାରତୀୟ ରାଷ୍ଟ୍ରଦୂତଙ୍କୁ ଭେଟିଲେ ସିଏମ୍



ଭୁବନେଶ୍ୱର(ବ୍ୟୁରୋ)

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଆବୁଧାବିରେ ପହଞ୍ଚିଛନ୍ତି। ଏହାସହ ସଂଯୁକ୍ତ ଅରବ ଏମିରେଟ୍ସ (ୟୁଏଇ)ରେ ଓଡ଼ିଶାର ଉଚ୍ଚସ୍ତରୀୟ ନିବେଶ ଅଭିଯାନର ଶୁଭାରମ୍ଭ ହୋଇଛି। ସେପ୍ଟେମ୍ବର ୯ ରୁ ୧୧ ପର୍ଯ୍ୟନ୍ତ ପ୍ରମୁଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ସେପ୍ଟେମ୍ବର ୧୨ରେ ସେ ଭାରତ ଫେରିବାର କାର୍ଯ୍ୟକ୍ରମ ରହିଛି। ୟୁଏଇ ସହିତ ଓଡ଼ିଶାର ଆର୍ଥିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ନିବେଶ, ମାନୁଫ୍ୟାକଚରିଂ, ଭିତ୍ତିଭୂମି, ଶକ୍ତି ଓ ଏମର୍ଜିଂ ଇଣ୍ଡଷ୍ଟ୍ରି କ୍ଷେତ୍ରରେ ଭାଗିଦାରୀ ଗଢ଼ି ତୋଳିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ଏହି ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଶିଳ୍ପ ବିଭାଗ ଓ ଇପିକଲର ବରିଷ୍ଠ ଅଧିକାରୀମାନେ ସାମିଲ ଅଛନ୍ତି। ଆବୁଧାବିରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ୟୁଏଇରେ ଥିବା ଅଧିକାରୀ ଏବଂ ପ୍ରତିନିଧିମାନେ ଏହି ଉଚ୍ଚସ୍ତରୀୟ ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ। ୟୁଏଇରେ ଥିବା ଭାରତୀୟ ଦୂତାବାସର ପ୍ରତିନିଧିମାନେ ମଧ୍ୟ ପ୍ରତିନିଧି ଦଳକୁ ସ୍ୱାଗତ ଜଣାଇଥିଲେ। ସେଠାରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଆବୁଧାବି ଗସ୍ତ ସମୟରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ଏବଂ ନିବେଶକ ଆଲୋଚନାର ପ୍ରସ୍ତୁତି ନେଇ ସମୀକ୍ଷା କରିଥିଲେ। ୟୁଏଇର ନିବେଶକ, ଅନୁଷ୍ଠାନ ଏବଂ ଶିଳ୍ପପତିମାନଙ୍କ ସହ ହେବାକୁ ଥିବା ବୈଠକଗୁଡ଼ିକ ଯେପରି ଫଳପ୍ରଦ ହେବ, ସେଥିପାଇଁ ସେ ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ ୟୁଏଇରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଭେଟି ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ଦୁଇ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଆର୍ଥିକ ଏବଂ ଜନସାଧାରଣଙ୍କ ସ୍ତରରେ ସମ୍ପର୍କକୁ ଆହୁରି ମଜବୁତ କରିବାର ସୁଯୋଗଗୁଡ଼ିକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ସେଠାରେ ରହୁଥିବା ଏବଂ କାର୍ଯ୍ୟରତ ଓଡ଼ିଆମାନଙ୍କୁ ଓଡ଼ିଶା ଏବଂ ୟୁଏଇରେ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ସେତୁ ବୋଲି କହିଥିଲେ। ସେହି ଓଡ଼ିଆମାନଙ୍କ ପାଇଁ ନିରନ୍ତର ସହାୟତା, ସୁବିଧା ସୁଯୋଗ ଏବଂ ଇଜ୍ ଅଫ୍ ଲିଭିଂ ସୁନିଶ୍ଚିତ କରିବା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ। ଏହି ଆବୁଧାବି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶା ପ୍ରତିନିଧି ମଣ୍ଡଳୀ ୟୁଏଇର ପ୍ରମୁଖ ଅନୁଷ୍ଠାନ, ନିବେଶକ ଏବଂ ବ୍ୟବସାୟିକ ଗୋଷ୍ଠୀଙ୍କ ସହ ସିଧାସଳଖ ଆଲୋଚନା କରିବେ। ଏହି ଆଲୋଚନାଗୁଡ଼ିକ କେବଳ ନିବେଶ ଆକୃଷ୍ଟ କରିବାରେ ସୀମିତ ନରହି, ଓଡ଼ିଶାରେ ନିର୍ଦ୍ଦିଷ୍ଟ ଭାଗିଦାରୀ, ପ୍ରଯୁକ୍ତିବିଦ୍ୟାର ସହଯୋଗ ଏବଂ ଦୀର୍ଘକାଳୀନ ଶିଳ୍ପ ଭାଗିଦାରୀ ପାଇଁ ନୂଆ ସୁଯୋଗ ଚିହ୍ନଟ କରିବା ଲକ୍ଷ୍ୟରେ ■ ପୃଷ୍ଠା-୧୫

## ଓଡ଼ିଶା ଜଙ୍ଗଲରୁ ବିରଳ ଓରାଙ୍ଗଉଟାନ ଠାବ

- କେଉଁଠୁ ଆସିଲେ ତଦନ୍ତ କରୁଛି ବନବିଭାଗ
- ଅନ୍ତର୍ଜାତୀୟ ବନ୍ୟପ୍ରାଣୀ ର୍‍ୟାକେଟ୍ ଲିଙ୍କ୍ ସନ୍ଦେହ : ମନ୍ତ୍ରୀ

ଭୋଗରାଇ(ଅମୃତ ମିଡ଼ିଆ)



ଓଡ଼ିଶା ଜଙ୍ଗଲରୁ ବିରଳ ଓରାଙ୍ଗଉଟାନ ଠାବ। ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଉଦୟପୁର ବନବିଭାଗ ଟିମ୍ ବାଲେଶ୍ୱର ଜିଲ୍ଲା ରଣକୋଠା ସଂରକ୍ଷିତ ଜଙ୍ଗଲର ବଡ଼ପାହି ନିକଟରୁ ୫ଟି ଓରାଙ୍ଗଉଟାନକୁ ଠାବ କରିଛି। ଉଦ୍ଧାର ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଉଦୟପୁର ବନବିଭାଗର ଏକ ଟିମ୍ ରଣକୋଠା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଜଙ୍ଗଲରେ ୫ଟି ଓରାଙ୍ଗଉଟାନକୁ ଦେଖି ବନ କର୍ମଚାରୀମାନେ ଉପରିସ୍ଥ ଅଧିକାରୀଙ୍କୁ ଖବର ଦେଇଥିଲେ। ପରେ ବନବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସେମାନଙ୍କୁ ଠାବ କରାଯାଇଥିଲା।ଭାରତୀୟ ଜଙ୍ଗଲରେ ସାଧାରଣତଃ ଓରାଙ୍ଗଉଟାନ ଦେଖାଯାଏ ନାହିଁ। ତେଣୁ ରଣକୋଠା ସଂରକ୍ଷିତ ଜଙ୍ଗଲକୁ ଏହି ୫ଟି ଓରାଙ୍ଗଉଟାନ କେଉଁଠୁ ଏବଂ କିପରି ଆସିଲେ, ତାହାକୁ ନେଇ ବନବିଭାଗ ପକ୍ଷରୁ ଅନୁଧ୍ୟାନ ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ, ଭାରତରେ ଓରାଙ୍ଗଉଟାନକୁ ନେଇ ନନ୍ଦନକାନନର 'ବିନ୍ନି' ବେଶ୍ ଚର୍ଚ୍ଚିତ ଥିଲା। ସିଙ୍ଗାପୁରରୁ ଭାରତ ଅଣାଯାଇଥିବା ବିନ୍ନିକୁ ୨୦୦୩ ନଭେମ୍ବର ୨୦ରେ ନନ୍ଦନକାନନକୁ ଅଣାଯାଇଥିଲା। ଦୀର୍ଘଦିନ ଧରି ନନ୍ଦନକାନନର ଆକର୍ଷଣ ପାଲଟିଥିବା ବିନ୍ନି ୨୦୧୯ ମେ' ୨୯ରେ ୪୧ ବର୍ଷ ବୟସରେ ଆଖି ବୁଜିଥିଲା। ରଣକୋଠା ଜଙ୍ଗଲରୁ ୫ଟି ଓରାଙ୍ଗଉଟାନ ଠାବ ଘଟଣାକୁ ନେଇ ପିସିସିଏଫ ପ୍ରେମ ଝା କହିଛନ୍ତି, ଓରାଙ୍ଗଉଟାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ସେମାନେ କେଉଁଠୁ ଏବଂ କିପରି ଆସିଲେ, ସେନେଇ ତଦନ୍ତ ■ ପୃଷ୍ଠା-୧୫

## ଶ୍ରୀଜଗନ୍ନାଥଙ୍କ ସହ ଜଡିତ ୩ ନାମକୁ ଟ୍ରେଡ୍‌ମାର୍କ ସୁରକ୍ଷା

ଭୁବନେଶ୍ୱର(ବ୍ୟୁରୋ)

ମହାପ୍ରଭୁଙ୍କ ସହ ଜଡିତ ଆହୁରି ୩ଟି ପବିତ୍ର ନାମକୁ ଟ୍ରେଡମାର୍କ ସୁରକ୍ଷା ମିଳିଛି। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ଆବେଦନ ପରେ ଶ୍ରୀମନ୍ଦିର, ରତ୍ନ ଭଣ୍ଡାର ଏବଂ ଶ୍ରୀନହର ନାମକୁ ଟ୍ରେଡମାର୍କସ୍ ରେଜିଷ୍ଟ୍ରି ପ୍ରକାଶନ ପାଇଁ ଗ୍ରହଣ କରିଛି। ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଆନନ୍ଦ ବଜାର, ପତିତପାବନ ଏବଂ ନୀଳଚକ୍ର ଲୋଗୋକୁ ଟ୍ରେଡମାର୍କ ଅନୁମୋଦନ ମିଳିଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଜଗନ୍ନାଥ ଧାମ, ଶ୍ରୀକ୍ଷେତ୍ର, ମହାପ୍ରସାଦ, ନୀଳଚକ୍ର ଓ କୋଇଲି ବୈକୁଣ୍ଠ ପରି ୫ଟି ନାମ ପ୍ରକାଶନ ପାଇଁ ଗ୍ରହଣ କରାଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ସୂଚନା ଅନୁଯାୟୀ, ମହାପ୍ରଭୁଙ୍କ ସଂସ୍କୃତି ଓ ପବିତ୍ର ନାମଗୁଡ଼ିକର କୌଣସି ପ୍ରକାର ବ୍ୟବସାୟିକ ଅପବ୍ୟବହାର କିମ୍ବା ବେଆଇନ ବ୍ୟବହାରକୁ ରୋକିବା ପାଇଁ ଏହି ଆଇନଗତ ସୁରକ୍ଷା ଦିଆଯାଉଛି।

## ୧୬.୭୬ ଲକ୍ଷ ଚଳୁ କରି ୩ ପଞ୍ଚାୟତ କର୍ମଚାରୀ ଗିରଫ

### ବାର୍ଦ୍ଧକ୍ୟ ଭତ୍ତା ପାଣ୍ଠି ଲୁଟ୍ କରିବା ଅଭିଯୋଗ



ଭୁବନେଶ୍ୱର(ବ୍ୟୁରୋ)

୧୬ ଲକ୍ଷ ୭୬ ହଜାର ଟଙ୍କାର ବାର୍ଦ୍ଧକ୍ୟ ଭତ୍ତା ପାଣ୍ଠି ଲୁଟ୍ କରିବା ଅଭିଯୋଗରେ ବାଲେଶ୍ୱର ଜିଲ୍ଲାର ୩ ଜଣ ପଞ୍ଚାୟତ ସ୍ତରୀୟ କର୍ମଚାରୀଙ୍କୁ ଗିରଫ କରିଛି ଭିଜିଲାନ୍ସ। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି- ସୁବ୍ରତ କୁମାର ପତି, ଚିତ୍ତରଞ୍ଜନ ବାଗସିଂ ଓ ଗୌତମ ଦଳାଇ। ସୁବ୍ରତ କୁମାର ପତି ପୂର୍ବରୁ ବାଲେଶ୍ୱର ଜିଲ୍ଲା କାଖଡ଼ା ଗ୍ରାମ ପଞ୍ଚାୟତର ପିଇଓ ଥିଲେ। ଏବେ ସେ କୁସୁଦା ଗ୍ରାମ ପଞ୍ଚାୟତରେ ନିଯୁକ୍ତ ହୋଇଥିଲେ। ସେହିପରି ଚିତ୍ତରଞ୍ଜନ ବାଗସିଂ ପୂର୍ବରୁ କୁମ୍ଭାରମୂଳି ପଞ୍ଚାୟତରେ ପିଇଓ ଥିବା ବେଳେ ଏବେ ଖଇରା ବ୍ଲକରେ ନିଯୁକ୍ତ ହୋଇଥିଲେ। ଗୌତମ ଦଳେଇ ଭୋଗରାଇ ବ୍ଲକ୍ ଜଳେଶ୍ୱର ଗ୍ରାମ ପଞ୍ଚାୟତରେ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରୀ ଅପରେଟର ଭାବେ ନିଯୁକ୍ତ ହୋଇଥିବା ବେଳେ ଗିରଫ ହୋଇଛନ୍ତି। ତଦନ୍ତ ବେଳେ ଭିଜିଲାନ୍ସ ଜାଣିବାକୁ ପାଇଛି ଯେ ୨୦୨୨ରୁ ୨୦୨୫ ମଧ୍ୟରେ ଏହି ତିନି ପଞ୍ଚାୟତ ସ୍ତରୀୟ କର୍ମଚାରୀ ସରକାରୀ ଅର୍ଥ ଚଳୁ କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ପାଇଁ ସେମାନେ ନିୟମିତ ଭାବେ ଭୋଗରାଇ ବ୍ଲକ୍‌ରୁ ଟଙ୍କା ଉଠାଉଥିଲେ। କିନ୍ତୁ ଭତ୍ତା ପ୍ରଦାନ କରିବା ପରେ ବଳକା ରହିଯାଉଥିବା ଅର୍ଥକୁ ସେମାନେ ଆଉ ବ୍ଲକ୍‌କୁ ଫେରସ୍ତ କରୁ ନଥିଲେ। ସେମାନେ ନିଜେ ସେହି ଟଙ୍କାକୁ ରଖୁଥିଲେ। ଏହିଭଳି ଭାବେ ସେମାନେ ୧୬ ଲକ୍ଷ ୭୬ ହଜାର ୫୦୦ ଟଙ୍କା ଚଳୁ କରିଥିଲେ। ସୁବ୍ରତ କୁମାର ପତି କାଖଡ଼ାର ପିଇଓ ଥିବା ବେଳେ ଓ ଚିତ୍ତରଞ୍ଜନ ବାଗସିଂ କୁମ୍ଭାରମୂଳି ପଞ୍ଚାୟତର ପିଇଓ ଥିବା ବେଳେ ଏହି କାରସାଦି କରିଥିବା ଜଣାପଡ଼ିଛି। ସେମାନଙ୍କ ବିରୋଧରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଥିବା ବେଳେ ଘଟଣାର ତଦନ୍ତ କରି ସେମାନଙ୍କୁ ଗିରଫ କରାଯାଇଛି।

### ଦାରା ସିଂ ମୁକ୍ତି ଆବେଦନ ପ୍ରସଙ୍ଗ

# ନିଷ୍ପତ୍ତି ନିଅ ନଚେତ୍ ସଚିବଙ୍କୁ ଡକାଇବୁ

### ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଚେତାବନୀ



ଭୁବନେଶ୍ୱର(ବ୍ୟୁରୋ)

ଦାରା ସିଂଙ୍କ ମୁକ୍ତି ଆବେଦନ ପ୍ରସଙ୍ଗରେ ଶିଥିଳତାକୁ ନେଇ ଓଡ଼ିଶା ସରକାରଙ୍କୁ ଆଜି ସୁପ୍ରିମକୋର୍ଟ କଡ଼ା ତାଗିଦ କରିଛନ୍ତି। ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅଙ୍କ ହତ୍ୟା ମାମଲାରେ ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିବା ଦାରା ସିଂ ଓରଫ୍ ରବୀନ୍ଦ୍ର କୁମାର ପାଲଙ୍କ ଆଗୁଆ ମୁକ୍ତି ଉପରେ ରାଜ୍ୟର 'ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ' ତୁରନ୍ତ ଫଇସଲା ନକଲେ, ସମ୍ପୃକ୍ତ ସଚିବ ବା ଦାୟିତ୍ୱରେ ଥିବା ବରିଷ୍ଠ ଅଫିସରଙ୍କୁ କୋର୍ଟକୁ ତଲବ କରାଯିବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଦୁଇ ବର୍ଷ ଧରି ଏହି ପ୍ରସଙ୍ଗରେ କୌଣସି ଫଇସଲା ନକରି ମାମଲାକୁ ଝୁଲାଇ ରଖାଯାଇଥିବାରୁ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ମନୋଜ ମିଶ୍ର ଓ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ଆବେଦନର ଶୁଣାଣି ଚାଲିଥିବାବେଳେ ରାଜ୍ୟ ସରକାରଙ୍କ ଆଡଭୋକେଟ୍-ଅନ୍-ରେକର୍ଡ ଅସୁସ୍ଥ ଥିବା ଦର୍ଶାଇ ସରକାରୀ ଓକିଲ ସମୟ ଲୋଡ଼ିଥିଲେ। ଏହା ଉପରେ କ୍ଷୁବ୍ଧ ହୋଇ ଜଷ୍ଟିସ ମିଶ୍ର କହିଥିଲେ ଯେ ରାଜ୍ୟର ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ (ଦଣ୍ଡ ସମୀକ୍ଷା ବୋର୍ଡ)କୁ ନିଷ୍ପତ୍ତି ନେବା ପାଇଁ ପୂର୍ବରୁ ବହୁଥର ସମୟ ଦିଆଯାଇସାରିଛି। ଗତ ଅଗଷ୍ଟ ୧୯ ତାରିଖରେ ମଧ୍ୟ କୋର୍ଟ ସ୍ପଷ୍ଟ ଭାବେ ବୋର୍ଡକୁ ନିଷ୍ପତ୍ତି ନେଇ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବାରମ୍ବାର ଶୁଣାଣି ସ୍ଥଗିତ ରଖିବା ଛଡ଼ା କୌଣସି ଅଗ୍ରଗତି ହେଉନାହିଁ। ଦୁଇ ବର୍ଷ ଧରି ଏହି ପ୍ରକ୍ରିୟାକୁ ଏଡ଼ାଇବା କଦାପି ଗ୍ରହଣୀୟ ନୁହେଁ। ସରକାରଙ୍କ ଅନୁରୋଧରେ କୋର୍ଟ ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୭ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସେଦିନ ଆଉ କୌଣସି ସ୍ଥଗିତାଦେଶ ଗ୍ରହଣ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସେହିଦିନ ସୁଦ୍ଧା ବୋର୍ଡର ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଶୁଣାଣି ସୁଦ୍ଧା ଯଦି କୋର୍ଟଙ୍କ ଅଗଷ୍ଟ ୧୯ର ନିର୍ଦ୍ଦେଶ ଅନୁସାରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଅବଗତ କରାନଯାଏ ତା'ହେଲେ ସମ୍ପୃକ୍ତ ଅଫିସର ବ୍ୟକ୍ତିଗତ ଭାବେ ହାଜର ହେବାକୁ ବାଧ୍ୟ ହେବେ ବୋଲି ସତର୍କ କରାଇ ଦେଇଛନ୍ତି। ସୂଚନାଯୋଗ୍ୟ, ୧୯୯୯ ମସିହାରେ କେନ୍ଦୁଝରର ■ ପୃଷ୍ଠା-୧୫

### ସେ କହିଲେ...



ବିପଦପୂର୍ଣ୍ଣ ସରକାରୀ କୋଠାଗୁଡ଼ିକର ମୂଲ୍ୟାଙ୍କନ ପୂର୍ବରୁ କରାଯାଇଛି ଏବଂ ଆବଶ୍ୟକ ସ୍ଥଳେ ନୋଟିସ୍ ମଧ୍ୟ ଜାରି ହୋଇଛି। ଏହି ପ୍ରସଙ୍ଗରେ ଗତକାଲି ବିଭାଗ ସହ ଆଉ ଏକ ସମୀକ୍ଷା ବୈଠକ କରାଯାଇଥିଲା।"ମୂଲ୍ୟାଙ୍କନ ଆଧାରରେ ବିପଦସଙ୍କୁଳ ଭାବେ ଚିହ୍ନଟ ସମସ୍ତ ସରକାରୀ କୋଠା ଯାଞ୍ଚ କରାଯାଇଛି ଏବଂ ନୋଟିସ୍ ମଧ୍ୟ ପଠାଯାଇଛି। ଖୁବ୍ ଶୀଘ୍ର ବିପଦପୂର୍ଣ୍ଣ ପ୍ରମାଣିତ କୋଠାଗୁଡ଼ିକୁ ଭାଙ୍ଗିବା ପାଇଁ ନୋଟିସ୍ ଜାରି କରାଯିବ। ମୋ ବିଭାଗ ଅଧୀନରେ ଥିବା ବିପଦପୂର୍ଣ୍ଣ କୋଠାଗୁଡ଼ିକ ବିରୋଧରେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ।

**ଡ. କୃଷ୍ଣଚନ୍ଦ୍ର ମହାପାତ୍ର**
ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ

### ତେଜୁଛି ରାଜନୀତି ବଢୁଛି ସନ୍ଦେହ

# ଖଣି ବିଲ୍‌କୁ ନେଇ ସରକାର-ବିରୋଧୀ ମୁହାଁମୁହିଁ

ଏମ୍ଏମ୍‌ଡିଆର୍ ବିଲ୍‌କୁ ନେଇ ତେଜିଲା ରାଜନୈତିକ ବୟାନବାଜି। ଡବଲଇଞ୍ଜିନ ସରକାରଙ୍କ ଚାଲ୍ ବିରୋଧରେ ବିରୋଧୀ ତୀବ୍ର ସ୍ୱର ଉଠାଇଛନ୍ତି। ବିଲ୍ ବିରୋଧରେ ଆଜି ଭୁବନେଶ୍ୱରରେ ବିଶାଳ ସମାବେଶ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ଇଣ୍ଡି ମେଣ୍ଟ। ବିଲ୍ ପ୍ରତ୍ୟାହାର ନହେଲେ ଆଗକୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଦିଆଯାଇଛି ଚେତାବନୀ। ପୂର୍ବରୁ ବିଜେଡି ବି ଏଭଳି ରଣହୁଙ୍କାର ଦେଇଥିଲା। ବୁଧବାର ଲୋକଭବନ ସମ୍ମୁଖରେ ବିଜେଡି ଧାରଣ ଦେବ ବୋଲି କହିଛି।





- ବିରାଟ ଆନ୍ଦୋଳନ ଡାକରା ଦେଲା ଇଣ୍ଡି ମେଣ୍ଟ
- ୨୯ରେ ବିଧାନସଭା ସମ୍ମୁଖରେ ପ୍ରତିବାଦ ସଭା
- ଲୋକଭବନ ସମ୍ମୁଖରେ ଆଜିଠୁ ବିଜେଡିର ଧାରଣା

ଭୁବନେଶ୍ୱର(ବ୍ୟୁରୋ)

ଏମ୍ଏମ୍‌ଡିଆର୍ ବିଲ୍‌କୁ ନେଇ ତେଜିଲା ରାଜନୈତିକ ତାତି। ବିଲ୍ ବିରୋଧରେ ଆଜି ଭୁବନେଶ୍ୱରରେ ବିଶାଳ ସମାବେଶ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ବର୍ଷିଛି ଇଣ୍ଡି ମେଣ୍ଟ। ବିଲ୍ ପ୍ରତ୍ୟାହାର ନହେଲେ ଆଗକୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଦିଆଯାଇଛି ଚେତାବନୀ। ସେପଟେ ବୁଧବାର ଲୋକଭବନ ସମ୍ମୁଖରେ ଧାରଣା ଦେବାକୁ ଅଣ୍ଟା ଭିଡ଼ିଛି ବିଜେଡି। ଅନ୍ୟପକ୍ଷରେ ବିରୋଧୀ ଲୋକଙ୍କୁ ଭ୍ରମିତ କରୁଛନ୍ତି ବୋଲି କହିଛନ୍ତି ଖଣି ମନ୍ତ୍ରୀ। ଯଦି ବିରୋଧୀ ଭ୍ରମିତ ହେଉଛନ୍ତି କି କରୁଛନ୍ତି, ତେବେ ସର୍ବଦଳୀୟ ବୈଠକ ବସି କିମ୍ବା ବିଧାନସଭାର ସ୍ୱତନ୍ତ୍ର ବୈଠକ ବସି ଏଭଳି ମତାନ୍ତର ଦୂର କରାଯାଉନି କାହିଁକି ? ମାତ୍ର କେଇ ମିନିଟ୍‌ରେ ଲୋକସଭାରେ ବାଚନିକ ଭୋଟରେ ଏହି ବିଲ୍‌କୁ ପାସ୍ କରାଗଲା। କାହାର ମତାମତ ନିଆଗଲାନି। ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦିଆଗଲା ଓ ବିଜେପିର ୨୦ ସାଂସଦଙ୍କ ପାଟି ଫିଟିଲା ନାହିଁ ବୋଲି ବିଜେଡି ଆକ୍ଷେପ କରି କହିଛି। ରାଜ୍ୟର ଡବଲଇଞ୍ଜିନ ସରକାର ଚୁପ୍‌ଚାପ୍ କେନ୍ଦ୍ର ଆଗରେ ନତମସ୍ତକ ହୋଇ ଚୁପ୍ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ବିବାଦୀୟ ଏମ୍ଏମ୍‌ଡିଆର୍ ବିଲ୍ ବିରୋଧରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଇଣ୍ଡି ମେଣ୍ଟର ବିଶାଳ ସମାବେଶ। ବିଲ୍‌କୁ ବିରୋଧ କରି ସରକାରଙ୍କ ବିରୋଧରେ ସ୍ୱର ଏକାଠି କରିଛନ୍ତି ମେଣ୍ଟର ସହଯୋଗୀ ଦଳଗୁଡ଼ିକ। ସମାବେଶରେ ଏମ୍ଏମ୍‌ଡିଆର୍ ବିଲ୍‌ର ବିଭିନ୍ନ ଦିଗକୁ ନେଇ ଆଲୋଚନା କରାଯିବା ସହ ବିଲ୍ ପ୍ରତ୍ୟାହାର ପାଇଁ ସରକାରଙ୍କ ନିକଟରେ ଦାବି ରଖିଛି ଇଣ୍ଡି ମେଣ୍ଟ। କେବଳ ଭୁବନେଶ୍ୱରରେ ସୀମିତ ରହିବନି ଆନ୍ଦୋଳନ। ଆସନ୍ତା ୧୮ ତାରିଖରେ ସୁନ୍ଦରଗଡ଼, ୨୧ରେ ରାୟଗଡ଼ା, ୨୪ରେ କେନ୍ଦୁଝର ଏବଂ ୨୬ ତାରିଖରେ ଅନୁଗୋଳରେ ପ୍ରତିବାଦ କାର୍ଯ୍ୟକ୍ରମ କରିବ ଇଣ୍ଡି ମେଣ୍ଟ। ସରକାର ସକାରାତ୍ମକ ପଦକ୍ଷେପ ନନେଲେ ଆସନ୍ତା ୨୯ ତାରିଖରେ ବିଧାନସଭା ସମ୍ମୁଖରେ ବିଶାଳ ପ୍ରତିବାଦ ସଭା କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଏମ୍ଏମ୍‌ଡିଆର୍ ବିଲ୍ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଆଗକୁ ଏହି ଆନ୍ଦୋଳନ ମହାଆନ୍ଦୋଳନର ରୂପ ନେବ ବୋଲି ମେଣ୍ଟ ପକ୍ଷରୁ କୁହାଯାଇଛି। ସେପଟେ ବୁଧବାର ଏମ୍ଏମ୍‌ଡିଆର୍ ବିଲ୍ ବିରୋଧରେ ଲୋକଭବନ ସମ୍ମୁଖରେ ଧାରଣା ଦେବ ବିଜେଡି। ଏଥିସହ ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେବାକୁ ଦଳ ପକ୍ଷରୁ କୁହାଯାଇଛି। ଓଡ଼ିଶାର ଖଣି ଓ ଖଣି ଥିବା ଜମିକୁ କେନ୍ଦ୍ର ଅଧୀନକୁ ନେବା ପାଇଁ ଏହି ବିଲ୍ ଏକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛି ବିଜେଡି। ଏହାସହ ଆଗକୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ବିରୋଧୀଙ୍କ ଅଭିଯୋଗର ଜବାବ ରଖିଛନ୍ତି ଖଣି ମନ୍ତ୍ରୀ। ବିରୋଧୀ ଲୋକଙ୍କୁ ଭ୍ରମିତ କରୁଛନ୍ତି ବୋଲି ସେ କହିଛନ୍ତି। ଏହି ଆଇନ ଆସିଲେ ଓଡ଼ିଶାର କୌଣସି ରାଜସ୍ୱହାନି ହେବନି ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଏଥିସହ ସେ ପ୍ରଶ୍ନ କରିଛନ୍ତି ଯେ, ଆଗରୁ ଓଡ଼ିଶାର କେଉଁ ଲାଭ ହେଉଥିଲା ଯେ ଏବେ ଏହି ବିଲ୍ ଦ୍ୱାରା କ୍ଷତି ହେବ? ଏମ୍ଏମ୍‌ଡିଆର୍ ବିଲ୍‌କୁ ନେଇ ଏବେ ସରକାର ଓ ବିରୋଧୀଙ୍କ ମଧ୍ୟରେ ବୟାନବାଜି ତୀବ୍ର ହୋଇଥିବା ବେଳେ ଆଗକୁ ଏହି ପ୍ରସଙ୍ଗ ରାଜ୍ୟ ରାଜନୀତିରେ ଆହୁରି ତାତି ବଢ଼ାଇବାର ସମ୍ଭାବନା ରହିଛି।



# ଦେଶ ପାଇଁ ବିପଦ 'ଦିମାଗୀ ନକ୍ସଲ'

**ନକ୍ସଲ ତ ନକ୍ସଲ, ପୁଣି 'ସହରୀ ନକ୍ସଲ', 'ଦିମାଗୀ ନକ୍ସଲ' କ'ଣ ? ଏମିତି ଧାରଣା ପ୍ରାୟ ଲୋକଙ୍କ ମନରେ ଆସିବା ସ୍ୱାଭାବିକ। ହେଲେ ଏସବୁର ତର୍ଜମା କରାଯିବା ଜରୁରୀ। ସରକାରଙ୍କ ବିରୋଧରେ ସଶସ୍ତ୍ର ଆନ୍ଦୋଳନ କରି ନିଜର ଦାବି ପୂରଣ କରିବାକୁ ରକ୍ତାକ୍ତ ସଂଘର୍ଷ କରୁଥିବା ବାମପନ୍ଥୀ ଉଗ୍ର ସଂଗଠନ ହେଉଛି ନକ୍ସଲବାଦ ବା ମାଓବାଦ। କ୍ରମଶଃ ଏହି ନକ୍ସଲବାଦର ଦୁର୍ଗ ଭୁଶୁଡ଼ିବାରେ ଲାଗିଛି। ସରକାରଙ୍କ ସମୟୋଚିତ ପ୍ରୟାସ ସେମାନଙ୍କୁ ସାମାଜିକ ମୁଖ୍ୟଧାରାକୁ ଆଣିବାରେ ସହାୟକ ହୋଇଛି। ତେବେ ସହରରେ ରହୁଥିବା କିଛି ଶିକ୍ଷିତ ବ୍ୟକ୍ତି ବା ସେମାନଙ୍କ ସଂଗୋଷ୍ଠୀ, ଯେଉଁମାନେ ମାଓବାଦୀ ମାନସିକତା ରଖନ୍ତି ଏବଂ ସଂଗଠନକୁ ବିଚାରଗତ, ସଂଗଠନଗତ କିମ୍ବା ଅନ୍ୟ ପ୍ରକାର ସହାୟତା ପ୍ରଦାନ କରି ସରକାରୀ ନୀତି ଆଦର୍ଶକୁ ସମାଲୋଚନା କରିଥାନ୍ତି, ସେମାନଙ୍କୁ ସହରୀ ନକ୍ସଲ ବା ଦିମାଗୀ ନକ୍ସଲ ବୋଲି କୁହାଯାଏ। ନକ୍ସଲବାଦୀ ଚିନ୍ତାଧାରାରେ ଉଦବୁଦ୍ଧ ନିରସ୍ତ୍ର ଲୋକଙ୍କୁ 'ଅର୍ବାନ୍ ନକ୍ସଲ' କିମ୍ବା 'ଦିମାଗୀ ନକ୍ସଲ' କହିବା ସମ୍ପୂର୍ଣ୍ଣ ରାଜନୈତିକ। ସରକାରଙ୍କୁ ସମାଲୋଚନା କରୁଥିବା, ମାନବାଧିକାର କଥା କହୁଥିବା କିମ୍ବା ବାମପନ୍ଥୀ ରାଜନୈତିକ ଚିନ୍ତାଧାରାରେ ବିଶ୍ୱାସ ରଖୁଥିବା ସହରୀ, ଶିକ୍ଷିତ, ସ୍ୱାଧୀନଚେତା ବ୍ୟକ୍ତିଙ୍କୁ ଏଭଳି କୁହାଯାଇଥାଏ। ଏହି ବିପଜ୍ଜନକ ବ୍ୟକ୍ତିବିଶେଷ ସମାଜକୁ ଭୁଲ ରାସ୍ତାକୁ ଟାଣିନେବା ଏବଂ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ମୁଖ୍ୟଧାରା ପ୍ରୟାସରୁ ଦେଶର ଯୁବପିଢ଼ିଙ୍କୁ ଦୂରେଇ ରଖିବା ପାଇଁ ସୁଯୋଗ ଖୋଜିଥାନ୍ତି। ଏମାନେ ଦେଶ ପାଇଁ ବିପଦ। ଏମାନଙ୍କଠାରୁ ଦୂରେଇ ରହିବା ଉଚିତ।**

**ସୁଶାନ୍ତ କୁମାର ଦାସ**



ମାର୍କ୍ସବାଦୀ-ଲେନିନବାଦୀ ଚିନ୍ତାଧାରାରୁ ପ୍ରେରିତ ଏକ ସଶସ୍ତ୍ର ଆନ୍ଦୋଳନର ନାମ ନକ୍ସଲବାଦ ବା ମାଓବାଦ। ୧୯୬୭ ମସିହାରେ ପଶ୍ଚିମବଙ୍ଗର ନକ୍ସଲବାଡ଼ି ଅଞ୍ଚଳରେ ଆରମ୍ଭ ହୋଇଥିବା ଏକ କୃଷକ-ବିଦ୍ରୋହ କାରଣରୁ ଏପରି ନାମକରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନରୁ ବିଭିନ୍ନ ଗୋଷ୍ଠୀ ଗଠିତ ହୋଇଥିଲା। ୨୦୦୪ରେ ମାଓଇଷ୍ଟ କମ୍ୟୁନିଷ୍ଟ ସେଣ୍ଟର ଅଫ ଇଣ୍ଡିଆ ମିଶି ସିପିଆଇ (ମାଓଇଷ୍ଟ) ଗଠନ କରିଥିଲେ। ଭାରତ ସରକାରଙ୍କ ମତରେ ଏହା ହିଁ ପ୍ରମୁଖ ବାମପନ୍ଥୀ ଉଗ୍ର-ସଂଗଠନ। ବର୍ତ୍ତମାନର ରାଜନୈତିକ-ଆର୍ଥିକ ବ୍ୟବସ୍ଥାକୁ ସଶସ୍ତ୍ର ସଂଘର୍ଷ ମାଧ୍ୟମରେ ବଦଳାଇବା ହିଁ ଏମାନଙ୍କ ମୂଳ ବିଚାର। ବାମପନ୍ଥୀ ରାଜନୈତିକ ଚିନ୍ତାଧାରାଠାରୁ ସେମାନେ ଭିନ୍ନ।

## 'ଦିମାଗୀ ନକ୍ସଲ' ଏକ ବିଚାରଗତ ବିପଦ

ଆଜିକାଲି ସହରୀ ନକ୍ସଲ୍ (ଅର୍ବାନ୍ ନକ୍ସଲ୍) ଏବଂ 'ଦିମାଗୀ ନକ୍ସଲ୍' ଉପରେ ଚର୍ଚ୍ଚା ଜୋର୍ ଧରିଛି। ଏହା ସାଧାରଣତଃ ସହରମାନଙ୍କରେ ରହୁଥିବା କିଛି ଶିକ୍ଷିତ ବ୍ୟକ୍ତି ବା ସେମାନଙ୍କ ସଂଗୋଷ୍ଠୀ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରେ। ଯେଉଁମାନେ ମାଓବାଦୀ ମାନସିକତା ରଖନ୍ତି ଏବଂ ସଂଗଠନକୁ ବିଚାରଗତ, ସଂଗଠନଗତ କିମ୍ବା ଅନ୍ୟ ପ୍ରକାର ସହାୟତା ପ୍ରଦାନ କରିଥାନ୍ତି। ନକ୍ସଲବାଦ ଥିଲା ସଶସ୍ତ୍ର ଆନ୍ଦୋଳନ। ଏବେ ସଶସ୍ତ୍ର ନକ୍ସଲବାଦ ନିର୍ଣ୍ଣାୟକ ଭାବରେ ପରାଜିତ ଏବଂ ତାହାର ଭୌଗୋଳିକ ପ୍ରଭାବ ଅତ୍ୟନ୍ତ ସୀମିତ ବୋଲି କହିବା ଅଧିକ ତଥ୍ୟନିଷ୍ଠ। କିନ୍ତୁ ନକ୍ସଲବାଦୀ ଚିନ୍ତାଧାରାରେ ଉଦବୁଦ୍ଧ ନିରସ୍ତ୍ର ଲୋକଙ୍କୁ 'ଅର୍ବାନ୍ ନକ୍ସଲ୍' କିମ୍ବା 'ଦିମାଗୀ ନକ୍ସଲ୍' କହିବା ସମ୍ପୂର୍ଣ୍ଣ ରାଜନୈତିକ। ସରକାରଙ୍କୁ ସମାଲୋଚନା କରୁଥିବା, ମାନବାଧିକାର କଥା କହୁଥିବା କିମ୍ବା ବାମପନ୍ଥୀ ରାଜନୈତିକ ଚିନ୍ତାଧାରାରେ ବିଶ୍ୱାସ ରଖୁଥିବା ସହରୀ, ଶିକ୍ଷିତ, ସ୍ୱାଧୀନଚେତା ବ୍ୟକ୍ତିଙ୍କୁ ଏଭଳି କୁହାଯିବା ସମ୍ପୂର୍ଣ୍ଣ ରାଜନୈତିକ ବୟାନ। ସଶସ୍ତ୍ର ବାମପନ୍ଥୀ ଉଗ୍ର-ସଂଗଠନ 'ନକ୍ସଲବାଦ'ର ପତନ ପରେ, ୧୫ ଅଗଷ୍ଟ ୨୦୨୬ର ଲାଲକିଲ୍ଲା ଭାଷଣରେ 'ଦିମାଗୀ ନକ୍ସଲ'ଙ୍କୁ ପ୍ରଧାନମନ୍ତ୍ରୀ ଦେଶରେ ରହିଥିବା ଏକ ବିଚାରଗତ ବିପଦ ଭାବରେ ଉଲ୍ଲେଖ କରିଥିଲେ। ସେବେଠୁ, 'ଦିମାଗୀ ନକ୍ସଲ୍' ଉପରେ ଚର୍ଚ୍ଚା ଚାଲିଛି। ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ, ତାଙ୍କ ସରକାର ସଶସ୍ତ୍ର ନକ୍ସଲ / ମାଓବାଦୀ ବିପଦରୁ ଦେଶକୁ ମୁକ୍ତି ଦେଇଥିଲେ ବି 'ଦିମାଗୀ ନକ୍ସଲ' ଏବେ ବି ଅଛନ୍ତି। ସେ ଅଭିଯୋଗ କରିଥିଲେ ଯେ, ଏହି ବିପଜ୍ଜନକ ବ୍ୟକ୍ତିବିଶେଷ ସମାଜକୁ ଭୁଲ ରାସ୍ତାକୁ ଟାଣିନେବା ଏବଂ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ମୁଖ୍ୟଧାରା ପ୍ରୟାସରୁ ଦେଶର ଯୁବପିଢ଼ିଙ୍କୁ ଦୂରେଇ ରଖିବା ପାଇଁ ସୁଯୋଗ ଖୋଜୁଛନ୍ତି। ସେ ଦେଶର ନାଗରିକମାନଙ୍କୁ ନିବେଦନ କରିଥିଲେ ଯେ, ସେମାନଙ୍କ ମଧ୍ୟରେ ରହିଥିବା ଏପରି ବ୍ୟକ୍ତିମାନଙ୍କୁ ଚିହ୍ନଟ କରନ୍ତୁ ଏବଂ ଅଲଗା କରି ଦିଅନ୍ତୁ।

## 'ଦିମାଗୀ ନକ୍ସଲ': ଏକ ସ୍ୱୟଂଘାତକ ଅସ୍ତ୍ର

ଆମେ ଭୁଲିଯିବା ଅନୁଚିତ ଯେ, ପ୍ରଧାନମନ୍ତ୍ରୀ ମୋଦି ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରଥମ ନେତା, ଯେ କି ଦେଶକୁ ଆନୁଷ୍ଠାନିକ ଭାଷଣରେ ଇଙ୍ଗିତ କିମ୍ବା ଶବ୍ଦର ଆଶ୍ରୟ ନ ନେଇ ନିର୍ଦ୍ଦିଷ୍ଟ 'ଚିନ୍ତାଧାରା'କୁ ଏକ ଅପରାଧ ବୋଲି ଘୋଷଣା କରିଛନ୍ତି। ସେ ପୂର୍ବରୁ 'ସହରୀ ନକ୍ସଲ' ଭଳି ଶବ୍ଦ ବ୍ୟବହାର କରିଥିଲେ। ସ୍ୱାଧୀନତା ଦିବସରେ ଜାତି ଉଦ୍ଦେଶ୍ୟରେ ଦେଇଥିବା ଭାଷଣରେ 'ଦିମାଗୀ ନକ୍ସଲ' ଭଳି ଶବ୍ଦ ବ୍ୟବହାର ନିଶ୍ଚିତଭାବରେ ପୂର୍ବ ଉଚ୍ଚାରଣର ଏକ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି। ଦ୍ୱିତୀୟତଃ, 'ସହରୀ' ଶବ୍ଦଟି 'ଗ୍ରାମୀଣ' ନକ୍ସଲମାନଙ୍କ ସହିତ ଏକ ସମ୍ପର୍କକୁ ବୁଝାଏ। ସହରରେ ରହୁଥିବା କିଛି ବ୍ୟକ୍ତି ସଶସ୍ତ୍ର ମାଓବାଦୀଙ୍କ ଦ୍ୱାରା ସଂଗଠିତ ଅପରାଧକୁ ସହଜ ଓ ସ୍ୱାଭାବିକ ମନେ କରୁଥିଲେ। ସେମାନଙ୍କ ଅପରାଧିକ ଚିନ୍ତାଧାରା ପାଇଁ ସେମାନଙ୍କୁ ଅପରାଧୀ ମନେ କରାଯାଇପାରେ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିବା ନିଶ୍ଚିତଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି କହିହେବ। ଯଦି ପ୍ରଧାନମନ୍ତ୍ରୀ ମୋଦି ଏହାକୁ ମାଓବାଦୀ ଚିନ୍ତାଧାରା ଭାବରେ ପ୍ରକାଶ କରିବାକୁ ଚାହୁଁଥିଲେ, ଶବ୍ଦ ଚୟନ କଲାବେଳେ 'ଦିମାଗୀ ନକ୍ସଲ' କହି ଏକ ନିର୍ଦ୍ଦିଷ୍ଟ ବିଚାରଧାରାକୁ ବିପଜ୍ଜନକ ଭାବରେ ଚିହ୍ନଟ କରିଦେଇଥିବା ଭଳି ମନେହୁଏ। ତାଙ୍କ ବିଚାରରେ, 'ଦିମାଗୀ ନକ୍ସଲ' ସ୍ୱୟଂ ଘାତକ ଅସ୍ତ୍ର। ହିନ୍ଦୀ ଏବଂ ଉର୍ଦ୍ଦୁ ଭାଷାରେ, ମସ୍ତିଷ୍କ, ମନ, ଚେତନା ଏବଂ ବୁଦ୍ଧିକୁ ବୁଝାଇବା ପାଇଁ 'ଦିମାଗ' ଶବ୍ଦ ବ୍ୟବହୃତ ହୁଏ।

ଆମେ ଓଡିଆରେ ଏହାକୁ ଉଚ୍ଚାରଣ କରୁ 'ଦିମାକ'; ଯାହା ପ୍ରାୟତଃ ଖଳବୁଦ୍ଧି ସମ୍ପନ୍ନ ମାନସିକତାକୁ ଦର୍ଶାଏ। କେହି ଯଦି କହନ୍ତି ଯେ, ଦିମାଗ୍ ଲଗାନ୍ତୁ; ତାହାର ଅର୍ଥ, 'ଆପଣ ଆପଣଙ୍କ ମୁଣ୍ଡ ଖଟାନ୍ତୁ'- ଅର୍ଥାତ୍ ଆପଣଙ୍କ ବୁଦ୍ଧିମତା ବ୍ୟବହାର କରି ଗତାନୁଗତିକ ପଦ୍ଧତିରୁ ବାହାରକୁ ବାହାରି ଚିନ୍ତା, ଯୁକ୍ତି, ସମାଲୋଚନାମୂଳକ ଚିନ୍ତା କରି ସମସ୍ୟାକୁ ବୁଝନ୍ତୁ। କିଛିବର୍ଷ ତଳେ, ପ୍ରଧାନମନ୍ତ୍ରୀ ଭାରତୀୟମାନଙ୍କୁ ଆତଙ୍କବାଦୀମାନଙ୍କୁ ଚିହ୍ନଟ କରିବା ପାଇଁ ସେମାନଙ୍କ ପୋଷାକ ଦେଖି ଚିହ୍ନିବାକୁ କହିଥିଲେ। ସେ କିନ୍ତୁ ସ୍ୱାଧୀନତା ଦିବସର ଭାଷଣରେ କହିଲେ, 'ଦିମାଗ ସେ ପେହଚାନୋ'– ଅର୍ଥାତ୍ ଦେଶ ବିରୋଧୀମାନଙ୍କୁ ସେମାନଙ୍କ ଚିନ୍ତାଧାରା ଦେଖି ଚିହ୍ନଟ କରନ୍ତୁ।

## ସୁରକ୍ଷା ଲାଗି ବିଶାଳ ସ୍ୱେଚ୍ଛାସେବୀ ଶକ୍ତି ଜରୁରୀ

ଦିଲ୍ଲୀର ଯନ୍ତର ମନ୍ତର ବିକ୍ଷୋଭ ସମୟରେ କକ୍ରୋଚ୍ ଜନତା ପାର୍ଟିର 'ଜେନ ଜି' ଯୁବ ଛାତ୍ରମାନେ ନିଜର ବୁଦ୍ଧି ଏବଂ କଳ୍ପନାଶକ୍ତି ବଳରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରି ସଫଳତା ପାଇଲେ। ସରକାର ନିଜର ପରାଜୟରୁ ଶିକ୍ଷା ଗ୍ରହଣ କରି ଚତୁର ହୋଇଯାଇଥିବା ଦେଖିବାକୁ ମିଳୁଛି; ଯାହାର ପରିଣତି ସ୍ୱରୂପ ଦିମାଗକୁ ଆକ୍ରମଣ କରାଯାଇଛି। ସରକାର ଯନ୍ତର ମନ୍ତର ବିକ୍ଷୋଭର ପୁନରାବୃତ୍ତିକୁ ରୋକିବାକୁ ଚାହୁଁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ 'ଦିମାଗୀ ନକ୍ସଲ'ଙ୍କୁ ଜାତୀୟ ସୁରକ୍ଷା କ୍ଷେତ୍ରରେ ସବୁଠାରୁ ବଡ଼ ଆଭ୍ୟନ୍ତରୀଣ ବିପଦ ଭାବରେ ଚିହ୍ନଟ କରିଛନ୍ତି। ଏହି ବିପଦକୁ ପ୍ରତିହତ କରିବା ପାଇଁ 'ନାଗରିକ ପ୍ରତିରକ୍ଷା ପାଇଁ ଏକ ବିଶାଳ ସ୍ୱେଚ୍ଛାସେବୀ ଶକ୍ତି' ଗଠନ କରିବାକୁ ଯୋଜନା କରୁଛନ୍ତି। ଏହା କ'ଣ 'ଦିମାଗୀ ନକ୍ସଲ'ଙ୍କ ସହିତ ମୁକାବିଲା କରିବା ପାଇଁ ଉଦ୍ଦିଷ୍ଟ ? କେନ୍ଦ୍ରରେ ଦକ୍ଷିଣପନ୍ଥୀ ଭାରତୀୟ ଜନତା ପାର୍ଟି ବା ଭାଜପା ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏନଡିଏ) ସରକାର ଗଠିତ ହୋଇଛି, ଯାହାର ନେତୃତ୍ୱ ନେଉଛନ୍ତି 'ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ'ର ଜଣେ ସ୍ୱୟଂସେବକ ତଥା 'ଭାଜପା'ର ସାଂସଦ ନରେନ୍ଦ୍ର ମୋଦି। ତାଙ୍କ ନେତୃତ୍ୱରେ ଭାରତ ବିକଶିତ ଭାରତ ନିର୍ମାଣ ସଂକଳ୍ପ ନେଇ ଆଗେଇ ଚାଲିଛି। କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ କରି ମୋଦି ସରକାର ଯେଭଳି ନିର୍ବାଚନ ପ୍ରତିଶ୍ରୁତି ପାଳନରେ ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି, ସେହିଭଳି ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ କରି ଏବଂ ୨୦୨୬ ମାର୍ଚ୍ଚମାସ ସୁଦ୍ଧା ନକ୍ସଲ ନିର୍ମୂଳ କରି ଦେଶବାସୀଙ୍କ ମନରେ ପ୍ରତ୍ୟୟ ସୃଷ୍ଟି କରିପାରିଛନ୍ତି। ଯେତେବେଳେ, ଦେଶ ଭିତରେ ଓ ବିଦେଶରେ ମୋଦିଙ୍କ ପତିଆରା ବଢୁଛି, ବିରୋଧୀ ଦଳ ହାତରୁ କ୍ଷମତା ହଟୁଛି। ସେଥିପାଇଁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ତନଖି ହେଉ ଅବା ଜିଡିପି ହାର ୭.୮ ତଥ୍ୟର ସଠିକତାକୁ ନେଇ ହେଉ, ବିରୋଧୀ ଦଳମାନେ ଟିକା ଟିପ୍ପଣୀ କରୁଛନ୍ତି।

## ସବୁ କଥାରେ ବିରୋଧ ଦେଶପ୍ରେମ ନୁହେଁ

ବିରୋଧୀଙ୍କ ଧାରଣା ଯେ, ମୋଦି ସରକାର ଦେଶବାସୀଙ୍କୁ ଭ୍ରମିତ କରି ଚାଲିଛନ୍ତି, ଗଣତାନ୍ତ୍ରିକ ଅଧିକାରକୁ ଖର୍ବ କରୁଛନ୍ତି ଏବଂ କୌଣସି ପ୍ରକାର ସମାଲୋଚନାକୁ ଦେଶଦ୍ରୋହ ମନେକରୁଛନ୍ତି। ଏବେ, ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ, ୟୁନିଅନ ନେତା, ସାମ୍ବାଦିକ ଏବଂ ଲେଖକଙ୍କୁ ଆଭ୍ୟନ୍ତରୀଣ ଶତ୍ରୁ ମନେକରି ସେମାନଙ୍କୁ 'ଦିମାଗୀ ନକ୍ସଲ୍' କହିଛନ୍ତି। 'ଦିମାଗୀ ନକ୍ସଲ'ଙ୍କୁ ଜାତୀୟ ସୁରକ୍ଷା କ୍ଷେତ୍ରରେ ସବୁଠାରୁ ବଡ଼ ଆଭ୍ୟନ୍ତରୀଣ ବିପଦ ଭାବରେ ଚିହ୍ନଟ କରି ଏହାକୁ ପ୍ରତିହତ କରିବା ପାଇଁ ନାଗରିକ ପ୍ରତିରକ୍ଷା ପାଇଁ ଏକ ବିଶାଳ ସ୍ୱେଚ୍ଛାସେବୀ ଶକ୍ତି ଗଠନ କରିବାକୁ ଯୋଜନା କରୁଛନ୍ତି। ବିଶ୍ୱ ଏବେ ଏଭଳି ସନ୍ଧିକ୍ଷଣରେ ଉପନୀତ, ଯେଉଁଠି ସର୍ବଶକ୍ତିମାନ୍ ରୁଷ ସହିତ ୟୁକ୍ରେନ୍ ଯୁଦ୍ଧ କରି ଚାଲିଛି। କିନ୍ତୁ ଏହି ଯୁଦ୍ଧ ୨୦୧୪ ଫେବୃୟାରୀ ମାସଠାରୁ ଚାଲିଛି ଯେ ଚାଲିଛି। ଇରାନ-ଆମେରିକା ଆକ୍ରମଣ-ପ୍ରତିଆକ୍ରମଣ ମଧ୍ୟ ଚାଲିଛି, ଯାହାର ପ୍ରଭାବରେ ସମଗ୍ର ବିଶ୍ୱରେ ଶକ୍ତି ସଙ୍କଟ ଦେଖାଦେଇଛି। ପରିଣାମରେ ସମସ୍ତ ଦେଶରେ ମୁଦ୍ରାସ୍ଫିତି ଉତ୍କଟ ହୋଇଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ସାମଗ୍ରିକ ଘରୋଇ ଉତ୍ପାଦ ଅଭିବୃଦ୍ଧି ହାର ଭାରତରେ ୬.୪୮ ପ୍ରତିଶତ ଥିଲାବେଳେ, ଆମେରିକା-୨.୩୨, ଚୀନ୍-୪.୪୧, ଜର୍ମାନୀ-୦.୭୯, ଇଂଲଣ୍ଡ-୦.୮୦ ଏବଂ ଜାପାନ-୦.୭୨ ପ୍ରତିଶତ ହାସଲ କରିବା ତଥ୍ୟ ଆଇଏମଏଫ୍ ଦେବା ପରେ ଭାରତରେ ବିରୋଧୀମାନେ ମୁଖର ହୋଇ ଉଠିଛନ୍ତି। ସେମାନଙ୍କ ଅଭିଯୋଗ ଯେ, ବାସ୍ତବରେ ଅଭିବୃଦ୍ଧି ହାସଲ ହୋଇନାହିଁ, ସରକାର ମିଥ୍ୟା କହୁଛନ୍ତି। ସରକାର ବିରୋଧୀଙ୍କ ଅଭିଯୋଗକୁ ନେଇ କ୍ଷୁବ୍ଧ। ସରକାର ମନେ କରନ୍ତି ଯେ, ଶାସନ କ୍ଷମତାରେ ଥିବା ରାଜନୈତିକ ଦଳମାନେ ଭୁଲ୍ କଲେ, ବିରୋଧୀମାନେ ସମାଲୋଚନା କରିବା ସେମାନଙ୍କ ଅଧିକାର। କିନ୍ତୁ ସବୁ କଥାରେ ବିରୋଧ କରିବା, ଅବିଶ୍ୱାସ କରିବାକୁ କ'ଣ ଦେଶପ୍ରୀତି କହିହେବ କି ? ଭାରତୀୟମାନେ ଏବେ ଦରବୃଦ୍ଧି, ନିଯୁକ୍ତି ଓ ରୋଜଗାର ସମସ୍ୟାରେ ଜର୍ଜରିତ। ଏହି ସବୁ ସମସ୍ୟା ସମାଧାନ ପାଇଁ ନିଜର କାର୍ଯ୍ୟଧାରା ସମ୍ବନ୍ଧରେ କିଛି ନକହି କେବଳ ସରକାରଙ୍କୁ ସମାଲୋଚନା କରୁଥିବା ବିରୋଧୀଙ୍କୁ ସାଧାରଣ ଜନତା କିଭଳି ଗ୍ରହଣ କରନ୍ତି, ତାହା ଆଗାମୀ ନିର୍ବାଚନ ଫଳାଫଳରୁ ଜଣାପଡିବ। ତଥାପି, ସରକାର ସମାଲୋଚକଙ୍କ ପ୍ରତି ନିଷ୍ପାପର ସମ୍ମାନ ପ୍ରଦର୍ଶନ କରି ଚାଲିଲେ, ଦିମାଗୀ ନକ୍ସଲମାନେ ଯେ, ଦେଶପ୍ରେମୀ ଭାବେ ରୂପାନ୍ତରିତ ହେବା ସମ୍ଭବ, ଏଭଳି ସମ୍ଭାବନା ମଧ୍ୟ ରହିଛି। ଗଣତନ୍ତ୍ରରେ ଏହାହିଁ ତ ଅନନ୍ୟ ସୌନ୍ଦର୍ଯ୍ୟ।



# ଝାରସୁଗୁଡ଼ା-କନକତୋରା ରାଜପଥରେ ଜଗିଛି ଯମ

## ୨ ବର୍ଷ ୮ ମାସରେ ୧୩୩ ଗଲାଣି ଜୀବନ , କେବେ ସୁଧୁରିବ ରାସ୍ତା



**ଝାରସୁଗୁଡ଼ା(ଅମୃତ ମିଡିଆ):** ଝାରସୁଗୁଡ଼ା-କନକତୋରା ଜାତୀୟ ରାଜପଥରେ ବଢ଼ିଚାଲିଛି ଦୁର୍ଘଟଣା । ୬୮ କିଲୋମିଟର ଦୀର୍ଘ ଏହି ରାଜପଥ ଏବେ ଦୁର୍ଘଟଣାପ୍ରବଣ ରାସ୍ତାରେ ପରିଣତ ହୋଇଛି । ଗତ ୨ ବର୍ଷ ୮ ମାସ ମଧ୍ୟରେ ଏଠାରେ ୧୩୩ ଜଣଙ୍କ ଜୀବନ ଯାଇଥିବା ପୁଲିସ ତଥ୍ୟରୁ ଜଣାପଡ଼ିଛି । ରାସ୍ତାର ଅବ୍ୟବସ୍ଥା, ଭାରିଯାନର ବେପରୁଆ ଚାଳନା ଏବଂ ପ୍ରଶାସନର ନିଷ୍କ୍ରିୟତାକୁ ନେଇ ଉଠିଛି ପ୍ରଶ୍ନ । ପୁଲିସର ତଥ୍ୟ ଅନୁସାରେ, ୨୦୨୪ରେ ଏହି ରାଜପଥରେ ୮୩ଟି ଦୁର୍ଘଟଣା ଘଟିଥିବା ବେଳେ ୫୫ ଜଣଙ୍କ ମୃତ୍ୟୁ ଏବଂ ୫୪ ଜଣ ଗୁରୁତର ଆହତ ହୋଇଥିଲେ। ୨୦୨୫ରେ ୭୬ଟି ଦୁର୍ଘଟଣାରେ ୪୦ ଜଣଙ୍କ ଜୀବନ ଯାଇଥିବା ବେଳେ ୪୩ ଜଣ ଗୁରୁତର ହୋଇଥିଲେ। ସେହିପରି ୨୦୨୬ ଜାନୁଆରୀରୁ ଅଗଷ୍ଟ ମଧ୍ୟରେ ୪୮ଟି ଦୁର୍ଘଟଣା ଘଟି ୩୮ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୨୧ ଜଣ ଗୁରୁତର ଆହତ ହୋଇଛନ୍ତି ।

ବିଶେଷକରି ଜୁଲାଇ ଓ ଅଗଷ୍ଟ ମାସରେ ଦୁର୍ଘଟଣା ସଂଖ୍ୟା ଅଧିକ ରହୁଛି। ଟୋଲ୍ ଟ୍ୟାକ୍ସ ଆଦାୟ ହେଉଥିଲେ ମଧ୍ୟ ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣକୁ ନେଇ ଅବହେଳା ହେଉଥିବା ଅଭିଯୋଗ ହୋଇଛି । ରାଜପଥର ଅନେକ ସ୍ଥାନରେ ଖାଲଖମା ଥିବାରୁ ଯାତାୟାତ ମଧ୍ୟ ବିପଦପୂର୍ଣ୍ଣ ହୋଇପଡ଼ିଛି । ଅନ୍ୟପଟେ ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ାକୁ ପ୍ରତିଦିନ ହଜାର ହଜାର କୋଇଲା ଓ ଲୁହାପଥର ବୋଝେଇ ଭାରିଯାନ ଯାତାୟାତ କରୁଛି । ଭାରିଯାନର ବେପରୁଆ ଚାଳନା ଯୋଗୁଁ ବିଶେଷକରି ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ରହିଛି । ପୂର୍ବରୁ ଏହି ରାସ୍ତାରେ ୧୭ଟି ବ୍ଲାକସ୍ପଟ୍ ଚିହ୍ନଟ ହୋଇଥିଲା । ଏହା ବ୍ୟତୀତ ଆହୁରି ୨୦ରୁ ଅଧିକ ସମ୍ବେଦନଶୀଳ ସ୍ଥାନରେ ମଧ୍ୟ ଦୁର୍ଘଟଣା ବଢ଼ୁଛି । ବର୍ତ୍ତମାନ ରାଜପଥ ସମ୍ପ୍ରସାରଣ କାମ ଚାଲିଥିବାରୁ ଯାତାୟାତ ସମସ୍ୟା ଆହୁରି ବଢ଼ିଛି । ତେବେ ରାସ୍ତା କାମ ଶେଷ ହେବା ପର୍ଯ୍ୟନ୍ତ ଆଉ କେତେ ଜୀବନ ଯିବ, ତାକୁ ନେଇ ଚିନ୍ତା ବଢ଼ିଛି। ଏତେ ସଂଖ୍ୟକ ମୃତ୍ୟୁ ପାଇଁ ଦାୟୀ କିଏ ? ରାସ୍ତାର ଅବସ୍ଥା ଖରାପ ଥିବା ସତ୍ତ୍ୱେ ମରାମତି କାହିଁକି ହେଉନାହିଁ ? ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା କାହିଁକି କଡ଼ା କରାଯାଉନାହିଁ ? ଏଭଳି ଅନେକ ପ୍ରଶ୍ନ ଏବେ ସାମ୍ନାକୁ ଆସିଛି । କେବଳ ସଚେତନତା କାର୍ଯ୍ୟକ୍ରମ କିମ୍ବା କାଗଜକଲମରେ ପଦକ୍ଷେପ ସୀମିତ ନରହି, ରାସ୍ତା ମରାମତି, ବ୍ଲାକସ୍ପଟ୍‌ରେ ସୁରକ୍ଷା ବ୍ୟବସ୍ଥା ଏବଂ ଟ୍ରାଫିକ୍ ନିୟନ୍ତ୍ରଣକୁ ନେଇ ତୁରନ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ । ନଚେତ୍ ଆଗାମୀ ଦିନରେ ଏହି ରାଜପଥ ଆହୁରି କେତେ ଜୀବନ ନେବ, ତାହା ହିଁ ବଡ଼ ପ୍ରଶ୍ନ ।

# ପୂର୍ବ ମନ୍ତ୍ରୀ ରାଜୁଭାଇ ଢୋଲକିଆ

## ପୁଣ୍ୟତିଥିରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର



**କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ପୂର୍ବତନ ମନ୍ତ୍ରୀ ରାଜୁଭାଇ ଢୋଲକିଆଙ୍କ ପ୍ରଥମ ପୁଣ୍ୟତିଥି ରେ ଅବସରରେ କଣ୍ଟାବାଞ୍ଜି ରାଜୁଭାଇ ଢୋଲକିଆ ଫ୍ୟାନ୍ କ୍ଲବ୍ ସଂଯୋଜକ ଆଶିଷ ଖଇତାନ ଆହ୍ୱାନ କ୍ରମେ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଏସସିଡି ଚକ୍ଷୁ ଚିକିତ୍ସାଳୟ ଟିଟିଲାଗଡ଼ ର ମେନରୋଡ କଣ୍ଟାବାଞ୍ଜି ଥିବା ଭିଜନ ସେଣ୍ଟର ସହଯୋଗ ରେ ଉକ୍ତ ଶିବିର ରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ରିଟେଲ କିରାନା ମାର୍ଚେଣ୍ଟ ଓ ଗୁଜରାଟି ସମାଜ ସଭାପତି ପ୍ରକାଶ କୁମାର ସୋମେୟା ନିରୁ ଭାଇ, ସମ୍ମାନିତ ଅତିଥି ପ୍ରେସ କ୍ଲବ କଣ୍ଟାବାଞ୍ଜି ସଭାପତି ପ୍ରଭଜିତ୍ ସିଂହ ସାଲୁଜା, ସମ୍ପାଦକ ସୁରଦାସ ବାଗ, ସାମ୍ବାଦିକ ସଂଘ ସଭାପତି ମୋହନ ସୋନି, କାର୍ଯ୍ୟକାରୀ ସଭାପତି ଜିବନାନନ୍ଦ ମହାନ୍ତି, ସମ୍ପାଦକ ଗୁରୁ ଦୟାଲ ହଂସ, ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ଯୋଗଦେଇଥିବା ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ଆବଶ୍ୟକତା ଅନୁଯାୟୀ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା। ରାଜୁଭାଇ ଢୋଲକିଆ ସର୍ବଦା ସମାଜସେବା ଓ ଜନହିତକର କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ। ତାଙ୍କ ପୁଣ୍ୟତିଥିରେ ଲୋକଙ୍କ ସେବା ଉଦ୍ଦେଶ୍ୟରେ ଏଭଳି ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରି ତାଙ୍କୁ ସ୍ମରଣ କରାଯିବା ସହ ଏହା ତାଙ୍କ ପ୍ରତି ଏକ ଉଚିତ ଶ୍ରଦ୍ଧାଞ୍ଜଳି ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ଶିବିରରେ ବହୁ ସଂଖ୍ୟକ ଲୋକ ଯୋଗଦେଇ ଚକ୍ଷୁ ପରୀକ୍ଷା କରାଇଥିଲେ। ଏହି ଅବସରରେ ରାଜୁ ଭାଇ ଢୋଲକିଆ ଫ୍ୟାନ କ୍ଲବ୍ ସଂଯୋଜକ ଆଶିଷ ଖଇତାନ, ସଦସ୍ୟ ଇଶାନ ସୋମେୟା, ହନୀ ସିଂହ, ହାର୍ଦ୍ଦିକ ସୋମେୟା, ବିଶିକେଶନ ମାଝୀ, ବାସୁ ବେହେରା , ଜଗମୋହନ ତାଣ୍ଡି, ସେଲୁ ଜୈନ, ଏସସିଡି ଚକ୍ଷୁ ଚିକିତ୍ସାଳୟ ଟିଟିଲାଗଡ଼ରୁ ସୁମିତ୍ କୁମାର ପ୍ରଧାନ, ରୁପିନ୍ଦ୍ର କୁମାର ନାଗ, ପ୍ରମୁଖ ଉପସ୍ଥିତ ଥିବା ବେଳେ ଆୟୋଜକଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

### ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟରେ ଲକ୍ଷ ଲକ୍ଷ ଟଙ୍କାର କାରବାର

# ଘଟଣାର ପର୍ଦ୍ଦାଫାଶ କଲା ପୋଲିସ



**ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗିର ପୋଲିସକୁ ମିଳିଛି ବଡ଼ ସଫଳତା । ସାଇବର ଠକେଇ ଟଙ୍କା କାରବାରରେ ବ୍ୟବହୃତ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଚଳାଉଥିବା ଏକ ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି ପୋଲିସ । ଏହି ଘଟଣାରେ ଚାରି ଜଣଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଛି । ଥାନାରେ ମାମଲା ରୁଜୁ ପରେ ତଦନ୍ତ ବେଳେ ଏହି ଗ୍ୟାଙ୍ଗର ଠକେଇ ସାମ୍ରାଜ୍ୟ ସାମ୍ନାକୁ ଆସିଛି । ଯୁବରାଜ ଦୀପ, ପ୍ରସନ୍ନ କୁମାର ନାଗ, ସନି ବାର୍ଡେ ଓ ପ୍ରକାଶ ଶର୍ମାଙ୍କୁ ପୋଲିସ ଚିହ୍ନଟ କରିଛି । ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରାୟ ୩୫ ଲକ୍ଷ ଟଙ୍କାର ସନ୍ଦେହଜନକ କାରବାର ଠାବ ହୋଇଛି । ଡିଜିଟାଲ ଆରେଷ୍ଟ, ଡଂଖଢ, ଇଟକ ଫାଇଲ୍ ଏବଂ ଇନଭେଷ୍ଟମେଣ୍ଟ ଫ୍ରଡ୍ ଭଳି ସାଇବର ଠକେଇର ଟଙ୍କା ଏହି ଆକାଉଣ୍ଟରେ ଜମା ହୋଇଥିଲା । ଜାଲିଆତି କରି ବ୍ୟାଙ୍କ ଆକାଉଣ୍ଟ, ସିମ୍ ଓ ବ୍ୟାଙ୍କିଂ ତଥ୍ୟ ଯୋଗାଡ଼ କରୁଥିଲେ ଅଭିଯୁକ୍ତ । ପୋଲିସ ୫ଟି ମୋବାଇଲ୍, ୨୨ଟି ଚେକ୍‌ବୁକ୍, ୨୫ଟି ପାସ୍‌ବୁକ୍ ଓ ୧୦ଟି ଡେବିଟ୍ କାର୍ଡ ଜବତ କରିଛି । ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଧରିବାକୁ ତଦନ୍ତ ଜାରି ରହିଛି । ଯାହାକୁ ନେଇ ଆଜି ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି ।

# ଉଦ୍‌ଘାଟିତ ହେଲା ‘ଜେନିଥ୍ ଡ୍ୟାନ୍ସ ଏକାଡେମୀ’

**ବରଗଡ଼(ଅମୃତ ମିଡିଆ):** ବରଗଡ଼ ସହରର ଭଟଲି ରୋଡ୍‌ସ୍ଥିତ ଆଳୁ ଗୋଦାମ ନିକଟରେ ନୂତନ ଭାବେ ‘ଜେନିଥ୍ ଡ୍ୟାନ୍ସ ଏକାଡେମୀ’ର ଶୁଭ ଉଦଘାଟନ ହୋଇଯାଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମ ଡେବେଶ ଆଚାର୍ଯ୍ୟଙ୍କ ଆତିଥ୍ୟରେ ଅନୁଷ୍ଠିତ





ହୋଇଥିଲା। ନୃତ୍ୟ ପ୍ରତି ଆଗ୍ରହୀ ଯୁବପିଢ଼ି ଓ କଳାପ୍ରେମୀଙ୍କୁ ଉତ୍ତମ ପ୍ରଶିକ୍ଷଣ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଡ୍ୟାନ୍ସ ଏକାଡେମୀ ଆରମ୍ଭ କରାଯାଇଛି। ଏଠାରେ ବିଭିନ୍ନ ପ୍ରକାରର ଡ୍ୟାନ୍ସ ଷ୍ଟାଇଲ୍‌ରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ନୃତ୍ୟ ମାଧ୍ୟମରେ ପ୍ରତିଭାର ବିକାଶ ସହ ଯୁବପିଢ଼ିଙ୍କୁ ଏକ ସୁନ୍ଦର ମଞ୍ଚ ପ୍ରଦାନ କରିବା ଏକାଡେମୀର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଛି। ବରଗଡ଼ ସହରରେ ନୃତ୍ୟ ଶିକ୍ଷା ପାଇଁ ଏହି ନୂତନ ପ୍ରତିଷ୍ଠାନ ଏକ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଆଶା ପ୍ରକାଶ ପାଇଛି।

# ଗାଁ ସାଥୀସଂଘର ୬ ଦଫା ଦାବିପତ୍ର

## ଦାବିପୂରଣ ନ ହେଲେ ୨୧ରେ ଲୋୟର ପିଏମଜିରେ ଆନ୍ଦୋଳନ



**କଳାହାଣ୍ଡି(ଅମୃତ ମିଡିଆ):** ରାଜ୍ୟ ସଂଘର ଆହ୍ୱାନ କ୍ରମେ କଳାହାଣ୍ଡି ଗାଁ ସାଥୀ (ମେଟ) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ୬ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ପତ୍ର ସଂଖ୍ୟା ୨୪୫୦୯/ ତା୨୯।୦୮।୨୦୨୬କୁ ମାନି କାର୍ଯ୍ୟ କରିବା, ଗାଁ ସାଥୀଙ୍କ ଠିକ ଡାଟାବେସକୁ ରାଜ୍ୟକୁ ପଠାଇବା, ପତ୍ର ଅନୁସାରେ ଗାଁସାଥୀଙ୍କୁ ସମସ୍ତ ଜିଓଟ୍ୟାଗ କାର୍ଯ୍ୟରେ ଲଗାଇବା, ବକେୟା ପ୍ରାପ୍ୟ ପ୍ରଦାନ, ପୂର୍ବପରି ଭବିଜି ରାମଜି ଯୋଜନାରେ ଗାଁସାଥୀଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ ଆଦି ଉଲ୍ଲେଖ ରହିଛି ।ସପ୍ତାହେ ମଧ୍ୟରେ ଏହି ଦାବିଗୁଡ଼ିକୁ ସରକାର ପୂରଣ ନ କଲେ ଆସନ୍ତା ୨୧ରେ ଓଡ଼ିଶା ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ଗାଁସାଥୀ (ମେଟ) ନିଜ ପରିବାର ସଦସ୍ୟ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଜିଲା ସଂଯୋଜକ ଅଭିମନ୍ୟୁ ବେଶ୍ରାଙ୍କ ନେତୃତ୍ୱରେ ଦାବି ପତ୍ର ପ୍ରଦାନ ସମୟରେ ଜିଲା ଆବାହକ ରୋହିତ କୁମାର ସାହୁ, ଭୁବନ ବାଗ, ଗୌରଚନ୍ଦ୍ର ଗହୀର, ଶ୍ୟାମ ସୁନ୍ଦର ଛତ୍ରିଆ, ନବୀନ ଟୋଲଟିଆ, ବନ ବିହାରୀ ସାହୁ, ଭିକାରୀ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱଚ୍ଛତା ପକ୍ଷର ସପ୍ତମ ଦିନରେ ହାତଧୁଆ ଦିବସ ପାଳିତ

**ପଦ୍ମପୁର(ଅମୃତ ମିଡିଆ):** ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡୁମ୍ବେରବାହାଲରେ ସ୍ୱଚ୍ଛତା ପକ୍ଷ ପାଳନର ସପ୍ତମ ଦିନକୁ ‘ହାତଧୁଆ ଦିବସ’ ଭାବେ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ହୃଷୀକେଶ ବାଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇଐ ରକ୍ଟଙ୍କଭୟବସ୍ପସକ୍ଟଭର ବ୍ଲକ୍ ସ୍ୱେଚ୍ଛାସେବୀ ଶ୍ରୀ ସୌମ୍ୟ ରଞ୍ଜନ ହୋତା ଯୋଗଦେଇ ହାତଧୁଆର ସଠିକ୍ ପ୍ରଣାଳୀ ସମ୍ପର୍କରେ ଛାତ୍ରଛାତ୍ରୀ ଓ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ଖାଦ୍ୟ ଖାଇବା ପୂର୍ବରୁ ଓ ପରେ, ଶୌଚାଳୟ ବ୍ୟବହାର ପରେ ଏବଂ ହାତ ମଇଳା ଥିଲେ ହ୍ୟାଣ୍ଡୱାଶ୍ କିମ୍ବା ସାବୁନ ବ୍ୟବହାର କରି ଠିକ୍ ଭାବରେ ହାତ ଧୋଇବା ଦ୍ୱାରା ବିଭିନ୍ନ ରୋଗରୁ କିପରି ରକ୍ଷା ପାଇପାରିବା, ସେ ସମ୍ପର୍କରେ ଶ୍ରୀ ହୋତା ପ୍ରାୟୋଗିକ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀ ବାବୁଲାଲ ଧରୁଆ, ଶ୍ରୀ ସୁଦାମ କନ୍ଧେର, ଶ୍ରୀ ସୌତମ ଛତର, ଶ୍ରୀ ଡେଙ୍ଗଲିଙ୍ଗ ଦନ୍ତା ଓ ଶ୍ରୀମତୀ ମୌସୁମୀ ପ୍ରଧାନଙ୍କ ସମେତ ମାଲପଡା ଉଜଉଉ ଶ୍ରୀ ସନ୍ତୋଷ କୁମାର ମେହେର ଏବଂ ମାଣ୍ଡୋସିଲ ଉଜଉଉ ଶ୍ରୀ ବସୁଦେବ କୁମ୍ଭାର ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱଚ୍ଛତା ଓ ସୁସ୍ଥ ଜୀବନଯାପନ ପାଇଁ ନିୟମିତ ହାତଧୁଆର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା।



# ସୁନାବେଡ଼ା ଅଭୟାରଣ୍ୟରେ ପୁଣି ବାଘ ଆତଙ୍କ



**ନୂଆପଡ଼ା(ଅମୃତ ମିଡିଆ):** ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟର ସୋସେଙ୍ଗ ସେକସନର ଦେଓସିଲ୍ ଗାଁରେ ଏକ କଲରାପତରିଆ ବାଘ ରାତିରେ ଗାଁ ଭିତରକୁ ପଶି ଏକ ବାଛୁରୀକୁ ମାରି ଖାଇ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗ୍ରାମବାସୀ ଭୟଭୀତ ହୋଇଥିବା ବେଳେ ବନବିଭାଗ କର୍ମଚାରୀ ଓ ବିଶେଷଜ୍ଞ ଟିମ୍ ଆସି ସରଜମିନ ତଦନ୍ତ କରି ଫେରିଛନ୍ତି। ଗତ ରାତିରେ ଦେଓସିଲ ଗାଁର ବ୍ୟାସଦେବ ମାଝୀଙ୍କ ବାଛୁରୀ ଗାଁ ଦାଣ୍ଡରେ ବନ୍ଧା ହୋଇଥିଲା କ୍ଷ ଆଜି ସକାଳେ ବାଛୁରୀର ମୃତ ଦେହ ଦେଖି ଗାଁ ଲୋକେ ସୁନାବେଡ଼ା ଅଭୟାରଣ୍ୟ ବିଭାଗକୁ ସୂଚନା ଦେଇଥିଲେ । ବିଭାଗର ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବାଛୁରୀଟିକୁ ଏକ କଲରପତରିଆ ବାଘ ମାରିଥିବା ସ୍ପଷ୍ଟ ହୋଇଛି। ବାଘକୁ ଚିହ୍ନଟ କରିବାକୁ ଗାଁ ନିକଟସ୍ଥ ଜଙ୍ଗଲରେ କ୍ୟାମେରା ଲଗା ଯାଇଛି । ସନ୍ଧ୍ୟା ପରେ ନିକଟସ୍ଥ ଜଙ୍ଗଲକୁ ନଯିବା ଓ ଘରୁ ନ ବାହାରିବାକୁ ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଗାଁ ଲୋକଙ୍କୁ ସଚେତନତା କରାଯାଇଛି।

# ମା’ ସ୍ୱରମଙ୍ଗଳା ଘାଟି ମୁଣ୍ଡିଆଣୀଙ୍କ ଡୋଙ୍ଗର ଯାତ୍ରା

## ପଶୁବଳିରେ ରକ୍ତରଞ୍ଜିତ ପୀଠ

**କଳାହାଣ୍ଡି(ଅମୃତ ମିଡିଆ):** ଆଦିବାସୀ ପରମ୍ପରା ଅନୁସାରେ ମାଟି,ପାଣି,ପବନ ସହ ଦେବାଦେବୀ ପୂଜାର୍ଚ୍ଚନା ନେଇ ଅନେକ ସ୍ଥାନରେ ଆସ୍ଥା ଓ ବିଶ୍ୱାସର ଆଧ୍ୟାତ୍ମିକ ଉପାସନା ଦେଖିବାକୁ ମିଳିଥାଏ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯେ କୌଣସି କାର୍ଯ୍ୟ ସମ୍ପାଦନ ପୂର୍ବରୁ ଦେବାଦେବୀଙ୍କୁ ପୂଜାର୍ଚ୍ଚନା ଓ ସୁମରଣା ନ କଲେ କୌଣସି କାର୍ଯ୍ୟ ସିଦ୍ଧି ହୁଏ ନାହିଁ ବୋଲି ମାନ୍ୟତା ରହିଛି। ଆସ୍ଥା ଓ ଦେବାଦେବୀଙ୍କ ପ୍ରତି ରହିଥିବା ସମର୍ପିତ ମନୋଭାବ ହିଁ ଏକ ସୂତ୍ରରେ ପ୍ରକୃତି ଦେବାଦେବୀଙ୍କ ସହ ଆଦିମ ସଂସ୍କୃତିରେ ବନ୍ଧା। ଏହାର ଏକ ନିଚ୍ଛକ ପରମ୍ପରା ହେଉଛି କୃଷି ଓ କୃଷକଙ୍କ ପାଇଁ ଉପାସନାର ପର୍ବ ହେଉଛି ମା’ ସ୍ୱର ମଙ୍ଗଳା ଘାଟି ମୁଣ୍ଡିଆଣିଙ୍କ ଡୋଙ୍ଗର ଯାତ୍ରା। କୋକସରା ବ୍ଲକ ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତ ଗୋତମୁଣ୍ଡାର ସାହାଜଖୋଲ ଜଙ୍ଗଲ ଅଠର ନାଲା ପାଦଦେଶରେ ଥିବା ମା’ ସ୍ୱର ମଙ୍ଗଳା ଘାଟି ମୁଣ୍ଡିଆଣି ଦେବୀଙ୍କ ପୀଠରେ ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମା ପରେ ପଡୁଥିବା ମଙ୍ଗଳବାର ଦିନ ଏହି ଯାତ୍ରା ପରମ୍ପରା ଧରି ପାଳନ ହୋଇ ଆସୁଛି। ଲୋକଶ୍ରୁତି ଅନୁସାରେ ଦଣ୍ଡପାଟ ଅଞ୍ଚଳର ଆରାଧ୍ୟ ଦେବୀ ମା’ ସ୍ୱର ମଙ୍ଗଳାଘାଟି ମୁଣ୍ଡିଆଣି ଦେବୀଙ୍କୁ ପୂଜାର୍ଚ୍ଚନା କଲେ ଚାଷବାସ ଭଲ ହୋଇଥାଏ। ଏଥିସହ ଏହି ଅଞ୍ଚଳର ଲୋକେ ସୁଖଶାନ୍ତିରେ ବସବାସ କରନ୍ତି। ଏପରିକି ମା’ ସ୍ୱର ମଙ୍ଗଳା ଘାଟି ମୁଣ୍ଡିଆଣିଙ୍କ ନିକଟରେ ଯାହା ମନସ୍କାମନା କଲେ ତାହା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହି ପରମ୍ପରା ଅନୁଯାୟୀ ଦେବୀ ପୀଠରେ ପୂଜାର୍ଚ୍ଚନା ପରେ ମାନସିକଧାରୀ ଶ୍ରଦ୍ଧାଳୁ ମାନେ ଶୁକ୍ଲ ଭୋଗ ସହ ବୋଦା, କୁକୁଡ଼ା, ପାରା ବଳି ଅର୍ପଣ କରି ନିଜର ମାନସିକ ପୂରଣ କରିଥିଲେ। ପଶୁପକ୍ଷୀଙ୍କ ରକ୍ତରେ ରକ୍ତରଞ୍ଜିତ ହୋଇ ପଡ଼ିଥିଲା ଦେବୀ ପୀଠ।

# ଭୂଷଲାଡ ଯୁବା ମଞ୍ଚ ତରଫରୁ ଗାଁରେ ସଫେଇ କାର୍ଯ୍ୟକ୍ରମ



**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଭୂଷଲାଡ ଯୁବା ମଞ୍ଚ ତରଫରୁ ଆଜି ଗାଁରେ ସଫେଇ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକାରୀ ସଭାପତି ସଞ୍ଜିତ ସାହୁଙ୍କ ଆହ୍ୱାନ ତଥା ତେଜଭାନୁ ସାହୁଙ୍କ ନେତୃତ୍ୱରେ ଯୁବ ବର୍ଗ ମିଳିତ ହୋଇ ଗାଁର ରାସ୍ତାଘାଟ ସଫା କରିଥିଲେ । ସଫେଇ ଅଭିଯାନ, ସ୍ୱାସ୍ଥ୍ୟ ଓ ପରିବେଶ କୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବା ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଚାରିପାଖ ଅଳିଆ-ଆବର୍ଜନାମୁକ୍ତ ରହିଲେ ଡେଙ୍ଗୁ, ମ୍ୟାଲେରିଆ, ହଇଜା ଭଳି ରୋଗବ୍ୟାଧି ବ୍ୟାପିବାର ଆଶଙ୍କା କମିଯାଏ, ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ କ୍ଷତିକାରକ ବର୍ଜ୍ୟବସ୍ତୁକୁ ସଠିକ୍ ଭାବେ ନଷ୍ଟ କରିବା ଦ୍ୱାରା ମୃତ୍ତିକା, ଜଳ ଓ ବାୟୁ ପ୍ରଦୂଷଣ ହ୍ରାସ ପାଏ, ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି କର୍ତ୍ତବ୍ୟବୋଧ ଏବଂ ନିଜ ଅଞ୍ଚଳକୁ ପରିଷ୍କାର ରଖିବାର ଅଭ୍ୟାସ ଗଢ଼ିତୋଳିବା, ନିଜ ଘର, ଗଳି ଓ ସାର୍ବଜନୀନ ସ୍ଥାନଗୁଡ଼ିକୁ ପରିଷ୍କାର ରଖିବା। ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା ଡଷ୍ଟବିନ୍‌ରେ ପକାଇବା। ଏକକ-ବ୍ୟବହାର ପ୍ଲାଷ୍ଟିକ୍ ର ବ୍ୟବହାର ବନ୍ଦ କରିବା, ପ୍ରତିସପ୍ତାହରେ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଲୋକ ମାନଙ୍କୁ ସଚେତନତା କରିଥିଲେ। ଏଥିରେ ସୁନିଲ୍ ସାହୁ, ମହେଶ୍ୱର ସାହୁ, ମୁକେଶ ସାହୁ, ସୁଧିର ସାହୁ ପ୍ରଭୃତି ସହଯୋଗ କରିଥିଲେ। ପରିଶେଷରେ ଭୂଷଲାଡ ଯୁବା ମଞ୍ଚର ସଙ୍ଗଠକ ଶ୍ରୀ ଲୋଚନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଗୋଲାମୁଣ୍ଡା ବ୍ଲକ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## ୩୫୯ ପଞ୍ଜୀକୃତ, ୫୦ ଜଣଙ୍କୁ ମିଳିଲା ଉଦ୍ୟମ ପ୍ରମାଣପତ୍ର



**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଥମ ପର୍ଯ୍ୟାୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଓ ଏଆରସି ଶିବିର ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ବ୍ଲକ ପ୍ରଶାସନ ଓ ସାମାଜିକ ସୁରକ୍ଷା ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି ମେଗା ଶିବିରରେ ଶତାଧିକ ଭିନ୍ନକ୍ଷମ ସେମାନଙ୍କ ସରକାରୀ ସୁବିଧା ସୁଯୋଗ ପାଇଁ ପଞ୍ଜୀକରଣ କରିଥିଲେ। ଏହି ବିଶେଷ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍ ?ଘାଟନ କରିଥିଲେ। ଏହା ସହିତ ଗୋଲାମୁଣ୍ଡା ବ୍ଲକ ଉନ୍ନୟନ ଅଧିକାରୀ ବିଶ୍ୱନାଥ ରାଉତ,ଏବିଡିଓ ବିଜୟ କୁମାର ନାଏକ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ ମିଶ୍ର,ବୃଷବ ନାଏକ, ଜୟକୃଷ୍ଣ ସାହୁ,ଜୟନ୍ତ ସିଂ,ଦୋଳମଣୀ ପ୍ରଧାନ, ଶ୍ୟାମ ସୁନ୍ଦର ଅଗ୍ରୱାଲ, ଚନ୍ଦ୍ର ଶେଖର ମୁଣ୍ଡ, ବିଶ୍ୱ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶିବିରର କାର୍ଯ୍ୟଧାରାକୁ ସୁଚାରୁରୂପେ ପରିଚାଳନା କରିଥିଲେ। ମିଳିଥିବା ତଥ୍ୟ ଅନୁଯାୟୀ, ଶିବିରରେ ମୋଟ ୩୫୯ ଜଣ ଭିନ୍ନକ୍ଷମ ବ୍ୟକ୍ତି ନିଜର ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କୁ ୫୦ଟି ନୂତନ ଉଦ୍ୟମ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଭିନ୍ନକ୍ଷମ ସଶକ୍ତିକରଣକୁ ଆଖିରେ ରଖି ଶିବିରରେ ୨୩ ଜଣ ଛାତ୍ରଛାତ୍ରୀଙ୍କୁ ଜାତୀୟ ଛାତ୍ରବୃତ୍ତି ପାଇଁ ମନୋନୀତ କରାଯାଇଥିବା ବେଳେ, ମୋଟ ୩୮ ଜଣଙ୍କୁ ମଧୁବାବୁ ପେନସନ ଯୋଜନା ଅଧୀନରେ ଭତ୍ତା ପ୍ରଦାନ ପାଇଁ ଚିହ୍ନଟ କରାଯାଇଛି। ଶିବିର ଅବସରରେ ଉପସ୍ଥିତ ହିତାଧିକାରୀଙ୍କୁ ସହାୟକ ଉପକରଣ ମଧ୍ୟ ବଣ୍ଟନ କରାଯାଇଥିଲା। ଏଥିରେ ୨ ଜଣଙ୍କୁ ଟ୍ରାଇସାଇକେଲ, ୧ ଜଣଙ୍କୁ ହୁଇଲ ଚେୟାର ଓ ୨ ଜଣ ଦୃଷ୍ଟିହୀନଙ୍କୁ ସ୍ପେଶାଲ ବ୍ଲାଇଣ୍ଡ ଷ୍ଟିକ(ବାଡ଼ି) ପ୍ରଦାନ କରାଯାଇଛି ।ଏହା ବ୍ୟତୀତ ଶିବିରରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରୁଥିବା ରୋବୋଟିକ ଥେରାପି ୟୁନିଟ୍ ମାଧ୍ୟମରେ ୪୦ ଜଣ ରୋଗୀଙ୍କର ସ୍କ୍ରିନିଂ କରାଯାଇ ୨୦ ଜଣଙ୍କୁ ଆଧୁନିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ସେହିପରି ପ୍ରୋସଥେଟିକ୍ସ ଓ ଅର୍ଥୋଟିକ୍ସ ୟୁନିଟ୍ ଦ୍ୱାରା ୩୨ ଜଣଙ୍କ ପାଇଁ କୃତ୍ରିମ ଅଙ୍ଗ ଏବଂ ସହାୟକ ଉପକରଣ ନିର୍ଦ୍ଧାରଣ କରାଯାଇଛି, ଯାହା ଆଗାମୀ ଦିନରେ ସେମାନଙ୍କୁ ପ୍ରଦାନ କରାଯିବ। ବ୍ଲକ ପ୍ରଶାସନର ଏଭଳି ମାନବୀୟ ଓ ଜନକଲ୍ୟାଣକାରୀ ପ୍ରୟାସକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ବେଶ ଉଚ୍ଚ ପ୍ରଶଂସା କରିଛନ୍ତି।

## ସମ୍ପାଦକୀୟ...

# ନୀଳ ନକ୍ସା

ସମାଜରେ ଦିନକୁ ଦିନ ଯେମିତି ଅପରାଧର ମାତ୍ରା ବଢ଼ିବାରେ ଲାଗିଛି, ଆଗାମୀ ସମୟରେ ଅପରାଧର ସେହି ବର୍ଦ୍ଧିତହାର ସେହି ସମାଜ ପାଇଁ ଘାତକ ସାବ୍ୟସ୍ତ ହେବ, ଯେଉଁ ସମାଜରେ ସେମାନେ ନିଜେ ତ ରହୁଛନ୍ତି , ସେମାନଙ୍କ ପରିବାର ସହ । ତଥାପି ସେମାନେ କେତେ ଲଗାମଛଡ଼ା...ତଥାପି ସେମାନେ କେତେ ବେଲଗାମ ଯୋଉମାନଙ୍କର ନିଜର ପରିବାର ପ୍ରତି ଟିକିଏ ବି ନାହିଁ ମାୟା ମମତା। ଯୋଉମାନଙ୍କର ନିଜ ପରିବାର ପ୍ରତି ଟିକିଏ ବି ନାହିଁ ଶ୍ରଦ୍ଧା ସମ୍ମାନ.. ସେମାନେ କେବଳ ଜାଣନ୍ତି ଅପରାଧ ଆଉ ଅପରାଧ। ସତେ ଯେମିତି ଅପରାଧ ସେମାନଙ୍କ ମନ ଏବଂ ଶରୀରରେ ବସା ବାନ୍ଧିଛି। ପୋଖତ ଅପରାଧୀ ସେମାନେ. ..ଦୁର୍ଦ୍ଦାନ୍ତ ଅପରାଧୀ ସେମାନେ। ଏହା ବ୍ୟତୀତ ସେମାନଙ୍କ ପାଇଁ ଆଉ କି ପ୍ରକାର ଭାଷାର ପ୍ରୟୋଗ କରାଯାଇପାରେ। ସେ ବିଷୟରେ ଆମଠାରୁ ଆହୁରି ଭଲଭାବେ ବୁଝାଇପାରିବେ ରାଜଧାନୀ ଡିସିପି ମିଷ୍ଟର ମୀନା । ସେ କାଳେ ଗୋଟାଏ ନକ୍ସା ପ୍ରସ୍ତୁତ କରିଛନ୍ତି ଯାହା ମାଧ୍ୟମରେ ଡିସିପି ସମାଜରୁ ଦୁର୍ନୀତି ଦୂର କରିବେ। ଦୁର୍ନୀତି ତ ନୁହେଁ . ଦୁର୍ନୀତି ରୂପୀ ଦାଦାଗିରି ଦୂର କରିବେ । ରାଜଧାନୀର କମିସନରେଟ୍ ପୋଲିସ୍ ଏବେ ସେଥିନେଇ ଅଣ୍ଟାଭିଡ଼ିଛି। ସେ ଦୁର୍ନୀତି ହେଉ ଅବା ଦାଦାଗିରି କଥାଟା ପ୍ରାୟତଃ ଏକାଭଳି। କେହି କାହାଠାରୁ ଊଣା ନୁହଁନ୍ତି। ଦୁର୍ନୀତି ହେଉଛି ଏକପ୍ରକାର ଦାଦାଗିରି ଯାହା ସାଇଲେଣ୍ଟ କିଲର୍ ଏବଂ ଯେତେବେଳେ କଥାଟା ଦାଦାଗିରି ଆଡ଼କୁ ଆସେ, ତାହା ସେତେବେଳେ ପ୍ରାକ୍ଟିକାଲ ହୋଇଯାଏ । ମୂଳତଃ ଏହି ଦୁଇ ପ୍ରକାର ନକାରାତ୍ମକ ଦ'ରୁ ଦୁର୍ନୀତି ଏବଂ ଦ'ରୁ ଦାଦାଗିରି କାରଣରୁ ସମାଜରେ ଯାହା ବି କିଛି ସମସ୍ୟା ସୃଷ୍ଟି ହେଉଛି ଏବଂ ଆଗକୁ ମଧ୍ୟ ସେହିଭଳି ଅତି ଗମ୍ଭୀର ସମସ୍ୟା ସୃଷ୍ଟି ହୋଇପାରେ। ଯାହା ସମାଜର ପ୍ରଗତି ପଥରେ ବହୁତ ବଡ଼ ପ୍ରତିବନ୍ଧକ ବୋଲି କୁହାଯାଇପାରେ। ତେବେ ସରକାର ସମାଜରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିଥାନ୍ତି ଯାହାର ସିଧା ମାଧ୍ୟମ ହେଉଛି ପୋଲିସିଂ ସିଷ୍ଟମ୍ ଅର୍ଥାତ୍ ଆମ ରାଜ୍ୟ ପୋଲିସ୍ ଯେଉଁମାନେ ଅନେକ ସମୟରେ ନିଜ ଜୀବନକୁ ବାଜି ଲଗାଇ , ଯେଉଁମାନେ ଅନେକ ସମୟରେ ବିଭିନ୍ନ ରିସ୍କ ନେଇ ସେମାନେ ସମାଜରେ ଦୈନନ୍ଦିନ ଅପରାଧ ଘଟାଉଥିବା ଦୁର୍ଦ୍ଦାନ୍ତ ଅପରାଧୀ ଏବଂ ବର୍ଦ୍ଧିତ ଅପରାଧକୁ ସାମ୍ନା କରିବା ପାଇଁ ରାଜ୍ୟ ପୋଲିସ୍‌ର ବିଭିନ୍ନ ସମୟରେ ବିଭିନ୍ନ କ୍ଷେତ୍ରରେ ସଫଳତା ପରେ ମଧ୍ୟ ରାଜ୍ୟରେ ଦୁର୍ନୀତିର ପରିମାଣ ହ୍ରାସ ପାଇବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଯାହା କି ଉଭୟ ସମାଜ ଏବଂ ସରକାରଙ୍କ ପାଇଁ ଚିନ୍ତାର ବିଷୟ । ତେବେ ଏ ଦିଗରେ ଅଧିକ ଚିନ୍ତିତ ଆମର ରାଜ୍ୟ ପୋଲିସ୍ ପ୍ରଶାସନ ଏବଂ ପ୍ରଶାସନ ସହିତ ସମ୍ବନ୍ଧିତ ପୋଲିସ୍ କର୍ମଚାରୀ ଏବଂ ଉଚ୍ଚପଦସ୍ଥ ଅଧିକାରୀ ଯାହା ମଧ୍ୟରେ ଏକ ପ୍ରମୁଖ ନାମ ହେଉଛି ଡିସିପି ମିଷ୍ଟର ମୀନା ଯେ କି ପ୍ରଥମେ ରାଜ୍ୟ ରାଜଧାନୀ ଉପରେ ବେଶି ଫୋକସ୍ କରିଛନ୍ତି । ରାଜଧାନୀରୁ କ୍ରାଇମ୍ ହଟାଇବା ପାଇଁ ରାଜ୍ୟ କମିସନ୍‌ରେଟ୍ ପୋଲିସ୍ ମାର୍ଗଦର୍ଶନରେ ଏବେ ପ୍ରସ୍ତୁତ ହୋଇଛି ଏକ ସ୍ୱତନ୍ତ୍ର ବ୍ଲ୍ୟୁ ପ୍ରିଣ୍ଟ... ନୀଳ ନକ୍ସା। ପାର୍ବଣ ପୂର୍ବରୁ ରାଜଧାନୀରେ ଅପରାଧୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାର ଯଥେଷ୍ଟ ଆଶଙ୍କା ଥିବାରୁ ସେମାନଙ୍କୁ ସାବାଡ଼ କରିବା ପାଇଁ ଡିସିପି ରାଜଧାନୀର ପ୍ରତ୍ୟକ ଥାନାକୁ ଶକ୍ତ ନିର୍ଦ୍ଦେଶ ଦେଇଛନ୍ତି। କାରଣ ଅପରାଧୀଙ୍କ ଦୌରାତ୍ମ୍ୟ ଯେଭଳି ବଢ଼ିବାରେ ଲାଗିଛି ସେଣୁ ପ୍ରତ୍ୟକ ଥାନାରେ ଏବେ ରାଜଧାନୀର ଶତାଧିକ ଦୁର୍ଦ୍ଦାନ୍ତ ଅପରାଧୀଙ୍କର ତାଲିକା ଟଙ୍ଗାଯାଇଛି ଯେଉଁମାନଙ୍କୁ ଖୋଜି ଖୋଜି ଧରିବା ପାଇଁ ପ୍ରତି ଥାନାକୁ ଅତି କଡ଼ା ନିର୍ଦ୍ଦେଶ ଦିଆଯାଇଛି ଏବଂ ଧରିଲା ପରେ ସେମାନଙ୍କ ବିରୋଧରେ ଅତି କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆବଶ୍ୟକସ୍ଥଳେ ଏନ୍‌କାଉଣ୍ଟରର ମଧ୍ୟ ନିର୍ଦ୍ଦେଶ ରହିଛି ଅତି ଦୁର୍ଦ୍ଦାନ୍ତ ଅପରାଧୀଙ୍କ କ୍ଷେତ୍ରରେ। ତେବେ କେବଳ ପାର୍ବଣ ପୂର୍ବରୁ ଅପରାଧୀଙ୍କ ଉପରେ ଆକ୍ସନ ନେଇ ତା' ପରେ ଚୁପ୍ ବସିଯିବା କେବେ ବି ଫଳପ୍ରଦ ହୋଇନପାରେ । ବର୍ଷସାରା ଅପରାଧୀଙ୍କ ବିରୋଧରେ ସେହିଭଳି ଆକ୍ସନ୍ ମୁଡ୍ ରେ ରହିବା ଦରକାର ପୋଲିସ୍। ନଚେତ କୌଣସି ବି ନକ୍ସା କାମ ଦେବନି । ଫେଲ୍ ମାରିଯିବ ସବୁ।

## ଜ୍ଞାନାମୃତ

# ପ୍ରବଚନ

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜନୈକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ। ବାବାଙ୍କ ଖ୍ୟାତି ଧୀରେ ଧୀରେ ବଢିବା ଆରମ୍ଭ ହୋଇଗଲା। ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା। ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିକୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ। ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛନ୍ତି। ପତ୍ନୀଙ୍କ୍ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ୍ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ। ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ। ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉକା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବଙ୍କୁ ଦର୍ଶନ କରିବା ପାଇଁ। ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା। କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା। ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ। ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ। ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ। ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚିବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିଷୟରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ। ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରିବାରୁ ସେ ବାବାଙ୍କ ଉପରେ ତାଙ୍କର ବିଶ୍ୱାସ ଥିବା କଥା କହିବାରୁ ବାବା ତାଙ୍କ ଉତ୍ତରରେ ମଧ୍ୟ ପ୍ରୀତ ହୋଇଗଲେ ଏବଂ ଅତି ସହଜରେ ବୁଝିଯାଇଥିଲେ ତାଙ୍କ ମନର ଭିତିରି କଥା।

# ମାନବ ସାମାଜ ଓ ପରିବେଶ ପ୍ରଦୂଷଣ



ଡ. ଅମୂଲ୍ୟ କୁମାର ପଣ୍ଡା

'ପରିବେଶ ହିଁ ଜୀବନ', ଏହି ଚିରନ୍ତନ ସତ୍ୟକୁ ଆଧାର କରି ପୃଥିବୀ ପୃଷ୍ଠରେ ସମସ୍ତ ସୃଷ୍ଟିର ବିକାଶ ହୋଇଛି । ପରିବେଶ ହେଉଛି ପ୍ରକୃତିର ଏକ ଅମୂଲ୍ୟ ଉପହାର, ଯାହା ମଧ୍ୟରେ ବାୟୁ, ଜଳ, ମୃତ୍ତିକା, ଉଦ୍ଭିଦ ଓ ପ୍ରାଣୀଜଗତ ଅନ୍ତର୍ଭୁକ୍ତ । ଆମର ଚତୁଃପାର୍ଶ୍ୱରେ ଥିବା ଏହି ସଜୀବ ଓ ନିର୍ଜୀବ ଉପାଦାନଗୁଡ଼ିକର ସମାହାରକୁ ଆମେ ପରିବେଶ ବୋଲି କହିଥାଉ । ମାନବ ସଭ୍ୟତାର ଆରମ୍ଭରୁ ପ୍ରକୃତି ଓ ମଣିଷ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଆସିଛି । ମାତ୍ର ବର୍ତ୍ତମାନର ଆଧୁନିକ ଓ ସ୍ୱାର୍ଥପର ମଣିଷ ନିଜର ସୁଖ-ସୁବିଧା ପାଇଁ ଏହି ସୁନ୍ଦର ପରିବେଶକୁ ଧ୍ୱଂସ କରିବାରେ ଲାଗିଛି । ଫଳରେ ସମଗ୍ର ବିଶ୍ୱ ଆଜି ଗୁରୁତର ପରିବେଶ ସଙ୍କଟର ସମ୍ମୁଖୀନ । ଏଭଳି ପରିସ୍ଥିତିରେ ପରିବେଶର ସୁରକ୍ଷା କରିବା କେବଳ ସରକାରଙ୍କର ନୁହେଁ, ବରଂ ଆମ ପ୍ରତ୍ୟେକ ନାଗରିକର ପରମ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଅଟେ । ପରିବେଶର ଗୁରୁତ୍ୱ ଓ ପ୍ରକୃତି ସହ ମାନବର ସମ୍ପର୍କ

ପରିବେଶ ଆମକୁ ବଞ୍ଚିବା ପାଇଁ ଅମ୍ଳଜାନ, ପିଇବା ପାଇଁ ଜଳ ଏବଂ କ୍ଷୁଧା ନିବାରଣ ପାଇଁ ଅନ୍ନ ଯୋଗାଇଥାଏ । ଆମର ପ୍ରତ୍ୟେକ ମୌଳିକ ଆବଶ୍ୟକତା ପ୍ରକୃତି ଉପରେ ନିର୍ଭର କରେ । ପ୍ରାଚୀନ ଭାରତୀୟ ସଂସ୍କୃତିରେ ପ୍ରକୃତିକୁ ଦେବତା ଭାବେ ପୂଜା କରାଯାଉଥିଲା । ଗଛଲତାକୁ ମା' ଏବଂ ନଦୀକୁ ପବିତ୍ର ଗଙ୍ଗା ମାତା ଭାବେ ସମ୍ମାନ ଦିଆଯାଉଥିଲା । ଋଷିମୁନିମାନେ ଅରଣ୍ୟ ମଧ୍ୟରେ ରହି ପରିବେଶ ସହିତ ସନ୍ତୁଳନ ରକ୍ଷା କରୁଥିଲେ । କିନ୍ତୁ କାଳକ୍ରମେ ମଣିଷ ପ୍ରକୃତିକୁ ଉପଭୋଗର ସାମଗ୍ରୀ ମନେକଲା, ଯାହା ଆଜିର ବିପର୍ଯ୍ୟୟର ମୁଖ୍ୟ କାରଣ ସାଜିଛି ।

ବର୍ତ୍ତମାନ ସମୟରେ ପରିବେଶ ମୁଖ୍ୟତଃ ଚାରୋଟି ଉପାୟରେ ପ୍ରଦୂଷିତ ହେଉଛି। ପ୍ରଥମ, ବାୟୁ ପ୍ରଦୂଷଣ (Air Pollution) । କଳକାରଖାନା ଏବଂ ଗାଡ଼ି ମୋଟରରୁ ନିର୍ଗତ କଳାଧୂଆଁ ବାୟୁମଣ୍ଡଳକୁ ବିଷାକ୍ତ କରୁଛି । ଯାହାଫଳରେ ଶ୍ୱାସକ୍ରିୟା ଜନିତ ରୋଗ ବଢ଼ିବାରେ ଲାଗିଛି ।ଦ୍ୱିତୀୟ ହେଉଛି ଜଳ ପ୍ରଦୂଷଣ (Water Pollution) ।ସହରର ବର୍ଜ୍ୟବସ୍ତୁ ଏବଂ କାରଖାନାର ଦୂଷିତ ରାସାୟନିକ ଜଳ ନଦୀ, ପୋଖରୀ ଓ ସମୁଦ୍ରରେ ମିଶି ଜଳକୁ ବ୍ୟବହାର ଅନୁପଯୋଗୀ କରୁଛି । ତୃତୀୟରେ ହେଉଛି ମୃତ୍ତିକା ପ୍ରଦୂଷଣ (Soil Pollution)। କୃଷି କ୍ଷେତ୍ରରେ ଅତ୍ୟଧିକ ରାସାୟନିକ ସାର ଏବଂ କୀଟନାଶକର ପ୍ରୟୋଗ ଯୋଗୁଁ ମାଟିର ଉର୍ବରତା ନଷ୍ଟ ହେଉଛି । ଚତୁର୍ଥରେ ହେଉଛି ଶବ୍ଦ ପ୍ରଦୂଷଣ (Noise Pollution) ।ଯାନବାହନର ହର୍ଣ୍ଣ ଏବଂ ଉଚ୍ଚ ସ୍ୱରରେ ବାଜୁଥିବା ଲାଉଡ଼ସ୍ପିକର ମାନସିକ ଚାପ ଓ ବଧିରତା ସୃଷ୍ଟି କରୁଛି । ଯଦି ଆମେ ଏବେଠାରୁ ସଚେତନ ନ ହେବା, ତେବେ ପ୍ରକୃତିର କୋପରୁ କେହି ବଞ୍ଚିପାରିବେ ନାହିଁ । ଏହାର କେତେକ ଭୟାବହ ପରିଣାମ ନିମ୍ନଭାବେ ଦେଖାଦେଇଛି । ପୃଥିବୀର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହାଦ୍ୱାରା ମେରୁ ଅଞ୍ଚଳର ବରଫ ତରଳି ସମୁଦ୍ର ପତନ ବଢୁଛି । ସମୟରେ ବର୍ଷା ନହେବା, ଅତ୍ୟଧିକ ଗରମ ଏବଂ ବାରମ୍ବାର ବାତ୍ୟା ଓ ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ଏହାର ଜ୍ୱଳନ୍ତ ଉଦାହରଣ।

ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଆମକୁ ବ୍ୟକ୍ତିଗତ ଏବଂ ସାମାଜିକ ସ୍ତରରେ ଦାୟିତ୍ୱବାନ ହେବାକୁ ପଡ଼ିବ । ଆମର ପ୍ରମୁଖ ଦାୟିତ୍ୱଗୁଡ଼ିକ ହେଲା – ପ୍ରଥମ ଦାୟିତ୍ୱ ହେଉଛି ପୃଥିବୀର ସବୁଜ ବନାନୀ କୁ ସୁରକ୍ଷିତ ରଖିବା ଯାହା ହେଉଛି ପରିବେଶର ଫୁସଫୁସ । ଗୋଟିଏ ଗଛ କାଟିଲେ ତା' ବଦଳରେ ପାଞ୍ଚଟି ନୂଆ ଗଛ ଲଗାଇବା ଉଚିତ । ପ୍ରତ୍ୟେକ ବ୍ୟକ୍ତି ନିଜ ଜନ୍ମଦିନ କିମ୍ବା କୌଣସି ଶୁଭ ଅବସରରେ ଅତିକମରେ ଗୋଟିଏ ଗଛ ଲଗାଇବାକୁ ସଂକଳ୍ପ ନେବା ଆବଶ୍ୟକ । ପ୍ଲାଷ୍ଟିକ ଓ ପଲିଥିନ ମାଟିରେ ସହଜରେ ମିଶେ ନାହିଁ ଏବଂ ଏହା ଶହ ଶହ ବର୍ଷ ପର୍ଯ୍ୟନ୍ତ ପରିବେଶକୁ ଦୂଷିତ କରି ରଖେ । ବଜାରକୁ ଗଲାବେଳେ ସଦାସର୍ବଦା କପଡ଼ା କିମ୍ବା ଝୋଟ ବ୍ୟାଗ ବ୍ୟବହାର କରିବା ଉଚିତ। ଜଳର ଅପଚୟ ରୋକିବା ଆମର ପରମ କର୍ତ୍ତବ୍ୟ । ବର୍ଷା ଜଳ ଅମଳ (Rainwater Harvesting) ପଦ୍ଧତି ଆପଣାଇ ଭୂତଳ ଜଳ ସ୍ତରକୁ ବୃଦ୍ଧି କରାଯାଇପାରିବ । ନଦୀ ଓ ପୋଖରୀକୁ ସ୍ୱଚ୍ଛ ରଖିବା ଆବଶ୍ୟକ । ଆମ ଜୀବନଶୈଳୀରେ Reduce (କମ ବ୍ୟବହାର), Reuse (ପୁନଃ ବ୍ୟବହାର) ଏବଂ Recycle (ପୁନଃ ଚକ୍ରଣ) ନୀତି ଅବଲମ୍ବନ କରିବା ଉଚିତ । ଏହାଦ୍ୱାରା ଆବର୍ଜନା କମ ସୃଷ୍ଟି ହେବ । ପରିବେଶ ସୁରକ୍ଷା କେବଳ ଏକ ସ୍ଲୋଗାନ ବା ସଭାସମିତି ମଧ୍ୟରେ ସୀମିତ ନରହି ଏହାକୁ କାର୍ଯ୍ୟକାରୀ କରିବାର ସମୟ ଆସିଯାଇଛି । ଆମର ଆଜିର ଛୋଟ ପଦକ୍ଷେପ ଆସନ୍ତାକାଲିର ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ଓ ସୁସ୍ଥ ପୃଥିବୀ ଉପହାର ଦେଇପାରିବ । ଆସନ୍ତୁ ସମସ୍ତେ ମିଶି ଏ ପଦକ୍ଷେପ ଗୁଡିକୁ ନେଲେ ପରିବେଶ ସୁରକ୍ଷିତ ହୋଇପାରିବ। ଏହା ତ୍ୱରାନ୍ୱିତ ଭାବେ କରିବା ଉଚିତ୍, କାରଣ ପ୍ରକୃତିର ସୁରକ୍ଷା ହିଁ ପ୍ରକୃତରେ ମାନବ ଜାତିର ସୁରକ୍ଷା ଅଟେ ।

**ଅରଙ୍ଗାବାଦ ବରୀ ଯାଜପୁର**
**୮୨୪୯୫୦୨୭୭୬**

# ବୁଲ୍‌ଡୋଜର ନ୍ୟାୟ ଓ ଜବରଦଖଲ ସମସ୍ୟା



ଅଧ୍ୟାପକ ଗୋପବନ୍ଧୁ

ଦେଶରେ ତଥା ରାଜ୍ୟରେ ଜବରଦଖଲକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ପରିଲକ୍ଷିତ ହେଉଛି। ଯେଉଁମାନେ ସରକାରୀ ଜମିକୁ ମାଡ଼ିବସି ଘର କରିଛନ୍ତି ଅଥବା ବ୍ୟବସାୟ ପ୍ରତିଷ୍ଠାନ କରିଛନ୍ତି, ସେମାନଙ୍କୁ ଉଚ୍ଛେଦ କରାଯାଉଛି। ଏମାନଙ୍କ ଭିତରେ ଅଛନ୍ତି ଯେଉଁମାନେ ସମ୍ପୂର୍ଣ୍ଣରୂପେ ସରକାରୀ ଜମିକୁ ମାଡ଼ି ବସିଛନ୍ତି, ଯେଉଁମାନେ ଅତିକ୍ରମଣ କରିଛନ୍ତି ଅଥବା କେତେକ ସ୍ଥଳରେ ଯେଉଁମାନେ ସହରମାନଙ୍କରେ ଗୃହ ନକ୍ସା ପାଶ୍ ନକରାଇ ଘର କରିଛନ୍ତି କିମ୍ବା ନକ୍ସା ମୁତାବକ ଘର କରିନାହାଁନ୍ତି। ସ୍ୱଳ୍ପକାଳୀନ ନୋଟିସରେ ଏହିପ୍ରକାର ଘର ବା ପ୍ରତିଷ୍ଠାନ ଗୁଡ଼ିକୁ ବୁଲଡଜର ଲଗାଇ ପ୍ରଶାସନ ଜରିଆରେ ଭଙ୍ଗା ଯାଉଛି। ଉଚ୍ଚ ନ୍ୟାୟାଳୟ ମଧ୍ୟ ଏହା ଉପରେ ମୋହର ଲଗାଇଛନ୍ତି। ଜନସାଧାରଣଙ୍କ ମଧ୍ୟରେ ଏହାକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। କେତେକ ଏହା ଏକ ଉଚିତ ପଦକ୍ଷେପ ବୋଲି କହୁଥିବା ବେଳେ ଅନେକେ ଭାରତ ପରି ଏକ ବିକାଶଶୀଳ ରାଷ୍ଟ୍ରରେ ଏହା ଅନୁଚିତ କାର୍ଯ୍ୟବୋଲି ଅଭିହିତ କରୁଛନ୍ତି। ଉଭୟ ମତର ଯାଥାର୍ଥ୍ୟତା ରହିଛି। ତେବେ ଉଚ୍ଛେଦ ପଦକ୍ଷେପ କେତେ ବାସ୍ତବମୁଖୀ ତାହାର ଅନୁଶୀଳନ ଜରୁରୀ। ଦେଶରେ ତଥା ରାଜ୍ୟରେ ଅର୍ଦ୍ଧେକରୁ ଅଧିକ ଘର ଜବରଦଖଲ ଜାଗାରେ କିମ୍ବା ଅତିକ୍ରମଣଭାବେ ଅଥବା ଗୃହ ନକ୍ସା ପାଶ୍ ବିନା ତିଆରି ହୋଇଛି। ଏ ସମସ୍ତ ଘରକୁ ଭାଙ୍ଗିଦେଲେ ଭରତବର୍ଷର ଚିତ୍ର ଯୁଦ୍ଧବିଧ୍ୱସ୍ତ ରାଷ୍ଟ୍ରପରି ଦେଖାଯିବ। ଏହିପ୍ରକାର ନିର୍ମାଣ ପାଇଁ କେବଳ ଅଧିବାସୀଙ୍କ ଘରଭାଙ୍ଗି ଦଣ୍ଡିତ କରିବା ସମ୍ପୂର୍ଣ୍ଣ ନ୍ୟାୟ ନୁହେଁ। ସେ ସମୟରେ ସହରାଞ୍ଚଳର ଭାରପ୍ରାପ୍ତ ଅଧିକାରୀମାନେ ମଧ୍ୟ ଦଣ୍ଡିତ ହେବା ଉଚିତ୍, ଯେଉଁମାନଙ୍କ କୋହଳ ମନୋଭାବ ଯୋଗୁଁ ଏପରି ନିର୍ମାଣ କାର୍ଯ୍ୟ ପରିବ୍ୟାପ୍ତ ହୋଇଛି। ପ୍ରଶାସନର ନୀରବତା ସାଧାରଣ ଲୋକଙ୍କୁ ପ୍ରୋତ୍ସାହିତ କରିଛି ଅବୈଧ ନିର୍ମାଣ କରିବା ପାଇଁ। ଏଥିରେ ସରକାରଙ୍କ ଦୋଷ ଅଧିକ ରହିଛି ସାଧାରଣ ଜନତାଙ୍କ ଅପେକ୍ଷା। ପୂର୍ବ ସରକାର ଓ ପ୍ରଶାସନିକ ଅଧିକାରୀ ଏଦିଗରେ ଆଖିବୁଜି ଦେଇଥିଲେ କାହିଁକି ? ପ୍ରାରମ୍ଭରୁ ରୋକିଥିଲେ ଆଜିର ଏ ଅବସ୍ଥା ସୃଷ୍ଟି ହୋଇ ନଥାନ୍ତା। ଏବେର ସରକାର ଓ ପ୍ରଶାସନ ପ୍ରତିଶୋଧ ପରାୟଣ ନହୋଇ ଉପାଦେୟ ଓ ଯୁକ୍ତି ସଙ୍ଗତ ଢଙ୍ଗରେ ଜବରଦଖଲ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବା ଉଚିତ୍। ଗୋଟିଏ ଘର ନିର୍ମାଣ ପାଇଁ ଗୋଟିଏ ପରିବାରର ଜୀବନ ସାରାର ଆୟ ବିନିଯୋଗ ହୋଇଥାଏ। ଏହାକୁ ବୁଲଡଜର ଲଗାଇ ଅଳ୍ପ ସମୟରେ ଭାଙ୍ଗି ଦିଆଯାଏ। ଯେଉଁ ଘର ସହିତ ଗୋଟିଏ ପରିବାରର ମାୟାମମତା ଜଡିତ ହୋଇ ରହିଥାଏ। ଏହା ଏକ ସ୍ପର୍ଶକାତର ବିଷୟ। ଏ ସମ୍ବନ୍ଧରେ ସାଧାରଣ ଲୋକମାନେ ଦେଉଥିବା ମତାମତ ନିମ୍ନମତେ ବିଚାରଯୋଗ୍ୟ। ପ୍ରଥମରେ ଯେଉଁମାନେ ନିଜ ଘର ପରିମିତ ଜାଗା ପରିବର୍ତ୍ତେ ଅଧିକ ସରକାରୀ ଜାଗା ମାଡି ବସିଛନ୍ତି ଉଭୟ ସହର ଓ ଗ୍ରାମାଞ୍ଚଳରେ ସେହି ଜମିକୁ ଜବରଦଖଲ ମୁକ୍ତ କରାଯାଉ। କିଛି ଜମି ମାଫିଆ ବିଭିନ୍ନ ସହରରେ ମାତିବାର ଦେଖାଯାଇଛି। ଏମାନେ ଏକର ଏକର ସରକାରୀ ଜାଗାକୁ ନିଜ କବଜାକୁ ନେଇ ପ୍ଲଟକରି ବିକିଛନ୍ତି। କିଛି ପ୍ରଭାବଶାଳୀ ବ୍ୟକ୍ତି ଏପରି ଅନେକ ଜାଗା ନିଜ କବଜାରେ ଏବେବି ରଖିଛନ୍ତି। ଏହା ସ୍ଥାନୀୟ ଅଧିକାରୀଙ୍କ ଅଜାଣତରେ ହେଉଛି ବୋଲି କହିହେବ ନାହିଁ। ଏପରି ଅନେକ ଅଛନ୍ତି ଯେଉଁମାନେ ସରକାରୀ ଜମିରେ ଘରକରି ଭଡାରେ ଲଗାଇଛନ୍ତି। ଏହି ପ୍ରକାର ଜବରଦଖଲ ଉଚ୍ଛେଦ ହେଉ। ଦ୍ୱିତୀୟରେ ଆଉ କେତେକ ଅଛନ୍ତି ଯେଉଁମାନେ ଡାକ୍ତରଖାନା, ସ୍କୁଲ, କଲେଜ, ସରକାରୀ ଅନୁଷ୍ଠାନ, ଜାତୀୟ ରାଜପଥ ଓ ରେଳବାଇ ଇତ୍ୟାଦି ଜାଗାରେ ଘର କରି ରହିଛନ୍ତି ତାଙ୍କୁ ମଧ୍ୟ ପ୍ରଶାସନ ତରଫରୁ ରୋକାଯାଇ ନାହିଁ। ଆବଶ୍ୟକ ସ୍ଥଳେ ଏମାନଙ୍କୁ ଉଚ୍ଛେଦ କରାଯାଉ, କିନ୍ତୁ ଗରୀବ ଓ ଭୂମିହୀନଙ୍କୁ ବିକଳ୍ପ ଜାଗାଦେଇ ଥଇଥାନ କରାଯାଉ। ତୃତୀୟରେ ଯେଉଁମାନେ ନିଜ ପଟ୍ଟା ଜାଗାରେ ଘର କରିଛନ୍ତି, କିନ୍ତୁ ରାସ୍ତା ଉପରକୁ କିମ୍ବା ସରକାରୀ ଅନୁଷ୍ଠାନର ଜାଗାକୁ ଅତିକ୍ରମ କରିଛନ୍ତି ତାଙ୍କୁ ଅତିକ୍ରମିତ ଜାଗାରୁ ଉଚ୍ଛେଦ କରାଯାଉ। ରାସ୍ତାର ପ୍ରଶସ୍ତୀକରଣ ଅତ୍ୟାବଶ୍ୟକ ବିଷୟ ଅଟେ। ଚତୁର୍ଥରେ ଗୁରୁତ୍ୱପୂର୍ଣ୍ଣ ହେଉଛି ସରକାର ଏକ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରି ସର୍ବକ୍ଷମା ନୀତି ପ୍ରଣୟନ କରନ୍ତୁ। ଯେଉଁମାନେ ଉକ୍ତ ତାରିଖ ପୂର୍ବରୁ ଗୃହନକ୍ସା ପାଶ ନକରାଇ ଘର କରିଛନ୍ତି ତାଙ୍କୁ କ୍ଷମା ଦେବା ଓ ଯେଉଁମାନେ ନିର୍ବିବାଦୀୟ ସରକାରୀ ଜମିରେ ଘରକରି ଅଛନ୍ତି ତାଙ୍କୁ ମଧ୍ୟ କ୍ଷମା ଦେବା ଏହାର ଅନ୍ତର୍ଗତ ହେଉ। ଏମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ଉପରେ ଅଧିକ ପରିମାଣ ଜମି ପାଇଁ ରିହାତି ହାରରେ ଦେୟ ଦେବାର କିମ୍ବା ଜମି ବଦଳରେ ଜମି ଦେବାର ବ୍ୟବସ୍ଥା କରାଯାଉ। ଏହାର ଏକ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରାଯାଇ ସେଟେଲମେଣ୍ଟ କରାଯାଉ। ଅତିକ୍ରମଣ ଜାଗା ଉପରେ ସ୍ଥାୟୀ ନିର୍ମାଣ ଥିଲେ ତା ଉପରେ ମଧ୍ୟ ଦେୟ କିମ୍ବା ବଦଳ ଜାଗା ଦେବାର ବ୍ୟବସ୍ଥା ହେଉ। ଏହାଦ୍ୱାରା ବହୁ ମୂଲ୍ୟବାନ କୋଠା ଓ ପ୍ରତିଷ୍ଠାନକୁ ରକ୍ଷା କରାଯାଇ ପାରିବ। ଏ ସମସ୍ତ ରାଷ୍ଟ୍ରୀୟ ବିକାଶର ଗୋଟିଏ ଗୋଟିଏ କଡି। ଓଡିଶାରେ ୨୦୧୭ ମସିହାରେ ବସ୍ତିବାସିନ୍ଦାଙ୍କ ଥଇଥାନ ନିମିତ୍ତ ଏକ ଆଇନ୍ ପ୍ରଣୟନ କରାଯାଇଛି। ଯାହା ଓଡ଼ିଶା ଲେଣ୍ଡ ରାଇଟ୍ସ ଟୁ ସ୍ଲମ୍ ଡ୍ୱେଲାର୍ସ ଏକ୍ଟ- ୨୦୧୭ ବା ବସ୍ତି ବାସିନ୍ଦା ଆଇନ୍-୨୦୧୭ ଭାବେ ପରିଚିତ। ଏହି ନିୟମ ଅନୁଯାୟୀ ରାଜ୍ୟର ବିଭିନ୍ନ ସହରର ବସ୍ତିରେ ୨୦୧୭ ମସିହା ପୂର୍ବରୁ ବସବାସ କରୁଥିବା ପଟ୍ଟାବିହୀନ ବାସିନ୍ଦାଙ୍କୁ ସେମାନେ ବସବାସ କରୁଥିବା ଜାଗାର ମାଲିକାନା ସତ୍ତ୍ୱ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହାରି ଆଧାରରେ ବସ୍ତିବାସିନ୍ଦାମାନେ ବାସସ୍ଥାନ ପ୍ରମାଣ ପତ୍ର ସହିତ ସମସ୍ତ ପ୍ରକାରର ସରକାରୀ ସୁବିଧା ସୁଯୋଗ ପାଇପାରିବେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମୁତାବକ ସେମାନେ ପକ୍କାଘର ତିଆରି ପାଇଁ ଅର୍ଥ ପାଇବାକୁ ମଧ୍ୟ ଯୋଗ୍ୟ ହୋଇଯିବେ। ତେବେ ଏକାର୍ଯ୍ୟ ପୂର୍ବ ସରକାର ସମୟରେ ଅଧାପନ୍ତରିଆ ହୋଇ ରହିଗଲା। ସମସ୍ତ ପଟ୍ଟାବିହୀନଙ୍କ ସର୍ଭେ ହୋଇ ପାରିଲା ନାହିଁ କି ଜମି ଅଧିକାର ପ୍ରମାଣ ପତ୍ର ଦିଆଯାଇ ପାରିଲା ନାହିଁ। ବର୍ତ୍ତମାନର ସରକାର ଏହି ଆଇନ ଉପରେ ଗୁରୁତ୍ୱ ଦେବାପରି ମନେ ହେଉନାହିଁ। ଏହି ନିୟମ ମୁତାବକ ଥଇଥାନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବା ଜରୁରୀ। ସହରାଞ୍ଚଳରେ ପଟ୍ଟାବିହୀନଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ଗାଁ ଗହଳିରେ କର୍ମ ନିଯୁକ୍ତିର ଘୋର ଅଭାବ ରହିଛି। ଜନସଂଖ୍ୟା ବଢୁଛି। ଅନେକ କୁଶଳୀ, ଅର୍ଦ୍ଧକୁଶଳୀ, ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାର ସହରକୁ ପଳାଇ ଆସିଛନ୍ତି କର୍ମସଂସ୍ଥାନ ପାଇବା ଆଶାରେ। ଏମାନେ ସହରକୁ ଆସି ପ୍ରଥମେ ବେସରକାରୀ ସଂସ୍ଥାରେ ଛୋଟମୋଟ ଚାକିରି କରନ୍ତି ଓ କେତେକେ ଛୋଟକାଟିଆ ବ୍ୟବସାୟ ଆରମ୍ଭ କରନ୍ତି। ଏମାନେ କେଉଁ ନାଳ କଡରେ, କେନାଲ କଡରେ, ନଦୀ ପଠାରେ, ରାସ୍ତା କଡରେ, ଟ୍ରେନ ଲାଇନ କଡରେ ଅଥବା ସହର ତଳି ଲଟାଝଟା ସ୍ଥାନରେ ଝୁପୁଡି ଘରଟିଏ କରିରହନ୍ତି। ସମୟକ୍ରମେ ଏହି ଝୁପୁଡି ଘର ଆଜବେଷ୍ଟସ ଘରକୁ ଓ ପରେ ଛୋଟ ପକ୍କା ଘରକୁ ରୂପାନ୍ତରିତ ହୁଏ। କେତେକ ଗଡ଼ଜାତିଆ ସହରରେ ବହୁ ପୁରାତନ ପଟ୍ଟାବିହୀନ ବାସିନ୍ଦାଙ୍କୁ ଦେଖିବାକୁ ମିଳେ। ଏମାନଙ୍କ ଭିତରୁ କିଛି ଅଛନ୍ତି ଯେଉଁମାନେ ସ୍ୱାଧୀନତା ପୂର୍ବରୁ ସରକାରୀ ଜମିରେ ଘରକରି ରହିଛନ୍ତି। ଚାଲାକମାନେ କଳେବଳେ କୌଶଳେ ନିଜ ନାମରେ ପଟ୍ଟା କରି ନେଇଛନ୍ତି। ସରଳ ଓ ନିରୀହମାନେ ସେହିପରି ପଡି ରହିଛନ୍ତି। କୌଣସି ଲୋକକୁ ବାସହୀନ କରିବା ମାନବିକତା ବିରୋଧି କାର୍ଯ୍ୟ। ପଟ୍ଟାବିହୀନଙ୍କ ସପକ୍ଷରେ ବଳିଷ୍ଠ ଯୁକ୍ତି ହେଉଛି ଯେ ସରକାର ଶିଳ୍ପାୟନ ନାମରେ ଘରୋଇ କମ୍ପାନୀମାନଙ୍କୁ ହଜାର ହଜାର ଏକର ଜମି ଦେଉଥିବା ବେଳେ ପ୍ରଗତିର ମୂଳଦୁଆ ସାଜିଥିବା ଏହି ଲୋକମାନଙ୍କୁ ଦୁଇଚାରି ଡେସିମିଲ୍ ଜମି ଦେଇ ଥଇଥାନ କରି ପାରିବେ ନାହିଁ କାହିଁକି ?

ବସ୍ତିବାସିନ୍ଦା ନିୟମ-୨୦୧୭ ଅନୁଯାୟୀ ପ୍ରତ୍ୟେକ ପଟ୍ଟାବିହିନ ବାସିନ୍ଦା ପୌରାଞ୍ଚଳରେ ୪୫ ବର୍ଗମିଟର ଓ ଏନଏସିରେ ୬୦ ବର୍ଗମିଟର ଜାଗା ପାଇବେ। ଏହାଠାରୁ କମ୍ ଥିଲେ ଯେତିକି ଥିବ ସେତିକି ପାଇବେ। ଅଧିକ ଥିଲେ ବଳକା ଜମିକୁ ସରକାରଙ୍କୁ ହସ୍ତାନ୍ତର କରିବେ। ଯେଉଁ ଜମି ମାଲିକାନା ଦିଆଯାଉଛି ତାହାକୁ ପ୍ରଥମେ ଜମିଅଧିକାର ପ୍ରମାଣ ପତ୍ର ବା ଏଲ୍.ଆରସି. ବୋଲି କୁହାଯାଉଛି। ପରେ ଏହାକୁ ବଦଳାଇ ପଟ୍ଟା ପ୍ରଦାନ କରାଯାଉଛି। ଏହାରି ଆଧାରରେ ଅନେକ ଲୋକ ପଟ୍ଟା ପାଇ ସାରିଲେଣି। ଆହୁରି ଅନେକେ ପାଇବା ଅପେକ୍ଷାରେ ଅଛନ୍ତି। ପ୍ରଥମ ପର୍ଯ୍ୟାୟରେ ଅନେକଙ୍କ ସର୍ଭେ ହୋଇପାରି ନଥିଲା। ତେଣୁ ଦ୍ୱିତୀୟ ପର୍ଯ୍ୟାୟ ସର୍ଭେ ହେବ ବୋଲି ଶୁଣାଯାଉଛି। କେତେକ ସହରରେ ସମସ୍ୟା ହେଉଛି ଜଙ୍ଗଲ ଜମି କିସମକୁ ନେଇ। ଅନେକ ବସ୍ତି ଜଙ୍ଗଲ ଜମି ଉପରେ ଗଢିଉଠିଛି। କିସମ ବଦଳାଇବା ପାଇଁ କେନ୍ଦ୍ରର ଅନୁମତି ଲୋଡ଼ା। ତେଣୁ ଏମାନଙ୍କୁ ଏଲ୍.ଆରସି. ଦିଆଯାଇ ପାରୁନାହିଁ। ରାଜ୍ୟ ସରକାର ତାଙ୍କୁ ଜମି ଯୋଗ୍ୟତା ପ୍ରମାଣ ପତ୍ର ବା ଏଲ୍.ଇ.ସି. ପ୍ରଦାନ କରିଛନ୍ତି। ଆବଶ୍ୟକ ସ୍ଥଳେ ଏମାନଙ୍କୁ ଆଉ କୋଉ ଯାଗାରେ ଜମି ଦିଆଯାଇ ପରିବ। ଏବେ ସହର ମଧ୍ୟରେ ଆଉ ଜଙ୍ଗଲ ନାହିଁ। ତେଣୁ ଜମି କିସମ ବଦଳିବା ଜରୁରୀ। ଜମି କିସମ ପରିବର୍ତ୍ତନ ହୋଇ ପାରିଲେ, ଏମାନେ ମଧ୍ୟ ଏଲ୍.ଆର.ସି. ପାଇପାରିବେ ଓ ପଟ୍ଟା ମଧ୍ୟ ପାଇବେ।

ନିୟମ ମୁତାବକ ଦେୟମୁକ୍ତ ଜାଗା ବାଦେ ୪୫ ଡେସିମିଲ ପର୍ଯ୍ୟନ୍ତ ଅଥବା ଯେତିକି ଜାଗା ଉପରେ ଘର କରିଛନ୍ତି ସେତିକିକୁ ଦେୟଯୁକ୍ତ ଭାବେ ପ୍ରଦାନ ପାଇଁ ଯୋଜନାର ଅନ୍ତର୍ଭୁକ୍ତ କଲେ ଏହା ଅଧିକ ଫଳପ୍ରଦ ହୁଅନ୍ତା। ଦେୟଯୁକ୍ତ ଯୋଜନା ମାଧ୍ୟମରେ ଏପରି ପଟ୍ଟାବିହୀନଙ୍କ ଥଇଥାନ ଉପଯୋଗୀ ପରି ମନେହୁଏ। ଏହାଦ୍ୱାରା ଜବରଦଖଲରେ ଥିବ ସରକାରୀ ଜମିର ସୁବନ୍ଦୋବସ୍ତ ହେବା ସହିତ ରାଜ୍ୟ ରାଜକୋଷ ପାଇଁ ଭଲ ପରିମାଣର ଅର୍ଥ ସଂଗ୍ରହ କରାଯାଇ ପାରିବ। ଯେଉଁ ଅର୍ଥ ରାଜ୍ୟର ଅନ୍ୟ କୌଣସି ବିକାଶ କାର୍ଯ୍ୟରେ ଲାଗିପାରିବ। ଭାରତବର୍ଷ ପରି ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ବୁଲଡଜର ନ୍ୟାୟ ନୁହେଁ ମାନବିକତା ଆଧାରରେ ନ୍ୟାୟ ଜରୁରୀ।

**ବାରିପଦା, ମୟୂରଭଞ୍ଜ,**
**ମୋ. ୯୪୩୮୨୪୮୮୫୪ , ଦର୍ଶନ ବିଭାଗ (ଅବସରପ୍ରାପ୍ତ)**

# ନୂଆ ଷ୍ଟାର୍ଟଅପ୍ ଆଉ ମାର୍କେଟିଂ



ମନସିଜ୍ ଦାସ

ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ନିଜର ଷ୍ଟାର୍ଟଅପ୍ ବିଜନେସ ପ୍ରତି ଆଗ୍ରହୀ ହେଉଛନ୍ତି। ଏହାଦ୍ୱାରା ନା କାହା ଅଧିନରେ କାମ କରିବା ନା କେବେ ଚାକିରୀ ଯିବାର ଭୟ ରହୁଛି। ବରଂ ନିଜେ ରୋଜଗାରକ୍ଷମ ହେବା ସହ ସେମାନେ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର ପନ୍ଥା ଯୋଗାଇ ପାରୁଛନ୍ତି। ତେବେ ଏମିତିରେ ନିଜ ବିଜନେସକୁ ସଫଳ କରାଇ ଅଧିକ ଲାଭ ପାଇଁ ସେମାନେ ବିଭିନ୍ନ ମାର୍କେଟିଂ ଷ୍ଟ୍ରାଟେଜି ଉପରେ ନିର୍ଭର କରିଥାନ୍ତି। ଯଦି ନୂଆ ଷ୍ଟାର୍ଟଅପ୍ ଆରମ୍ଭ କରୁଥାନ୍ତି ତେବେ କିପରି ଭଲ ଭାବେ ମାର୍କେଟିଂ କରି ଲାଭବାନ ହୋଇପାରିବେ ଜାଣି ରଖନ୍ତୁ ଟିପ୍ସ ।ସ୍ଥିର କରନ୍ତୁ ମାର୍କେଟିଂ ଲକ୍ଷ୍ୟ : ଆପଣଙ୍କ ବିଜନେସ ଅନୁଯାୟୀ ପ୍ରଥମେ ସର୍ଭେ କରିବା ପରେ ମାର୍କେଟିଂର ଲକ୍ଷ୍ୟ ସ୍ଥିର କରନ୍ତୁ। ଅନଲାଇନ ଏବଂ ଅଫଲାଇନ ଉଭୟ ପାଇଁ ଭିନ୍ନ ଭିନ୍ନ ତଥା କ୍ରିଏଟିଭ କଣ୍ଟେଣ୍ଟ ପ୍ରସ୍ତୁତ କରନ୍ତୁ ଯେମିତି ତାହା ଲୋକଙ୍କୁ ଉପଯୋଗୀ ମନେହେବ ଏବଂ ଆପଣଙ୍କ ବିଜନେସ ଆଡ଼କୁ ଧ୍ୟାନ ଆକର୍ଷଣ କରିବ। ସୋସିଆଲ ମିଡ଼ିଆ ଜରିଆରେ ଏହା ଅଧିକରୁ ଅଧିକ ଲୋକଙ୍କ ପାଖକୁ ପହଞ୍ଚିବା ଲାଗି ଠିକ ଭାବେ ଏସଇଓ କରନ୍ତୁ। ଏଥିପାଇଁ କୌଣସି ଅଭିଜ୍ଞଙ୍କ ସହାୟତା ନେବା ଭଲ ଟାର୍ଗେଟ ଅଡିଆନ୍ସ : ଯେ କୌଣସି ମାର୍କେଟିଂ ଷ୍ଟ୍ରାଟେଜିର ପ୍ରଥମ ଲକ୍ଷ୍ୟ ହୋଇଥାଏ ଏହାର ବିଜ୍ଞାପନ ଠିକ ଲୋକଙ୍କ ପାଖରେ ପହଞ୍ଚୁ। ଉଦାହରଣ ସ୍ୱରୂପ ଯଦି ଆପଣ ଏକ ହେଲଥ ଡ୍ରିଙ୍କ ପ୍ରଡକ୍ଟ ଲଞ୍ଚ କରୁଛନ୍ତି ଏବଂ ଏହାର ଆଡ଼ ଜିମ ଯାଉଥିବା ତଥା ବଡ଼ି ବିଲ୍ଡିଂ କରୁଥିବା ଯୁବପିଢ଼ିଙ୍କ ପାଖରେ ନପହଞ୍ଚି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିଲେ ତେବେ ତାହା ସେମାନଙ୍କ ପାଇଁ କୌଣସି କାମରେ ଆସିବ ନାହିଁ। ତେଣୁ ଭଲ ଭାବେ ମାର୍କେଟ ରିସର୍ଚ୍ଚ କରି ନିଜର ଟାର୍ଗେଟ ଅଡ଼ିଆନ୍ସ ପାଖରେ ପ୍ରଡକ୍ଟକୁ ପହଞ୍ଚାଇବାକୁ ଚେଷ୍ଟା କରନ୍ତୁ। ମାର୍କେଟିଂ ଠିକ ଭାବେ ହୋଇପାରିଲେ ପ୍ରଡକ୍ଟର ସେଲ ବଢ଼ିବା ସହ ଲାଭ ଅଧିକ ହେବ ।ଚାନେଲ କ୍ରିଏଟ କରନ୍ତୁ : ଠିକ ଭାବେ ମାର୍କେଟିଂ କରିପାରିବା ଯେକୌଣସି ବିଜନେସ ସଫଳ ହେବା ପାଇଁ ଏକ ରଣନୀତି ହୋଇପାରେ। ତେଣୁ ନିଜର ଟାର୍ଗେଟ ଅଡ଼ିଆନ୍ସ କିଏ ଜାଣିବା ପରେ ପ୍ରଡକ୍ଟ ସେମାନଙ୍କ ପାଖକୁ ପହଞ୍ଚିବା ଲାଗି କେଉଁ ସୋର୍ସ ବା ମାଧ୍ୟମ ସବୁଠୁ ଭଲ ଜାଣିରଖନ୍ତୁ। ସେଥିରେ ଚାନେଲ କ୍ରିଏଟ କରି ନିଜର ବିଜ୍ଞାପନ ଏବଂ ପୋଷ୍ଟ ଶେୟାର କରନ୍ତୁ ।ୟୁଏସପିକୁ ଦିଅନ୍ତୁ ଗୁରୁତ୍ୱ : ଯେକୌଣସି ବିଜନେସ ସଫଳ ହେଲା ଲାଗି ମାର୍କେଟିଂରେ ୟୁଏସପି ୟୁନିକ ସେଲିଂ ପ୍ରପୋଜିଶନର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଦର୍ଶାଇଥାଏ ଗ୍ରାହକଙ୍କୁ ଆପଣଙ୍କ ପ୍ରଡ଼କ୍ଟର ଆବଶ୍ୟକତା କାହିଁକି ରହିଛି। ଏଥିରେ ଏମିତି କଣ ବିଶେଷତ୍ୱ ରହିଛି ଯାହା ଅନ୍ୟ ପ୍ରତିଯୋଗୀ କମ୍ପାନୀର ପ୍ରଡ଼କ୍ଟ କିମ୍ବା ସର୍ଭିସ ଠାରୁ ଭଲ। ଫଳରେ ଗ୍ରାହକଙ୍କୁ ଏହା ଆପଣଙ୍କ ପ୍ରଡକ୍ଟ ପ୍ରତି ଆକୃଷ୍ଟ କରିପାରିବ ଏବଂ ସେଲ ବଢ଼ିବ। ଖୋଲନ୍ତୁ ନିଜ ୱେବସାଇଟ : କୌଣସି ଷ୍ଟାର୍ଟଅପ୍ କରୁଥିଲେ ମାର୍କେଟିଂ ଓ ସେଲ ପାଇଁ ନିଜର ୱେବସାଇଟ ଖୋଲିବା ସବୁଠୁ ବୁଦ୍ଧିମତ୍ତାର କାମ। ଏହାଦ୍ୱାରା ଆପଣଙ୍କୁ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ି ନଥାଏ, କାରଣ ଏଥିରେ ପର୍ସନାଲ ଡିଜିଟାଲ ସ୍ପେଶ ରହିଥାଏ ।ରୁହନ୍ତୁ ଅପଡେଟ : ଦିନକୁ ଦିନ ମାର୍କେଟକୁ ନୂଆ ନୂଆ ପ୍ରଡକ୍ଟ ଆସୁଛି। ତେଣୁ କ'ଣ ଲାଟେଷ୍ଟ ଟ୍ରେଣ୍ଡରେ ରହିଛି ଏବଂ ତାହାକୁ ଆଖିଆଗରେ ରଖି ନିଜ ପ୍ରଡ଼କ୍ଟରେ କ'ଣ ପରିବର୍ତ୍ତନ ଆବଶ୍ୟକ ରହିଛି ଜାଣିରଖନ୍ତୁ। ମାର୍କେଟ ସହ ସବୁବେଳେ ଅପଡେଟ ନ ରହିଲେ ଏହି ଫିଲ୍ଡରେ ଆଗକୁ ବଢ଼ିବା କଷ୍ଟକର ହୋଇପାରେ। ନିଅନ୍ତୁ କଷ୍ଟମରଙ୍କ ଫିଡବ୍ୟାକ : ବିଜନେସ ମାର୍କେଟିଂରେ ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ କାମ। କାରଣ ଆପଣଙ୍କ ପ୍ରଡକ୍ଟ କେତେ କାର୍ଯ୍ୟ କରୁଛି ଅବା କେତେ ପସନ୍ଦ ଆସୁଛି ତାହା କଷ୍ଟମରଙ୍କ ଫିଡ଼ବ୍ୟାକରୁ ଜଣା ପଡ଼ିଥାଏ। ତେଣୁ ଯଥା ସମ୍ଭବ ଅଧିକରୁ ଅଧିକ ଫିଡ଼ବ୍ୟାକ ନେବାକୁ ଚେଷ୍ଟାକରନ୍ତୁ। ସେହି ଅନୁଯାୟୀ ପ୍ରଡ଼କ୍ଟର ମାନ ପରିବର୍ତ୍ତନ କରନ୍ତୁ। ପ୍ରଡକ୍ଟକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସେଲିବ୍ରିଟି ଏବଂ ଇନଫ୍ଲୁଏନ୍ସରମାନଙ୍କୁ ଏନଗେଜ କରନ୍ତୁ। ଏହି ମାର୍କେଟିଂ ଷ୍ଟ୍ରାଟେଜି ଆପଣଙ୍କ ବିଜନେସକୁ ବୁଷ୍ଟ କରିବାରେ ବହୁତ କାମରେ ଆସିବ।

**ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା**





# ବ୍ୟବସାୟିକ କେନ୍ଦ୍ର ଖଳିସାହିର ବିକାଶର ଆବଶ୍ୟକତା ରହିଛି:ବିଧାୟକ

**ଖଣ୍ଡପଡା (ଅମୃତ ମିଡ଼ିଆ) :** ଖଣ୍ଡପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରମୁଖ ବ୍ୟବସାୟୀକ କେନ୍ଦ୍ର ତଥା ସର୍ବସାଧାରଣଙ୍କ ଗର୍ବ କଲାଭଳି ଗ୍ରାମପଂଚାୟତ ଖଳିସାହି ଅଟେ। ଏଠାର ପିତଳ ମୂର୍ତି ସମଗ୍ର ରାଜ୍ୟର ମନ୍ଦିର ଗୁଡ଼ିକରେ ପୂଜା ପାଉଥିବା ବେଳେ ଅତିତ ଗଡ଼ଜାତର ପ୍ରାଚୀନ ପରମ୍ପରାକୁ ଏଠାକାର ପିତଳ ଶିଳ୍ପୀମାନେ ବଜାୟ ରଖିଆସିଛନ୍ତି। ତେବେ ଉନ୍ନତି ଓ ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ଏହା ଆଗକୁ ଯିବାରେ ମୁଖ୍ୟ ପ୍ରତିବନ୍ଧକ ସାଜିଛି ବୋଲି ଖଣ୍ଡପଡ଼ା ବିଧାୟକ ତଥା ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଇଂ. ଦୁଷ୍ମ' କୁମାର ସ୍ୱାଇଁ ନିଜସ୍ୱ ବକ୍ତବ୍ୟରେ ସୂଚାଇଥିବା ଦେଖାଯାଇଛି। ଗତ ୭ ତାରିଖ ସୋମବାର ଦିନ ଖଳିସାହି ଗ୍ରାମପଂଚାୟତ କାର୍ଯ୍ୟାଳୟରେ ନୂତନ ଭତା ବଂଟନ କାର୍ଯ୍ୟକ୍ରମରେ ମୁଖ୍ୟ



ଅତିଥି ଭାବେ ଯୋଗଦେଇ ବିଧାୟକ ଇଂ. ସ୍ୱାଇଁ ସର୍ବସାଧାରଣଙ୍କ ନିମନ୍ତେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଖଳିସାହି ଗ୍ରାମପଂଚାୟତ ନିର୍ବାହୀ ଅଧିକାରୀ ମନୋଜ କୁମାର ପ୍ରଧାନଙ୍କ ସଂଯୋଜନାରେ ତଥା ସ୍ଥାନୀୟ ସରପଂଚ ଫକିର ମୋହନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ମଣ୍ଡଳ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ସୁନିତା ଜେନା, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକା' ବଳିଆରସିଂ, ବିଶିଷ୍ଟ ସମାଜସେବୀ ଜନ୍ମେଜୟ ଦଳେଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖଳିସାହି ଗ୍ରାମପଂଚାୟତର ବିକାଶ ତଥା ଉନ୍ନତି ପରିପ୍ରେକ୍ଷୀରେ ସ୍ୱବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମୁଦାୟ ୧୮ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତା, ଜଣେ ଭିନ୍ନକ୍ଷମଙ୍କୁ ଭତା ପ୍ରଦାନ ସହ ୪ଜଣ ବିଧବା ମହିଳାଙ୍କୁ ମଧ ଭତା ପ୍ରଦାନ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ସାଂସଦ ପ୍ରତିନିଧି ଚନ୍ଦ୍ରକା' ବଳିଆରସିଂ, ଖଳିସାହିର ପ୍ରାଚୀନ ପରମ୍ପରା ଓ କାରିଗରୀ ସହ ଉନ୍ନୟନ କାର୍ଯ୍ୟ ପରିସର ଭୁକ୍ତ ନିର୍ମାଣଧିନ ପ୍ରକଳ୍ପ ଗୁଡ଼ିକର ଶିଘ୍ର ପୂର୍ଣ୍ଣତା ଉପରେ ନିଜର ବକ୍ତବ୍ୟ ମଧ୍ୟେ ମତବ୍ୟକ୍ତ କରିଥିଲେ। ସେହିପରି ସହକାରୀ ଯନ୍ତ୍ରୀ ଇଂ. ସୁନିତା ଜେନାଙ୍କର ନିଜସ୍ୱ ଗ୍ରାମପଂଚାୟତ ଖଳିସାହିର ସମସ୍ତ ବିକାଶ ମୂଳକ ତଥା ନିର୍ମାଣଧିନ ପ୍ରକଳ୍ପ ଗୁଡ଼ିକରେ ବ୍ୟାପକ ଅଗ୍ରଗତି ଘଟିଥିବାର ସରପଂଚ ଫକିର ମୋହନ ଦାସ ବକ୍ତବ୍ୟ ମଧ୍ୟେ ସୂଚନା ପ୍ରଦାନ କରିଥିଲେ। ସେହିଭଳି ଖଣ୍ଡପଡ଼ା ବ୍ଲକ୍ ବିଡ଼ିଓ ଅଙ୍କୁର ଅଭିଳାଷଙ୍କ ପ୍ରତ୍ୟେକ୍ଷ ସାହାଯ୍ୟ ଓ ସହଯୋଗରେ ଉକ୍ତ ପ୍ରକଳ୍ପ ଗୁଡ଼ିକର ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ଘଟିଥିବା ନେଇ ସହକାରୀ ଯନ୍ତ୍ରୀ ଇଂ. ଜେନା ପ୍ରକାଶ କରିଥିଲେ।

# ଜେଲ୍ ଫେରନ୍ତାର ଆତଙ୍କରାଜ;ଯୁବକ କୋର୍ଟ ଚାଲାଣ, ଖଣ୍ଡା ଜବତ

**ବାଲିଅନ୍ତା (ଅମୃତ ମିଡିଆ) :** ଶିଶୁପାଳଗଡ ସ୍ଥିତ ପାଇକରାୟ ଭୋଇ ସାହି ରହୁଥିବା ପ୍ରଦୀପ କୁମାର ଭୋଇଙ୍କ ଲିଖିତ ଅଭିଯୋଗ କ୍ରମେ ଧଉଳି ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଧୀନ ଶିଶୁପାଳଗଡ଼ ତେଲି ମଙ୍ଗଳ ସାହିର ସୂର୍ଯ୍ୟ ଦାସ(୨୬) ଓରଫ ଗାଲୁ। ସୂଚନାଯୋଗ୍ୟ ଯେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସୂର୍ଯ୍ୟକାନ୍ତ ଅଭିଯୁକ୍ତଙ୍କ ପାଖକୁଯାଇ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ଖଣ୍ଡ ବୁଲେଇବା ସହ ଜୀବନରୁ ମାରିବାର ଧମକ ଦେଇଥିଲେ । ଏହା ମଧ କହିଥିଲେ ଯେ, ପାଖରେ ସେ ବନ୍ଧୁକ ରଖିଛନ୍ତି ଏବଂ ସେଥିରେ ସେ ତାଙ୍କୁ ଗୁଳି କରିଦେବେ । ଏହି ଘଟଣା ପରେକ ଅଭିଯୋଗକାରୀ ଅପୋଷ ସମାଧାନ ପାଇଁ ସୂର୍ଯ୍ୟକାନ୍ତଙ୍କ ଘରକୁ ଯାଇଥିଲେ । ସେଠାରେ ସୂର୍ଯ୍ୟକାନ୍ତ ଅଭିଯୋଗକାରୀଙ୍କୁ




ପୁନର୍ବାର ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହ ହଠାତ ଏକ ଖଣ୍ଡା ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ । ଅଭିଯୋଗକାରୀ କୌଶଳ କ୍ରମେ ସୂର୍ଯ୍ୟକାନ୍ତଙ୍କ ଆକ୍ରମଣରୁ ବଞ୍ଚି ଯାଇଥିବା ବେଳେ, ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରିଥିଲେ । ପରେ ଅଭିଯୋଗ ୨ଘଣ୍ଟାର ବ୍ୟବଧାନରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଥାନା ଅଧିକାରୀ ସ୍ମୃତି ରଞ୍ଜନ ମହାନ୍ତି, ଏସଆଇ ରାଧାବଲ୍ଲଭ ବେହେରା, ଓପିଏଫ ମହେନ୍ଦ୍ର କଣ୍ଡାଗରି ଏକ ଟିମ ସୂର୍ଯ୍ୟକୁ ତାଙ୍କ ଘରୁ କାବୁ କରି ଗିରଫ କରିବା ସହିତ ଖଣ୍ଡାକୁ ଜବତ କରିଥିଲେ। ଅଧିକ ପଚରାଉଚରାରୁ, ଅଭିଯୁକ୍ତ ସୂର୍ଯ୍ୟ ନିଜର ଦୋଷ ସ୍ୱୀକାର କରିଥିଲେ । ଅଭିଯୁକ୍ତ ଗାଲୁଙ୍କ ନାମରେ କଟକ ସଦର ଥାନା ରେ ଗୋଟିଏ ଓ ବଡଗଡ ଥାନାରେ ୨ ଟି ମାମଲା ରହିଛି । ପୁଲିସ ସୂଚନା ଅନୁଯାୟୀ ୨ ବର୍ଷ ତଳେ ନିଆଳି ଥାନା ଅଞ୍ଚଳରେ ଏକ ନାବାଳିକା ମାମଲା ଅଭିଯୋଗରେ ସୂର୍ଯ୍ୟକାନ୍ତ ଜେଲ ଯାଇଥିଲେ। ଗତ ପ୍ରାୟ ୫ ମାସ ହେବ ସେ ଜେଲରୁ ଫେରିଛନ୍ତି। ଏହି ମାମଲାର ଅଧିକ ତଦନ୍ତ ବର୍ତ୍ତମାନ ଚାଲୁ ରହିଛି ।

# ନିର୍ମାଣ ଶିକ୍ଷାଅନୁଷ୍ଠାନରେ ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ

**ବାଲିଅନ୍ତା (ଅମୃତ ମିଡିଆ) :** ବାଳକାଟୀ ସ୍ଥିତ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ନିର୍ମାଣ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ପରିସରରେ ଏକ ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଶ୍ରୀ ସିଦ୍ଧେଶ୍ୱର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭିଜିଲାନ୍ସ ବିଭାଗର ଶ୍ରୀଯୁକ୍ତ ପ୍ରବୀର ମୋହନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ, କଟକ-ପୁରୀ ଶାଖା, ଭୁବନେଶ୍ୱର ବ୍ରାଞ୍ଚର ମୁଖ୍ୟ ପରିଚାଳକ ଶ୍ରୀମତୀ ଅନିତା ବିନ୍ଧାଣୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଚେତନତା ଅଭିଯାନର ମୁଖ୍ୟ ପ୍ରସଙ୍ଗ ଥିଲା। ସମୃଦ୍ଧି ପାଇଁ ସତ୍ୟନିଷ୍ଠା ଆବଶ୍ୟକ । ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ସୋସିଆଲ ମିଡିଆ, ଫ୍ରଡ୍ କଲ୍ ଏବଂ



ବିଭିନ୍ନ ଲୋଭନୀୟ ଆପ୍ ଜରିଆରେ କୌଣସି ପୁଞ୍ଜି ନିବେଶ ନ କରିବା ଏବଂ ଓଟିପି ଶେୟାର ନ କରିବା ପାଇଁ ପରାମର୍ଶ ଦେଇଥିଲେ। ପରିଶେଷରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଭିଜିଲାନ୍ସ ସଚେତନତା ପାଇଁ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାସୁଦେବ ଆଚାର୍ଯ୍ୟ, ଆୟୁଷ୍ମତୀ ବେହେରା ଓ ଶୁଭ୍ରଲୋଚନ ଜେନା ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ।

# ପୂର୍ତ୍ତବିଭାଗ ରାସ୍ତା ଉପରେ ତିନିମାସ ହେବ ଗଦାହୋଇଛି ଚିପ୍ସ,ବାଲି;ବଢୁଛି ଦୁର୍ଘଟଣା

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ରାସ୍ତା ବାଲିଚନ୍ଦ୍ରପୁର ସେକ୍ସନ୍ ଅଧିନ ଆମ୍ବସୈରୀ ନିକଟ ଛକ ଉପରେ ତିନିମାସ ହେବ ଗଦା ହୋଇ ରହିଛି ଚିପ୍ସ ଆଉ ବାଲି, ଏଥି ପାଇଁ ଦୈନିକ ଘଟୁଛି ଛୋଟ ବଡ ଦୁର୍ଘଟଣା। ସମସ୍ତେ ଦୈନନ୍ଦିନ ଘଟଣା ଦେଖୁଥିବା ବେଳେ ତାହାକୁ ନଜର ଅନ୍ଦାଜ୍ କରି ଚାଲି ଯାଉଛନ୍ତି, ଏହି ରାସ୍ତାଟି ଅଞ୍ଚଳର ମୁଖ୍ୟ ଏବଂ ବ୍ୟସ୍ତବହୁଳ ରାସ୍ତା, ଏହି ବାଟ ଦେଇ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ,ଆଳି, ପଟ୍ଟାମୁଣ୍ଡାଇ, ରାଜନଗର, କେନ୍ଦ୍ରାପଡ଼ା ବ୍ଲକ ଓ ଯାଜପୁର ଜିଲ୍ଲାର ବରୀ ଓ ବଡ଼ଚଣା ବ୍ଲକ ର ହାଜର ହାଜର ସଂଖ୍ୟକ ଯାନବାହାନ ଚଳାଚଳ ହୋଇଥାଏ, ମାତ୍ର ଆମ୍ବସୈରୀ ଠାରେ ବଡ଼ଚଣା ବ୍ଲକ ପାଟରାଜପୁର ପଞ୍ଚାୟତ ୧୦ ନମ୍ବର ୱାର୍ଡରେ ବିକଶିତ ଗାଁ ବିକଶିତ ଓଡିଶା



ଯୋଜନାରେ କେନାଲରେ ଚାରିଲକ୍ଷ ଟଙ୍କା ବ୍ୟୟରେ ଏକ ଗାଧୁଆ ତୁଠ ତିନି ମାସ ତଳେ ନିର୍ମାଣ କରାଯାଉ ଥିଲା, ନିର୍ମାଣ କାର୍ଯ୍ୟ ସାରିଥିଲେ ମଧ ସେଠାରେ ବଳକା ବାଲି, ଗୋଡ଼ି ରାସ୍ତା ଉପରେ ପଡି ରହିଛି, ଏଥିପ୍ରତି ସମ୍ପୃକ୍ତ ଠିକାଦାର, ପଞ୍ଚାୟତ ଅଧିକାରୀ ଦୃଷ୍ଟି ଦେଉନାହାନ୍ତି, ଅପରପକ୍ଷେ ରାସ୍ତା ଟି ପୂର୍ତ୍ତବିଭାଗ ର ହୋଇଥିଲେ ମଧ ବିଭାଗୀୟ ଅଧିକାରୀ ମାନଙ୍କ ନିଜ ରାସ୍ତା ପ୍ରତି ନଜର ନାହିଁ ତେଣୁ ଦୈନିକ ଦୁର୍ଘଟଣା ମାନ ଘଟି ଚାଲିଛି, ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖା ଦେବା ସହ ଛକ ବଜାରେ ଆଲୋଚ୍ୟର ବିଷୟ ବସ୍ତୁ ପଲଟିଛି, ଉପରୋକ୍ତ ବିଷୟ ବସ୍ତୁକୁ ନେଇ ବାଲିଚନ୍ଦ୍ରପୁର ସିଭିଲ ସୋସାଇଟି ଫୋରମ୍ ମୁହଁ ଖୋଲିଛି। ଫୋରମ୍ ପକ୍ଷରୁ ସାମାଜ ସେବୀ ବସନ୍ତ କୁମାର ସାମଲ, ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ସେକ ମୋଇନ ଅହେମଦ୍, ବିଶ୍ୱପ୍ରକାଶ ସାମଲ, ଅନନ୍ତ ସିଂ, ଉତ୍କଳ କେଶରୀ ସାମଲ ପ୍ରମୁଖ ପୂର୍ତ୍ତବିଭାଗ ବାଲିଚନ୍ଦ୍ରପୁର ସେକ୍ସନ୍ ଯନ୍ତ୍ରୀ ଙ୍କୁ ଅବଗତ କରାଇ ଅସନ୍ତୋଷ ଜାହିର୍ କରିଛନ୍ତି, ତେବେ ଯନ୍ତ୍ରୀ ଜଣଙ୍କ ଉକ୍ତ ରାସ୍ତା ଉପରୁ ବାଲି ଗୋଡ଼ି ହଟାଇବା ପାଇଁ ପ୍ରତିଶୃତି ଦେଇଥିଲେ ମଧ ଅଦ୍ୟାବଧି ତାହା ପଡି ରହିଥିବା ଦେଖିବାକୁ ମିଳିଛି, ଏ ନେଇ ବାଲିଚନ୍ଦ୍ରପୁର ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଶ୍ରୀ ବିଶ୍ୱ ରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ ମୁଁ ପାଟରାଜପୁର ସରପଞ୍ଚଙ୍କୁ କହିଥିଲି ଉଠାଇ ଦେବା ପାଇଁ ବୋଲି ଉତ୍ତର ଦେଇଛନ୍ତି, ଆଉ କେତେ ମାସପରେ ଉକ୍ତ ସ୍ଥାନରୁ ଅବରୋଧ ହଟୁଛି ତାହା ଦେଖିବାକୁ ବାକି ରହିଲା।

# କୁଜଙ୍ଗ ଏନ୍ଏସି ଦାବି,ଦସ୍ତଖତ ଅଭିଯାନ ଶିବିର ଉଦ୍‌ଘାଟିତ

**କୁଜଙ୍ଗ (ଅମୃତ ମିଡିଆ) :** ଜଗତସିଂହପୁର ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଓ ବ୍ୟବସାୟୀକ ଅଂଚଳ କୁଜଙ୍ଗକୁ ତୁରନ୍ତ ଏନ୍ଏସି ଘୋଷଣା କରିବାକୁ ରାଜ୍ୟ ସରକାରଙ୍କ ପାଖରେ ଦାବି ଜୋର ଧରିଛି। ବିଜୁ ଜନତା ଦଳ ସରକାରଙ୍କ ଅମଳରେ ତତକାଳୀନ ମୁଖ୍ୟମନ୍ତ୍ରୀ ନ୍ୱୀନ ପଟ୍ଟନାୟକ କୁଜଙ୍ଗକୁ ଏନ୍ଏସି ଘୋଷଣା କରିଥିଲେ। ହେଲେ ବିଜେପି ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିଭିନ୍ନ ଅଂଚଳକୁ ନୂଆ ଏନ୍ଏସି ଘୋଷଣା କରିଥିଲେ ମଧ କୁଜଙ୍ଗକୁ ବାଦ ଦେଇଛନ୍ତି , ଯୋଉଥି ପାଇଁ କୁଜଙ୍ଗବାସୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କୁଜଙ୍ଗ କୁହୁଳୁଛି ଓ ଆନ୍ଦୋଳନ ଦୁର୍ବାର ହେବ ବୋଲି ଆଜି ଦସ୍ତଖତ ଅଭିଯାନ ଶିବିରରେ କୁଜଙ୍ଗ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଘୋଷଣା ହୋଇଛି । ମଞ୍ଚ ଆବାହକ ଡକ୍ଟର ରଘୁନାଥ ସାହୁଙ୍କ ସଂଯୋଜନାରେ ମଙ୍ଗଳବାର ସକାଳେ ଦସ୍ତଖତ ଅଭିଯାନ ଶିବିରକୁ ବିଶିଷ୍ଟ ଶିକ୍ଷାବିତ ବରିଷ୍ଠ ନାଗରିକ ବାବୁରାମ ଚୌଧୁରୀ ଉଦଘାଟନ କରିଥିଲେ। ମଞ୍ଚ ବରିଷ୍ଠ ଉପଦେଷ୍ଟା ପୀତାମ୍ବର ତରାଇ ଦସ୍ତଖତ ଅଭିଯାନକୁ ଶୁଭାରମ୍ଭ କରି ଅନୁଷ୍ଠିତ ସଭାରେ




କହିଥିଲେ ଯେ , କୁଜଙ୍ଗ ଜମି ଉପରେ ଶିଳ୍ପ ସହର ଠିଆ ହେଇଛି। କୁଜଙ୍ଗ ଏକ ଐତିହାସିକ ଓ ବ୍ୟବସାୟୀକ ସହର । ଏଠାରେ ଶତାଧିକ ସରକାରୀ ଓ ବେସରକାରୀ ଅନୁଷ୍ଠାନ କାର୍ଯ୍ୟ କରୁଛି । କୁଜଙ୍ଗକୁ ବିଚାର ବିଭାଗୀୟ ଜିଲ୍ଲା ମାନ୍ୟତା ମିଳିଥିବା ବେଳେ ଏନ୍ଏଘୋଷଣା ନହେବା ଦୁର୍ଭାଗ୍ୟ ବୋଲି କହିଥିଲେ । ଯଦି ସରକାର ପୂର୍ବ ଘୋଷଣା ଅନୁଯାୟୀ କୁଜଙ୍ଗକୁ ଏନ୍ଏସି ମାନ୍ୟତା ପ୍ରଦାନ ନକରନ୍ତି , କୁଜଙ୍ଗ ବନ୍ଦ ସମେତ ଅର୍ଥ ନିତିକ ଅବରୋଧ ହେବ ବୋଲି ଘୋଷଣା କରିଥିଲେ। କୁଜଙ୍ଗ ଓକିଲ ସଂଘ ସମ୍ପାଦକ ରଂଜିତ ବିଶ୍ୱାଳ , ବରିଷ୍ଠ ଓକିଲ ରମେଶ ଦାସ , ଶିକ୍ଷାବିତ ସରୋଜ କୁମାର ବେହେରା , ଓକିଲ ସଂଘ ସହ ସମ୍ପାଦିକା ପ୍ରିୟମ୍ବଦା ପାଣି , କୁଜଙ୍ଗ ଆଥଲେଟିକ କ୍ଲବ ସଭାପତି ଦିଲୀପ କୁମାର ସାହୁ , ସମ୍ପାଦକ ରଜନୀକାନ୍ତ ଗୁରୁ , ବିଶ୍ୱନାଥ ମଲିକ , ବଣିକ ସଂଘ ପକ୍ଷରୁ ବିକ୍ରମ ନାରାୟଣ ଦାସ , ବୁନୁ ବାରିକ , ଡକ୍ଟର ଗଙ୍ଗାଧର ସାମନ୍ତରାୟ , ବିଜୟ ଖଟେଇ , ଗୀତା ଦାସ , ନବୀନ ପ୍ରଧାନ , ବିଭୁତି ଜେନା , ହୃଷିକେଶ ନାଥ , ଚନ୍ଦ୍ରମଣି ସ୍ୱାଇଁ , ବିବେକାନନ୍ଦ ଦାସ , ଶରତ ଜେନା ପ୍ରମୁଖ ଭାଷଣ ଦେଇଥିଲେ । ସୂଚନାଯୋଗ୍ୟ , କୁଜଙ୍ଗ ସଚେତନ ନାଗରିକ ମଞ୍ଚ କୁଜଙ୍ଗ ବନ୍ଦ ଡାକରା ଦେଇଥିଲା । ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମଞ୍ଚ ନେତୃତ୍ୱ ମାନଙ୍କ ସହ ପାରାଦ୍ୱୀପ ସରକିଟ ହାଉସ ଠାରେ ଆଲୋଚନା କରି ଏନ୍ଏସି ଘୋଷଣା ପ୍ରତିଶୃତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ତେବେ ପ୍ରତିଶୃତିକୁ ବର୍ଷେ ପୁରିବା ପରେ ଆନ୍ଦୋଳନ ଜୋର ଧରିଛି । ଏହି ସ୍ୱାକ୍ଷରିତ ଦାବି ପତ୍ର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ କୁଜଙ୍ଗ ତହସିଲଦାରଙ୍କ ଜରିଆରେ ପ୍ରଦାନ କରାଯିବ ବୋଲି ଘୋଷଣା ହୋଇଛି।

# ବିଶ୍ୱ ଭୌତିକ ଚିକିତ୍ସା ଦିବସ ପାଳିତ

**ପୁରୀ (ବ୍ୟୁରୋ) :** ସେଭେନ ସ୍ପୋକସ୍ ଭରଡ୍ୟୁର୍ର ଫାଉଣ୍ଡେସନ, ଓଡ଼ିଶା ଆନୁକୂଲ୍ୟରେ ସାଇଶ୍ରୀ ରିହାବିଲିସନ୍ ୟୁନିଟ ଏବଂ ଆଇଏମଟି ଫାର୍ମାସୀ କଲେଜ ସହଯୋଗରେ ବିଶ୍ୱ ଭୌତିକ ଚିକିତ୍ସା ଦିବସ ୨୦୨୬ ଚକ୍ରତୀର୍ଥ ରୋଡସ୍ଥିତ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡାକ୍ତର ସିଦ୍ଧାର୍ଥ ଶେଖର ପାତ୍ରଙ୍କ ଏଥିରେ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ଡ.ସମ୍ବିତ ପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପୁରୀ ଜିଲ୍ଲାର ବିଜେପି ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରାଇ ,ରାଜ୍ୟ ସମ୍ପାଦିକା ମନସ୍ମିତା ଜେନା, ବରିଷ୍ଠ ଫିଜିଓଥେରାପିଷ୍ଟ ଡାକ୍ତର ସତ୍ୟଜିତ ମହାନ୍ତି ପ୍ରମୁଖ ଯୋଗଦେଇ ଫିଜିଓଥେରାପିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ପ୍ରକାଶ ପାଇଥିବା ଅନୁଷ୍ଠାନର ମୁଖପତ୍ର ଉନ୍ମୋଚିତ ହେବା ସହିତ ଫିଜିଓଥେରାପି ଉପରେ ପୋଷ୍ଟର ପ୍ରେଜଣ୍ଟେସେନ କରିଥିବା ତିନିଜଣ ଯୁବ ପ୍ରତିଭା ଜଗତଜୀବନ କର,ଅର୍ଚ୍ଚନା ଦେହୁରୀ ଓ ଅର୍ଚ୍ଚିତା ଦେହୁରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାଦମ୍ବିନୀ ଓଝା ଓ ସ୍ମୃତିଶିକ୍ତା ସିଂ ଶ୍ଳୋକ ଆବୃତି କରିଥିଲେ।




ଅନ୍ୟତମ ନିର୍ଦ୍ଦେଶିକା ଅପର୍ଣ୍ଣା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଷ୍ଟ୍ରୋକ ଓ ହୃଦରୋଗ ନିରାକରଣ, ଚିକିତ୍ସା ଓ ପନର୍ବାସରେ ଶାରୀରିକା ସକ୍ରିୟତା ଓ ଭୌତିକ ଚିକିତ୍ସାର ଭୂମିକା ଶୀର୍ଷକ ବିଷୟ ଉପରେ ଏକ ଡିସ୍କକସନ ହୋଇଥିଲା । ଏଥିରେ ଫିଜିଓଥେରାପିଷ୍ଟ ଡାକ୍ତର ନିର୍ମାଲ୍ୟ ଚନ୍ଦନ, ଡାକ୍ତର ମିହିର କୁମାର ରାୟ, ଡାକ୍ତର ଅଂଶୁମାନ ମହାନ୍ତି, ଡାକ୍ତର ସତ୍ୟଜିତ ମହାନ୍ତି, ଡାକ୍ତର ସିଦ୍ଧାର୍ଥ ଶେଖର ପାତ୍ର, ଆନ୍ତର୍ଜାତୀୟ ପାରା ଆଥେଲେଟ କମଳାକାନ୍ତ ନାୟକ ଓ ପ୍ରଶାନ୍ତ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଅନୁଷ୍ଠାନ ପକ୍ଷରୁ ସମସ୍ତ ଅତିଥି ଓ ଆଲୋଚକଙ୍କୁ ସ୍ମାରକୀ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେଫିଜିଓଥେରାପିଷ୍ଟ,ବିଦ୍ୟାର୍ଥୀ ଓ ବୁଦ୍ଧିଜୀବୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ଅଧିବେଶନକୁ ସଂଗଠକ ଶ୍ୟାମପ୍ରକାଶ ସେନାପତି ଡିସ୍କକସନକୁ ଫିଜିଓଥେରାପିଷ୍ଟ ପ୍ରିୟବ୍ରତ କାଳୀକିଙ୍କର ଓଝା ସଂଚାଳନ କରିଥିଲେ ।

# ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ରଘୁନାଥପୁର (ଅମୃତ ମିଡିଆ) :** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ସହ ଅନିର୍ବାଣ ଆଲୋକ ଓଡ଼ିଆ ଜାତିକୁ ଚିର ଦିନ ଆଲୋକିତ କରୁଥିବ ବୋଲି ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ପରିସର ରେ ବସାଯାଇଥିବା ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀ କୁ ମୁଖ୍ୟ ଅତିଥି ଭାବେ ଜଗସିଂହପୁର ଉପଜିଲ୍ଲାପାଳ ତଥା ମହାବିଦ୍ୟାଳୟ ସଭାପତି ପ୍ରଶାନ୍ତ କୁମାର ତରାଇ ଉନ୍ମୋଚନ କରି କହିଥିଲେ । ଏଥିରେ କଲେଜ ଅଧକ୍ଷ ପ୍ରତାପ କୁମାର ଲେଙ୍କା ପୌରୋହିତ୍ୟ କରିଥିଲେ। ଏହି ଉତ୍ସବ ରେ ମୁଖ୍ୟବକ୍ତାଭାବେ ଆଗାମୀ ଓଡିଶା ପ୍ରତିଷ୍ଠାତା ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ ଯୋଗ ଦେଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ନଥିଲେ ସେ ସମୟରେ ଲକ୍ଷ ଲକ୍ଷ ବିପନ୍ନ ଲୋକ ମାନେ ଅନାହାର ରେ ମୃତ୍ୟୁ ବରଣ କରିଥାନ୍ତେ, ସେ ତ୍ୟାଗ ଓ ସେବା ର ମୂର୍ତିମନ୍ତ ପ୍ରତୀକ ବୋଲି କହିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସୁରେଶ୍ ଚନ୍ଦ୍ର ରାଉତ, ସମାଜସେବୀ ବିଜନ



ମହାପାତ୍ର, ସରୋଜ କୁମାର ରାୟ, ଶରତ ଚନ୍ଦ୍ର ମହାପାତ୍ର,ଅଧାପିକା ଗୀତା ରଥ, ସର୍ବେଶ୍ୱର ପଣ୍ଡା,ପ୍ରାଣ କୃଷ୍ଣ ନାୟକ, ବିଶ୍ୱନାଥ ବାରିକ, ନିରଞ୍ଜନ ବାରିକ, ରମାରଞ୍ଜନ ସ୍ୱାଇଁ, ସଂଜୀବ ଦାସ ଓ ବରିଷ୍ଠ ସାମ୍ବାଦିକ ପ୍ରଦିପ୍ତ କୁମାର ନାୟକ ପ୍ରମୁଖ ଯୋଗ ଦେଇ ପଣ୍ଡିତ ଗୋପବନ୍ଧୁ ଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ସ୍ୱର୍ଣ୍ଣପ୍ରଭା ମଲ୍ଲିକ ବେଦପାଠ କରିଥିବା ବେଳେ କବିତା ବେହେରା ବିବରଣୀ ପାଠ କରିଥିଲେ। କଲେଜ ର ୪୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ରକ୍ତଦାନ ଶିବିରକୁ ଝିଲି ପାତ୍ର, ବାଦଲ ପ୍ରସାଦ ସିଂହ, ରଞ୍ଜନ କୁମାର ମହାନ୍ତି, ହିମାଂଶୁ ଜେନା, ସ୍ମିତା ରାଣୀ ପ୍ରଧାନ, ସମରେନ୍ଦ୍ର ନାୟକ ଆଲୋକ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ମନୋଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କଲେଜ ର ୪୦ ତମ ପ୍ରତିଷ୍ଠା ଦିବସ ଅବସରରେ କଲେଜର ପ୍ରତିଷ୍ଠାତା ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଡିଆର୍ଆଇ ଗୁଜରାଟ ଟିମ୍ର ଚଢଉ;ଚିତାବାଘ ଚମଡ଼ା ଜବତ, ଜଣେ ଗିରଫ

**ଜୟପୁର (ଅମୃତ ମିଡିଆ) :** ଗୁଜୁରାଟର ଡିଆରଆଇ ସ୍ୱତନ୍ତ୍ର ଟିମ ଜୟପୁରରେ ଚଢାଉ କରି ଏକ ଚିତାବାଘ ଚମଡ଼ା ଜବତ କରିଛି । ଚମଡ଼ା ବିକ୍ରୟ ପାଇଁ ଏକ କାରବାରରେ ସମ୍ପୃକ୍ତ ଥିବା ଜଣେ ବ୍ୟକ୍ତିଙ୍କୁ ମଧ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁରର ଜଳସେଚନ କଲୋନୀ ଅଞ୍ଚଳର ବାସିନ୍ଦା ବିଭୂତି ଭୂଷଣ ପାତ୍ର । ଏନେଇ ଆଜି ଜୟପୁର ଡିଏଫଓ ପ୍ରଶାନ୍ତ କୁମାର ପଟେଲ ଆଜି ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। ଡିଆରଆଇ ଟିମ ସୋମବାର ଦିନ ଅପରେସନ୍ କରିଥିଲା ଏବଂ ପରେ ଜବତ ଚିତାବାଘ ଚମଡ଼ା,



ଅଭିଯୁକ୍ତ ଏବଂ ଅପରେସନରେ ବ୍ୟବହୃତ ଗାଡିକୁ ଜୟପୁର ବନ ବିଭାଗକୁ ହସ୍ତାନ୍ତର କରିଛି । ଗତକାଲି, ଡିଆରଆଇ ଗୁଜରାଟ ଟିମ ଦ୍ୱାରା ଚଢ଼ାଉ କରାଯାଇଥିଲା। ଚିତାବାଘ ଚମଡ଼ା ଜବତ କରାଯାଇ ବନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଗୋଟିଏ ଚିତାବାଘ ଚମଡ଼ା କୁ ଜବତ କରାଯାଇ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଚମଡ଼ା କେଉଁଠାରୁ ଆସିଲା କାରବାର ସମ୍ପର୍କ ରେ ତଦନ୍ତ ଚାଲିଥିବା ଡିଏଫଓ ପଟେଲ ସୂଚନା ଦେଇଛନ୍ତି । ଚିତାବାଘ ଚମଡ଼ା ବିକ୍ରୟ କରିବାକୁ ଚେଷ୍ଟା କରୁଥିବା ବେଳେ ଡିଆରଆଇ ଦଳ ତାଙ୍କୁ ଧରିଥିବା ସୂଚନା ମିଳିଛି। ବନ୍ୟପ୍ରାଣୀ ଅପରାଧ ସହିତ ଜଡିତ ଥିବା ଲୋକଙ୍କୁ ଖୋଜିବା ପାଇଁ ବନ ବିଭାଗ ଏକ ତଦନ୍ତ ଆରମ୍ଭ କରିଛି। ଅଧିକାରୀମାନେ ଅପରେସନ ସମୟରେ ଜବତ ହୋଇଥିବା ଗାଡ଼ିକୁ ମଧ ଯାଞ୍ଚ କରୁଛନ୍ତି । ପ୍ରାଥମିକ ସୂଚନାରୁ ଜଣାପଡିଛି ଯେ ଚିତାବାଘକୁ ପ୍ରାୟ ଛଅ ମାସ ପୂର୍ବରୁ ହତ୍ୟା କରାଯାଇଥାଇପାରେ। ଅଧିକାରୀମାନେ ଏବେ ପଶୁଟିକୁ କେବେ ଏବଂ କେଉଁଠାରେ ହତ୍ୟା କରାଯାଇଥିଲା ଏବଂ ଚମଡ଼ା ଜୟପୁରରେ କିପରି ପହଞ୍ଚିଥିଲା ତାହା ତଦନ୍ତ କରୁଥିବା ବନ ବିଭାଗ ତରଫରୁ ସୂଚନା ଦିଆଯାଇଛି। ଜୟପୁର ସହରରୁ କଲରା ପତରିଆ ବାଘ ଛାଲକୁ ଗୁଜରାଟରୁ ଆସୁଥିବା ସ୍ୱତନ୍ତ୍ର ଟିମ୍ ଚଢ଼ାଉ ବେଳେ ଏହାକୁ ପାଇଥିଲା। ତେବେ ଡିଏଫ୍ଓଙ୍କ କାର୍ଯ୍ୟାଳୟ ନିକଟରୁ ଏହା ଜବତ ହୋଇଥିବା ବେଳେ ବନ ବିଭାଗ କେମିତି ଜାଣି ପାରିଲାନି ତାହା ପ୍ରଶ୍ନ ଉଠିଛି।

# ବଜ୍ରାଘାତରେ ଯୁବକ ମୃତ

**ନୀଳଗିରି (ଅମୃତ ମିଡିଆ) :** ସୋମବାର ଅପରାହ୍ନ ପ୍ରାୟ ୨ଟା ସମୟରେ ହଠାତ୍ ବର୍ଷା ଓ ବିଜୁଳି ମାରିବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ନୀଳଗିରି ବ୍ଲକ୍ ନରଶପୁର ପଞ୍ଚାୟତ ତାଳିମ୍ବପାଳ ଗ୍ରାମର ରବିନ୍ଦ୍ର ମହାକୁଡଙ୍କ ପୁଅ ଚିତ୍ତରଞ୍ଜନ ମହାକୁଡ ଓରଫ ବାବୁଲି (୪୨) ନିକଟସ୍ଥ ବିଲକୁ ଘାସ କାଟିବା ପାଇଁ ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟା ସମୟରେ ବିଲରେ ଘାସ କାଟୁଥିବା ସମୟରେ ବଜ୍ରପାତ ଫଳରେ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ତେବେ ପରିବାରଲୋକ ବାବୁଲି ଫେରିବାରେ ବିଳମ୍ବହେବାରୁ ସନ୍ଧ୍ୟାରେ ବିଲକୁ ଖୋଜିବାପାଇଁ ଯାଇ ବାବୁଲିର ମୃତଦେହ ବିଲରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ବଜ୍ରପାତ ଯୋଗୁଁ ଯୁବକ ଚିତ୍ତରଞ୍ଜନଙ୍କ ଆଖି ସମ୍ପୂର୍ଣ୍ଣ ପୋଡିଯାଇଥିବା ଦେଖିଥିଲେ। ତୁରନ୍ତ ବରହମପୁର ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ମୃତଘୋଷଣା କରିଥିଲେ।

## ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ




ଲାଞ୍ଜିଗଡ (ଅମୃତ ମିଡିଆ) : ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଓ ଚଳିତ ବର୍ଷର ବିଷୟବସ୍ତୁ ଲୋକ, ସମୃଦ୍ଧି ଓ ପୃଥିବୀ ପାଇଁ ସାକ୍ଷରତା' ଅନୁସାରେ ଭାରତ ଓ ଆଫ୍ରିକାର ଅଗ୍ରଣୀ ଲୁହା ଓ ଇସ୍ପାତ ଉତ୍ପାଦନକାରୀ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସଏଲ), ଗ୍ରାମୀଣ, ଦୁର୍ଗମ ଓ ଖଣି ଅଂଚଳରେ ଶିକ୍ଷା, ଡିଜିଟାଲ୍ ଶିକ୍ଷା, ବୃତ୍ତି ଓ ଦକ୍ଷତା ବିକାଶ ସୁଯୋଗର ସମ୍ପ୍ରସାରଣ ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ୨୦୨୧ରୁ ପ୍ରୋଜେକ୍ଟ ବୃଦ୍ଧି ଓ ଶିକ୍ଷା ମାଧ୍ୟମରେ ଭିଆଇଏସଏଲର ଶିକ୍ଷାଗତ ପଦକ୍ଷେପ ଗୁଡ଼ିକ ଗୋଆ, ମହାରାଷ୍ଟ୍ର, କର୍ଣ୍ଣାଟକ, ଝାଡ଼ଖଣ୍ଡ ଓ ଓଡ଼ିଶାର ୨୬,୦୦୦ରୁ ଅଧିକ ଶିଶୁଙ୍କୁ ଉପକୃତ କରିଛି। ଏହି ଅବସରରେ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡର ସିଇଓ ତଥା ପୂର୍ଣ୍ଣକାଳୀନ ପଙ୍କଜ କୁମାର ଶର୍ମା କହିଛନ୍ତି ଯେ, ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ରେ ଆମେ ଏକ ବଳିଷ୍ଠ ଓ ପ୍ରଗତିଶୀଳ ରାଷ୍ଟ୍ରର ଭିତ୍ତିଭୂମି ଗଠନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରୁଛୁ। ବିଭିନ୍ନ ରାଜ୍ୟରେ ଆମର ପଦକ୍ଷେପ ମାଧ୍ୟମରେ ଆମେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଶିକ୍ଷାଗତ ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟରେ ଯଥା ପ୍ରାରମ୍ଭିକ ଶିଶୁ ଶିକ୍ଷାରୁ ଆରମ୍ଭ କରି ଉଚ୍ଚଶିକ୍ଷା ଓ ବୃତ୍ତିଗତ ଆକାଂକ୍ଷା ପର୍ଯ୍ୟନ୍ତ ସହାୟତା କରିବାକୁ ପ୍ରତିବଦ୍ଧ। ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ଆମେ ଆମର ଏହି ବିଶ୍ୱାସକୁ ଦୋହରାଉଛୁ ଯେ ଗୁଣାତ୍ମକ ଶିକ୍ଷାର ସମାନ ସୁଯୋଗ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା, ସମୁଦାୟକୁ ସୁଦୃଢ଼ କରିବା ଓ ଦୀର୍ଘକାଳୀନ ସାମାଜିକ ଓ ଆର୍ଥିକ ପ୍ରଗତି ପାଇଁ ସ୍ଥାୟୀ ପଥ ସୃଷ୍ଟି କରିବାର ଚାବିକାଠି ଅଟେ। ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ର ସାକ୍ଷରତା ଯାତ୍ରା ଅନିଲ ଅଗ୍ରୱାଲ ଫାଉଣ୍ଡେସନ୍ ଆନୁକୂଲ୍ୟରେ ସ୍ଥାପିତ ନନ୍ଦ ଘର ଅଭିଯାନ ମାଧ୍ୟମରେ ପ୍ରାରମ୍ଭିକ ଶିଶୁ ଶିକ୍ଷାରୁ ଆରମ୍ଭ ହୋଇଥିଲା। କମ୍ପାନି ବର୍ତ୍ତମାନ ନିଜ କାର୍ଯ୍ୟକ୍ଷେତ୍ରରେ ୧୫୦ ରୁ ଅଧିକ ଅଙ୍ଗନୱାଡ଼ିକୁ ସହାୟତା ଯୋଗାଉଛି। ଶିକ୍ଷାଗତ ଫଳାଫଳକୁ ସୁଦୃଢ଼ କରିବା ପାଇଁ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ ଶିକ୍ଷାଗତ ସହାୟତା, ସ୍କୁଲ୍ ଭିତ୍ତିଭୂମି, ପରିବହନ ଓ ଡିଜିଟାଲ୍ ସମ୍ବଳର ସୁବିଧାକୁ ସୁଧାରୁଛି। ଓଡ଼ିଶାରେ, ୨୦୨୪ ମସିହାରୁ କମ୍ପାନି ଦ୍ୱାରା ଆରମ୍ଭ କରାଯାଇଥିବା ସ୍କୁଲ ବସ୍ ପଦକ୍ଷେପ ଦ୍ୱାରା ବାର୍ଷିକ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି। ବେଦାନ୍ତ ଉତ୍କର୍ଷ ସ୍କୋଲାରସିପର ହିତାଧିକାରୀ ଶ୍ରେୟା ସନ୍ତୋଷ କୁଡ଼ନେକର କହିଛନ୍ତି ଯେ, ମୁଁ ବର୍ତ୍ତମାନ ବ୍ୟାଚଲର ଅଫ୍ ଫିଜିଓଥେରାପି ପଢୁଛି ଓ ବେଦାନ୍ତ ଉତ୍କର୍ଷ ସ୍କଲାରସିପ୍ ମୋର ଶିକ୍ଷାଗତ ଯାତ୍ରାରେ ସହାୟତାର ଏକ ମୂଲ୍ୟବାନ ଉତ୍ସ ହୋଇଛି। ଏହା ଆର୍ଥିକ ଆହ୍ୱାନକୁ କମ୍ କରିବାରେ ସାହାଯ୍ୟ କରିଛି ଓ ମୋତେ ମୋର ପାଠପଢ଼ା ଓ ଭବିଷ୍ୟତର ଆକାଂକ୍ଷା ଉପରେ ଅଧିକ ଆତ୍ମବିଶ୍ୱାସର ସହ ଧ୍ୟାନ ଦେବାକୁ ସୁଯୋଗ ଦେଇଛି। ମୋ ପରି ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସ୍ୱପ୍ନରେ ନିବେଶ କରିଥିବାରୁ ମୁଁ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ ନିକଟରେ ଆନ୍ତରିକ ଧନ୍ୟବାଦ ଜଣାଉଛି। ଏହି କାର୍ଯ୍ୟକ୍ରମର ପ୍ରଭାବ ସମ୍ପର୍କରେ ଇଏସଏଲ ସ୍କିଲ୍ ସ୍କୁଲର ଫିଲ୍ଡ ଟେକ୍ନିସିଆନ୍ ଆଣ୍ଡ୍ ଅଦର ହୋମ୍ ଆପ୍ଲାଏନସେସ୍ ପାଠ୍ୟକ୍ରମର ଛାତ୍ର ସୋହେଲ ଅନସାରୀ କହିଛନ୍ତି ଯେ, 'ଇଏସଏଲ ସ୍କିଲ୍ ସ୍କୁଲ୍ ମାଧ୍ୟମରେ ମୁଁ ପାଇଥିବା ତାଲିମ ମୋତେ ମୋର ବୃତ୍ତିଗତ ଯାତ୍ରା ଆରମ୍ଭ କରିବା ପାଇଁ ଦକ୍ଷତା ଓ ଆତ୍ମବିଶ୍ୱାସ ଦେଇଛି। ଆଜି ମୁଁ ଜାମସେଦପୁରର ଟାଟା ମୋଟର୍ସ ଲିମିଟେଡ୍ରେ ନିଯୁକ୍ତ ହେବା ସହ ମେକାଟ୍ରୋନିକ୍ସ ଇଞ୍ଜିନିୟରିଂରେ ଡିପ୍ଲୋମା ମଧ୍ୟ କରୁଛି। ଏହି ସୁଯୋଗ ମୋତେ ଏକ ସୁରକ୍ଷିତ ଭବିଷ୍ୟତ ଗଢ଼ିବାରେ ସାହାଯ୍ୟ କରିଛି ଏବଂ ମୋର ବିକାଶକୁ ସହାୟତା କରିଥିବାରୁ ମୁଁ ଇଏସଏଲ ଷ୍ଟିଲ୍ ଲିମିଟେଡ୍ ନିକଟରେ କୃତଜ୍ଞ।

## ରାଜ୍ୟସ୍ତରରେ ଚମକିଲା ଜୟପାଟଣା ରେଙ୍ଗାଲପାଲି ବିଦ୍ୟାଳୟ



**କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) :** ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତାର ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିଛି ଜୟପାଟଣା ବ୍ଲକର ରେଙ୍ଗାଲପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଉତ୍କୃଷ୍ଟ ଶିକ୍ଷାଦାନ, ଶୈକ୍ଷିକ ପରିବେଶ, ବିଦ୍ୟାଳୟର ସାମଗ୍ରିକ ବିକାଶ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଏହି ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଛି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ରାଙ୍କ ୨୮୨୮, ତା. ୧.୯.୨୦୨୬ ଅନୁସାରେ କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗ ରାଜ୍ୟରେ ତୃତୀୟ ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହି ସଫଳତାରେ ରେଙ୍ଗାଲପାଲି ବିଦ୍ୟାଳୟର ଅବଦାନ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ବର୍ଷ ୨୦୨୪ ପାଇଁ ଶ୍ରେଷ୍ଠ ଆଲୁମିନି ଏବଂ ଶିକ୍ଷା ବର୍ଷ ୨୦୨୫ ପାଇଁ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଓ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ରେଙ୍ଗାଲପାଲି ୟୁପି ସ୍କୁଲ ମନୋନୀତ ହୋଇଛି। ଗୁରୁଦିବସ ଅବସରରେ ଏହି ସମ୍ମାନ ମିଳିବାକୁ ଥିବାରୁ ବିଦ୍ୟାଳୟ ପରିବାର ସମେତ ସମଗ୍ର ଅଞ୍ଚଳରେ ଆନନ୍ଦର ମାହୋଲ ସୃଷ୍ଟି ହୋଇଛି। ବିଦ୍ୟାଳୟର ଏହି ସଫଳତା ପଛରେ ପ୍ରଧାନ ଶିକ୍ଷକ ଲଳିତ କୁମାର ନାଏକଙ୍କ ନେତୃତ୍ୱ ଓ ନିଷ୍ଠାର ବଡ଼ ଭୂମିକା ରହିଛି। ବିଦ୍ୟାଳୟର ଆନୁଷଙ୍ଗିକ ବିକାଶ, ଶୈକ୍ଷିକ ଉନ୍ନତି, ଗୁଣାତ୍ମକ ଶିକ୍ଷାଦାନ ଏବଂ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଦିଗରେ ତାଙ୍କର ଉଦ୍ୟମ ବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ପୂର୍ବରୁ ମଧ୍ୟ ରେଙ୍ଗାଲପାଲି ବିଦ୍ୟାଳୟ ବ୍ଲକ ଓ ଜିଲ୍ଲାସ୍ତରରେ ବିଭିନ୍ନ ପୁରସ୍କାର ହାସଲ କରି ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ଭାବେ ପରିଚୟ ସୃଷ୍ଟି କରିଛି। ବିଦ୍ୟାଳୟର ବିକାଶରେ ଗ୍ରାମର ଯୁବକମାନଙ୍କ ସହଯୋଗ, ବିଦ୍ୟାଳୟ ପରିଚାଳନା କମିଟିର ସକ୍ରିୟ ଭୂମିକା, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିଷ୍ଠା ଓ ଅଭିଭାବକଙ୍କ ସହଯୋଗ ଉଲ୍ଲେଖନୀୟ। ରାଜ୍ୟସ୍ତରୀୟ ଶ୍ରେଷ୍ଠ ପୁରସ୍କାର ପାଇଁ ବିଦ୍ୟାଳୟ ମନୋନୀତ ହୋଇଥିବା ଖବର ପ୍ରଚାରିତ ହେବା ପରେ ରେଙ୍ଗାଲପାଲି ସମେତ ଜୟପାଟଣା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏହି ସଫଳତାର ଶ୍ରେୟ ପ୍ରଧାନ ଶିକ୍ଷକ ଗ୍ରାମବାସୀ, ଯୁବବନ୍ଧୁ, ସ୍ୱେଚ୍ଛାସେବୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ, ପରିଚାଳନା କମିଟି ଓ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିଛନ୍ତି। ରେଙ୍ଗାଲପାଲି ୟୁପି ସ୍କୁଲର ଏହି ସଫଳତା ଜୟପାଟଣା ବ୍ଲକ ପାଇଁ ଗୌରବ ଆଣିବା ସହ କଳାହାଣ୍ଡି ଜିଲ୍ଲାର ଶିକ୍ଷା କ୍ଷେତ୍ରକୁ ମଧ୍ୟ ଗୌରବାନ୍ୱିତ କରିଛି।

## କଣ୍ଟେନରରୁ ମିଳିଲା ୧୨ କ୍ୱିଣ୍ଟାଲ ଗଞ୍ଜେଇ



**ସମ୍ବଲପୁର (ଅମୃତ ମିଡିଆ) :** ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗକୁ ମିଳିଛି ବଡ଼ ସଫଳତା। ଶାସନ ଅଞ୍ଚଳର ଟୋଲଗେଟ୍ ନିକଟରୁ ଏକ କଣ୍ଟେନରରୁ ପ୍ରାୟ ୧୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, କଣ୍ଟେନରରେ ସ୍ୱତନ୍ତ୍ର ସିକ୍ରେଟ୍ ଚାମ୍ବର ତିଆରି କରି ଗଞ୍ଜେଇ ଚାଲାଣ କରାଯାଉଥିଲା। ଅବକାରୀ ଗୁଇନ୍ଦା ବିଭାଗ ସନ୍ଦେହରେ କଣ୍ଟେନରକୁ ଯାଞ୍ଚ କରିବା ପରେ ଏହି ଗୁପ୍ତ ଚାମ୍ବରରୁ ବିପୁଳ ପରିମାଣର ଗଞ୍ଜେଇ ଠାବ କରିଥିଲା। କଣ୍ଟେନର ଖୋଲିବା ପରେ ସେଥିରୁ ୪୮ଟି ବସ୍ତା ଗଞ୍ଜେଇ ବାହାରିଥିଲା। ଏହାର ଓଜନ ପ୍ରାୟ ୧୨ କ୍ୱିଣ୍ଟାଲ ଥିବା ଜଣାପଡ଼ିଛି। ଗଞ୍ଜେଇଗୁଡ଼ିକୁ ଲୁଚାଇ ଅନ୍ୟ ରାଜ୍ୟକୁ ନେବା ପାଇଁ ଏହି କଣ୍ଟେନର ବ୍ୟବହାର କରାଯାଉଥିବା ତଦନ୍ତରୁ ଜଣାପଡ଼ିଛି। ପ୍ରାଥମିକ ପଚରାଉଚରା ବେଳେ ଅଭିଯୁକ୍ତମାନେ ଗଞ୍ଜେଇ ବରଗଡ଼ରୁ ମଧ୍ୟପ୍ରଦେଶକୁ ଚାଲାଣ ହେଉଥିବା କହିଥିବା ସୂଚନା ମିଳିଛି। ଏହି ଘଟଣାରେ ଅବକାରୀ ବିଭାଗ ୨ ଜଣଙ୍କୁ ଗିରଫ କରିଛି। ଘଟଣା ପଛରେ ଥିବା ଚାଲାଣ ରାକେଟ୍? ସମ୍ପର୍କରେ ଅଧିକ ତଥ୍ୟ ପାଇଁ ତଦନ୍ତ ଜାରି ରହିଛି। ଏତେ ବଡ଼ ପରିମାଣର ଗଞ୍ଜେଇ କେଉଁଠାରୁ ଆସିଥିଲା ଏବଂ ଏହାର ଚାଲାଣରେ ଆଉ କେଉଁମାନେ ସମ୍ପୃକ୍ତ, ସେନେଇ ଅଧିକ ଖୋଳତାଡ଼ କରୁଛି ବିଭାଗ।

## ଜମାକାରୀଙ୍କ ୧୪ଲକ୍ଷ ଟଙ୍କା ହଡ଼ପ ମାମଲା
## ୧୧ବର୍ଷ ପରେ ପୋଷ୍ଟମାଷ୍ଟର ଗିରଫ

**ବରଗଡ (ଅମୃତ ମିଡିଆ) :** ଡାକ ଜମାକାରୀଙ୍କ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରି ସିବିଆଇ ସହ ୧୧ ବର୍ଷ ଧରି ଲୁଚକାଳି ଖେଳ ଖେଳୁଥିଲେ। ଏବେ ଏହି ଖେଳର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଫେରାର ଥିବା ତତ୍କାଳୀନ ଶାଖା ପୋଷ୍ଟମାଷ୍ଟର ଶଦା ସ୍ୱାଇଁଙ୍କୁ ଭୁବନେଶ୍ୱର ସିବିଆଇ ଟିମ୍ ବରଗଡ଼ ଜିଲ୍ଲାରୁ ଗିରଫ କରିଛି। ପରିବାରର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ସେ ବରଗଡ଼ ଆସିଥିବା ବେଳେ ତାଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଶଦା ସ୍ୱାଇଁ ୨୦୦୮ରୁ ୨୦୧୪ ମଧ୍ୟରେ ବୋଣ୍ଡା ଶାଖା ଡାକଘରରେ ଶାଖା ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟରତ ଥିଲେ। ଏହି ସମୟରେ ଜମାକାରୀଙ୍କଠାରୁ ସଂଗ୍ରହ କରାଯାଇଥିବା ୧୩ ଲକ୍ଷ ୯୮ ହଜାର ୨୩୨ ଟଙ୍କା ସରକାରୀ ହିସାବରେ ଜମା ନକରି ହଡ଼ପ କରିଥିଲେ। ଜମାକାରୀଙ୍କ ପାସ୍ବୁକ୍ରେ ଜାଲିଆତି କରି ଟଙ୍କା ଜମା ହୋଇଥିବା ଦର୍ଶାଇ ଜାଲ ନଥିପତ୍ର ମଧ୍ୟ ପ୍ରସ୍ତୁତ କରିଥିଲେ। ସିବିଆଇର ଆଣ୍ଟି କରପସନ୍ ଖାଖା ଭୁବନେଶ୍ୱର ପକ୍ଷରୁ ମାମଲା ରୁଜୁ କରାଯାଇ ତନାଘନା ଆରମ୍ଭ ହୋଇଥିଲା। ୨୦୧୫ ମସିହା ଡିସେମ୍ବର ୩୧ରେ ତାଙ୍କ ବିରୋଧରେ ଚାର୍ଜ ଫ୍ରେମ୍ ହୋଇଥିଲା। ସେବେଠାରୁ ସିବିଆଇ ଗିରଫଦାରି ଭୟରେ ସେ ଫେରାର ହୋଇଯାଇଥିଲେ। ତାଙ୍କ ବିରୋଧରେ ୨୦୨୨ରେ ଅଦାଲତ ପକ୍ଷରୁ ଜାମିନବିହୀନ ଗିରଫ ପରୱାନା ମଧ୍ୟ ଜାରି ହୋଇଥିଲା। ଦୀର୍ଘଦିନ ଧରି ଅଭିଯୁକ୍ତଙ୍କୁ ଧରିବା ପାଇଁ ସିବିଆଇ ଲଗାତାର ଉଦ୍ୟମ ଜାରି ରଖିଥିଲା। ତେବେ ସେ ବରଗଡ଼ ଅଞ୍ଚଳରେ ନିଜ ସମ୍ପର୍କୀୟଙ୍କ ଏକ ଉତ୍ସବରେ ଯୋଗଦେବା କଥା ସିବିଆଇ ଜାଣିବାକୁ ପାଇଥିଲା। ଏହାପରେ ସିବିଆଇର ଏକ ସ୍ୱତନ୍ତ୍ର ଟିମ୍ ତୁରନ୍ତ ବରଗଡ଼ ଯାଇ ସେଠାରେ ଅତର୍କିତ ଚଢ଼ଉ କରି ଶଦାଙ୍କୁ ଗିରଫ କରିଥିଲା। ଗିରଫ ପରେ ଶଦାଙ୍କୁ ଭୁବନେଶ୍ୱରର କାର୍ଯ୍ୟାଳୟକୁ ଆଣି ମାରାଥନ ଜେରା କରାଯାଇଛି। ପରେ ତାଙ୍କୁ ଭୁବନେଶ୍ୱର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ତେବେ ମାମଲାର ଅଧିକ ଖୋଳତାଡ଼ ପାଇଁ ସିବିଆଇ ତାଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରୁଥିବା ଜଣାପଡ଼ିଛି।

## ଗୁରୁ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ




**ପଦ୍ମପୁର (ଅମୃତ ମିଡ଼ିଆ) :** ଗୁରୁଦିବସ ଅବସରରେ ଅବସରପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ ଗୁରୁ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ସମ୍ମାନ ସମାରୋହରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟିକା ଶ୍ରୀମତୀ ବରିହା ଜୀବନକୁ ଜ୍ଞାନ, ମୂଲ୍ୟବୋଧ ଓ ସଠିକ୍ ଦିଗଦର୍ଶନ ଦେଉଥିବା ସମସ୍ତ ଗୁରୁଙ୍କ ପ୍ରତି କୃତଜ୍ଞତା ଜଣାଇବା ସହ ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ଶିକ୍ଷକମାନଙ୍କୁ ସମ୍ମାନିତ କରିଥିଲେ। ସେ କହିଥିଲେ ଯେ, ଜଣେ ଶିକ୍ଷକ କେବଳ ଶିକ୍ଷା ପ୍ରଦାନ କରନ୍ତି ନାହିଁ, ବରଂ ଛାତ୍ରଛାତ୍ରୀଙ୍କ ଜୀବନକୁ ଉଚିତ ଦିଗ ଦେଖାଇବା ସହ ଉତ୍ତମ ମଣିଷ ଭାବେ ଗଢ଼ି ତୋଳନ୍ତି। ଗୁରୁଙ୍କ ଅବଦାନ ସମାଜ ଗଠନରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସଂଘର କର୍ମକର୍ତ୍ତା, ସଦସ୍ୟ ଓ ବହୁ ଶିକ୍ଷକ ଉପସ୍ଥିତ ଥିଲେ

## ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲସଂଘ ପକ୍ଷରୁ ହାଇକୋର୍ଟ ଜ୍ୟୋତିଯାତ୍ରା



**ବଲାଙ୍ଗୀର (ଅମୃତ ମିଡିଆ) :** ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ରବିବାର ହାଇକୋର୍ଟ ଜ୍ୟୋତିଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଲାଙ୍ଗୀରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯିବାକୁ ଦାବି କରିଆସୁଛନ୍ତି। ଏହି ଉପଲକ୍ଷେ ପ୍ରତିବର୍ଷ ସେପ୍ଟେମ୍ବର ୬ ତାରିଖରେ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ହାଇକୋର୍ଟ ଜ୍ୟୋତିଯାତ୍ରା ସହର ପରିକ୍ରମା କରିଆସୁଛି। ରବିବାର ପାଟଣେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଜ୍ୟୋତି ମଶାଲକୁ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ଜ୍ୟୋତି ମଶାଲ ଧରି ପରିକ୍ରମା ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲା ଓକିଲ ସଂଘ ସଭାପତି ବାସୁଦେବ ରଥ, ସମ୍ପାଦକ ଅସିତ ଷଡ଼ଙ୍ଗୀ, ବରିଷ୍ଠ ଓକିଲ ଭବାନୀ ଶଙ୍କର ଶତପଥୀ, ଡ. ଶ୍ରୀକର ମିଶ୍ର, ସରୋଜ ଗୁପ୍ତା, ରବିନାରାୟଣ ବହିଦାର, ପ୍ରମୋଦ ତ୍ରିପାଠୀ, ଜୟରାମ ମିଶ୍ର, ରତନ ମହାରଣା, ଦୀପ୍ତି ଶର୍ମା, ଦେବେନ୍ଦ୍ର ପାଣିଗ୍ରାହୀ, ସୁଧାଂଶୁ ଶେଖର ଦେଓ, ସଞ୍ଜୟ ପଟେଲ, ଦେବାଶିଷ ବିଶ୍ୱାଳ, ସନ୍ତୋଷ ପାଢ଼ୀ, ବୁଲୁ ଦାନୀ, ଉମାକାନ୍ତ ସାହୁ, ଅର୍ଜୁନ ମୁଗ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବଲାଙ୍ଗୀର କଚେରି ଛକଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ ଓକିଲମାନଙ୍କୁ ଉତ୍ସାହିତ କରିଥିଲେ। ଶୋଭାଯାତ୍ରାଟି ସହର ପରିକ୍ରମା କରି ସିଭିଲ କୋର୍ଟରେ ପହଞ୍ଚିଥିଲା।

## ବିଦ୍ୟୁତ୍ ଚୋରି ମାମଲାର ସମାଧାନ ପାଇଁ ତୃତୀୟ ଜାତୀୟ ଲୋକ ଅଦାଲତରେ ସାମିଲ ହେଲା ଟିପିଡବ୍ଲୁଓଡିଏଲ୍

**ବୁର୍ଲା (ଅମୃତ ମିଡିଆ) :** ଜାତୀୟ ଆଇନ ସେବା ପ୍ରାଧିକରଣ (ଘଇଖଝଇ) ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସମଗ୍ର ଭାରତରେ ଆୟୋଜିତ ହେଉଥିବା ତୃତୀୟ ଜାତୀୟ ଲୋକ ଅଦାଲତରେ ସାମିଲ ହେବ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ । ଏହି ଲୋକ ଅଦାଲତ ୧୨ ସେପ୍ଟେମ୍ବର ୨୦୨୬, ସକାଳ ୧୦:୦୦ଟାରୁ ସନ୍ଧ୍ୟା ୫:୦୦ଟା ପର୍ଯ୍ୟନ୍ତ ଆୟୋଜିତ ହେବ। ଏଣୁ କମ୍ପାନୀ ପକ୍ଷରୁ ଜନସାଧାରଣ ତଥା ଏହାର ସମସ୍ତ ବିଦ୍ୟୁତ୍ ଗ୍ରାହକମାନଙ୍କୁ ସୂଚିତ କରାଯାଉଅଛି ଯେ, ଆସନ୍ତା ଲୋକ ଅଦାଲତରେ ସାମିଲ ହୋଇ ବିଚାରାଧୀନ ରହିଥିବା ସେମାନଙ୍କର ସମସ୍ତ ପ୍ରକାର ଅନାଧିକୃତ ବିଦ୍ୟୁତ୍ ବ୍ୟବହାର ତଥା ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ କରାଇ ସର୍ବାଧିକ ଲାଭ ଉଠାଇପାରିବେ। ଏହି ପଦକ୍ଷେପ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଶୀଘ୍ର, ସ୍ୱଚ୍ଛ ଏବଂ ଗ୍ରାହକ-ଅନୁକୂଳ ଉପାୟରେ ବିଚାରାଧୀନ ଥିବା ସମସ୍ତ ପ୍ରକାର ଅନାଧିକୃତ ବିଦ୍ୟୁତ୍ ବ୍ୟବହାର ତଥା ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରୁଅଛି। ସୁଗମ ସୁବିଧା ସୁନିଶ୍ଚିତ କରିବା ନିମନ୍ତେ କମ୍ପାନୀ ପକ୍ଷରୁ ଏହାର ସମସ୍ତ ସବ-ଡିଭିଜନାଲ୍ ଏବଂ ସେକ୍ସନ ଅଫିସମାନଙ୍କରେ ବ୍ୟାପକ ବ୍ୟବସ୍ଥା କରାଯାଇଅଛି। ଯେଉଁଠାରେ ଲୋକ ଅଦାଲତ ସମୟରେ ଡକ୍ୟୁମେଣ୍ଟସନ୍, ଭେରିଫିକେସନ୍ ଏବଂ ପେମେଣ୍ଟ ସମ୍ବନ୍ଧୀୟ ସମସ୍ତ ସହଯୋଗ କରାଯିବ। ସୂଚନାଥାଉ କି, ବିଚାରାଧୀନ ଥିବା ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ ନିମନ୍ତେ ପଞ୍ଜୀକରଣ ଏବଂ ଆବଶ୍ୟକୀୟ ପ୍ରାରମ୍ଭିକ ଔପଚାରିକତା ସମାପ୍ତ କରିବା ପାଇଁ ଗ୍ରାହକମାନେ ଯଥାଶୀଘ୍ର ସେମାନଙ୍କର ନିକଟତମ ସବ-ଡିଭିଜନାଲ୍ କିମ୍ବା ସେକ୍ସନ ଅଫିସ ଭ୍ରମଣ କରିବା ପାଇଁ କମ୍ପାନୀ ପକ୍ଷରୁ ପରାମର୍ଶ ଦିଆଯାଉଅଛି। ଯାହାଫଳରେ ଗ୍ରାହକମାନେ ଏହି ଦିନିକିଆ ଲୋକ ଅଦାଲତର ସର୍ବାଧିକ ଲାଭ ଉଠାଇପାରିବେ। ଅଧିକ ବିବରଣୀ ପାଇଁ, ଗ୍ରାହକମାନେ ସେମାନଙ୍କର ନିକଟତମ ଏସଡିଓ କିମ୍ବା ସେକ୍ସନ ଅଫିସ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଉଅଛି। ଟିପିଡବ୍ଲୁଓଡିଏଲ୍ ସମ୍ବନ୍ଧରେ: ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ହେଉଛି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଯୌଥ ଉଦ୍ୟୋଗ, ଯେଉଁଥିରେ ଉଭୟଙ୍କ ଅଂଶଧନ ଯଥାକ୍ରମେ ୫୧:୪୯ ଅଟେ। ଟିପିଡବ୍ଲୁଓଡିଏଲ୍ ସମଗ୍ର ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ ବିତରଣ ଏବଂ ଖୁଚୁରା ଯୋଗାଣ ଦାୟିତ୍ୱରେ ୯ଟି ଜିଲ୍ଲା ଏବଂ ପ୍ରାୟ ୪୮,୦୦୦ ବର୍ଗ କିଲୋମିଟର ବିତରଣ କ୍ଷେତ୍ରରେ ୨୧ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଅଛି। କମ୍ପାନୀ ନିର୍ଭରଯୋଗ୍ୟ, ସୁରକ୍ଷିତ ଏବଂ ଗ୍ରାହକ-କେନ୍ଦ୍ରିକ ବିଦ୍ୟୁତ ସେବା ପ୍ରଦାନ ସହିତ ବିଦ୍ୟୁତ ଭିତ୍ତିଭୂମିର ଆଧୁନିକୀକରଣ, କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା, ଡିଜିଟାଲ ରୂପାନ୍ତରଣ, ସ୍ଥାୟୀ ବିକାଶ ଏବଂ ସମ୍ପ୍ରଦାୟ ବିକାଶ ପଦକ୍ଷେପକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ ଅଟେ । ଭିତ୍ତିଭୂମି, ପ୍ରଯୁକ୍ତିବିଦ୍ୟା ଏବଂ ଗ୍ରାହକ ସେବାରେ ନିରନ୍ତର ନିବେଶ ମାଧ୍ୟମରେ, ଟିପିଡବ୍ଲୁଓଡିଏଲ୍ ପଶ୍ଚିମ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବା ସହିତ ଏହି ଅଞ୍ଚଳର ଶକ୍ତି ରୂପାନ୍ତରଣ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାକୁ ଲକ୍ଷ୍ୟ ରଖିଛି।

### ସ୍ୱାସ୍ଥ୍ୟସେବାର ଉଦ୍‌ବେଗଜନକ ଚିତ୍ର
## ମାସକରେ ଆଖିବୁଜିଲେ ୬ ଗର୍ଭବତୀ

**ବଲାଙ୍ଗୀର (ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଯଥେଷ୍ଟ ଉନ୍ନତି ଘଟିଛି ବୋଲି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯାଉଛି। ଅଣି ଦଶକ ଓ ଚଳିତ ଦଶନ୍ଧିର ବଲାଙ୍ଗୀର ମଧ୍ୟରେ ଆକାଶ-ପାତାଳ ତଫାତ୍ ଥିବା ସ୍ୱାସ୍ଥ୍ୟ ବିଭାଗ କହୁଛି। ଏହି ଅବଧି ଭିତରେ ଚକଚକିଆ ଏବଂ ବହୁତଳ ଡାକ୍ତରଖାନା ମୁଣ୍ଡ ଟେକିଛି। ବଲାଙ୍ଗୀରରେ ଭୀମ ଭୋଇ ମେଡିକାଲ୍ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ହୋଇସାରିଛି। କିନ୍ତୁ ଜିଲ୍ଲାର ପୁରୁଣା ସମସ୍ୟାରେ ଅଙ୍କୁଶ ଲାଗିନାହିଁ। କିଛି ବର୍ଷର ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ପ୍ରସୂତି ମୃତ୍ୟୁହାର ଉଦ୍‌ବେଗଜନକ ରହିଛି। ଯାହା ରାଜ୍ୟ ହାରଠୁ ବି ଟପିଯିବ। ତଥ୍ୟ ଅନୁସାରେ, ଜିଲ୍ଲାରେ ଗତ ୩୦ ଦିନରେ ୬ଜଣ ପ୍ରସୂତି ଆଖି ବୁଜିଲେଣି। ତାହା ପୁଣି ଡାକ୍ତରଖାନାରେ। ଅଗଷ୍ଟ ୧ ତାରିଖରେ ପାଡ଼େଲ ଗାଁ ନିକଟସ୍ଥ ଡୁମେରପଦରର ଯଶୋବନ୍ତୀ ସୁନାଙ୍କୁ ପ୍ରସବ ଜଟିଳତା ପାଇଁ ବଲାଙ୍ଗୀରରୁ ବୁର୍ଲା ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଗଷ୍ଟ ୩ ତାରିଖ ଦେଓଗାଁ ବ୍ଲକ୍ ହାତୀସରା ଗାଁର ବର୍ଷାରାଣୀ ବୁଡ଼ାଙ୍କୁ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଗଷ୍ଟ ୬ରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରସବ ବେଳେ ପ୍ରଚୁର ରକ୍ତସ୍ରାବ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ରିପୋର୍ଟ କହୁଛି। ବଲାଙ୍ଗୀର ସହରଠାରୁ ଅନତି ଦୂରରେ ଥିବା ଛତାମଖନା ଗାଁର ମମତା ସିକାଙ୍କୁ ପ୍ରସବ ପାଇଁ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅଗଷ୍ଟ ୧୨ ତାରିଖରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି, ଲୁହାସିଂହା ଗାଁର ଅଞ୍ଜଳି ପୁଟେଲ ଅଗଷ୍ଟ ୧୭ରେ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଆଖି ବୁଜିଛନ୍ତି। ପ୍ରସବ ସମୟରେ ପ୍ରଚୁର ରକ୍ତସ୍ରାବ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଅଗଷ୍ଟ ୨୦ ତାରିଖରେ କୁରୁଆମୁଣ୍ଡାର କସ୍ତୁରୀ ଭୋଇଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ପ୍ରସବ ପରେ ବଲାଙ୍ଗୀର ଅଣାଯାଉଥିଲା। ତେବେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡୁମେରଚୁଆଁ ଗାଁର ଦେବକୀ ନିଆଲଙ୍କ ପ୍ରସବ ସମୟରେ ମୃତ୍ୟୁ ଘଟିଛି। ସେ ରକ୍ତଶିକୁଳି ରୋଗରେ ଆକ୍ରାନ୍ତ ଥିବା କୁହାଯାଉଛି। ଏସବୁ ମୃତ୍ୟୁ ଘଟଣାର ପ୍ରମୁଖ କାରଣ ରକ୍ତସ୍ରାବ ବୋଲି ରିପୋର୍ଟରେ ଦର୍ଶାଯାଇଛି। କିନ୍ତୁ, କେତେକ କ୍ଷେତ୍ରରେ ରୋଗୀଙ୍କୁ ତୁରନ୍ତ ରକ୍ତ ଦେଇ ଜୀବନ ବଞ୍ଚାଇ ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି। ବଲାଙ୍ଗୀର ଜିଲ୍ଲାରେ ଥିବା ରକ୍ତଭଣ୍ଡାରରେ କେତେବେଳେ ରକ୍ତ ଅଭାବ ରହୁଛି ତ କେତେବେଳେ ରକ୍ତ ଯୋଗାଡ଼ କରିବାକୁ ରୋଗୀ ପରିଜନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ସ୍ଥାନୀୟ ଭୀମ ଭୋଇ ମେଡିକାଲ କଲେଜର ରୋଗୀଙ୍କ ପାଇଁ ରକ୍ତ ସଂରକ୍ଷଣ ବ୍ୟବସ୍ଥା ରହିଛି। କିନ୍ତୁ ତାହା ରୋଗୀ ସଂଖ୍ୟା ଅନୁପାତରେ ଢେର କମ୍। ଏଭଳି ସ୍ଥିତିରେ ଅତ୍ୟାବଶ୍ୟକ ହେଲେ ରୋଗୀ ସଂପର୍କୀୟଙ୍କୁ ୮ କିଲୋମିଟର ଦୂର ରକ୍ତଭଣ୍ଡାରକୁ ଆସି ପୁଣି ଫେରିବାକୁ ପଡୁଛି। ରକ୍ତଭଣ୍ଡାରରୁ ରକ୍ତ ମିଳିବ ନା ନାହିଁ, ସେଥିରେ ବି ଅନିଶ୍ଚିତତା। ତେଣୁ ରକ୍ତ ଯୋଗାଡ଼ କରିବା ଏକ ବଡ଼ ସମସ୍ୟା ପାଲଟିଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଏଭଳି ଦୟନୀୟ ଚିତ୍ର ଚିନ୍ତାର କାରଣ ପାଲଟିଛି। ପ୍ରସୂତି ମୃତ୍ୟୁ ମାମଲାରେ ସିଡିଏମ୍ଓ ଡା. ପୁଷ୍ପାଞ୍ଜଳି ମିଶ୍ରଙ୍କୁ ଯୋଗାଯୋଗ କରାଯାଇଥିଲା। ସେ ଫୋନ୍ ଉଠାଇଥିଲେ ହେଁ 'ପ୍ରସୂତି ମୃତ୍ୟୁ' କଥା ଶୁଣି ଫୋନ୍ କାଟି ଦେଇଥିଲେ। ଏଡିଏମ୍ଓ ଡା. ସୁଧା ବାର୍ଲା ପ୍ରସୂତି ମୃତ୍ୟୁ ଘଟଣାକୁ ସ୍ୱୀକାର କରିଛନ୍ତି। କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ ହୋଇଥିବା କହିଛନ୍ତି। ରାଜ୍ୟର ଏକ ସ୍ୱତନ୍ତ୍ର ଟିମ୍ ମାମଲାର ଖୋଳତାଡ଼ କରିବାକୁ ବଲାଙ୍ଗୀର ଆସିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ।



# ୨୦ ଲକ୍ଷ ଟଙ୍କାରେ 'ଗ୍ରାମୀଣ ଉଦ୍ୟାନ' ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

## ବିକଶିତ ଗାଁ, ବିକଶିତ ଓଡ଼ିଶା ଲକ୍ଷ୍ୟରେ ଗ୍ରାମାଞ୍ଚଳର ବିକାଶକୁ ଗୁରୁତ୍ୱ





**ଆସିକା (ଅମୃତ ମିଡିଆ):** ଗ୍ରାମାଞ୍ଚଳରେ ଆଧୁନିକ ନାଗରିକ ସୁବିଧା ସୃଷ୍ଟି ସହ ଲୋକଙ୍କ ଜୀବନଧାରଣର ମାନ ବୃଦ୍ଧି ଲକ୍ଷ୍ୟରେ ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ଗୁଣ୍ଡପଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଇପଲ୍ଲୀ ଗ୍ରାମରେ 'ଗ୍ରାମୀଣ ଉଦ୍ୟାନ' ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ।

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା ପରିଚାଳିତ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଅଧୀନରେ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଏବଂ ନାଗରିକଙ୍କ ପାଇଁ ବିଭିନ୍ନ ସୁବିଧା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ରାଇପଲ୍ଲୀରେ ଗ୍ରାମୀଣ ଉଦ୍ୟାନ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି।

ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଧାୟକଙ୍କ ଆଗମନକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ଶତାଧିକ ମହିଳା ଓ ପୁରୁଷଙ୍କ ସମେତ ମହିଳା ସଂକୀର୍ତ୍ତନ ଦଳର ଗହଣରେ ବିଧାୟକଙ୍କୁ ଗ୍ରାମ ପରିକ୍ରମା କରାଯାଇ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

ପରେ ରାଇପଲ୍ଲୀ ଗ୍ରାମ କଲ୍ୟାଣ ମଣ୍ଡପରେ ବିଧାୟକ ଶ୍ରୀ ପାଢ଼ୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସମିତିସଭ୍ୟ ନାରାୟଣ ସ୍ୱାଇଁ ସଭାକୁ ସଂଯୋଜନା କରିଥିଲେ। ଏଥିରେ ବ୍ଲକ ଉପାଧ୍ୟକ୍ଷା ଏସ. ରେଶମା ଦୋରା, ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ, ବିଧାୟକ ପ୍ରତିନିଧି ସନ୍ଦୀପ ପାଢ଼ୀ, ସଙ୍ଗୀତ ପାଢ଼ୀ, ପାଇକଜମୁନା ବିଜେପି ନେତା ସତ୍ୟବାନ ସାହୁ, ବଡ଼ଖୋଲିର ବିଜୟ ନାୟକ, ବ୍ଲକ ଆମ୍ବା ଅଧ୍ୟକ୍ଷ ବିଜୟ କୁମାର ସ୍ୱାଇଁ, ନିରଞ୍ଜନ ମହାନ୍ତି, କୃଷକ ମୋର୍ଚ୍ଚା ସଭାପତି ଅସିତ ସ୍ୱାଇଁ, ଗୁଣ୍ଡପଡ଼ା ମଣ୍ଡଳ ସଭାପତି ରବୀନ୍ଦ୍ର ଗୌଡ଼ଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।

ସଭାରେ ଅଞ୍ଚଳର ସର୍ବାଙ୍ଗୀନ ବିକାଶ, ଦଳୀୟ ସଂଗଠନକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା, କୃଷକ ଓ ମହିଳାଙ୍କ ସଶକ୍ତିକରଣ ଏବଂ ଗ୍ରାମାଞ୍ଚଳବାସୀଙ୍କ ସହ ସିଧାସଳଖ ଯୋଡ଼ି ହେବା ନେଇ ଆଲୋଚନା ହୋଇଥିଲା। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ 'ବିକଶିତ ଓଡ଼ିଶା' ଲକ୍ଷ୍ୟ ପଥରେ ଆଗେଇବା ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା।

# ବିଦ୍ୟାଳୟରେ ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ



**ବାଙ୍କୀ (ଅମୃତ ମିଡିଆ):** ବାଙ୍କୀ ସ୍ଥିତ ପି.ଏମ୍.ଶ୍ରୀ ବରେନ୍ଦ୍ରକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ସାହିତ୍ୟ ପତ୍ରିକା କାୟାକଳ୍ପ ପକ୍ଷରୁ ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ଦାଶ ଉଦ୍ଘାଟନ କରିଥିଲେ।ଲୋକଶିକ୍ଷକ ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ତ୍ରିଲୋଚନ ଦାଶ କୁଇଜ୍ ପରିଚାଳନା କରିଥିଲେ।ପୁନମ କୁମାରୀ ଗୁପ୍ତା ସ୍କୋରର ଥିଲେ। ବାଙ୍କୀ ପଥୁରୀପଡାର ବିଶିଷ୍ଟ ସମାଜ ସେବୀ ହରିଶ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିରେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଶୀର୍ବାଦ ପଣ୍ଡା, ଓମ୍ ପ୍ରକାଶ ରଣା, ଯଶରାଜ ଲେଙ୍କା ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ। ଚିତ୍ରଲେଖା ମିଶ୍ର ଧନ୍ୟବାଦ ଦେଇଥିଲେ। ହେମନ୍ତ ପ୍ରଧାନ, ସୁଜିତ୍ ଦଳେଇ, ମିନୁଶ୍ରୀ ମଲିକ ସହଯୋଗ କରିଥିଲେ।

# ଆଞ୍ଚଳିକ ବହୁଜନ ସମିତିର ଥାନା ଘେରାଉ

## ୬ଦଫା ଦାବି ସମ୍ବଳିତ ଦାବିପତ୍ର ଶତାଧିକ ମହିଳା ଓ ପୁରୁଷ ସାମିଲ୍



**ହିନ୍ଦୋଳ (ଅମୃତ ମିଡିଆ):** ଆଜି ୬ ଦଫା ଦାବିରେ ଆଞ୍ଚଳିକ ବହୁଜନ ସମିତି ତରଫରୁ କଣ୍ଟାବଣିଆ ଥାନା ଘେରାଉ କରାଯାଇଛି। ଏବଂ ଭାରପ୍ରାପ୍ତ ଏସଡିପିଓ ହିନ୍ଦୋଳଙ୍କ ଜରିଆରେ ୬ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲାପାଳ ଢ଼େଙ୍କାନାଳଙ୍କୁ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ କଣ୍ଟାବଣିଆ ଥାନା ଅନ୍ତର୍ଗତ ମାନପୁର ଗ୍ରାମର ଅନୁସୂଚିତଜାତି ସାହି ଗୋଟିଏ ଖେଳପଡ଼ିଆ ଅକ୍ତିଆରକରି ରଖିଥିଲେ। ସେହି ଖେଳପଡ଼ିଆରେ ପୋତା ଯାଇଥିବା ଖୁଣ୍ଟିକୁ ଗୋପାଳସାହିର କିଛିଲୋକ ଏକାଠି ହୋଇ ଓପାଡୁଥିଲେ। ସେହି ସମୟରେ ଅନୁସୂଚିତଜାତି ସାହିର ଯଶୋବନ୍ତ ନାଏକ ନାମକ ଏକ ଯୁବକ ସେହି ରାସ୍ତାଦେଇ ଯାଉଥିଲେ। ଯଶୋବନ୍ତ ଫଟୋ ଭିଡ଼ିଓ କରୁଥିବାର ସନ୍ଦେହକରି ଗୋପାଳସାହିର କିଛିଲୋକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସଂପର୍କରେ ତାଙ୍କ ସ୍ତ୍ରୀ ଅପର୍ଣ୍ଣା ନାଏକ ନିକଟସ୍ଥ କଣ୍ଟାବଣିଆ ଥାନାରେ ଗତ ୨୩ ତାରିଖରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏ ନେଇ ୧୮୦/୨୦୨୬ରେ ଏକ ମାମଲା ରୁଜ୍ଜୁ କରି ଚୁପ୍ ବସିପଡ଼ିଲା। ଅଭିଯୁକ୍ତଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ। ଏହାକୁ ନେଇ ପରିବାରଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ଆଞ୍ଚଳିକ ବହୁଜନ ସମିତିକୁ ଜଣାଇଥିଲେ। ଫଳରେ ଆଞ୍ଚଳିକ ବହୁଜନ ସମିତି ତରଫରୁ ଆଜି କଣ୍ଟାବଣିଆ ଥାନାକୁ ଘେରାଉ କରାଯାଇଥିଲା। ଏବଂ ୬ଗୋଟି ଦାବି ଯଥା: ଯଶୋବନ୍ତଙ୍କୁ କ୍ଷତିପୂରଣ ଦେବା, କଣ୍ଟାବଣିଆ ଥାନା ପରିସର ଭିତରେ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ନ୍ୟାୟ ଓ ଆଇନ୍ ସହାୟତା ଦେବାପାଇଁ ଏକ ସ୍ୱତନ୍ତ୍ର ସେଲ୍ ଗଠନ କରାଯିବା। ଏବଂ ଏହି ଅପରାଧରେ ସଂଶ୍ଳିଷ୍ଟ ସମସ୍ତ ଅପରାଧୀଙ୍କୁ କେସରେ ଜଡ଼ିତ କରାଯାଉ ଆଦି ୬ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଭାରପ୍ରାପ୍ତ ଏସଡିପିଓ ହିନ୍ଦୋଳଙ୍କ ଜରିଆରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଢ଼େଙ୍କାନାଳଙ୍କୁ ପ୍ରଦାନ କରାଯାଇଛି। ତେବେ ଏହି ଥାନା ଘେରାଉରେ ବହୁସଂଖ୍ୟକ ମହିଳା ଓ ପୁରୁଷ ସାମିଲ୍ ହୋଇଥିଲେ।

# ପୂଜ୍ୟପୂଜା ପ୍ରତିଷ୍ଠାନର ୪୪ ତମ ଗୁରୁ ପୂଜନ ଉତ୍ସବ - ୨୦୨୬



**ପୋଲସରା (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ପୋଲସରା ଅଞ୍ଚଳର ଏକ ମାତ୍ର ସର୍ବ ପୁରାତନ ପୂଜ୍ୟପୂଜା ପ୍ରତିଷ୍ଠାନ ପକ୍ଷରୁ ୪୪ତମ ଗୁରୁ ପୂଜନ ଉତ୍ସବ ସ୍ଥାନୀୟ ପ୍ରତିଷ୍ଠିତ ଲିଙ୍ଗରାଜ ବାଳିକା ହାଇସ୍କୁଲରେ ବହୁ ଉତ୍ସାହ ସହକାରେ ପାଳିତ ହୋଇଯାଇଛି। ସଭାପତି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ପ୍ରଧାନ ଶିକ୍ଷକ ରାଧାଶ୍ୟାମ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକାରି ସଭାପତି ଡ଼ଃ ଜ୍ୟୋତିର୍ମୟ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଡ଼ଃ ସତ୍ୟ ନାରାୟଣ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଡ଼ଃ ଭଗବାନ ତ୍ରିପାଠୀ, ସୂର୍ଯ୍ୟନାରାୟଣ ସାହୁ, ଲିଙ୍ଗରାଜ ବାଳିକା ହାଇସ୍କୁଲ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନ ପକ୍ଷରୁ ମଞ୍ଚାସୀନ ଅତିଥି ବୃନ୍ଦଙ୍କୁ ସ୍ୱାଗତ କରାଯିବା ପରେ ଅତିଥିବୃନ୍ଦଙ୍କ ଦ୍ୱାରା ସର୍ବପଲ୍ଲୀ ଡ଼ଃ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ଭକ୍ତିପୂତ ଭାବେ ପୁଷ୍ପ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏଥିସହ ଅନୁଷ୍ଠାନର ପ୍ରତିଷ୍ଠାତା କୋଦଣ୍ଡପାଣି ପଟ୍ଟନାୟକ ସମେତ ସହଯୋଗୀ ଦୁଃଖୀ ଶ୍ୟାମ ପଟ୍ଟନାୟକ ଓ ସୂର୍ଯ୍ୟନାରାୟଣ ଆଚାରୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ପରେ ମଞ୍ଚାସୀନ ଅତିଥିବୃନ୍ଦଙ୍କ ସମେତ ନିମନ୍ତ୍ରିତ ୧୦୦ ଜଣ ପୁରାତନ ସେବାନିବୃତ୍ତ ଗୁରୁ ଓ ଗୁରୁମାମାନଙ୍କୁ ପାରମ୍ପରିକ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ନିଜ ବକ୍ତବ୍ୟରେ କହିଥିଲେ ଯେ, ସବୁ ସମାଜରେ ସବୁ ସଂସ୍କୃତିରେ, ସବୁ ସଭ୍ୟତାରେ ଗୁରୁଙ୍କ ସ୍ଥାନ ସବୁବେଳେ ଉଚ୍ଚରେ ରଖାଯାଇ ଆସିଛି। ଯିଏ ଯେତେବଡ ପତିପ୍ରତ୍ତି ଶାଳୀ, ବିଭବଶାଳୀ ଏବଂ କ୍ଷମତାସଂପନ୍ନ ହୁଅନ୍ତୁ ନା କାହିଁକି ସେ ନିଶ୍ଚିତଭାବେ ଜଣେ ଗୁରୁଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ନିଶ୍ଚିତ। ମୁଖ୍ୟବକ୍ତା ନିଜ ବକ୍ତବ୍ୟରେ କହିଥିଲେ ଯେ, ଯଦି ଓ ଇଣ୍ଟରନେଟ୍ ଓ ଏ - ଆଇ (କୃତ୍ରିମ ବୁଦ୍ଧିମତା) ଶିକ୍ଷା ବ୍ୟବସ୍ଥା ଏବଂ ଶିକ୍ଷା ଆହରଣ ଢ଼ାଞ୍ଚା ବହୁ ମାତ୍ରାରେ ବଦଳାଇ ସାରିଲେଣି, ତଥାପି ଜୀବନ୍ତ ଗୁରୁ ବ୍ୟକ୍ତିତ୍ୱର ବିକାଶ ନିର୍ଜିବ କମ୍ପ୍ୟୁଟର କିମ୍ବା ସ୍ମାର୍ଟଫୋନ୍ ଦ୍ୱାରା ସମ୍ଭବପର ନୁହେଁ। ପ୍ରତିଶିକ୍ଷକଙ୍କ ଶିକ୍ଷାଦାନ ପ୍ରଣାଳୀ ନିଆରା ନିଆରା ଏବଂ ସେଥିରେ ପାଠପଢ଼ା ସହିତ ଶିକ୍ଷକଙ୍କ ବ୍ୟକ୍ତିଗତ ଅନୁଭୂତିର ଛିଟା ରହିଥାଏ। ତାହା ହିଁ ପିଲାଙ୍କୁ ପ୍ରଭାବିତ କରିଥାଏ। ତେଣୁ ପ୍ରତ୍ୟେକ ଶିକ୍ଷକ ନିଜ ନିଜର ବ୍ୟକ୍ତିତ୍ୱକୁ ଏଭଳି କରିବା ଦରକାର ଯାହାକି ପିଲାଙ୍କ ଉପରେ ଗଠନମୂଳକ ପ୍ରଭାବ ପକାଇବ। ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଓମ୍ ପ୍ରକାଶ ନିଜର ବକ୍ତବ୍ୟରେ କହିଥିଲେ ଯେ, ଆରୁଣୀ, ଉପମନ୍ୟୁ ଏବଂ ନଚିକେତାଙ୍କ ଭଳି ଶିକ୍ଷା ନବିସଙ୍କ ଉଦାହରଣ ଦେଇ ମତ ରଖିଥିଲେ ଏଣୁ ପ୍ରତ୍ୟେକ ଶିକ୍ଷକ ନିଜ ବ୍ୟକ୍ତିଗତ ଜୀବନରେ ଉତ୍ତମ ଉଦାହରଣ ସୃଷ୍ଟି କଲେ ହିଁ ଭବିଷ୍ୟତ ପିଢ଼ିଠାରୁ ଉତ୍ତମ ବ୍ୟବହାର ଆଶା କରାଯାଇପାରିବ। ଅନ୍ୟତମ ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ନିଜ ବ୍ୟକ୍ତବ୍ୟରେ ଏଭଳି ଏକ ଗୁରୁ-ଶିଶୁ ପରମ୍ପରା, ଶିକ୍ଷଣୀୟ ଓ ପ୍ରେରଣାଦାୟୀ କାର୍ଯ୍ୟକ୍ରମ ତାଙ୍କ ଶିକ୍ଷା ଅନୁଷ୍ଠାନରେ ହେବା ଏବଂ ତାଙ୍କୁ ଅତିଥିଭାବେ ଯୋଗ୍ୟ ବିବେଚିତ କରାଯାଇ ସମ୍ମାନ ଦିଆଯାଇଛି ସେଥିପାଇଁ ଅନୁଷ୍ଠାନ, ସମସ୍ତ ମଞ୍ଚାସୀନ ଅତିଥିବୃନ୍ଦ ଅନ୍ୟ ସମସ୍ତ ଶିକ୍ଷାବିତମାନଙ୍କୁ ଆନ୍ତରିକ ଧନ୍ୟବାଦ ଏବଂ କୃତଜ୍ଞତା ଜ୍ଞାପନ କରିବା ସହ କୃତିତ୍ୱ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଶୁଭକାମନା ଜଣାଇଥିଲେ। ପରେ ସଂପାଦକ କାମରାଜୁ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠାନ ତରଫରୁ ପ୍ରଥମେ ନୂତନ ଅବସରପ୍ରାପ୍ତ ୧୨ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ଉପଢୌକନ ଏବଂ ମାନପତ୍ର ସହ ଗୋଟାଏ ଲେଖାଏଁ ବୃକ୍ଷ ଚାରା ଅତିଥିବୃନ୍ଦ ପ୍ରଦାନ କରିବା ସହ ପୂର୍ବରୁ ଅନୁଷ୍ଠିତ ଗୁରୁଦିବସ ଅନୁଚିନ୍ତା ବିଷୟ ଉପରେ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ପୌରପରିଷଦ ଅନ୍ତର୍ଗତ ୨୪ ଗୋଟି ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଥମରୁ କଲେଜ ତୃତୀୟ ବର୍ଷ ପର୍ଯ୍ୟନ୍ତ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କରିଥିବା ସବଜୁନିୟର, ଜୁନିୟର ଓ ସିନିୟର ବିଭାଗର ୮୬ ଜଣ ମେଧା ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା ପତ୍ର ଏବଂ ଟ୍ରଫି ସହ ଗୋଟାଏ ଲେଖାଏଁ ବୃକ୍ଷ ଚାରା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରାଇବାରେ ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ଗୟାଚାନ୍ଦ ପାତ୍ର, ବରିଷ୍ଠ ସଦସ୍ୟ ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ରଘୁନାଥ ସାହୁଙ୍କ ସମେତ କୋଷାଧ୍ୟକ୍ଷ ସୀମାଂଚଳ ସାହୁ, ଅଧ୍ୟାପକ ଦେବାଶିଷ ସ୍ୱାଇଁ ଏବଂ ସନ୍ତୋଷ କୁମାର ପଣ୍ଡା, ନାରାୟଣ ସାହୁ, ଅତ୍ରୀ ପଟ୍ଟନାୟକ, ଅଶେଷ ପଟ୍ଟନାୟକ, ପ୍ରଗତିବନ୍ଧୁ ଦାସ, ସୁଶାନ୍ତ ମହାରଣା, ସୁବ୍ରତ ବେହେରା, ପି.ସ୍ୱପ୍ନେଶ୍ୱର ପାତ୍ରଙ୍କ ସମେତ ଅନେକ ମାନ୍ୟଗଣ୍ୟ ଓ ଗୁଣୀଜ୍ଞାନି ବ୍ୟକ୍ତି ବିଶେଷ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ସଂପାଦକ ଅନୁଷ୍ଠାନ ତରଫରୁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ସହିତ କୃତଜ୍ଞତା ଜଣାଇଥିଲେ।

# ବିଜ୍ଞାନ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର




**ପୋଲସରା (ଅମୃତ ମିଡିଆ):** ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ +୩ କଳା ଏବଂ ବିଜ୍ଞାନ ଛାତ୍ରୀ ମାନଙ୍କୁ ନେଇ ଆତ୍ମ ସୁରକ୍ଷା ତାଲିମ ଶିବିର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏ ନେଇ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ. ଭଗବାନ ତ୍ରିପାଠୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଘଉଉ ଖଶ୍ମ. ବିନତା କୁମାରୀ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଆତ୍ମ ପ୍ରତିରକ୍ଷା ସଭା କାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଶ୍ରୀ ରୁଦ୍ର ପ୍ରସାଦ ଗୌଡ଼ ପ୍ରଦିପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଆତ୍ମ ସୁରକ୍ଷା ତାଲିମ ଶିବିର ର ସଂଯୋଜିକା ଲେଫ୍ଟନାଣ୍ଟ ବିନତା କୁମାରୀ ଦାସ ଙ୍କ ତତ୍ତ୍ୱାବଧନ ରେ +୩ ତୃତୀୟ

ବର୍ଷର ୧୫୦ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ସୋନାଲି କୁମାରୀ ସାହୁ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଏବଂ ମିସ୍ ସୁଜାତା ରାଣୀ ବେହେରା ବଟାନି ଡେମୋନଷ୍ଟ୍ରେଟର ଯୋଗଦେଇ ଛାତ୍ରୀ ମାନଙ୍କୁ ଆତ୍ମ ସୁରକ୍ଷା ତାଲିମର ମହତ୍ତ୍ୱ ସମ୍ପର୍କରେ ବୁଝେଇଥିବା ବେଳେ ୨ ଜଣ ମାଷ୍ଟର ଟ୍ରେନର ରଚିତା କୁମାରୀ ସାହୁଏବଂ ସ୍ମୃତି ବେହେରା ଯୋଗ ଦେଇ ଆତ୍ମ ସୁରକ୍ଷା ତାଲିମର କାର୍ଯ୍ୟକାରିତା ସମ୍ପର୍କରେ ପ୍ରଶିକ୍ଷିତ କରାଇଥିଲେ। ଏଠାରେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରାଇଥିଲେ। ପରିଶେଷରେ ସଂଯୋଜିକା ଖଶ୍ମ.ବିନତା କୁମାରୀ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ପରିଶେଷରେ ଜାତୀୟ ସଂଗୀତ ଜନଗଣ ମନ ଗାନ କରାଯାଇ ସଭା ସମାପ୍ତ ହୋଇଥିଲା ।

# ପିତଳରେ ମେଘରଙ୍ଗ କବିତା ଆସର

## ମେଘଦୂତରୁ ଭାଦ୍ରବର ଭାବଧାରା-କବିତାରେ ଝଙ୍କୃତ ହେଲା ସାହିତ୍ୟ ଓ ସଂସ୍କୃତି

**ଆସିକା (ଅମୃତ ମିଡିଆ):** ଗଞ୍ଜାମର ଅଗ୍ରଣୀ ସାହିତ୍ୟାନୁଷ୍ଠାନ 'ଓଡ୍ର ସାହିତ୍ୟ ସଂସଦ' ପକ୍ଷରୁ ପିତଳ ଛକ ସ୍ଥିତ ଚନ୍ଦ୍ରିକା ଆବାସିକ ବିଦ୍ୟାମନ୍ଦିର ପରିସରରେ 'ମେଘରଙ୍ଗ' କବିତା ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ଉପସଭାପତି ପଞ୍ଚାନନ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା । ଏହି ସାହିତ୍ୟ ସମାରୋହରେ ଗଞ୍ଜାମର ବିଭିନ୍ନ ପ୍ରାନ୍ତରୁ ବହୁ କବି ଓ ସାହିତ୍ୟିକ ଯୋଗଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠାତା ରଜନୀକାନ୍ତ ପାଢ଼ୀ ସ୍ୱାଗତ ଭାଷଣ ଦେଇ ସାହିତ୍ୟ ଓ ସଂସ୍କୃତିର ପ୍ରଚାର-ପ୍ରସାର କ୍ଷେତ୍ରରେ ସାହିତ୍ୟାନୁଷ୍ଠାନର ସହଭାଗିତା ଓ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ସଂସ୍କୃତ ଅଧ୍ୟାପକ ହେମନ୍ତ ଗନ୍ତାୟତ ମହାକବି କାଳିଦାସଙ୍କ 'ମେଘଦୂତ' କାବ୍ୟରେ ମେଘର ଗତି ଓ ଏହାର କାବ୍ୟିକ ଭାବଧାରା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି କବି ପ୍ରତାପ ଚନ୍ଦ୍ର ମିଶ୍ର ବର୍ଷା ଓ କବିତା ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ଉପରେ ଆଲୋକପାତ କରି, ଉଭୟ ସୃଷ୍ଟି ଓ ଅକ୍ଷର ସର୍ଜନା ପାଇଁ ପରିପୂରକ ବୋଲି କହିଥିଲେ। ବିଶିଷ୍ଟ ଲୋକସାହିତ୍ୟ ଗବେଷକ ଅଧ୍ୟାପକ ସଞ୍ଜୟ କୁମାର ଷଡ଼ଙ୍ଗୀ ସାହିତ୍ୟ ମଣିଷ ଜୀବନରେ ସଂସ୍କାର ଓ ବିକାଶର ପଥକୁ କୁସୁମିତ କରିବାର ଏକ ପ୍ରମୁଖ ମାଧ୍ୟମ ବୋଲି ମତ ରଖିଥିଲେ। ଭାଗବତ କଥା ବିତରକ ତଥା ସାହିତ୍ୟିକ ଶରତ ଚନ୍ଦ୍ର ପଣ୍ଡା ଭାଦ୍ରବ ମାସର ଆଧ୍ୟାତ୍ମିକ ଓ ସାମାଜିକ ସମ୍ପର୍କର ସୂକ୍ଷ୍ମ ଦିଗ ଉପରେ ଆଲୋଚନା କରିଥିଲେ। କବି ଭାସ୍କର ରାଉତ, ଦେବବ୍ରତ ପଟ୍ଟନାୟକ ଓ ଶିଶୁ ସାହିତ୍ୟିକ ବିଜୟ ଚନ୍ଦ୍ର ମହାରଣା ବିଭିନ୍ନ ସାହିତ୍ୟିକ ଦୃଷ୍ଟିକୋଣରୁ ମେଘର ଆବେଗ ଓ ଅନୁଭବ ସମ୍ପର୍କରେ ମତ ରଖିଥିଲେ। ସୁବ୍ରତ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁଶ୍ରୀ ବିଦ୍ୟୁତପ୍ରଭା ସାହୁ ଆଲୋଚନା ଚକ୍ରକୁ ସଂଚାଳନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ କବିଶ୍ରୀ ବୁଲୁ ବେହେରା ଓ ଭଜରାମ ସେଠୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ନିରାକାର ବିଷୋୟୀ, ଚିନ୍ମୟ ପୋଲାଇ, ରାଜୀବ ଲୋଚନ ପାଣିଗ୍ରାହୀ, ତିରୁମାଲା ଆଚାରୀ, ପ୍ରଶାନ୍ତ ଆଚାରୀ, ରତ୍ନାକର ସିଅ, ରୀତାଞ୍ଜଳି ମିଶ୍ର, ସବିତା ସାବତ, ଜାନକୀ ନାହକ, ଋଷି ବେହେରା, ସୁଶାନ୍ତ କର ଓ ନଳିନୀକାନ୍ତ ଗୌଡ଼ଙ୍କ ସମେତ ବହୁ କବି ଓ ସାହିତ୍ୟିକ କବିତା ପାଠ କରିଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ଚିନ୍ମୟ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଘଟଗାଁ ଏମ୍,ଇ ସ୍କୁଲ୍ ପକ୍ଷରୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ

**ଘଟଗାଁ (ଅମୃତ ମିଡିଆ):** ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ ଘଟଗାଁ ଏମ ଇ ସ୍କୁଲ ତରଫରୁ ଆୟୋଜିତ କାର୍ଯ୍ୟକ୍ରମ କୁ ମୁକୁନ୍ଦପୁର ପାଟଣା ପଞ୍ଚାୟତ ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀ ଉଦ୍‌ଘାଟନ କରିଥିଲେ । ପ୍ରଧାନ ଶିକ୍ଷକ ରୋହିତ କୁମାର ବେହେରା ଙ୍କ ନେତୃତ୍ୱରେ ଛାତ୍ର ଛାତ୍ରୀ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ନାୟକ ଓ ସଦସ୍ୟ ବୃନ୍ଦ, ଅଭିଭାବକ ଏକ ସଚେତନତା ରାଲି ରେ ବାହାରି ଗ୍ରାମ ଓ ବଜାର ପରିକ୍ରମା କରିବା ସହ ପଥପ୍ରାନ୍ତ ନାଟକ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଥିଲେ । ଘଟଗାଁ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବରିଷ୍ଠ ଅନୁଭାଗ ଅଧିକାରୀ ଧିରେନ୍ କୁମାର ବେଜ ଶିକ୍ଷାର୍ଥୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ମାଗୁଣି ଚରଣ ମାଝୀ, ସଞ୍ଜୀବ ସାହୁ, ଶୁଭକାନ୍ତ ସେଠୀ, ଶିକ୍ଷୟିତ୍ରୀ ମାଳତୀ କୁମାରୀ ନାଥ ଶର୍ମା, ଭାରତୀ ମହାନ୍ତି, ରଶ୍ମିତା ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭିନ୍ନକ୍ଷମ ଅଧିକାର ସାମାଜିକ ଦାୟିତ୍ୱବୋଧର ପରିଚାୟକ

### ଭିନ୍ନକ୍ଷମ ଅଧିକାର ସଚେତନତା ଶିବିର

**ବ୍ରହ୍ମପୁର (ଅମୃତ ମିଡିଆ):** ଭିନ୍ନକ୍ଷମ ଅଧିକାର ଅଧିନିୟମ, ୨୦୧୬ ସଂପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଏବଂ ଓଡିଶା ଉଚ୍ଚତର ଶିକ୍ଷା ନିର୍ଦ୍ଦେଶାଳୟଙ୍କ ମିଳିତ ଆନୁକୁଲ୍ୟରେ, ବ୍ରହ୍ମପୁର ସ୍ଥିତ ଶଶୀଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଭିନ୍ନକ୍ଷମ ଅଧିକାର ସଚେତନତା କାର୍ଯ୍ୟକ୍ରମ ଏବଂ ଏ ସଂପର୍କିତ କୁଇଜ୍ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ, ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ବାରିକ, ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ନାରାୟଣ ବେହେରା, ଅଧ୍ୟକ୍ଷ, ଶଶି ଭୁଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ ,ଡାକ୍ତର ଚିତ୍ତରଞ୍ଜନ ସତପଥୀ, ପ୍ରତିଯୋଗିତା ପରିଚାଳକ ଆର.କେ. ଶର୍ମା ଏବଂ ସହଯୋଗୀ ବୃନ୍ଦ ଏହି କାର୍ଯ୍ୟକ୍ରମରେ ସାମିଲ୍ ଥିଲେ। ସମାଜରେ ଭିନ୍ନକ୍ଷମମାନଙ୍କ ଅଧିକାର ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରି ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରିବାରେ ପ୍ରତି ନାଗରିକର ଭୂମିକା ତଥା ଦାୟିତ୍ୱ ଉପରେ ମୁଖ୍ୟ ଅତିଥି ଆଲୋଚନା କରିଥିଲେ କ୍ଷ ଭିନ୍ନକ୍ଷମମାନଙ୍କ ପ୍ରତି ଥିବା ସାମାଜିକ ଦାୟିତ୍ୱବୋଧ ସଠିକ୍ ହୃଦୟଙ୍ଗମ କରି ସେମାନଙ୍କୁ ତାଙ୍କର ଅଧିକାର ପ୍ରଦାନ କରିବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିପାରିଲେ ଏହା ଏକ ସୁସ୍ଥ ତଥା ନ୍ୟାୟପର ସମାଜ ଗଠନ ଦିଗରେ ସହାୟକ ହୋଇପାରିବ। ଭିନ୍ନକ୍ଷମମାନେ ଯେପରି ସମାଜରେ ଅବହେଳିତ, ଲାଞ୍ଛିତ ତଥା ନ୍ୟୁନ ସାବ୍ୟସ୍ତ ନ ହୋଇ ସେମାନଙ୍କର ମୌଳିକ ଅଧିକାର ହାସଲ କରିପାରିବେ, ସେଥିପ୍ରତି ସତତ ଜାଗ୍ରତ ରହିବା ପ୍ରତ୍ୟେକ ନାଗରିକର ନୈତିକ କର୍ତ୍ତବ୍ୟ ତଥା ସାମାଜିକ ମୂଲ୍ୟବୋଧ ବୋଲି ଏହି ଅବସରରେ ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ନାରାୟଣ ବେହେରା କହିଲେ କି, ଭିନ୍ନକ୍ଷମ ଅଧିକାର ଅଧିନିୟମ, ୨୦୧୬ ହେଉଛି ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ୍, ଯାହା ପୂର୍ବର ୧୯୯୫ ମସିହାର ଆଇନ୍ କୁ ବଦଳାଇ ଲାଗୁ କରାଯାଇଛି। ପୂର୍ବ ଆଇନ୍‌ରେ କେବଳ ୭ପ୍ରକାରର ଅକ୍ଷମତା ସାମିଲ୍ ଥିବା ବେଳେ, ୨୦୧୬ ଆଇନ୍ ରେ ଏହାକୁ ବୃଦ୍ଧି କରାଯାଇ ୨୧ ପ୍ରକାର କରାଯାଇଛି। ଏହି ଅଧିନିୟମ ଦ୍ୱାରା ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କ ଶିକ୍ଷା, ସାମାଜିକ ସୁରକ୍ଷା, ନିଯୁକ୍ତି ଓ ସ୍ୱତନ୍ତ୍ର ଯୋଜନା ତଥା ବିକାଶମୂଳକ କାର୍ଯ୍ୟକ୍ରମ ପ୍ରଭୃତି କ୍ଷେତ୍ରରେ ସୁନିଶ୍ଚିତ ଆରକ୍ଷଣର ବ୍ୟବସ୍ଥା କରାଯାଇ ବିଭିନ୍ନ ବର୍ଗ ପାଇଁ ସଂରକ୍ଷଣର ପ୍ରତିଶତକୁ ନିର୍ଦ୍ଦିଷ୍ଟ କରାଯାଇଛି କ୍ଷ ବିଶେଷ କରି ଦିବ୍ୟାଙ୍ଗ ମହିଳା ଓ ଶିଶୁଙ୍କ ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପର ପ୍ରାବଧାନ କରାଯାଇ ସେମାନଙ୍କ ଅଧିକାରକୁ ସୁରକ୍ଷିତ କରାଯାଇଛି। ସମାନତା, ସୁରକ୍ଷା ଏବଂ ଆତ୍ମସମ୍ମାନପୂର୍ଣ୍ଣ ଜୀବନ ସୁନିଶ୍ଚିତ କରାଯାଇଛି।

## ୧୬୧ ଦିନରେ ପୁରୀବାସୀଙ୍କ ସଚେତନତା ପଦଯାତ୍ରା

# ଅହିଂସା ପଥରେ ଆନ୍ଦୋଳନ ଜାରି ରଖିବାକୁ ସଂକଳ୍ପ

**ପୁରୀ (ବ୍ୟୁରୋ):** ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ଏବଂ ସ୍ଥାୟୀ ବ୍ୟବସ୍ଥା ଦାବିରେ ଆରମ୍ଭ ହୋଇଥିବା ଅହିଂସାପୂର୍ଣ୍ଣ ପଦଯାତ୍ରା ଆଜି ୧୬୧ ଦିନ ଅତିକ୍ରମ କରିଛି। ଦୀର୍ଘଦିନ ଧରି ଚାଲିଥିବା ଏହି ଜନଆନ୍ଦୋଳନରେ ପୁରୀବାସୀଙ୍କ ଆସ୍ଥା, ଭାବନା ଓ ଦାବିକୁ ସରକାରଙ୍କ ନିକଟରେ ଶାନ୍ତିପୂର୍ଣ୍ଣ ଉପାୟରେ ପହଞ୍ଚାଇବାର ପ୍ରୟାସ ଜାରି ରହିଛି। ଗତ ଏପ୍ରିଲ ୧ ତାରିଖରେ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ପ୍ରତିଦିନ ଶ୍ରୀମନ୍ଦିର ଅଭିମୁଖେ ଆଗକୁ ବଢୁଛି। ଗ୍ରୀଷ୍ମର ପ୍ରଚଣ୍ଡ ତାତିଠାରୁ ଆରମ୍ଭ କରି ବର୍ଷାର ପ୍ରତିକୂଳ ପରିସ୍ଥିତି—କୌଣସିଟି ମଧ୍ୟ ସତ୍ୟାଗ୍ରହୀଙ୍କ ମନୋବଳକୁ ଦୁର୍ବଳ କରିପାରିନାହିଁ। ୧୬୧ତମ ଦିନରେ ମଧ୍ୟ ଭକ୍ତ ସାଲବେଗ ପୀଠରୁ ସତ୍ୟାଗ୍ରହୀମାନେ ଏକାଠି ହୋଇ ପଦଯାତ୍ରା କରିଥିଲେ।



ଶ୍ରୀମନ୍ଦିର ନିକଟରେ ପହଞ୍ଚି ପତିତପାବନଙ୍କ ଦର୍ଶନ କରିବା ସହ ପୁରୀବାସୀଙ୍କ ଦାବିର ସୁବିଚାର ଓ ଶୀଘ୍ର ସମାଧାନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "ଆମର ଲଢ଼େଇ କୌଣସି ବ୍ୟକ୍ତି କିମ୍ବା ସରକାରଙ୍କ ବିରୋଧରେ ନୁହେଁ। ପୁରୀବାସୀଙ୍କ ଶ୍ରୀମନ୍ଦିର ସହ ଥିବା ଭାବନାତ୍ମକ ସମ୍ପର୍କକୁ ଦୃଷ୍ଟିରେ ରଖି ଏକ ସୁବ୍ୟବସ୍ଥିତ ଓ ସ୍ଥାୟୀ ସମାଧାନ ଆମର ଦାବି। ଆଲୋଚନା ମାଧ୍ୟମରେ ଏହି ପ୍ରସଙ୍ଗର ସମାଧାନ ହେଉ ବୋଲି ଆମେ ଚାହୁଁଛୁ।" ଏହି ଅବସରରେ ସର୍ବଶ୍ରୀ ଶିବସୁନ୍ଦର ମିଶ୍ର, ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ଅମରେନ୍ଦ୍ର ପାଇକରାୟ, ନୃସିଂହନାଥ ନାୟକ, ଅରୁଣା ପଟ୍ଟନାୟକ, ସନ୍ଧ୍ୟାରାଣୀ ମିଶ୍ର, ପ୍ରଣତୀ ରାୟ, ମମତା ଦାସ, ନିହାରିକା ତ୍ରିପାଠୀ, ମମତା ସ୍ୱାଇଁ, ରମେଶ ଚନ୍ଦ୍ର ମହାନ୍ତି, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ଯାଦବାନନ୍ଦ ରାୟ, ସନ୍ତୋଷ ସେନାପତି, ପ୍ରକାଶ ଚନ୍ଦ୍ର ନାୟକ, ଅଭିମନ୍ୟୁ ରାୟଗୁରୁ, ଲିଙ୍ଗରାଜ ସାହୁ, ବରୁଣ ମହାପାତ୍ର, କାଶୀନାଥ ସାହୁ, ସୁବାଷ ପଟ୍ଟନାୟକ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ସାମିଲ ହୋଇଥିଲେ। ସତ୍ୟାଗ୍ରହୀମାନେ କହିଛନ୍ତି ଯେ, ୧୬୧ ଦିନର ଏହି ଯାତ୍ରା ଏକ ଦିନ କିମ୍ବା ଏକ ଘଟଣାକୁ କେନ୍ଦ୍ର କରି ନୁହେଁ। ପୁରୀବାସୀଙ୍କ ଦୀର୍ଘଦିନର ଆକାଂକ୍ଷା ଓ ଶ୍ରୀମନ୍ଦିର ସହ ସେମାନଙ୍କର ଆତ୍ମିକ ସମ୍ପର୍କକୁ ସମ୍ମାନ ଦେବା ଏହାର ମୂଳ ଉଦ୍ଦେଶ୍ୟ। ସେଥିପାଇଁ ସରକାର ଏହି ପ୍ରସଙ୍ଗକୁ ସମ୍ବେଦନଶୀଳତାର ସହ ବିଚାର କରି ଏକ ଗ୍ରହଣଯୋଗ୍ୟ ସମାଧାନ ବାହାର କରନ୍ତୁ ବୋଲି ଦାବି ହୋଇଛି। ଦିନ ବଢୁଛି, କିନ୍ତୁ ଦାବିର ସ୍ୱର ନିରବ ହୋଇନାହିଁ। ୧୬୧ ଦିନର ପଦଯାତ୍ରା ଆଜି ଏକ ସଂକଳ୍ପର ପ୍ରତୀକ—ସତ୍ୟରେ ଅଟଳ, ଅହିଂସାରେ ଅବିଚଳ। ପୁରୀବାସୀଙ୍କ ଅଧିକାର ପାଇଁ ଯାତ୍ରା ଜାରି ରହିବ।

## ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସ୍ନାତକ ସମାରୋହ

# ଯୋଗଦେଲେ ରାଜ୍ୟପାଳ

**ପୁରୀ (ବ୍ୟୁରୋ):** ଆୟୁର୍ବେଦ ଭବିଷ୍ୟତର ସ୍ୱାସ୍ଥ୍ୟ ସେବାକୁ ନୂଆ ଦିଗ ଦେଇ ପାରିବ ବୋଲି ଓଡିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ମଙ୍ଗଳବାର ଦିନ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସ୍ନାତକ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଭାରତର ପ୍ରାଚୀନ ଜ୍ଞାନ ପରମ୍ପରା ଓ ଭବିଷ୍ୟତର ସ୍ୱାସ୍ଥ୍ୟସେବାର ଆବଶ୍ୟକତା ମଧ୍ୟରେ ଆୟୁର୍ବେଦ ଏକ ଶକ୍ତିଶାଳୀ ସେତୁ ଭାବେ କାର୍ଯ୍ୟ କରିପାରିବ ।ଭାରତ ସମେତ ବିଶ୍ୱସ୍ତରରେ ଆୟୁର୍ବେଦ ପାଇଁ ସୁଯୋଗ ବଢୁଥିବା ବେଳେ ଏହାର ବ୍ୟାପକ ସ୍ୱୀକୃତି ଓ ବିଶ୍ୱସ୍ତରୀୟ ପରିଚୟ ପାଇଁ ବୈଜ୍ଞାନିକ ଗବେଷଣା, ପ୍ରମାଣଭିତ୍ତିକ ଅଧ୍ୟୟନ, ଗୁଣାତ୍ମକ ମାନଦଣ୍ଡ ଓ ଦାୟିତ୍ୱପୂର୍ଣ୍ଣ ଚିକିତ୍ସା ପଦ୍ଧତି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ଅନୁଷ୍ଠାନର ନାମକରଣର ଆଧାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ରାଜ୍ୟପାଳ ସମସ୍ତ ସ୍ନାତକ, ସେମାନଙ୍କ ପରିବାର, ଅଧ୍ୟାପକ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଆଗାମୀ ଦିନରେ ଆୟୁର୍ବେଦ ଶିକ୍ଷା, ଗବେଷଣା ଓ ଚିକିତ୍ସା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଆହୁରି ବିକଶିତ ହେବ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ। ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମାରୋହରେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ, ମାନ୍ୟବର ପୁରୀ ସାଂସଦ ଶ୍ରୀ ସମ୍ବିତ ପାତ୍ର, ଆୟୁଷ ନିର୍ଦ୍ଦେଶକ ଶ୍ରୀମତୀ ଅଞ୍ଜନା ପଣ୍ଡା ଏବଂ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ପୁରୀର ୟୁନିୟନ ଆଡଭାଇଜର ଶ୍ରୀ ରଞ୍ଜନ କୁମାର କଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ ବିହାରୀ ଖୁଣ୍ଟିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।



## ଏସ୍‌ଆଇଆର୍ ରୋଲ୍ ପର୍ଯ୍ୟବେକ୍ଷକଙ୍କ ପୁରୀ ଜିଲ୍ଲା ଗସ୍ତ



**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲା ମଙ୍ଗଳବାର ଏସଆଇଆର କାର୍ଯ୍ୟ ପାଇଁ ନିଯୁକ୍ତ ରୋଲ ପର୍ଯ୍ୟବେକ୍ଷକ ତଥା ଏମଏସଏମଇ ବିଭାଗର କମିଶନର-କମ୍-ସଚିବ ରଶ୍ମିତା ପଣ୍ଡା, ଦ୍ୱିତୀୟ ଥର ପାଇଁ ପୁରୀ ଜିଲ୍ଲା ଗସ୍ତ କରିଥିଲେ। ସେ ୧୧୦-ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀ ପରିଦର୍ଶନ କରି ଏସଆଇଆର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ସର୍ବାଧିକ ଯୋଗ ଓ ବିୟୋଗ ରିପୋର୍ଟ କରିଥିବା ବୁଥଗୁଡ଼ିକର ସୁପରଚେକିଂ କରିଥିଲେ। ପୁରୀ ଜିଲ୍ଲାରେ ଏସ ଆଇ ଆର କାର୍ଯ୍ୟର ସାମଗ୍ରିକ ଅଗ୍ରଗତି ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ ।ଏହି ଗସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତଚନ୍ଦ୍ର ବେହେରା, ଅତିରିକ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝୀ, ବିଡ଼ିଓ ସରୋଜ କୁମାର ରାଉତ ପ୍ରମୁଖ ଙ୍କ ସହ ବିଏଲଓ,ବିଏଲଓ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।

# ଡିଏଭି ପବ୍ଲିକ୍ ସ୍କୁଲ ପକ୍ଷରୁ 'କୈବଲ୍ୟ ୫.୦-ଲିଟରେଚର କନକ୍ଲେଭ୍'

**ପୁରୀ (ବ୍ୟୁରୋ):** ପୁରୀସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ ପକ୍ଷରୁ ବିଦ୍ୟାଳୟର ସ୍କୁଲ ଆକ୍ଟିଭିଟି ହଲ୍‌ରେ ଭବ୍ୟ 'କୈବଲ୍ୟ ୫.୦ – ଲିଟରେଚର କନକ୍ଲେଭ୍' ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ବିଷୟ 'ଇଙ୍କ୍ ଆଣ୍ଡ୍ ଇନସାଇଟ୍' ରଖାଯାଇଥିଲା। ଲେଖନୀର କଳା, ପଠନର ଆନନ୍ଦ ଓ ସାହିତ୍ୟ ମାଧ୍ୟମରେ ଚିନ୍ତନଶୀଳତାର ବିକାଶ ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଜ୍ୟୋତ୍ସ୍ନା ମଙ୍ଗରାଜଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ସାହିତ୍ୟ ସମାରୋହରେ ବିଶିଷ୍ଟ ଅତିଥି ଭାବେ ପ୍ରଫେସର ଡ. ହରିହର ହୋତା, ପୂର୍ବତନ କୁଳପତି, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ଏବଂ ପ୍ରଫେସର ଡ. ଚିତ୍ତରଞ୍ଜନ ମିଶ୍ର, ପୂର୍ବତନ ପ୍ରଫେସର, ବିଜେବି କଲେଜ, ଇଂରାଜୀ ବିଭାଗ, ଭୁବନେଶ୍ୱର ଯୋଗଦେଇଥିଲେ। ଅତିଥି ବକ୍ତାମାନେ ସାହିତ୍ୟର ମହତ୍ତ୍ୱ, ପୁସ୍ତକ ପଠନର ଆବଶ୍ୟକତା ଏବଂ ସୃଜନଶୀଳ ଲେଖନୀର ଶକ୍ତି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ମୂଲ୍ୟବାନ ମାର୍ଗଦର୍ଶନ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ସୃଜନଶୀଳ ପ୍ରଦର୍ଶନୀ ଓ ସାହିତ୍ୟିକ କାର୍ଯ୍ୟକ୍ରମ କନକ୍ଲେଭ୍‌କୁ ଅଧିକ ଆକର୍ଷଣୀୟ କରିଥିଲା। କୈବଲ୍ୟ ୫.୦ ଶବ୍ଦ, ସାହିତ୍ୟ, ଜ୍ଞାନ ଓ ସୃଜନଶୀଳତାର ଏକ ସ୍ମରଣୀୟ ମିଳନମେଳା ଭାବେ ପରିଗଣିତ ହୋଇଥିଲା।



## ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୪୭

# ଯୁବପିଢ଼ିଙ୍କ ପାଇଁ ଜାତୀୟସ୍ତରରେ ପ୍ରତିଭା ପ୍ରଦର୍ଶନର ସୁଯୋଗ

**ପୁରୀ (ବ୍ୟୁରୋ):** ଦେଶର ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ, ସୃଜନଶୀଳତା, ନବସୃଜନ ଓ ଦେଶ ଗଠନ ପ୍ରତି ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିକଶିତ ଭାରତ ୟଙ୍ଗ ଲିଡରର୍ସ ଡାଇଲଗ (ଭିବିୱାଇଏଲଡି)-୨୦୨୭ ଆୟୋଜିତ ହେଉଛି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ମାଇଁ ଭାରତ ଏହି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନକାରୀ ସଂସ୍ଥା ଭାବେ କାର୍ଯ୍ୟ କରୁଛି। ଏହି ସଂଳାପ ମାଧ୍ୟମରେ ଯୁବମାନଙ୍କୁ 'ବିକଶିତ ଭାରତ ଅ୨୦୪୭'ର ଲକ୍ଷ୍ୟ ପ୍ରତି ନିଜର ଚିନ୍ତାଧାରା ଓ ଅବଦାନ ଉପସ୍ଥାପନ କରିବାର ସୁଯୋଗ ମିଳିବ। ଭିବିୱାଇଏଲଡି-୨୦୨୭ ବିକଶିତ ଭାରତ ଚ୍ୟାଲେଞ୍ଜ ଟ୍ରାକର ପ୍ରଥମ ପର୍ଯ୍ୟାୟ ଭାବେ ବିକଶିତ ଭାରତ କ୍ୟୁଜି ଆୟୋଜିତ ହେଉଛି। ଏହା ଏକ ଜାତୀୟ ସ୍ତରର ଅନଲାଇନ୍ କୁଇଜ୍?, ଯାହା ମାଇଁ ଭାରତ ପୋର୍ଟାଲ୍ ମାଧ୍ୟମରେ ବିଭିନ୍ନ ଭାଷାରେ ଆୟୋଜିତ ହେଉଛି। ଯୋଗ୍ୟ ଯୁବମାନେ ବ୍ୟକ୍ତିଗତ ଭାବେ ଏଥିରେ ଅଂଶଗ୍ରହଣ କରିପାରିବେ। କୁଇଜ୍‌ରେ ଚୟନିତ ଅଂଶଗ୍ରହଣ କାରୀମାନେ ପରବର୍ତ୍ତୀ ବିକଶିତ ଭାରତ ଇଜି ଚ୍ୟାଲେଞ୍ଜ ପର୍ଯ୍ୟାୟକୁ ଯିବେ। ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ୧୫ରୁ ୨୯ ବର୍ଷ ବୟସର ଯୁବକ-ଯୁବତୀ ଭିବିୱାଇଏଲଡି-୨୦୨୭ରେ ଅଂଶଗ୍ରହଣ କରିପାରିବେ। ମାଇଁ ଭାରତ ପୋର୍ଟାଲ୍‌ରେ ପୂର୍ବରୁ ପଞ୍ଜୀକୃତ ଥିବା ଯୁବମାନଙ୍କୁ ପୁନର୍ବାର ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। ଅନ୍ୟ ଯୋଗ୍ୟ ଯୁବମାନେ ପୋର୍ଟାଲ୍‌ରେ ପଞ୍ଜୀକରଣ କରି ଏହି ପ୍ରକ୍ରିୟାରେ ଯୋଗଦେଇ ପାରିବେ। ବର୍ତ୍ତମାନ ବିକଶିତ ଭାରତ କୁଇଜ୍ ୧୭ ଅଗଷ୍ଟରୁ ୩୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ତେଣୁ ଜିଲ୍ଲାର ସମସ୍ତ ଯୋଗ୍ୟ ଯୁବକ-ଯୁବତୀଙ୍କୁ ଏହି ସମୟସୀମା ମଧ୍ୟରେ କୁଇଜ୍‌ରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଉଛି। ଏହି କୁଇଜ୍ ମାଧ୍ୟମରେ ଯୁବମାନେ ଭିବିୱାଇଏଲଡି-୨୦୨୭ର ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକରେ ଆଗକୁ ବଢ଼ିବାର ସୁଯୋଗ ପାଇପାରିବେ। କୁଇଜ୍ ପରେ ଚୟନିତ ଯୁବମାନେ ୫୦୦ ଶବ୍ଦର ବିକଶିତ ଭାରତ ଇଜି ଚ୍ୟାଲେଞ୍ଜରେ ଅଂଶଗ୍ରହଣ କରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତ୍ୟେକ ଜିଲ୍ଲାର ଶ୍ରେଷ୍ଠ ୫୦ଟି ନିବନ୍ଧକୁ ଡିଷ୍ଟ୍ରିକ୍ଟ ଚମ୍ପିୟନସିପ୍ ର ପିପିଟି ପର୍ଯ୍ୟାୟ ପାଇଁ ଚୟନ କରାଯିବ। ସେଠାରୁ ପ୍ରତ୍ୟେକ ଜିଲ୍ଲାର ଶ୍ରେଷ୍ଠ ଦୁଇଜଣ ପ୍ରସ୍ତୁତକାରୀ ଷ୍ଟେଟ ଭିବିୱାଇଏଲଡି ପାଇଁ ଯୋଗ୍ୟତା ହାସଲ କରିବେ ।ରାଜ୍ୟ ସ୍ତରରେ ଚୟନିତଯୁବମାନେ ନିଜର ଚିନ୍ତାଧାରା ଓ ପ୍ରସ୍ତୁତି ଏକ ଜୁରି ସମ୍ମୁଖରେ ଉପସ୍ଥାପନ କରିବେ। ରାଜ୍ୟ ସ୍ତରର ପ୍ରଦର୍ଶନ ଆଧାରରେ ଜାତୀୟ ପର୍ଯ୍ୟାୟ ପାଇଁ ରାଜ୍ୟ ଦଳ ଚୟନ କରାଯିବ। ଜାତୀୟ ପର୍ଯ୍ୟାୟରେ ଚୟନିତ ଯୁବମାନେ ନୂଆଦିଲ୍ଲୀରେ ବିଶେଷଜ୍ଞ, ବରିଷ୍ଠ ଅଧିକାରୀ ଓ କେନ୍ଦ୍ରମନ୍ତ୍ରୀ ମାନଙ୍କ ସମ୍ମୁଖରେ ନିଜର ଚିନ୍ତାଧାରା ଉପସ୍ଥାପନ କରିବାର ସୁଯୋଗ ପାଇବେ। ଅଞ୍ଚଳୀୟ ଫାଇନାଲିଷ୍ଟମାନେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ମଧ୍ୟ ନିଜର ପ୍ରସ୍ତୁତି ରଖିବାର ସୁଯୋଗ ପାଇବେ ।ଏହି କାର୍ଯ୍ୟକ୍ରମ କେବଳ କୁଇଜ୍? କିମ୍ବା ପ୍ରତିଯୋଗିତାରେ ସୀମିତ ନୁହେଁ ।ଭିବିୱାଇଏଲଡି-୨୦୨୭ରେ ବିକଶିତ ଭାରତ ଚ୍ୟାଲେଞ୍ଜ ଟ୍ରାକ, କଲଚ୍ୟୁରାଲ ଟ୍ରାକ, ଡିଜାଇନ ଫର ଭାରତ, ହ୍ୟାକ ଫର ସୋସିଆଲ କଜ,ୟୁଥ ଏଣ୍ଟରପ୍ରାଇଜର୍ସ ଚ୍ୟାଲେଞ୍ଜ ଓ ୟୁଥ ପାର୍ଲିଆମେଣ୍ଟ ଭଳି ଛଅଟି ଟ୍ରାକ୍ ରହିଛି। ଏହା ମାଧ୍ୟମରେ ବିଭିନ୍ନ କ୍ଷେତ୍ରର ପ୍ରତିଭାବାନ ଯୁବମାନେ ନିଜର ଦକ୍ଷତା ପ୍ରଦର୍ଶନର ସୁଯୋଗ ପାଇପାରିବେ ।ଜିଲ୍ଲାର ଯୋଗ୍ୟ ଯୁବମାନଙ୍କୁ ବିକଶିତ ଭାରତ କୁଇଜରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରି ଏହି ଜାତୀୟ ଯୁବ ମଞ୍ଚର ଅଂଶ ହେବାକୁ ଅନୁରୋଧ କରାଯାଉଛି। ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ନିଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏ ସମ୍ପର୍କରେ ବ୍ୟାପକ ସୂଚନା ପ୍ରସାର କରିବାକୁ ଅନୁରୋଧ କରାଯାଉଛି।




# ପିଏମଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା






**ପୁରୀ (ବ୍ୟୁରୋ):** ସ୍ଥାନୀୟ ପିଏମ୍ ଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଶୁଭଶ୍ରୀ ଦାଶ ଏବଂ ବିଦ୍ୟାଳୟ ପରିଚାଳନା କମିଟି (ଝଗଉ)ର ସଭାପତି ଶ୍ରୀଯୁକ୍ତ ବିଭୂତି ରଞ୍ଜନ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଏହି ବିଜ୍ଞାନ ମେଳାକୁ ଉଦ୍ ?ଘାଟନ କରିଥିଲେ। ଏଥିରେ ବରିଷ୍ଠ ବିଭାଗରେ ୬୨ଟି, କନିଷ୍ଠ ବିଭାଗରେ ୩୨ଟି ଏବଂ ଆଇ.ଟି. (ଓଞ୍ଜ), ଏ.ଏମ୍. (ଇଗ) ଓ ବିଜ୍ଞାନଭିତ୍ତିକ ପରୀକ୍ଷଣ ବିଭାଗରେ ୬୧ଟି ପ୍ରକଳ୍ପ ସମେତ ସର୍ବମୋଟ ୧୫୫ଟି ଆକର୍ଷଣୀୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀମାନେ ନିଜସ୍ୱ ବୈଜ୍ଞାନିକ ଚିନ୍ତାଧାରା, ଅନୁସନ୍ଧାନୀ ମନୋଭାବ ଓ କଳ୍ପନାଶକ୍ତିର ସଫଳ ପ୍ରୟୋଗ କରି ବିଭିନ୍ନ ଉପଯୋଗୀ ମଡେଲ୍ ? ଓ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ ଓ ବିଚାରକ ଭାବେ ପିଏମ୍ ? ଶ୍ରୀ ବ୍ରହ୍ମଗିରି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଦିବାକର ଦଳେଇ ଏବଂ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମୂଳଅଲସାର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ରାଜଶ୍ରୀ ମିଶ୍ର ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟବୃନ୍ଦଙ୍କ ସକ୍ରିୟ ସହଯୋଗରେ ବିଜ୍ଞାନ ମେଳାଟି ସଫଳତାର ସହ ସମ୍ପନ୍ନ ହୋଇଥିଲା ।ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ଅନୁସନ୍ଧାନୀ ଚିନ୍ତନ ଓ ସୃଜନଶୀଳତାର ବିକାଶ ଦିଗରେ ଏଭଳି ବିଜ୍ଞାନ ପ୍ରଦର୍ଶନୀର ଗୁରୁତ୍ୱ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଅଧିନିୟମ କର୍ମଶାଳା

**ପୁରୀ (ବ୍ୟୁରୋ):** ମହିଳା ମାନଙ୍କୁ ସୁରକ୍ଷା ଓ ସମ୍ମାନ ଏକ ସାମାଜିକ ଦାୟିତ୍ୱ। ତେଣୁ ପ୍ରତ୍ୟେକ ସ୍ତରରେ ସଚେତନତା ସୃଷ୍ଟି କରାଯାଇ ମହିଳା ମାନଙ୍କ ପ୍ରତି ହିଂସା କୁ ରୋକିବା ସହ ମହିଳା ମାନଙ୍କୁ ସଶକ୍ତ କରିବା କୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଆହ୍ୱାନ ଦେଇଛନ୍ତି। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଘରୋଇ ହିଂସାରୁ ମହିଳା ଙ୍କୁ ସୁରକ୍ଷା ଅଧିନିୟମ ସମ୍ପର୍କରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଆଜିର ସମାଜରେ ମହିଳା ମାନଙ୍କ ପ୍ରତି ହିଂସା ବୃଦ୍ଧି ପାଇବା ଉଦବେଗ ର ବିଷୟ ।କୁସଂସ୍କାର, ଶିକ୍ଷା ର ଅଭାବ, ଅହଂଭାବ, ପାରିବାରିକ ସଂସ୍କାର ର ଅଭାବ, ଗରିବୀ, ସହନଶୀଳତା ର ଅଭାବ ଓ ପାରସ୍ପରିକ ସମନ୍ୱୟ ର ଅଭାବ ଘରୋଇ ହିଂସା କୁ ବୃଦ୍ଧି କରୁଛି ।ଏଥିପାଇଁ ପ୍ରତ୍ୟେକ ପରିବାରକୁ ଉପଯୁକ୍ତ ସଚେତନ କରାଇବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଶ୍ରୀ ଭୋଇ କହିଥିଲେ। ଉପ ଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,କ୍ରାଇମ କଣ୍ଟ୍ରୋଲ ବୋର୍ଡ ର ଇନିନ୍ସପେକ୍ଟର ସୁମତୀ ମହାପାତ୍ର ପ୍ରମୁଖ ଯୋଗ ଦେଇ ଘରୋଇ ହିଂସା ର କାରଣ, ନିରାକରଣ, ଆମ ସମସ୍ତ ଙ୍କ ସାମାଜିକ ଓ ପାରିବାରିକ ଦାୟିତ୍ୱ ,ନିରାକରଣ ପାଇଁ ବିବିଧ ସମାଧାନ ର ପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବିଷୟ ବିଶାରଦ ଭାବେ ଅଧିବକ୍ତା ମୋହନ ସୁନ୍ଦର ଜେନା, ଡ ପ୍ରଧାନ ଧୀରେନ ରାୟ ପ୍ରମୁଖ ଯୋଗ ଦେଇ ଘରୋଇ ହିଂସା ର ସଂଜ୍ଞା, ଆଇନରେ ଥିବା ନ୍ୟାୟ ବ୍ୟବସ୍ଥା, ଅଭିଯୋଗକାରୀ, ଅଭିଯୁକ୍ତ ସମ୍ପର୍କରେ ଆଇନ ବ୍ୟବସ୍ଥା, ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ପରିଚାଳନା କରିଥିଲେ । ଏଥିରେ ବିଭିନ୍ନ ବ୍ଲକର ସିଡିପିଓ, ସୁପରଭାଇଜର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।ଶେଷରେ ଜିଲ୍ଲା ସଂଯୋଜକ ବିଦ୍ୟାଧର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



# ନଦୀରେ ଗାଧୋଉଥିବା ବେଳେ ଛାତ୍ର ନିଖୋଜ



**ପୁରୀ (ବ୍ୟୁରୋ):** ପୁରୀ ମଙ୍ଗଳା ନଦୀ ମୁହାଣରେ ଅଘଟଣ। ମଙ୍ଗଳା ନଦୀରେ ଗାଧୋଉଥିବା ବେଳେ କଲେଜ ଛାତ୍ର ନିଖୋଜ। ନିଖୋଜ କଲେଜ ଛାତ୍ର ପୁରୀ ସୁରଜ ମଲ କଲେଜର ଯୁକ୍ତ ଦୁଇର ଛାତ୍ର ଓମ୍ ଶୁଭମ୍ ବାରିକ। ଖବର ପାଇ ଘଟଣାସ୍ଥଳରେ ଲାଇଫ ଗାର୍ଡ, ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ବଳିଆପଣ୍ଡା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଲାଇଫ ଗାର୍ଡ ଓ ଅଗ୍ନିଶମ ବାହିନୀର କର୍ମଚାରୀ ମାନେ ଦୀର୍ଘ ସମୟ ଧରି ମଙ୍ଗଳା ନଇରେ ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ଓମର କୌଣସି ପତ୍ତା ମିଳିନାହିଁ।ଓମଙ୍କ ସାଙ୍ଗ ମାନଙ୍କ କହିବା କଥା ସେମାନେ ୭ ଜଣ ଏକାଠି ହୋଇ ମଙ୍ଗଳା ନଇ ମୁହାଣକୁ ଗାଧୋଇବା ପାଇଁ ଆସିଥିଲେ। ଓମ୍ ଏକୁଟିଆ ମଙ୍ଗଳା ନଇରେ ଗାଧୋଉଥିବା ବେଳେ ଏଭଳି ଅଘଟଣ ଘଟିଥିଲା।

# ବିନାୟକ ବିଦ୍ୟାମନ୍ଦିରରେ 'ଦେଖିଲେଖ' ପ୍ରତିଯୋଗିତା




**ପୁରୀ (ବ୍ୟୁରୋ):** ବିନାୟକ ବିଦ୍ୟାମନ୍ଦିର, ମଧୁବନ, ପୁରୀରେ ଟିକିତାରା ଭ୍ରାମ୍ୟମାଣ ସାହିତ୍ୟ ସଂସ୍ଥା ପକ୍ଷରୁ ଦେଖିଲେଖ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ପଞ୍ଚମ, ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରୀ ଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପଞ୍ଚମ ଶ୍ରେଣୀର ଆକାଂକ୍ଷା ବାରିକ, ଶ୍ରେୟାସ ଶ୍ରୀପାଦ ପ୍ରଧାନ ଓ ଆଶୁତୋଷ ମହାନ୍ତି, ଷଷ୍ଠ ଶ୍ରେଣୀର ସ୍ଥିତିପ୍ରଜ୍ଞା ପଟ୍ଟନାୟକ, ଜାଗୃତୀ ନାୟକ ଓ ବର୍ଷା ସୋନୀ ସାହୁ ଏବଂ ସପ୍ତମ ଶ୍ରେଣୀର ବିଦ୍ୟାଶ୍ରୀ ସାହୁ , ସୋନମୟୀ ଜେନା ଓ ଶାଳିନୀ ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଅଜୟ କୁମାର ପଣ୍ଡାଙ୍କ ଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ। ଏହି ସଭାରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ହେମନ୍ତ କୁମାର ଛୋଟରାୟ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ, ଶ୍ରୀମତୀ ମାନିନୀ ମିଶ୍ର, ଶ୍ରୀମତୀ ସନ୍ଧ୍ୟାରାଣୀ ତ୍ରିପାଠୀ, ଶ୍ରୀମତୀ ଅନିମା ମିଶ୍ର, ଶ୍ରୀମତୀ ଦେବସ୍ମିତା ବିଶ୍ୱାଳ, ସୁଶ୍ରୀ ଅଲିଭା ପୃଷ୍ଟି ଏବଂ ଶ୍ରୀମତୀ ଗୀତାରାଣୀ ମହାପାତ୍ର ପରିଚାଳନା କରିଥିଲେ। ସଂପାଦକ ବିପିନ ବିହାରୀ ଦଳାଇ, ସଭାପତି ଏବଂ ମୁଖ୍ୟ ଅତିଥି ପିଲାମାନଙ୍କୁ ଲେଖିବା ଶୈଳୀ ବିଷୟରେ ବୁଝାଇଥିଲେ।







# କୁସୁମା



ଯାଜପୁର ପୌରପାଳିକାରେ ଥିବା କୁସୁମା ପାର୍କକୁ ଆପଣ ନିଶ୍ଚୟ ଥରେ ବୁଲିଆସନ୍ତୁ। ଏହି ପୁଷ୍କରିଣୀରେ ଆପଣଙ୍କୁ ନିଶ୍ଚୟ ମାନସିକ ଶାନ୍ତି ମିଳିବା ସହ ଗୋଟେ ସୁସ୍ଥ ଓ ମନଭୁଲା ପରିବେଶ ଦେଖିବାକୁ ମିଳିଯିବ। ଏହି ପୁଷ୍କରିଣୀରେ ପାଣିକୁ ଗୁରୁତ୍ୱ ଦିଆଯିବା ସହ ଏହାର ଚତୁଃପାର୍ଶ୍ୱରେ ବିଲକୁଲ୍ ଏକ ରାଜଉଦ୍ୟାନ ପରି ସାଜସଜା କରାଯାଇଥିବା ଦେଖିବାକୁ ମିଳିବ। ଯାଜପୁର ପୌରପାଳିକା ଦ୍ୱାରା ପରିଚାଳିତ ଏହି ପାର୍କକୁ ନୂତନ ରୂପ ଦିଆଯାଇ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରାଯାଉଥିବା ଦେଖିବାକୁ ମିଳିଛି। ତେବେ ଏହା ଟିକେ ଅବହେଳା କରାଯାଉଥିବା ମଧ ଦେଖାଯାଉଛି। ରାଜନୈତିକ ଦୃଷ୍ଟି କୋଣରୁ ଏହାକୁ ଆଖି ଆଢୁଆଳରେ ରଖାଯିବା ମଧ୍ୟ ବିଭିନ୍ନ ମହଲରୁ ଦାବି ହେଉଛି। ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବା ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିବାର ଅନୁମାନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖାଯାଇଛି। କୁସୁମା ମଧରେ ବୋଟିଂ, ଲାଇଟ ଆଣ୍ଡ ସାଉଣ୍ଡ, ଶିଶୁଉଦ୍ୟାନ ପରି ଅନେକ ସୁବିଧା ସହ ଭଳିକି ଭଳି ଫୁଲର ସମ୍ଭାର ରହିଛି, ଯାହା ଲୋକମାନଙ୍କୁ ଆକର୍ଷିତ କରିଥାଏ।

**ବିଶାଳ ପୋଖରୀ:** ଏହି ଐତିହାସିକ ଜଳାଶୟଟି ପ୍ରାୟ ୨୭ ରୁ ୨୮ ଏକର ପରିମିତ ଅଞ୍ଚଳରେ ବ୍ୟାପିଛି । ଏହା ଚାରିପାଖର ସବୁଜିମା ପରିବେଶ ପର୍ଯ୍ୟଟକଙ୍କୁ ଶାନ୍ତି ପ୍ରଦାନ କରିଥାଏ ।

**ନୌବିହାର:** ପାର୍କ ଭିତରେ ଥିବା ବଡ଼ ଜଳାଶୟରେ ପର୍ଯ୍ୟଟକମାନଙ୍କ ପାଇଁ ବୋଟିଂ ବା ନୌବିହାରର ସୁବିଧା ରହିଛି ।

ମ୍ୟୁଜିକାଲ୍ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ: ସନ୍ଧ୍ୟା ସମୟରେ ଏଠାରେ ଆୟୋଜିତ ହେଉଥିବା ରଙ୍ଗବିରଙ୍ଗର ଆଲୋକ ଓ ସଙ୍ଗୀତର କାର୍ଯ୍ୟକ୍ରମ (ଗଙ୍କ-ଖ୍ୱସମବକ୍ଷ ରକ୍ଟଙ୍କଭଖ୍ୱବସଭ) ଏହାର

## ସବୁଠାରୁ ବଡ଼ ଆକର୍ଷଣ

**ଫୁଲ ବଗିଚା ଓ କଳାକୃତି:** ପାର୍କରେ ଦେଶ-ବିଦେଶରୁ ଅଣାଯାଇଥିବା ପ୍ରାୟ ୭୦ରୁ ଅଧିକ ପ୍ରଜାତିର ଫୁଲ ଗଛ ଲଗାଯାଇଛି । ଏହା ସହିତ କାନ୍ଥଗୁଡ଼ିକରେ ଭଗବାନ ବୁଦ୍ଧଙ୍କ କାହାଣୀ ଏବଂ ଓଡ଼ିଶାର କଳା-ସଂସ୍କୃତିର ସୁନ୍ଦର ଝଲକ ପ୍ରଦର୍ଶିତ ହୋଇଛି ।

**ଶିଶୁ ଉଦ୍ୟାନ ଓ ସ୍କେଟିଂ ପାର୍କ:** ଛୋଟ ପିଲାମାନଙ୍କ ଖେଳିବା ପାଇଁ ଏଠାରେ ଦୋଳି, ସ୍ଲାଇଡ୍ ଏବଂ ଏକ ସ୍କେଟିଂ ଜୋନ୍ ମଧ ନିର୍ମାଣ କରାଯାଇଛି ।

**ସମୟ ଏବଂ ପ୍ରବେଶ ଶୁଳ୍କ :** ମଙ୍ଗଳବାରଠାରୁ ରବିବାର ସକାଳ ୮:୦୦ ରୁ ରାତି ୮:୦୦ ପର୍ଯ୍ୟନ୍ତ ଏହା ଖୋଲା ରହେ । ସପ୍ତାହାନ୍ତ ବନ୍ଦ: ପ୍ରତି ସୋମବାର ଦିନ ପାର୍କ ସମ୍ପୂର୍ଣ୍ଣ ବନ୍ଦ ରହିଥାଏ ।

**ପ୍ରବେଶ ଶୁଳ୍କ:** ସାଧାରଣତଃ ଏଠାକୁ ପ୍ରବେଶ ପାଇଁ ମୁଣ୍ଡପିଛା ୩୦ ଟଙ୍କା

## କେମିତି ପହଞ୍ଚିବେ:

**ବସ୍ ଯୋଗେ:** ଯାଜପୁର ବସ୍ ଷ୍ଟାଣ୍ଡଠାରୁ ଏହାର ଦୂରତା ମାତ୍ର ୧.୫ କିଲୋମିଟର । ଆପଣ ସହଜରେ ଅଟୋ କିମ୍ବା ଲୋକାଲ୍ ଗାଡ଼ି ମାଧମରେ ଏଠାକୁ ଯାଇପାରିବେ।

**ଟ୍ରେନ୍ ଯୋଗେ:** ନିକଟସ୍ଥ ରେଳ ଷ୍ଟେସନ ହେଉଛି ଯାଜପୁର କେନ୍ଦୁଝର ରୋଡ୍ (ବ୍ୟାସନଗର), ଯାହା ଏଠାରୁ ପ୍ରାୟ ୨୦ ରୁ ୨୯ କିଲୋମିଟର ଦୂରରେ ଅବସ୍ଥିତ ।

ଯଦି ଆପଣ କୁସୁମା ପାର୍କ ବିଷୟରେ ଅଧିକ କିଛି ଜାଣିବାକୁ ଚାହାଁନ୍ତି, ଯେମିତିକି ବର୍ତ୍ତମାନର ସ୍ଥିତି, ଟିକେଟ ବୁକିଂ କିମ୍ବା ପାଖରେ ଥିବା ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ, ତେବେ ପଚାରିପାରିବେ।






# ରୂପକୁଣ୍ଡ ସାଗର



ସମଗ୍ର ଭାରତବର୍ଷରେ ପ୍ରାୟ ପନ୍ଦର ହଜାରରୁ ଅଧିକ ହ୍ରଦ, ଜଳାଶୟ, ସରସୀ, ପୁଷ୍କରିଣୀ, ସରୋବର, କୁଣ୍ଡ ଆଦି ନାମରେ ନାମିତ ଜଳଭଣ୍ଡାରମାନ ରହିଛି। ସେ ମଧ୍ୟରୁ କେତେକ ସୁରସାଗର ପରି ଅତ୍ୟନ୍ତ କ୍ଷୁଦ୍ର ଅଥଚ ନିଜର ଧର୍ମୀୟ ତଥା ସାଂସ୍କୃତିକ ସ୍ମୃତିଚିହ୍ନ ନିମିତ୍ତ ପ୍ରସିଦ୍ଧ। କେତେକ ପୁଣି ଉଲାଲ୍ ହ୍ରଦ ପରି ନିଜର ବିଶାଳତା ତଥା ପ୍ରାକୃତିକ ସୌନ୍ଦର୍ଯ୍ୟ ନିମିତ୍ତ ମାନ୍ୟତା ପ୍ରାପ୍ତ। ଏ ମଧ୍ୟରୁ କେତେକ ପ୍ରାକୃତିକ ପବିତ୍ର ସରୋବରର ଆଖ୍ୟା ପାଇଥିଲା ବେଳେ ଆଉକେତେକ ସମୟ ସମୟାନ୍ତରରେ ରାଜା, ମହାରାଜା ଓ ପ୍ରଶାସକମାନଙ୍କ ଦ୍ୱାରା ପାନୀୟଜଳ ଯୋଗାଣ, ସେଚନ ପ୍ରକ୍ରିୟା, ବିଦ୍ୟୁତ୍ ଉତ୍ପାଦନ ଇତ୍ୟାଦି ନିମିତ୍ତ ଖନନ କରାଯାଇଛି। ପ୍ରାକୃତିକ ସରୋବର ମଧ୍ୟରୁ ଅନେକ ଭାରତର ସଭ୍ୟତା, ସଂସ୍କୃତି ଓ ଧର୍ମଧାରାର ଅଙ୍ଗ ହୋଇ ତୀର୍ଥର ମର୍ଯ୍ୟାଦା ଲାଭ କରିଛି, ଏବଂ ଆଉ କେତେକ ନିଜ ନିଜର ଆଧିଭୌତିକ ସୌନ୍ଦର୍ଯ୍ୟ ଓ ରହସ୍ୟମୟତା ନିମିତ୍ତ ଲୋକଲୋଚନରେ ବିସ୍ମୟ ସୃଷ୍ଟି କରି ଖ୍ୟାତି ଅର୍ଜନ କରିଛି। ଏହି ହ୍ରଦ, ସର, ସରୋବର, ପୁଷ୍କରିଣୀ ଆଦି ନିମିତ୍ତ ଭାରତର କେତେକ ସହର ମାନ୍ୟତା ପାଇଛି। ଯେପରି ଉଦୟପୁର, ଭୋପାଲ, ଶିଲଂ, କୋଡ଼ାଇ କେନାଲ, ଥାନେ ଓ ଶ୍ରୀନଗର ଇତ୍ୟାଦି। ଉଭୟ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ସେଠାକୁ ଯାଇ ନିଜ ନିଜର ଅଭିଳାଷ ପୂରଣ କରିଥାନ୍ତି। କିନ୍ତୁ ତ୍ରିଶୂଳ ପର୍ବତର ପାଦଦେଶରେ ସମୁଦ୍ର ପତ୍ତନଠାରୁ ପ୍ରାୟ ୧୯,୫୦୦ ଫୁଟ ଉଚ୍ଚରେ ବରଫ ଆଚ୍ଛାଦିତ ଏପରି ଏକ ସରୋବର ରହିଛି, ଯାହା ଯେପରି ଆଶ୍ଚର୍ଯ୍ୟଜନକ ସେପରି ରହସ୍ୟମୟ। ନିଜର ବିଭୀଷିକାମୟ ଅବସ୍ଥିତି ପାଇଁ ଏହା ପରିଚିତ। ଉତ୍ତରାଖଣ୍ଡ ପ୍ରଦେଶର ଚାମୋଲି ଜିଲ୍ଲାରେ ଏହି ସରୋବରଟି ଅବସ୍ଥିତ। ତାହାର ନାମ ରୂପକୁଣ୍ଡ ସରୋବର, କିନ୍ତୁ ଏହା ଲେକ୍ ଅଫ୍ ସ୍କେଲିଟନ୍ ନାମରେ ସଂପ୍ରତି ପ୍ରସିଦ୍ଧ। ଏହାର ଏପରି ନାମକରଣର କାରଣ ହେଉଛି, ସାଧାରଣତଃ ଏହି ସରୋବରରେ ବିଭିନ୍ନ ଜଳଜନ୍ତୁମାନେ ଦେଖାଯିବା ପରିବର୍ତ୍ତେ କୁଢ଼ କୁଢ଼ ନରକଙ୍କାଳ ଦୃଷ୍ଟିଗୋଚର ହୁଏ। ଜୁନ୍, ଜୁଲାଇ ମାସରେ ଯେତେବେଳେ ବରଫ ତରଳି ଯାଏ ଏହି କଙ୍କାଳ ସବୁ ଦୃଷ୍ଟିଗୋଚର ହୋଇଥାନ୍ତି। ଏହି ପୁରାଣ ପ୍ରସିଦ୍ଧ ସରୋବର ସଂପର୍କରେ ଏକ କିଂବଦନ୍ତି ପ୍ରଚଳିତ। ଅଞ୍ଚଳବାସୀମାନେ କହିଥାନ୍ତି, ଏକଦା କନେ ?ଜର ରାଜା ଯଶଧାବଲ ତାଙ୍କର ଗର୍ଭବତୀ ପତ୍ନୀ, ରାଣୀ ବାଲମା, ସେବକ ସେବିକା ତଥା ନୃତ୍ୟ ସଂଗୀତ ପ୍ରଦର୍ଶନକାରୀ ଦଳ ଧରି ରୂପକୁଣ୍ଡ ସାଗର ଦେଇ ନନ୍ଦାଦେବୀ ଯାତ୍ରା କରୁଥିଲେ। ସେହି ସମୟରେ ଏକ ଭୟଙ୍କର ବରଫ ଝଡ଼ ହେବାରୁ ରାଜାରାଣୀଙ୍କ ସହିତ ସମସ୍ତେ ମୃତ୍ୟୁ ମୁଖରେ ପଡ଼ିଲେ। ସେମାନଙ୍କର କଙ୍କାଳ ରୂପକୁଣ୍ଡ ସରୋବରରେ ଜମା ହୋଇ ରହିଛି। ଏହାକୁ ମାନବବିଜ୍ଞାନୀମାନେ ମଧ ସ୍ୱୀକାର କରିଥାନ୍ତି। ସେମାନେ ଅନୁସନ୍ଧାନ କରି ମତବ୍ୟକ୍ତ କରିଛନ୍ତି ଯେ କୌଣସି ଏକ ଭାରୀ ବସ୍ତୁ ମୁଣ୍ଡ ଉପରେ ପଡ଼ିବାରୁ ଏହି ସମସ୍ତ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ଏହି କଙ୍କାଳଗୁଡ଼ିକ ପ୍ରାୟ ଦ୍ୱାଦଶରୁ ପଞ୍ଚଦଶ ଶତାବ୍ଦୀର ମଧ୍ୟବର୍ତ୍ତୀ କାଳର ହୋଇଥାଇ ପାରେ। ୧୯୪୨ ମସିହାରେ ଜଣେ ବନ ସଂରକ୍ଷକ ଏହାକୁ ଆବିଷ୍କାର କରିଥିଲେ। ପବିତ୍ର ତ୍ରିଶୂଳ ପର୍ବତ ଯାହା ଶିବଙ୍କ ପ୍ରଧାନ ଆୟୁଧ ଅନୁସାରେ ନାମିତ, ତାହା ପାଦଦେଶରେ ଥିବାରୁ ଏହାକୁ ଏକଦା ଏକ ପବିତ୍ର ସରୋବରର ମର୍ଯ୍ୟାଦା ଦିଆଯାଉଥିଲା। କିନ୍ତୁ ସଂପ୍ରତି ଏହାର ବିଭୀଷିକାମୟ ଅବସ୍ଥିତି ପାଇଁ ଏହା ତୀର୍ଥସ୍ଥଳର ମାନ୍ୟତା ହରାଇଛି; ମାତ୍ର ମାନବ ତତ୍ତ୍ୱର ଗବେଷକମାନଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଫଳରେ ଏହି ସରୋବରର ସୁରକ୍ଷାପାଇଁ ଉତ୍ତରାଖଣ୍ଡ ସରକାର ବିଶେଷ ଧ୍ୟାନ ଦେଉଛନ୍ତି।




# ସିଜୁଆରେ ଏଥର ମହାଭାରତର 'ପାଞ୍ଚାଳ ରାଜପ୍ରାସାଦ'



**ଭୁବନେଶ୍ୱର(ବ୍ୟୁରୋ):** ଚଳିତ ବର୍ଷ ଗଣେଶ ପୂଜା ଅବସରରେ ସିଜୁଆରେ ମହାଭାରତ ସମୟର 'ପାଞ୍ଚାଳ ରାଜପ୍ରାସାଦ' ତୋରଣ ଦେଖିବାକୁ ମିଳିବ। ଯୁଗ ଜ୍ୟୋତି ଯୁବକ ସଂଘ ପକ୍ଷରୁ ଏନେଇ ଆୟୋଜନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରାୟ ୮୫ ଫୁଟର ସୁଉଚ୍ଚ ତୋରଣ ଓ ଆଖି ଝଲସାଇଦେଲା ଭଳି ଆଲୋକମାଳା ମଧ୍ୟରେ ଶ୍ରଦ୍ଧାଳୁମାନେ ମହାଭାରତର ପୌରାଣିକ କାହାଣୀ ସମ୍ପର୍କରେ ଜାଣିବାକୁ ପାଇବେ। ଗଣେଶଙ୍କ ମୂର୍ତ୍ତିର ଉଚ୍ଚତା ୧୩ ଫୁଟ ରହିଛି। କଲିକତାର ଶିଳ୍ପୀମାନେ ମୂର୍ତ୍ତି ଓ ତୋରଣ ନିର୍ମାଣରେ ଲାଗିପଡ଼ିଛନ୍ତି। ଚଳିତ ବର୍ଷ ପୂଜା ପାଇଁ ୨୫ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। କ୍ଲବ୍ ପକ୍ଷରୁ ପ୍ରତିବର୍ଷ ଏଭଳି ନୂଆ ଥିମ୍‌ର ତୋରଣ ଶ୍ରଦ୍ଧାଳୁମାନଙ୍କୁ ଆକୃଷ୍ଟ କରିଆସୁଛି। ଚଳିତ ବର୍ଷର ଅନ୍ୟତମ ମୁଖ୍ୟ ଆକର୍ଷଣ ରହିଛି, ଗଜାନନଙ୍କ ମୂର୍ତ୍ତିରେ ରୁପାଦାନ୍ତ ଦେଖିବାକୁ ମିଳିବ। ଭକ୍ତ ଓ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ମୀନା ବଜାର ଓ ୧୪ରୁ ୧୯ ତାରିଖ ପର୍ଯ୍ୟନ୍ତ ଅପେରା ପ୍ରଦର୍ଶିତ ହେବ। ଏହା ସମ୍ପୂର୍ଣ୍ଣ ନିଶୁଳ୍କ ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଉଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ସଂଘ ପକ୍ଷରୁ ପୂଜାସ୍ଥଳୀରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ପୂଜାର ପ୍ରଥମ ଦିନ ୨୦,୦୦୦ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଆମ ସଂସ୍କୃତିକୁ ପରବର୍ତ୍ତୀ ପିଢ଼ି ନିକଟରେ ପହଞ୍ଚାଇବାକୁ କ୍ଲବ୍ ପକ୍ଷରୁ ଏଭଳି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି ବୋଲି କ୍ଲବ୍‌ର ସଭାପତି ବବ୍ରୁବାହନ ଗୁମାନସିଂହ କହିଛନ୍ତି। ୨୦ ତାରିଖରେ ବିସର୍ଜନ ପର୍ବ ଅନୁଷ୍ଠିତ ହେବ। ଆଜି ଏନେଇ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଜୟ ପ୍ରଧାନ, ଆଶିଷ ପ୍ରଧାନ, ସୁରେଶ ଜୟସିଂହ, ବୈଭବ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଏଣିକି ଅନ୍ ଲାଇନ ହେବ ଆଦିବାସୀ ଜମି ହସ୍ତାନ୍ତର ଓ ଦଖଲ ମାମଲା

**ଭୁବନେଶ୍ୱର(ବ୍ୟୁରୋ) :** ଏଣିକି ଅନ୍ ଲାଇନ ହେବ ଆଦିବାସୀ ଜମି ହସ୍ତାନ୍ତର ଓ ଦଖଲ ମାମଲା। ରାଜସ୍ୱ ସେବାକୁ ଅଧିକ ସ୍ୱଚ୍ଛ, ସରଳ ଓ ସମୟୋଚିତ କରିବାକୁ ଏହି ପଦକ୍ଷେପ ନେଇ ରାଜ୍ୟ ସରକାର। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନ ୩ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ସେବାକୁ ଏଣିକି ଅନଲାଇନ୍ ଜରିଆରେ କରିବାକୁ ଦିଆଯାଇଛି ନିର୍ଦ୍ଦେଶ। ବିଶେଷ କରି ଅନୁସୂଚିତ ଜନଜାତିଙ୍କ ଜମି ହସ୍ତାନ୍ତର, ବେଆଇନ ଜମି ହସ୍ତାନ୍ତର ଓ ଜମିରେ ଅନଧିକୃତ ଦଖଲ ସମ୍ପର୍କିତ ମାମଲା ଅନ୍ ଲାଇନରେ କରିବାକୁ ରହିଛି ନିର୍ଦ୍ଦେଶ। ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ଓଡ଼ିଶା ଅଧିସୂଚିତ କ୍ଷେତ୍ର ସ୍ଥାବର ସମ୍ପତ୍ତି ହସ୍ତାନ୍ତର ନିୟମ,୧୯୫୬ର ଧାରା ୩ (ଏ) ଓ ଓଡ଼ିଶା ଭୂସଂସ୍କାର ପୁର୍ନଗଠନ ଆଇନ, ୧୯୬୦ର ଧାରା ୨୩ ଓ ଧାରା ୨୩ (ଏ) ଅଧୀନ ମାମଲାଗୁଡ଼ିକର




ଅନଲାଇନ ପ୍ରକ୍ରିୟାକରଣ କରାଯିବ। ତେବେ ମାମଲାଗୁଡ଼ିକରେ ସିଧାସଳଖ ନିଷ୍ପତ୍ତି ନେବା ପାଇଁ ସବ୍ କଲେକ୍ଟର ହେଉଛନ୍ତି କ୍ଷମତାପ୍ରାପ୍ତ ରାଜସ୍ୱ କର୍ତ୍ତୃପକ୍ଷ। ଅନୁସୂଚିତ ଅଞ୍ଚଳରେ ଅନୁସୂଚିତ ଜନଜାତିଙ୍କ ଭୂ-ସମ୍ପତ୍ତିର ହସ୍ତାନ୍ତର ଉପରେ ନିୟନ୍ତ୍ରଣ ରଖିବା ପାଇଁ ୧୯୫୬ର ନିୟମ ରହିଛି। ଏହି ନିୟମ ଅଧୀନ ମାମଲାରେ ଜମି ହସ୍ତାନ୍ତର ଆଇନସମ୍ମତ କି ନୁହେଁ, ତାହା ରାଜସ୍ୱ କର୍ତ୍ତୃପକ୍ଷ ଯାଞ୍ଚ କରନ୍ତି। ସେହିପରି ଓଡ଼ିଶା ଲ୍ୟାଣ୍ଡ ରିଫର୍ମସ୍ ଆକ୍ଟର ଧାରା ୨୩ ଅଧୀନ ଜମି ହସ୍ତାନ୍ତର ସମ୍ପର୍କିତ ମାମଲାରେ ଆଇନର ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଉଲ୍ଲଂଘନ ହୋଇଛି କି ନାହିଁ, ତାହା ଯାଞ୍ଚ କରାଯାଏ। ଧାରା ୨୩-ଏ ଅଧୀନ ଜମିରେ ଅନଧିକୃତ ଦଖଲ ସମ୍ପର୍କିତ ମାମଲା ମଧ୍ୟ ଅନଲାଇନ୍ ହେବ। ଅଭିଯୋଗ ଆଧାରରେ କିମ୍ବା ଆଇନ ଅନୁଯାୟୀ ମାମଲା ଗ୍ରହଣ କରାଯିବା ପରେ ସମ୍ପୃକ୍ତ ପକ୍ଷଙ୍କୁ ଶୁଣାଣିର ସୁଯୋଗ ଦିଆଯିବ। ତଥ୍ୟ ଓ ପ୍ରମାଣ ଆଧାରରେ ଅନଧିକୃତ ଦଖଲ ପ୍ରମାଣିତ ହେଲେ, ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ଏହି ୩ଟି ସେବା ସମ୍ପର୍କିତ ମାମଲା ଆଉ ଅଫଲାଇନ୍ ମାଧ୍ୟମରେ ପ୍ରକ୍ରିୟାକରଣ କରାଯିବ ନାହିଁ। ସମସ୍ତ ସବ୍ -କଲେକ୍ଟରଙ୍କୁ ନିର୍ଦ୍ଧାରିତ ଅନଲାଇନ୍ ବ୍ୟବସ୍ଥା ଅନୁଯାୟୀ ମାମଲାଗୁଡ଼ିକର ନିଷ୍ପତ୍ତି କରିବାକୁ କୁହାଯାଇଛି। ନାଗରିକମାନଙ୍କୁ ଅନଲାଇନ୍ ସେବା ସମ୍ପର୍କରେ ସଚେତନ କରିବା ଏବଂ ଏହାର ବ୍ୟାପକ ପ୍ରଚାର କରିବାକୁ ମଧ୍ୟ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ରହିଛି।

# କୁଆଖାଇ ବ୍ରିଜରୁ ଅଟୋ ଚାଳକ ନିଖୋଜ, ୯ ଘଣ୍ଟା ପରେ ବି ପତ୍ତା ମିଳୁନି

**ଭୁବନେଶ୍ୱର(ବ୍ୟୁରୋ):** ଟଙ୍କପାଣି ବ୍ରିଜ ଉପରେ କୁଆଖାଇ ନଦୀବ୍ରିଜ ଉପରୁ ପୁରୁଣା ଭୁବନେଶ୍ୱର ହରଚଣ୍ଡୀ ସାହିର ଅଟୋ ଚାଳକ ସଞ୍ଜୟ ସ୍ୱାଇଁ ନିଖୋଜ ଘଟଣାକୁ ଏହା ମଧ୍ୟରେ ଦୀର୍ଘ ୯ ଘଣ୍ଟା ସମୟ ବିତିଲାଣି । ହେଲେ ସଞ୍ଜୟଙ୍କୁ ବର୍ତ୍ତମାନ ସୁଦ୍ଧା ଉଦ୍ଧାର କରାଯାଇ ପାରିନି । ଏପଟେ ବାଲିଅନ୍ତା ଏବଂ ଭୁବନେଶ୍ୱର ଅଗ୍ନିଶମବାହିନୀ ପକ୍ଷରୁ ସଞ୍ଜୟଙ୍କୁ ତନ୍ନତନ୍ନ କରି ଖୋଜାଖୋଜି ଜାରି ରହିଛି । ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଜଣକ ପରେ ଜଣେ ଲୋକ ଠିକ ଏହି ସ୍ଥାନରୁ ନିଖୋଜହେବା ଘଟଣା। ୫ ତାରିଖ ରାତିରେ ଭବାନୀ ଶଙ୍କର ନିଖୋଜ କୁଆଖାଇକୁ ଡେଇଁ ନିଖୋଜ ହୋଇଯାଇଥିଲେ । ପରବର୍ତ୍ତୀ ସମୟରେ ପରଦିନ ନଦୀରୁ ତାଙ୍କର ମୃତଦେହ ମିଳିଥିଲା। ଠିକ ସମାନ ଢଙ୍ଗରେ ଅଟୋ ଚାଳକ ସଞ୍ଜୟ ସମାନ ଢଙ୍ଗରେ ବ୍ରିଜ ଉପରୁ ନିଖୋଜ ହୋଇଯାଇଛନ୍ତି । ଏଭଳି ଅଘଟଣ ସ୍ଥାନୀୟ ଲୋକଙ୍କୁ ଯେତିକି ଦୁଃଖିତ କରୁଛି ତାହାଠାରୁ ବେଶି ପ୍ରଶାସନିକ ଉଦାସୀନତା ତଥା ଅବହେଳା ବ୍ୟଥିତ କରୁଛି । ସ୍ଥାନୀୟ ଲୋକଙ୍କ କହିବାନୁସାରେ ବ୍ରିଜ ଉପରେ ୪୦ ରୁ ଅଧିକ ଷ୍ଟ୍ରିଟ ଲାଇଟ ଲାଗିଥିଲା । ଏବେ ଗୋଟିଏ ବି ଜଳୁନି । ଯାହାଫଳରେ ଏଠାରେ ଛିନତାଇ, ଲୁଟ ଏବଂ ଜୁଆଖେଳ ଭଳି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଲାଇଟ ଜଳୁଥିଲା ବୋଲି ବିଳମ୍ବିତ ରାତି ଯାଏ ସ୍ଥାନୀୟ ଲୋକଙ୍କ ଗହଳି ଚହଳି ଲାଗି ରହୁଥିଲା । ଆଉ ଗୋଟିଏ ପଟରେ ସେମାନେ ସ୍ଥାନୀୟ ପୁଲିସକୁ ମଧ୍ୟ ଏନେଇ ଦାୟୀ କରିଛନ୍ତି । ବ୍ରିଜ ଉପରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ସେମାନେ ସ୍ଥାନୀୟ ପୁଲିସକୁ ମଧ୍ୟ ଏନେଇ ଦାୟୀ କରିଛନ୍ତି । ରାତିବେଳା ଏଠାରେ ପୁଲିସ ମୁତୟନ ନେଇ ଦାବି କରିଛନ୍ତି ।

## ବଡ଼ ସାଇବର ମ୍ୟୁଲ୍ ଆକାଉଣ୍ଟ ରାକେଟର ପର୍ଦ୍ଦାଫାସ୍

# ଜଣେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ତିନି ଗିରଫ

**ଭୁବନେଶ୍ୱର(ବ୍ୟୁରୋ) :** ରାଜଧାନୀ ଭୁବନେଶ୍ୱରରେ ଏକ ବଡ଼ଧରଣର ସାଇବର ମ୍ୟୁଲ୍ ଆକାଉଣ୍ଟ ରାକେଟର ପର୍ଦ୍ଦାଫାସ୍ କରିଛି ଭୁବନେଶ୍ୱର ସାଇବର ଥାନା ପୋଲିସ । ମ୍ୟାନ୍ ପାୱାର ଓ ହସ୍ପିଟାଲିଟି ସେବା ଯୋଗାଣ ନାଁରେ ଏକ ନକଲି କମ୍ପାନୀ ଖୋଲି ସାଇବର ଠକେଇ ଟଙ୍କାର କାରବାର ପାଇଁ ମ୍ୟୁଲ୍ ଆକାଉଣ୍ଟ ଚଲାଉଥିବା ଅଭିଯୋଗରେ ପୋଲିସ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ତିନି ଜଣଙ୍କୁ ଗିରଫ କରିଛି । ଏହି ଗ୍ୟାଙ୍ଗର ମୁଖ୍ୟ ସୂତ୍ରଧର ତଥା ଅନ୍ୟ ଏକ ବ୍ୟାଙ୍କର କର୍ମଚାରୀ କୃଷ୍ଣଚନ୍ଦ୍ର ବେହେରା ଏବେ ଫେରାର ରହିଛି । ଗିରଫ ଅଭିଯୁକ୍ତମାନେ ହେଲେ ଏକ ଘରୋଇ ବ୍ୟାଙ୍କର ଫିଲ୍ଡ ଏଜେଣ୍ଟ ଜିତେନ୍ଦ୍ର କୁମାର ଖୁଣ୍ଟିଆ , ରଙ୍ଗ ମିସ୍ତ୍ରୀ ରାଜେଶ କୁମାର ଜେନା ଏବଂ ଟ୍ୟାକ୍ସି



ଡ୍ରାଇଭର ପୁରୁଷୋତ୍ତମ ବେହେରା ପୋଲିସ ସୂଚନା ଅନୁସାରେ, ୬ଷ୍ଠ ପାସ୍ ରାଜେଶ ଏବଂ ନବମ ପାସ୍ ପୁରୁଷୋତ୍ତମଙ୍କୁ ମୋଟା ଅଙ୍କର ଟଙ୍କାର ଲୋଭ ଦେଖାଇ 'ପିପି ମ୍ୟାନ୍ ପାୱାର ସପ୍ଲାଇ ଆଣ୍ଡ ହସ୍ପିଟାଲିଟି ସର୍ଭିସେସ୍' ନାମକ ଏକ କମ୍ପାନୀର ଯୁଗ୍ମ ନିର୍ଦ୍ଦେଶକ କରାଯାଇଥିଲା । ଏହି କମ୍ପାନୀ ନାମରେ ବିଭିନ୍ନ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କରେ ପ୍ରାୟ ୨୫ଟି ମ୍ୟୁଲ୍ କରେଣ୍ଟ ଆକାଉଣ୍ଟ ଖୋଲାଯାଇଥିଲା । ଦିଲ୍ଲୀ, କୋଲକାତା ସମେତ ଦେଶର ବିଭିନ୍ନ ସ୍ଥାନରେ ସକ୍ରିୟ ଥିବା ସାଇବର ଠକମାନଙ୍କୁ ଏହି ଆକାଉଣ୍ଟଗୁଡ଼ିକ ଯୋଗାଇ ଦିଆଯାଉଥିଲା ଏବଂ ଠକେଇ ଟଙ୍କାର ନେଣଦେଣ କରାଯାଉଥିଲା । ପ୍ରାଥମିକ ତଦନ୍ତରୁ ଏହି ଆକାଉଣ୍ଟଗୁଡ଼ିକରେ ୩୦ ରୁ ୩୫ ଲକ୍ଷ ଟଙ୍କାର ସନ୍ଦେହଜନକ ନେଣଦେଣ ହୋଇଥିବା ଜଣାପଡ଼ିଛି । ଅଭିଯୁକ୍ତଙ୍କ ନିକଟରୁ ବ୍ୟାଙ୍କ ପାସବୁକ୍, ସ୍ୱାଇପ୍ ମେସିନ୍, କମ୍ପାନୀ ସିଲ୍, ପ୍ରିଣ୍ଟର ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି । ଘଟଣାରେ ଅନ୍ୟ କୌଣସି ବ୍ୟାଙ୍କ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି କି ନାହିଁ ଏବଂ ଫେରାର ଥିବା ମାଷ୍ଟରମାଇଣ୍ଡ କୃଷ୍ଣଚନ୍ଦ୍ରକୁ ଧରିବା ପାଇଁ ଭୁବନେଶ୍ୱର ସାଇବର ପୋଲିସ ତଦନ୍ତ ଜାରି ରଖିଛି ।

# ଟ୍ରାଫିକ୍ ଡ୍ୟୁଟିରେ ସ୍ମାର୍ଟ ଟେକ୍ନୋଲୋଜି



**ଭୁବନେଶ୍ୱର(ବ୍ୟୁରୋ) :** ରାଜଧାନୀରେ ଟ୍ରାଫିକ୍ ପରିଚାଳନାକୁ ଅଧିକ ସ୍ମାର୍ଟ ଓ ଆଧୁନିକ କରିବା ଲକ୍ଷ୍ୟରେ କମିଶନରେଟ୍ ପୁଲିସ ପକ୍ଷରୁ ଟ୍ରାଫିକ୍ ପୁଲିସ କର୍ମଚାରୀଙ୍କ ପାଇଁ ଶୋଲ୍ଡର ଫ୍ଲିକରିଂ ଲାଇଟ୍ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ରବିବାର ସନ୍ଧ୍ୟାରେ ପୁଲିସ ସେବା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁଲିସ କମିଶନର ଏସ୍. ଦେବ ଦତ୍ତ ସିଂହ ଏହି ବ୍ୟବସ୍ଥାର ଉଦ୍ଘାଟନ କରିଥିଲେ। ଏହି ଅବସରରେ ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ ଓ ଡିସିପି ଟ୍ରାଫିକ୍ ଅନୁପ କାନୁନଗୋଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। କ୍ଷେତ୍ରସ୍ତରରେ କାର୍ଯ୍ୟରତ ଟ୍ରାଫିକ୍ କର୍ମଚାରୀଙ୍କ ସୁରକ୍ଷା, ଦୃଶ୍ୟମାନତା ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଏହି ଆଧୁନିକ ଲାଇଟ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ବିଶେଷକରି ରାତ୍ରିକାଳୀନ ଡ୍ୟୁଟି ସମୟରେ ଟ୍ରାଫିକ୍ ପୁଲିସଙ୍କୁ ଯାନବାହନ ଚାଳକମାନେ ସହଜରେ ଚିହ୍ନଟ କରିପାରିବେ। ଏହା ଦ୍ୱାରା ସଡ଼କ ସୁରକ୍ଷା ବୃଦ୍ଧି ପାଇବା ସହ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ଅଧିକ ପ୍ରଭାବଶାଳୀ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଏହି ପଦକ୍ଷେପକୁ ସ୍ମାର୍ଟ ଟ୍ରାଫିକ୍ ପରିଚାଳନା ଦିଗରେ ଆଉ ଏକ ମାଇଲଖୁଣ୍ଟ ବୋଲି ବର୍ଣ୍ଣନା କରାଯାଇଛି।

# ଡେଲ୍‌ଟା ଛକରେ ଅଘଟଣ, ଭୁଶୁଡ଼ିଲା ନିର୍ମାଣାଧୀନ ଲୁହାଡାଞ୍ଚା

**ଭୁବନେଶ୍ୱର(ବ୍ୟୁରୋ) :** ଭୁବନେଶ୍ୱର ଡେଲଟା ଛକରେ ଅଘଟଣ । ଭୁଶୁଡ଼ିଲା ନିର୍ମାଣାଧୀନ ଲୁହା ଡାଞ୍ଚା । ଦିଲ୍ଲୀର ସତ୍ୟ ନିକେତନ ଟଏ ଟ୍ରାଜେଡି ପରେ ଭୁବନେଶ୍ୱରରୁ ଆସିଛି ଆଉ ଏକ କୋଠା ଭୁଶୁଡ଼ିବାର ଖବର। ରାଜଧାନୀର ଡେଲଟା ଛକ ନିକଟରେ ଏକ ନିର୍ମାଣାଧୀନ ଲୁହା ଡାଞ୍ଚା ଭୁଶୁଡ଼ି ପଡ଼ିଥିବା ସୂଚନା ମିଳିଛି। ଗତକାଲି ରାତିରେ ଘଟଣା ଘଟିଥିବା କୁହାଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ରାତିରେ ହଠାତ୍ ବଡ଼ ଶବ୍ଦ ଶୁଣିବାକୁ ମିଳିଥିଲା। ପରେ ନିର୍ମାଣାଧୀନ ଲୁହା ଡାଞ୍ଚା ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଥିଲା। ଏହି ଡାଞ୍ଚା କିପରି ଭୁଶୁଡ଼ିଲା, ଘଟଣା ସମୟରେ ସେଠାରେ କେତେ ଜଣ ଶ୍ରମିକ ଥିଲେ ଏବଂ କେହି ଆହତ ହୋଇଛନ୍ତି କି ନାହିଁସେ ସମ୍ପର୍କରେ ସବିଶେଷ ତଥ୍ୟ ଅପେକ୍ଷା



କରାଯାଉଛି। ଘଟଣାଟି କେଉଁ ପ୍ରକଳ୍ପରେ ଘଟିଛି, ନିର୍ମାଣ କାମ କେଉଁ ସଂସ୍ଥା କରୁଥିଲା ଏବଂ ନିର୍ମାଣ ପାଇଁ ଆବଶ୍ୟକ ସମସ୍ତ ଅନୁମତି ନିଆଯାଇଥିଲା କି ନାହିଁ, ତାହା ମଧ୍ୟ ସ୍ପଷ୍ଟ ହେବା ବାକି ରହିଛି। ଏତେ ବଡ଼ ଲୁହା ଡାଞ୍ଚା କିପରି ଭୁଶୁଡ଼ିଲା? ଏହାର ଡିଜାଇନ୍ କିମ୍ବା ନିର୍ମାଣରେ କୌଣସି ତ୍ରୁଟି ଥିଲା କି? ନିର୍ମାଣସ୍ଥଳରେ ଆବଶ୍ୟକ ସୁରକ୍ଷା ନିୟମ ପାଳନ ହେଉଥିଲା କି? ଶ୍ରମିକଙ୍କ ସୁରକ୍ଷା ପାଇଁ କ'ଣ ବ୍ୟବସ୍ଥା ଥିଲା? ଏସବୁ ଦିଗ ଏବେ ଯାଞ୍ଚର ବିଷୟ। ଦିଲ୍ଲୀର ସତ୍ୟ ନିକେତନ ଘଟଣାକୁ ନେଇ ବିଲ୍ଡିଂ ସୁରକ୍ଷା ଉପରେ ଦେଶବ୍ୟାପୀ ଚର୍ଚ୍ଚା ଚାଲିଥିବା ବେଳେ ଭୁବନେଶ୍ୱରର ଏହି ଘଟଣା ରାଜଧାନୀର ନିର୍ମାଣସ୍ଥଳଗୁଡ଼ିକରେ ସୁରକ୍ଷା ନିୟମ ପାଳନକୁ ନେଇ ପୁଣି ପ୍ରଶ୍ନ ଉଠାଇଛି।

### ଆଇଏଏସ ସ୍ତରରେ ଅଦଳବଦଳ

# ସୁଧାଂଶୁ ମୋହନ ସାମଲ ହେଲେ ଓଏମସି ଏମ୍‌ଡି

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟ ସରକାର ବରିଷ୍ଠ ଆଇଏଏସ ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୁରେଶ କୁମାର ବଶିଷ୍ଠଙ୍କୁ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଏଥିସହ ସଂସଦୀୟ ବ୍ୟାପାର ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଆଇଏଏସ ସୁଧାଂଶୁ ମୋହନ ସାମଲଙ୍କୁ ଓଏମସି ଏମଡି ଭାବେ ନିଯୁକ୍ତି ଦିଆଯାଇଛି। ଏହା ସହ କେନ୍ଦ୍ରାଞ୍ଚଳ ଆରଡିସି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଡା.ବୃନ୍ଦା ଡିଙ୍କୁ ସାମାଜିକ ସୁରକ୍ଷା , ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତ କରାଯାଇଛି।

# ଗାନ୍ଧୀ ମାର୍ଗରେ ରାଜ୍ୟ ଯୋଗାଣ ସହାୟକ ସଂଘର ବିକ୍ଷୋଭ




**ଭୁବନେଶ୍ୱର(ବ୍ୟୁରୋ) :** ରାଜଧାନୀରେ ଗର୍ଜିଲା ଓଡ଼ିଶା ରାଜ୍ୟ ଯୋଗାଣ ସହାୟକ ସଂଘ । ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ସଂଘର ବିକ୍ଷୋଭ । ସମସ୍ତ ଚୁକ୍ତିଭିତ୍ତିକ ଯୋଗାଣ ସହାୟକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସିଧାସଳଖ ଆକାଉଣ୍ଟ ମାଧ୍ୟମରେ ଦରମା, ଜିଲ୍ଲା କ୍ୟାଡରରେ ଅନ୍ତର୍ଭୁକ୍ତ, ଗ୍ରେଡ ପେ ଓ ଦରମା ବୃଦ୍ଧି ସମେତ ୧୧ଦଫା ଦାବିରେ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି । ୧୪ ବର୍ଷ ଧରି ରାଜ୍ୟର ପଞ୍ଚାୟତ ସ୍ତରରେ ଯୋଗାଣ ସହାୟକ ସରକାରୀ ଜନସେବାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିଷ୍ଠାର ସହିତ କରିଆସୁଛନ୍ତି। ପିଡିଏସ୍ ମାଧ୍ୟମରେ ରାସନ ସାମଗ୍ରୀ ବଣ୍ଟନ, ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ, ନିର୍ବାଚନୀ କାର୍ଯ୍ୟ, କୋଭିଡ୍-୧୯ ସମୟରେ ଜନସେବା ଓ ଇ-କେୱାଇସି କାର୍ଯ୍ୟରେ ସାମିଲ ଅଛନ୍ତି। ଦୀର୍ଘ ୧୪ ବର୍ଷର ସେବା ଓ ଅଭିଜ୍ଞତା ସତ୍ତ୍ୱେ ସେମାନଙ୍କୁ ଏଯାଏ ନିୟମିତ କରାଯାଇନାହିଁ । ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ଚେତାବନୀ ଦେଇଛି ।

## ଟ୍ରକ୍ ଟର୍ମିନାଲ୍‌ର ସୂଚାରୁ ପରିଚାଳନା ପାଇଁ

# ବାଣିଜ୍ୟ ଓ ପରିବହନ ବିଭାଗ-ଆଇଓସିଏଲ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର(ବ୍ୟୁରୋ) :** ଜାତୀୟ ଓ ରାଜ୍ୟ ରାଜପଥରେ ଅବୈଧ ପାର୍କିଂ ଯୋଗୁଁ ଘଟୁଥିବା ସଡ଼କ ଦୁର୍ଘଟଣା ଓ ତଦଜନିତ ପ୍ରାଣହାନିକୁ ରୋକିବା ସହ ଭାରୀଯାନ ଚାଳକମାନଙ୍କୁ ଉନ୍ନତ ସୁବିଧା-ସୁଯୋଗ ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜପଥ ପାର୍ଶ୍ୱରେ ନିର୍ମାଣ ହେଉଥିବା ଅତ୍ୟାଧୁନିକ ଟ୍ରକ୍ ଟର୍ମିନାଲଗୁଡ଼ିକର ସୁଚାରୁ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଭାରତ ସରକାରଙ୍କ ଅଗ୍ରଣୀ ଉଦ୍ୟୋଗ 'ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍' ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍. ବି. ଏସ୍. ରାଜପୁତ, ପରିବହନ କମିଶନର ଅମିତାଭ ଠାକୁର ଏବଂ ଆଇଓସିଏଲ୍‌ର ରାଜ୍ୟ ମୁଖ୍ୟ କମଲ ସିଲ୍ ଓ ଡିଜିଏମ୍ ସଚିନ୍ଦ୍ର ଗୁନୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପରିବହନ ବିଭାଗ ପକ୍ଷରୁ ଅତିରିକ୍ତ




ପରିବହନ କମିସନର (ସଡ଼କ ସୁରକ୍ଷା) ଦୀପ୍ତିରଞ୍ଜନ ପାତ୍ର ଏବଂ ଆଇଓସିଏଲ୍ ପକ୍ଷରୁ ରାଜ୍ୟ ରିଟେଲ ମୁଖ୍ୟ ଚିରଞ୍ଜୀବ ପୋଦାର ଏହି ଗକ୍ଟରେ ସ୍ୱାକ୍ଷର କରିଛନ୍ତି । ସୂଚନାଯୋଗ୍ୟ ଯେ, ରାସ୍ତାରେ ଅସୁରକ୍ଷିତ ଭାବେ ଛିଡ଼ା ହୋଇ ରହୁଥିବା ଗାଡ଼ି ସହିତ ଧକ୍କା ହେବା କାରଣରୁ ଓଡ଼ିଶାରେ ପ୍ରତିବର୍ଷ ୩୦୦ରୁ ଅଧିକ ଜଣ ଲୋକ ପ୍ରାଣ ହରାଉଛନ୍ତି। ବିଭିନ୍ନ ରାଜ୍ୟରୁ ଆସୁଥିବା ଦୂରଗାମୀ ଟ୍ରକ୍ ଚାଳକମାନେ ଅନେକ ସମୟରେ ରାଜପଥରେ ବେଆଇନ ଭାବେ ଗାଡ଼ି ପାର୍କିଂ କରୁଥିବା ସହ ଅସୁରକ୍ଷିତ ପରିବେଶରେ ରାନ୍ଧିବା ଓ ବିଶ୍ରାମ ନେବା ଭଳି କାର୍ଯ୍ୟକଳାପ କରୁଛନ୍ତି। ଫଳରେ ସଡ଼କ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଛି। ଏହି ସମସ୍ୟା ହ୍ରାସ କରିବା ପାଇଁ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜାତୀୟ ରାଜପଥ ନିକଟରେ ୩୦ଟି ଟ୍ରକ୍ ଟର୍ମିନାଲ୍ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିମଧ୍ୟରୁ ୧୫ଟି ଟର୍ମିନାଲ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ଟର୍ମିନାଲ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ଗାଡ଼ି ପାର୍କିଂ ବ୍ୟବସ୍ଥା ସହିତ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମାଗାର, କ୍ୟାଣ୍ଟିନ୍, ପାନୀୟ ଜଳ, ଗାଡ଼ି ମରାମତି ଗ୍ୟାରେଜ୍, ଇଭି ଚା ଷ୍ଟେସନ ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଉପଲବ୍ଧ କରାଯାଇଛି। ଆଜି ସ୍ୱାକ୍ଷରିତ ହୋଇଥିବା ଗକ୍ଟ ଅନୁଯାୟୀ, ଓଙଉଖ ଏହି ଟ୍ରକ୍ ଟର୍ମିନାଲ୍‌ଗୁଡ଼ିକର ପରିଚାଳନା, କାର୍ଯ୍ୟକ୍ଷମତା ଓ ଦୈନନ୍ଦିନ ରକ୍ଷଣାବେକ୍ଷଣ ଦାୟିତ୍ୱ ନିର୍ବାହ କରିବ। ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଗାଡ଼ି ପାର୍କିଂ କରୁଥିବା ଚାଳକମାନଙ୍କୁ ଏହି ସୁରକ୍ଷିତ ଟର୍ମିନାଲ୍‌ଗୁଡ଼ିକ ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରାଯିବ। ଏହି ପଦକ୍ଷେପ ଦ୍ୱାରା ଦୂରଗାମୀ ଡ୍ରାଇଭରମାନଙ୍କ ରହିବା ଓ କାର୍ଯ୍ୟକ୍ଷେତ୍ରର ପରିବେଶରେ ବ୍ୟାପକ ସୁଧାର ଆସିବା ସହ ରାଜ୍ୟରେ ବେଆଇନ ପାର୍କିଂଜନିତ ସଡ଼କ ଦୁର୍ଘଟଣା ଓ ତଦଜନିତ ପ୍ରାଣହାନି ହ୍ରାସ କରିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି।

# ୯ରେ ଘୂର୍ଣ୍ଣିବଳୟ : ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ ଆସନ୍ତା ୯ ତାରିଖରୁ ବଢ଼ିପାରେ ବର୍ଷାର ପରିମାଣ। ଏହି ସମୟ ବେଳକୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ବର୍ଷାର ପରିମାଣ ବଢିବା ସହ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ମୌସୁମୀ ବାୟୁ ଶ୍ରୀଗଙ୍ଗାନଗର, ଉତ୍ତରପ୍ରଦେଶଠାରୁ ଉତ୍ତରପୂର୍ବ ବଙ୍ଗୋପସାଗର ମଧ୍ୟରେ ରହିଛି। ଫଳରେ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କାଁ ଭାଁ ସ୍ଥାନରେ ହାଲୁକା ବର୍ଷା ହୋଇଥିବାବେଳେ ପାରଦ କିନ୍ତୁ ଉପରମୁହାଁ ରହିଛି। ଫଳରେ ଖରାଦିନ ଭଳି ଟାଣଖରା ସାଙ୍ଗକୁ ଭୀଷଣ ଗୁଳୁଗୁଳି ଅନୁଭୂତ ହେଉଛି। ପାଣିପାଗ କେନ୍ଦ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସୋମବାର ରାଜ୍ୟର ୩୯ଟି



ସହରର ତାପମାତ୍ରା ୩୦ ଡିଗ୍ରୀ ଉପରେ ରହିଥିଲା। ଗତ ୪ଦିନ ଧରି ପାରଳାଖେମୁଣ୍ଡିରେ ତାପମାତ୍ରା ସର୍ବାଧିକ ରହିବା ସହିତ ଉତ୍ତପ୍ତ ସହର ପାଲଟିଛି। ସୋମବାର ଏଠାରେ ସର୍ବାଧିକ ତାପମାତ୍ରା ୩୭.୬ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ପୁରୀରେ ୩୬.୨, ଭୁବନେଶ୍ୱର ଓ ନୟାଗଡ଼ରେ ୩୬, ଚାନ୍ଦବାଲିରେ ୩୫.୭, ଭଦ୍ରକରେ ୩୫.୫, ଢେଙ୍କାନାଳରେ ୩୫.୪, କଟକରେ ୩୫.୨, ଝାରସୁଗୁଡ଼ା, ତାଳଚେର, ଯାଜପୁର ଏବଂ ଜଗତ୍‌ସିଂହପୁରରେ ୩୫ ଡିଗ୍ରୀ ରେକର୍ଡ ହୋଇଛି। ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ତାପମାତ୍ରା ୩୦ ଡିଗ୍ରୀ ରେକର୍ଡ ହୋଇଥିବା ସୂଚନା ଦିଆଯାଇଛି। ସେହିପରି ଚଳିତବର୍ଷ ମୌସୁମୀ ଋତୁ ଆରମ୍ଭ ଅର୍ଥାତ୍ ଜୁନ ୧ରୁ ଏଯାବତ ମୋଟ ୧୧୭୯.୭ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷାର ପରିମାଣ ୯୮୪.୯ ମିଲିମିଟର ରହିଥିବାବେଳେ ରାଜ୍ୟରେ ସମୁଦାୟ ବର୍ଷା ସ୍ୱାଭାବିକ ବର୍ଷାଠାରୁ ୨୦ ପ୍ରତିଶତ ଅଧିକ ରହିଛି। ଏଥିସହ ୧୧ଟି ଜିଲାରେ ସ୍ୱାଭାବିକ ବର୍ଷା, ୧୬ଟି ଜିଲାରେ ଅତ୍ୟଧିକ ବର୍ଷା ଓ ଗୋଟିଏ ଜିଲାରେ ଅତ୍ୟନ୍ତ ଅଧିକ ବର୍ଷା ହୋଇଛି। ଗଜପତି ଓ ନବରଙ୍ଗପୁର ଜିଲାରେ ଏବେ ବି ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି।

### ଭଦୋଦରାରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

# ସତ୍ୟର ହୁଙ୍କାର ସହିତ ଆଗକୁ ବଢୁଛି ଭାରତ

■ ଜେନ୍-ଜିଙ୍କୁ ପିଏମ ମୋଦୀଙ୍କ ବାର୍ତ୍ତା



**ନୂଆଦିଲ୍ଲୀ,୮।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି (ମଙ୍ଗଳବାର) ଗୁଜୁରାଟର ଭଦୋଦରାରେ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ ସମର୍ପିତ ମାଲ ପରିବହନ କରିଡରକୁ ୨୧ ଶତାବ୍ଦୀର ଭାରତର 'ଜୀବନରେଖା' ଭାବରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ଦେଶର କାର୍ଯ୍ୟ ସଂସ୍କୃତି ଗତ ୧୨ ବର୍ଷ ମଧ୍ୟରେ ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରିଛି, ବିକାଶ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଭାରତର ଯୁବପିଢ଼ି 'ସତ୍ୟର ହୁଙ୍କାର' ସହିତ ଆଗକୁ ବଢ଼ନ୍ତି। ଯୁବପିଢ଼ିଙ୍କ ପରିପ୍ରେକ୍ଷୀରେ, ସେ ସୌର, ପବନ, ଜଳ ଏବଂ ପରମାଣୁ ଭଳି ଶକ୍ତି କ୍ଷେତ୍ର ଉପରେ ସରକାରଙ୍କ ଧ୍ୟାନ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଘରୋଇ ସୌର ଉତ୍ପାଦନରେ ବୃଦ୍ଧି ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିଛି।

ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ସମର୍ପିତ ମାଲ ପରିବହନ କରିଡର ପାଇଁ ଧାରଣା ୨୦୦୪ ମସିହାରେ ଆରମ୍ଭ ହୋଇଥିଲା ଏବଂ ୨୦୦୬ ମସିହାରେ ଏଥିପାଇଁ ଏକ ସମର୍ପିତ କମ୍ପାନୀ ଗଠନ କରାଯାଇଥିଲା। ତଥାପି, ୨୦୧୪ ପର୍ଯ୍ୟନ୍ତ, ପ୍ରକଳ୍ପ ସହିତ ଜଡିତ ଫାଇଲ ଗୁଡ଼ିକ ଅଧାପନ୍ତରିଆ ଅବସ୍ଥାରେ ଥିଲା। ସେ କହିଥିଲେ ଯେ ୨୦୧୪ ପରେ, ପ୍ରକଳ୍ପ ଗତି ପାଇଲା ଏବଂ ୨୮୦୦ କିଲୋମିଟର ସମର୍ପିତ ମାଲ ପରିବହନ କରିଡରର କାମ ସମାପ୍ତ ହୋଇଥିଲା। ତାଙ୍କ ଅନୁସାରେ, ପୂର୍ବ ଏବଂ ପଶ୍ଚିମ ମାଲ ପରିବହନ କରିଡର ଗୁଡ଼ିକ ଏବେ ଦେଶର ବାଣିଜ୍ୟ ଏବଂ ବ୍ୟବସାୟର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ପାଲଟିଛି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ, ଯାତ୍ରୀ ଏବଂ ମାଲବାହୀ ଟ୍ରେନ ଗୁଡ଼ିକ ସମାନ ଟ୍ରାକ୍ ବ୍ୟବହାର କରୁଥିଲେ, ଯାହା ଉଭୟର ଗତିକୁ ପ୍ରଭାବିତ କରିଥିଲା। ବର୍ତ୍ତମାନ, ପୃଥକ ମାଲବାହୀ କରିଡର ନିର୍ମାଣ ସହିତ, ପରିସ୍ଥିତି ବଦଳି ଯାଇଛି। ତାଙ୍କ ଅନୁଯାୟୀ, ପୂର୍ବ ଏବଂ ପଶ୍ଚିମ ମାଲବାହୀ କରିଡରରେ ପ୍ରତିଦିନ ୪୩୦ ରୁ ଅଧିକ ମାଲବାହୀ ଟ୍ରେନ ଚାଲୁଛି। ସେ ଦାବି କରିଛନ୍ତି ଯେ ପୂର୍ବରୁ ମାଲବାହୀ ଟ୍ରେନ ଗୁଡ଼ିକ ୧୦୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ପ୍ରାୟ ୬.୩୦ଘଣ୍ଟା ସମୟ ନେଉଥିଲା, କିନ୍ତୁ ବର୍ତ୍ତମାନ ଏହି ସମୟ ଅଧାରୁ କମ୍ ହ୍ରାସ ପାଇଛି।

ପ୍ରଧାନମନ୍ତ୍ରୀ ମୋଦୀ ମୁମ୍ବାଇର ଊଘଟଞ୍ଚ ବନ୍ଦରରୁ ଭଦୋଦରାକୁ ଡବଲ-ଷ୍ଟାକ୍ କଣ୍ଟେନର ମାଲବାହୀ ଟ୍ରେନ ଗୁଡ଼ିକର ପରିଚାଳନା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଏପରି ଗୋଟିଏ ମାଲବାହୀ ଟ୍ରେନ ଏକ ସମୟରେ ୨୫୦ ରୁ ଅଧିକ ଟ୍ରକ୍ ସହିତ ସମାନ ସାମଗ୍ରୀ ପରିବହନ କରିପାରିବ। ବିରୋଧୀଙ୍କୁ କଟାକ୍ଷ କରି ସେ ମନ୍ତବ୍ୟ ମଧ ଦେଇଥିଲେ ଏବଂ କହିଥିଲେ ଯେ କିଛି ଲୋକ ପ୍ରଶ୍ନ କରିବେ ଯେ ଟ୍ରକ୍ ଡ୍ରାଇଭର ମାନଙ୍କର କଣ ହେବ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ରେଳବାଇ ଏବେ ସେହି ଅଞ୍ଚଳ ଗୁଡ଼ିକରେ ପହଞ୍ଚିପାରୁଛି ଯେଉଁଠାରେ ଦଶନ୍ଧି ଧରି ରେଳ ସଂଯୋଗର ଅଭାବ ଥିଲା। ସେ ଗୁଜରାଟ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରର ଆଦିବାସୀ ଅଞ୍ଚଳ ଗୁଡ଼ିକୁ ରେଳ ପ୍ରକଳ୍ପ ସହିତ ସଂଯୋଗ କରିବା ବିଷୟରେ ମଧ କଥା ହୋଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଏହି ବର୍ଷର ରେଳ ବଜେଟ ୨.୭୫ ଲକ୍ଷ କୋଟି ଅତିକ୍ରମ କରିଛି ଏବଂ ରେଳବାଇର ଆଧୁନିକୀକରଣ ମଧ ନିଯୁକ୍ତି ସୁଯୋଗ ବୃଦ୍ଧି କରୁଛି।

### ମୋଦୀଙ୍କ ସଭାସ୍ଥଳରୁ ଦୁଇ ସନ୍ଦିଗ୍ଧ ଅଟକ, ବନ୍ଧୁକ ଜବତ

ମୁମ୍ବାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମ ସ୍ଥାନରେ ଦୁଇଜଣଙ୍କୁ ଅଟକ ରଖାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଠାରୁ ଏକ ବନ୍ଧୁକ ଉଦ୍ଧାର କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟକ୍ରମ ବିକେସିର ନୀତା ଅମ୍ବାନୀ ସାଂସ୍କୃତିକ କେନ୍ଦ୍ରରେ ହେବାର କାର୍ଯ୍ୟକ୍ରମ ରହିଛି। ଅଟକ ବ୍ୟକ୍ତି ନିଜକୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଜଣେ ଅଧିକାରୀ ବୋଲି ଦାବି କରୁଥିଲେ। ଗିରଫ ହୋଇଥିବା ଯୁବକଙ୍କ ନାମ ରୋହନ ପାରେଖ, ଯାହାଙ୍କ ବୟସ ୨୪ ବର୍ଷ ବୋଲି ଜଣାପଡିଛି। ସୂତ୍ର ଅନୁଯାୟୀ ରୋହନଙ୍କ ପାଖରେ ଏକ ନକଲି ପିଏମଓ ପରିଚୟପତ୍ର ମଧ ଥିଲା। ସୁରକ୍ଷା ଯାଞ୍ଚ କରିବା ସମୟରେ ତାଙ୍କ ପରିଚୟ ପତ୍ର ନକଲି ବୋଲି ଜଣାପଡିଥିଲା। ରୋହନ ମଧ ବନ୍ଧୁକ ଧରିଥିବା ଜଣେ ଅଙ୍ଗରକ୍ଷୀ ସହିତ ବୁଲିଥିଲେ। ମୁମ୍ବାଇ କ୍ରାଇମବ୍ରାଞ୍ଚ ଏବେ ଏହି ମାମଲାରେ ଅଧିକ ତଦନ୍ତ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି (ମଙ୍ଗଳବାର) ସନ୍ଧ୍ୟା ପ୍ରାୟ ୫.୪୫ ରେ ମୁମ୍ବାଇରେ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ (GFF) ୨୦୨୬ ର ସପ୍ତମ ସଂସ୍କରଣ ଉଦଘାଟନ କରିବେ। ଏହା ଆର୍ଥିକ ପ୍ରଯୁକ୍ତିବିଦ୍ୟା ସହିତ ଜଡିତ ବିଶ୍ୱର ସବୁଠାରୁ ବଡ଼ ଏବଂ ପ୍ରଭାବଶାଳୀ ବାର୍ଷିକ ସମ୍ମିଳନୀ ମଧ୍ୟରୁ ଗୋଟିଏ। ୨୦୨୦ ମସିହାରୁ, ଏରର ଏକ ଅନ୍ତର୍ଜାତୀୟ ପ୍ଲାଟଫର୍ମ ଭାବରେ ଉଭା ହୋଇଛି, ଯେଉଁଠାରେ ନୀତି ନିର୍ଦ୍ଧାରକ, ନିୟାମକ, କେନ୍ଦ୍ରୀୟ ବ୍ୟାଙ୍କ, ଆର୍ଥିକ ପ୍ରତିଷ୍ଠାନ, ଆର୍ଥିକ ପ୍ରଯୁକ୍ତିବିଦ୍ୟା କମ୍ପାନୀ, ପ୍ରଯୁକ୍ତିବିଦ୍ୟା କମ୍ପାନୀ, ନିବେଶକ, ଶିକ୍ଷାବିତ୍ ଏବଂ ଅନ୍ୟାନ୍ୟ ବିଶ୍ୱସ୍ତରୀୟ ଅଂଶୀଦାର ମାନେ ଆର୍ଥିକ କ୍ଷେତ୍ରର ଭବିଷ୍ୟତ ଗଠନ କରୁଥିବା ପ୍ରସଙ୍ଗ ଉପରେ ବିଚାର ବିମର୍ଶ କରନ୍ତି।

## ମଣିପୁରୀ ସଙ୍ଗୀତ ଶିକ୍ଷକଙ୍କୁ ପିଟିପିଟି ହତ୍ୟା

■ ସିସିଟିଭିରେ କଏଦ ଦୃଶ୍ୟ
■ କଟାକ୍ଷ କଲେ ରାହୁଲ ଗାନ୍ଧୀ




**ନୂଆଦିଲ୍ଲୀ,୮।୯:** ଦକ୍ଷିଣ ପୂର୍ବ ଦିଲ୍ଲୀର ଆଶ୍ରମ ଅନ୍ତର୍ଗତ କିଲୋକରୀ ଗ୍ରାମରେ ଜଣେ ପ୍ରତିଷ୍ଠିତ ମଣିପୁରୀ ସଙ୍ଗୀତ ଶିକ୍ଷକଙ୍କୁ ପିଟିପିଟି ହତ୍ୟା କରାଯାଇଛି। ତାଙ୍କ ନାମ ଚୋଙ୍ଗଥାମ ବିକ୍ରମ ସିଂହ (୪୫) ଏବଂ ସେ ଜଣାଶୁଣା ମଣିପୁରୀ ଗାୟିକା ଚୋଙ୍ଗଥାମ କମଳାଙ୍କ ବଡ଼ ବୋଲି କୁହାଯାଇଛି। ପୁଲିସ ଏହି ଘଟଣାରେ ଜଣେ ନାବାଳକ ସମେତ ତିନି ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି । ଚୋଙ୍ଗଥାମଙ୍କୁ ହତ୍ୟା ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ସେପଟେ ଘଟଣାକୁ ନେଇ କେନ୍ଦ୍ର ସରକାରଙ୍କୁ କଟାକ୍ଷ କରିଛନ୍ତି କଂଗ୍ରେସ ନେତା ତଥା ଲୋକସଭା ସାଂସଦ ରାହୁଲ ଗାନ୍ଧୀ । ସୂଚନା ଅନୁସାରେ, ବିକ୍ରମଙ୍କ ଘରର ବୀପରିତ ପାର୍ଶ୍ୱରେ ଏକ ଢାବା ରହିଛି । ଗତକାଲି ସକାଳେ ଢାବାର କିଛି କର୍ମଚାରୀ ଓ କିଛି ଡେଲିଭରୀ ବୟ ସେଠାରେ ହୋ-ହାଲ୍ଲା କରୁଥିଲେ। ଏଥିରେ ଅତିଷ୍ଠ ହୋଇ ବିକ୍ରମ ତାଙ୍କ ଘରୁ ବାହାରକୁ ବାହାରିଥିଲେ ଏବଂ ସେମାନଙ୍କୁ ପାଟି ନ କରିବାକୁ କହିଥିଲେ । ଯାହାକୁ ନେଇ କଳହ ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ ସମ୍ପୃକ୍ତ ଢାବା କିଛି କର୍ମଚାରୀ ଓ କେତେକ ବ୍ୟକ୍ତି ତାଙ୍କୁ ନିର୍ଧୁମ ପିଟିଥିଲେ । ଗୁରୁତର ଅବସ୍ଥାରେ ବିକ୍ରମଙ୍କୁ ତାଙ୍କ ପରିବାର ଲୋକେ ନିକଟସ୍ଥ ହେଲି ଫ୍ୟାମିଲି ହସ୍ପିଟାଲକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ପରେ ବିକ୍ରମଙ୍କ ପୁତ୍ର ଜନ୍ୱାଲ୍ ନିକଟସ୍ଥ ସଫଦରଜଙ୍ଗ କଲୋନୀ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଜଣେ ନାବାଳକ ସମେତ ତିନି ସନ୍ଦିଗ୍ଧ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି । ଏଥିସହ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଛି ।

ମଣିପୁରୀ ପାଶ୍ଚାତ୍ୟ ସଙ୍ଗୀତ ଜଗତରେ ବିକ୍ରମ ଏକ ପରିଚିତ ଚେହେରା ଥିଲେ । ସେ ଅଲଟ୍ରା ଫିନିକ୍ସ ଓ ଇଷ୍ଟର୍ଣ୍ଣ ଚାର୍କ ଭଳି ଗିଟାର ବ୍ୟାଣ୍ଡ ସହ ସାମିଲ ଥିଲେ । ଏହି ହତ୍ୟା ଘଟଣା ସାମ୍ନାକୁ ଆସିବା ପରେ ଦିଲ୍ଲୀରେ ରହୁଥିବା ଉତ୍ତର-ପୂର୍ବାଞ୍ଚଳ ସମୁଦାୟ ଓ ନାଗରିକ ସମାଜ ପକ୍ଷରୁ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ସହ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରାଯାଇଛି । ଜାତିଭିତ୍ତିକ ବିଦ୍ୱେଷରୁ ବିକ୍ରମଙ୍କୁ ହତ୍ୟା କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୁଲିସ ଜାତିଗତ ଘଟଣାକୁ ଖଣ୍ଡନ କରିଛି। କଳହ ଆଧାରରେ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି ।

## ଇଣ୍ଡିଆର ପ୍ରଥମ ସ୍ୱଦେଶୀ ବୁଲେଟ୍ ଟ୍ରେନ୍ ବଡି ଫ୍ରେମ୍ ପ୍ରସ୍ତୁତ

■ ୨୦୨୭ ମେ'ରେ ହେବ ଟ୍ରାକ୍ ଟେଷ୍ଟିଂ
■ ଘୋଷଣା କଲେ ରେଳମନ୍ତ୍ରୀ



**ନୂଆଦିଲ୍ଲୀ,୮।୯:** ଭାରତର ପ୍ରଥମ ଘରୋଇ ଜ୍ଞାନକୌଶଳରେ ନିର୍ମିତ ସ୍ୱଦେଶୀ ବୁଲେଟ୍ ଟ୍ରେନର ବଡି ଫ୍ରେମ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି ଏବଂ ଆସନ୍ତା ୨୦୨୭ ମେ' କିମ୍ବା ଜୁନ୍ ସୁଦ୍ଧା ଏହା ଟ୍ରାକ୍ରେ ପରୀକ୍ଷାମୂଳକ ଚାଲିବ। ମଙ୍ଗଳବାର ଗୁଜରାଟର ଭଦୋଦରାଠାରେ ଆୟୋଜିତ 'ନମୋ ଫର୍ ବିକଶିତ ଭାରତ' କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩୫,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିଛନ୍ତି।

ସଭାକୁ ସମ୍ବୋଧିତ କରି ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି ଯେ, ସ୍ୱଦେଶୀ ବୁଲେଟ୍ ଟ୍ରେନର ବଡି ଫ୍ରେମ୍ ନିର୍ମାଣ ଶେଷ ହେବା ପରେ ଏହାକୁ ''ସ୍କୁଇଜ୍ ଟେଷ୍ଟ'' ପାଇଁ ପଠାଯାଇଛି। ଆସନ୍ତା ବର୍ଷ ମେ' କିମ୍ବା ଜୁନ୍ ମାସ ସୁଦ୍ଧା ଏହା ପରୀକ୍ଷାମୂଳକ ଭାବେ ଟ୍ରାକକୁ ଆସିବ ଏବଂ ୨ ରୁ ୪ ମାସର କଠିନ ପରୀକ୍ଷଣ ପରେ ପ୍ରଧାନମନ୍ତ୍ରୀ ନିଜେ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିବେ। ଏହି ବୁଲେଟ୍ ଟ୍ରେନ୍ ସେବା ଆରମ୍ଭ ହେବା ପରେ ଭଦୋଦରାରୁ ମୁମ୍ବାଇ ଯାତ୍ରା ସମୟ ହ୍ରାସ ପାଇ ମାତ୍ର ୧ ଘଣ୍ଟା ୩୦ ମିନିଟରେ ପହଞ୍ଚିବ। ଏଥିସହିତ ଗୁଜରାଟର ସୁରଟରୁ ବିଲିମୋରା ମଧ୍ୟରେ ମୁମ୍ବାଇ-ଅହମ୍ମଦାବାଦ ହାଇ-ସ୍ପିଡ୍ ରେଳ କରିଡରର ପ୍ରଥମ ପର୍ଯ୍ୟାୟ ସେବା ଆସନ୍ତା ବର୍ଷଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ଦାଦ୍ରିରୁ ଜେଏନପିଟି ପର୍ଯ୍ୟନ୍ତ ''ୱେଷ୍ଟର୍ଣ୍ଣ ଡେଡିକେଟେଡ୍ ଫ୍ରେଟ୍ କରିଡର'' ସମ୍ପର୍କରେ ଆଲୋଚନା କରି ରେଳମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ଏହି କରିଡରର ପରିକଳ୍ପନା କରାଯାଇଥିଲା। ମାତ୍ର ପରବର୍ତ୍ତୀ କଂଗ୍ରେସ ସରକାରଗୁଡ଼ିକ ଏହା ପ୍ରତି ଧ୍ୟାନ ଦେଇନଥିଲେ।

## ବିଶ୍ୱ ୬-ଜି ଦୌଡ଼ରେ ଭାରତ ସାମିଲ

### ଆମେରିକା ସମେତ ୨୪ ଦେଶ ସହିତ ମିଳାଇଲା ହାତ




**ୱାସିଂଟନ,୮।୯:** ଆମେରିକାର ବାଣିଜ୍ୟ ବିଭାଗ କହିଛି, ଭାରତ ପରବର୍ତ୍ତୀ ପିଢ଼ିର ୬-ଜି ଦୂରସଂଚାର ନେଟୱାର୍କର ବିକାଶ ଏବଂ ନିୟୋଜନ ପାଇଁ ଏକ ବିଶ୍ୱସ୍ତରୀୟ ପଦକ୍ଷେପରେ ଆମେରିକା ଏବଂ ଅନ୍ୟ ୨୪ଟି ଦେଶ ସହିତ ଯୋଗ ଦେଇଛି। ଭାରତ ଜ୍ଞାନକୌଶଳକୁ ସୁଦୃଢ଼ କରିବା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଆମ ସହିତ ସାମିଲ ହୋଇଛି। ବାଣିଜ୍ୟ ବିଭାଗ, ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛି, ଆମେରିକାର ଉତ୍ତର କାରୋଲିନାର ଚାପେଲ ହିଲରେ ଅନୁଷ୍ଠିତ ଜି-୨୦ ନବସୃଜନ ମନ୍ତ୍ରୀସ୍ତରୀୟ ବୈଠକ ଅବସରରେ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ଏବଂ ଭାରତର କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ଚୁକ୍ତିନାମା ହୋଇଛି।

ବୈଠକରେ ଭାରତ ୬-ଜି ଟେଲିକମ୍ୟୁନିକେସନ୍ ନେଟୱାର୍କ ବିକାଶ ଏବଂ ନିୟୋଜିତ କରିବା ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପରେ ଯୋଗ ଦେଇଛି। ଏହି ବୈଠକ ଆମେରିକାର ବାଣିଜ୍ୟ ବିଭାଗ ଏବଂ ହ୍ୱାଇଟ୍ ହାଉସ୍ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନୀତି କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥିଲା। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ଅନୁଯାୟୀ, ଜିତିନ ପ୍ରସାଦଙ୍କ ସହିତ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଜିତ କୁମାର, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ, ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ବରିଷ୍ଠ ଅଧିକାରୀମାନେ ତଥା ଆମେରିକାରେ ଭାରତୀୟ ଦୂତାବାସର ଅଧିକାରୀମାନେ ଉପସ୍ଥିତ ଥିଲେ। ମନ୍ତ୍ରୀସ୍ତରୀୟ ବୈଠକର ଶେଷରେ, ଜି-୨୦ ମନ୍ତ୍ରୀମାନେ ନବସୃଜନ ମନ୍ତ୍ରୀସ୍ତରୀୟ ବିବୃତି ଜାରି କରି ସ୍ୱୀକାର କରିଥିଲେ, ଆଗାମୀ ଦିନରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଉନ୍ନତି ଆଣିବା, ଉତ୍ପାଦକତା ବୃଦ୍ଧି କରିବା ଏବଂ ସମସ୍ତ ଲୋକଙ୍କ ପାଇଁ ସୁଯୋଗ ବିସ୍ତାର କରିବାର ସମ୍ଭାବନା ରହିଛି। ଦ୍ୱିପାକ୍ଷିକ ଆଲୋଚନାରେ, ଉଭୟ ପକ୍ଷ ସେମିକଣ୍ଡକ୍ଟର, ଏଆଇ ଏବଂ ଡାଟା ସେଣ୍ଟରରେ ସହଯୋଗକୁ ସୁଦୃଢ଼ କରିବା ଉପରେ ମତ ବିନିମୟ କରିଥିଲେ। ବୈଠକରେ, ଜିତିନ ପ୍ରସାଦ ଏସଏମ-୨.୦ରେ ଅଧିକ ଆମେରିକୀୟ ନିବେଶର ସମ୍ଭାବନାକୁ ପ୍ରୋତ୍ସାହିତ କରିଥିଲେ, ଏଆଇ ପ୍ରଯୁକ୍ତି ସହଭାଗୀତାକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଏବଂ ଏଆଇ ପାଇଁ ସୁରକ୍ଷା ପାଇଁ ଏକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଚୁଟ୍‌କୀରେ...

### ବିଧାନସଭାରେ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ବିରୋଧ

**ନୂଆଦିଲ୍ଲୀ,୮।୯:** ତାମିଲନାଡୁ ବିଧାନସଭାରେ ହାଇଡ୍ରାମା। ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ବିଧାନସଭାରେ ବିରୋଧ କରି ତଡ଼ା ଖାଇଛନ୍ତି ଡିଏମକେର ଅନେକ ବିଧାୟକ। ଦିନକ ତଳେ ରାଜ୍ୟର ପୂର୍ବତନ ଡିଏମକେ ସରକାର ବିରୋଧରେ ଦୁର୍ନୀତି ଓ ଲାଞ୍ଚ ଅଭିଯୋଗ କରିଥିଲେ ବିଜୟ। ଆଜି ଏହାର ପ୍ରତିବାଦ ଡିଏମକେ ବିଧାୟକମାନେ ବିଧାନସଭା ମଧ୍ୟରେ କରିଛନ୍ତି। ସେମାନେ ଗୃହକୁ ଚାଲିବାକୁ ନ ଦେବାରୁ ବାଚସ୍ପତି ସମସ୍ତଙ୍କୁ ବିଧାନସଭାରୁ ସୁରକ୍ଷାକର୍ମୀ(ମାର୍ଶଲ) ଡାକି ବିଦା କରି ଦେଇଛନ୍ତି। ବିଧାନସଭାର ସୁରକ୍ଷାକର୍ମୀମାନେ ବଳପୂର୍ବକ ଡିଏମକେ ବିଧାୟକମାନଙ୍କୁ ବାହାରକୁ ଟେକି ନେବାର ଦୃଶ୍ୟ ମଧ ସାମ୍ନାକୁ ଆସିଛି। ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଡିଏମକେର ମୁଖ୍ୟ ସଚେତକ ଇଭି ଭେଲୁ ସୋମବାର ବିଜୟ ଆଣିଥିବା ଲାଞ୍ଚ ଅଭିଯୋଗକୁ ବିଧାନସଭା ରେକର୍ଡରୁ ବାଦ ଦେବାକୁ ଦାବି କରିଥିଲେ। ବାଚସ୍ପତି ଏହାକୁ କର୍ଣ୍ଣପାତ ନ କରିବାରୁ ଡିଏମକେ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆଜି ହଙ୍ଗାମା କରିଥିଲେ। ରାଜ୍ୟର ଆଇନ ମନ୍ତ୍ରୀ ଆର ନିର୍ମଳ କୁମାର ସିଧାସଳଖ ବିଜୟଙ୍କ ବୟାନକୁ ସମର୍ଥନ କରିଥିଲେ। ସାରକାରିଆ କମିଶନ ରିପୋର୍ଟ ଓ ଇଡି ଦସ୍ତାବିଜ ଆଧାରରେ ବିଜୟ ଦୁର୍ନୀତି ଅଭିଯୋଗ ଆଣିଥିବା ସେ କହିଥିଲେ। ତଥାପି ଡିଏମକେ ବିଧାୟକମାନେ କିଛି ବି ବୁଝି ନଥିଲେ। ସେମାନେ ନାରାବାଜୀ ଜାରି ରଖିଥିଲେ।

### ସ୍ୱଚ୍ଛ ବାୟୁ ସର୍ଭେକ୍ଷଣ : ଶ୍ରୀନଗର, ବେଙ୍ଗାଲୁରୁଠୁ ଆଗରେ ଦିଲ୍ଲୀ

**ନୂଆଦିଲ୍ଲୀ,୮।୯:** କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ବାୟୁ ସର୍ଭେକ୍ଷଣ-୨୦୨୬ର ଫଳାଫଳ ଜାରି କରାଯାଇଛି। ଏହି ତାଲିକାରେ ଶ୍ରୀନଗର ଓ ବେଙ୍ଗାଲୁରୁ ଠାରୁ ରାଜଧାନୀ ଦିଲ୍ଲୀ ଉତ୍ତମ ପାହ୍ୟା ହାସଲ କରିଛି। ପ୍ରଦୂଷିତ ବାୟୁ ସତ୍ତ୍ୱେ ଦିଲ୍ଲୀ ୨୧ତମ, ଶ୍ରୀନଗର ୨୬ତମ ଓ ବେଙ୍ଗାଲୁରୁ ୩୨ତମ ସ୍ଥାନରେ ରହିଛି। ସେହିପରି ଉତ୍ତର ପ୍ରଦେଶ ରାଜଧାନୀ ଲକ୍ଷ୍ନୌ ୧୯୮ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହିଛି। ଇନ୍ଦୋର ଦ୍ୱିତୀୟ ଓ ଜବଲପୁର ତୃତୀୟ ସ୍ଥାନ ହାସଲ କରିଛି। ତେବେ କେବଳ ବାୟୁ ଗୁଣବତ୍ତାକୁ ନେଇ ଏହି ତାଲିକା ପ୍ରକାଶ କରାଯାଇ ନାହିଁ। ପ୍ରଦୂଷଣ ହ୍ରାସ ପାଇଁ ନିଆଯାଇଥିବା ପଦକ୍ଷେପ ଓ ତାହାକୁ କାର୍ଯ୍ୟକାରୀ କରିବାର ମାଧ୍ୟମ ସହିତ କଠିନ ବର୍ଜ୍ୟ ପରିଚାଳନାକୁ ମଧ ବିଚାରକୁ ନିଆଯାଇଛି। ଏହା ବ୍ୟତୀତ ଭୋପାଳ ଓ ଆଗ୍ରା ଚତୁର୍ଥ, ହାଇଦରାବାଦ ୧୯ତମ, ମୁମ୍ବଇ ୨୮ତମ, ଚେନ୍ନଇ ୩୫ତମ, କଲକାତା ୩୮ତମ ସ୍ଥାନରେ ରହିଛି।

### ଶଶୁରଙ୍କୁ ଚାକର ହାତରେ ମାରିଲା ବୋହୂ

**କାନପୁର,୮।୯:** ଉତ୍ତର ପ୍ରଦେଶ କାନପୁର ଅନ୍ତର୍ଗତ କଲ୍ୟାଣପୁରର ରତନ ଅର୍ବିଟ ଆପର୍ଟମେଣ୍ଟରେ କୋଟିପତି ଔଷଧ ବ୍ୟବସାୟୀ ଭିନୀତ ମିନୋଚଙ୍କୁ ୨୬ ଥର ଛୁରି ଭୁସି ହତ୍ୟା କରାଯାଇଛି। ଶନିବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଏହି ମାମଲାରେ ଚାକର ଓ ବ୍ୟବସାୟୀଙ୍କ ବୋହୂ ଶାଲୁ(୩୬)ଙ୍କୁ ପୁଲିସ ଗିରଫ କରିଛି। ସେ ଚାକର ବିଶାଲକୁ ୬ ଲକ୍ଷ ଟଙ୍କାରେ ସୁପାରୀ ଦେଇଥିଲେ। ଫୋନ କରି ପଥ ପ୍ରଦର୍ଶନ କରୁଥିଲେ। କେହି ସନ୍ଦେହ ନ କରିବା ପାଇଁ ମୃତଦେହ ପାଖରେ ବସି ଜୋରସୋରରେ ମଧ କାନ୍ଦି ଥିଲେ। ଏପରିକି ହତ୍ୟାକାରୀକୁ ନିଜ ଶୟନ କକ୍ଷରେ ଲୁଚାଇ ରଖିଥିଲେ। ଆଉ ପ୍ରଥମେ ପୁଲିସକୁ ଭୁଆଁ ବୁଲାଇ ଥିଲେ। ଏହି ମାମଲାରେ ପୁଲିସ ଚାକରକୁ ପଚରାଉଚୁରା କରିବା ପରେ ପ୍ରକୃତ ଘଟଣା ସାମନାକୁ ଆସିଥିଲା। ଏବେ ବୋହୂ ଶାଲୁଙ୍କୁ ପୁଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ମିନୋଚ ବୋହୂ ଉପରେ ବିଭିନ୍ନ କଟକଣା ଲଗାଇଥିଲେ। ରାତିରେ ବୁଲିବାକୁ ଓ ପାର୍ଟିରେ ସାମିଲ ହେବାକୁ ଚାହୁଁଥିବା ବୋହୂକୁ ଆବଦ୍ଧ କରି ରଖିଥିଲେ। ସିସିଟିଭି ଲଗାଇ ନଜର ରଖୁଥିଲେ। ଯେତିକି ଆବଶ୍ୟକ ସେତିକି ଟଙ୍କା ଦେଉଥିଲେ। ଏଥିରେ ଅତିଷ୍ଠ ହୋଇ ସେ ହତ୍ୟା ଯୋଜନା କରିଥିଲେ।

ଶାଲୁ କହିଛନ୍ତି ଯେ କୋଟିପତି ପରିବାରର ବୋହୂ ହେବା ସତ୍ତ୍ୱେ ମୋ ଓ ସ୍ୱାମୀଙ୍କ ଖର୍ଚ୍ଚରେ ଶଶୁରଙ୍କ ନିୟନ୍ତ୍ରଣ ଥିଲା। ଛୋଟମୋଟ ଖର୍ଚ୍ଚ ପାଇଁ ଶଶୁରଙ୍କୁ ଟଙ୍କା ମାଗିବାକୁ ପଡୁଥିଲା। ସବୁ କିଛିର ହିସାବ ମଧ ଦେବାକୁ ହେଉଥିଲା। ତେଣୁ ଏପରି ନିଷ୍ପତ୍ତି ନେଇଥିଲି। ସେ ପଟେ ଏହି ମାମଲାରେ ପୁଅ ସୁବ୍ରତର କୌଣସି ହାତ ନ ଥିବା ଜଣାପଡ଼ିଛି।

## ସାଉଦି ଆରବ ଉପରେ ୟେମେନର ଭୟଙ୍କର ଆକ୍ରମଣ

### ଜଳିଲା ବିମାନବନ୍ଦର ଓ ଜିଜାନ ରିଫାଇନରୀ

**ନୂଆଦିଲ୍ଲୀ,୮।୯:** ୟେମେନ ଏବଂ ସାଉଦି ଆରବ ମଧ୍ୟରେ ଯୁଦ୍ଧ ପୁଣି ଥରେ ଆରମ୍ଭ ହୋଇଛି। ୟେମେନ ସେନା ଦକ୍ଷିଣ ସାଉଦି ଆରବ ଉପରେ ଏକ ବଡ଼ ଆକ୍ରମଣ ଆରମ୍ଭ କରିଛି। ଏଥିରେ ସରକାରୀ ତେଲ କମ୍ପାନୀ ଆରାମକୋର ଠିକଣା ଏବଂ ସାମରିକ ବିମାନବନ୍ଦର କ୍ଷତିଗ୍ରସ୍ତ ହୋଇଛି । ଡଜନ ଡଜନ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ସହିତ ଏହି ଆକ୍ରମଣ କରାଯାଇଥିଲା। ଆକ୍ରମଣ ପରେ ତୁରନ୍ତ ଜିଜାନ ରିଫାଇନାରୀରୁ କଳା ଧୂଆଁ ଉଠିବା ଦେଖାଯାଇଥିଲା। ଏହା ସାଉଦି ଆରବର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରିଫାଇନାରୀ, ଯାହା ପ୍ରତିଦିନ ୪ ଲକ୍ଷ ବ୍ୟାରେଲ ତେଲ ପ୍ରକ୍ରିୟାକରଣ କରେ। ଏହାକୁ ପୂର୍ବରୁ ଅନେକ ଥର ଟାର୍ଗେଟ କରାଯାଇଛି। ହୁଥିମାନେ ସାଉଦି ଆରବ ଆରାମକୋ ସାଇଟ୍ ଏବଂ ଏୟାର ବେସ୍ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ମଧ ଦାବି କରିଛନ୍ତି। ଆକ୍ରମଣର ଅନେକ ଭିଡିଓ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ହୁଥି ମାନଙ୍କର ଲକ୍ଷ୍ୟ କେବଳ ବୋମା ଏବଂ କ୍ଷେପଣାସ୍ତ୍ର ପକାଇବା ନୁହେଁ। ସେମାନଙ୍କର ସିଧାସଳଖ ଆକ୍ରମଣ ସାଉଦି ଆରବର ସବୁଠାରୁ ଦୁର୍ବଳ ପଏଣ୍ଟ ଏହାର ତୈଳ ସମ୍ପଦ ଏବଂ ସାମରିକ ବେସ୍ ଉପରେ ଲକ୍ଷ୍ୟ ରଖାଯାଇଛି, ଯାହା ଉପରେ ସମଗ୍ର ଦେଶ ଏବଂ ଏହାର ଶକ୍ତି ନିର୍ଭର କରେ।

ୟେମେନ ସେନା ଏହି ଆକ୍ରମଣକୁ ଏକ ସିଧାସଳଖ ପ୍ରତିଶୋଧ ବୋଲି ବର୍ଣ୍ଣନା କରିଛି। ଏହା କହିଛି ଯେ ସାଉଦି ଆରବ ତିନି ଦିନରେ ୧୨୧ ବିମାନ ଆକ୍ରମଣ କରିଛି, ଯେଉଁଥିରେ ଏକ ଜେଲ ଉପରେ ଏକ ବଡ଼ ବୋମାମାଡ଼ ମଧ ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟାନୁଷ୍ଠାନ ଏକ ଉପଯୁକ୍ତ ଜବାବ। ହୁଥି ମାନେ ଦାବି କରିଛନ୍ତି ଯେ ଏହି ଆକ୍ରମଣରେ ଜଣେ ଶିଶୁ ସମେତ ୭ ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୭ ଜଣ ଆହତ ହୋଇଛନ୍ତି।

### ଆରାବଳୀ ମାମଲାରେ ସୁପ୍ରିମକୋର୍ଟଙ୍କ ଚେତାବନୀ

## ରିପୋର୍ଟ ଦାଖଲରେ କମିଟି ବିଫଳ ହେଲେ ନୂଆ କମିଟି ଗଢ଼ାଯିବ

**ନୂଆଦିଲ୍ଲୀ,୮।୯:** ଆରାବଳୀ ପର୍ବତମାଳାର ସଂଜ୍ଞା ଏବଂ ସୁରକ୍ଷା ଉପରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଉଚ୍ଚସ୍ତରୀୟ କମିଟି ଏହାର ସମୟସୀମାକୁ ୬ ମାସ ବଢ଼ାଇବା ନିମନ୍ତେ କରିଥିବା ନିବେଦନକୁ ସୁପ୍ରିମକୋର୍ଟ ସୋମବାର ଅଗ୍ରାହ୍ୟ କରିଦେଇଛନ୍ତି। ନଭେମ୍ବର ୩୦ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବା ପାଇଁ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଏବଂ ଭି. ମୋହନାଙ୍କ ଖଣ୍ଡପୀଠ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ରିପୋର୍ଟ ଦାଖଲରେ କମିଟି ବିଫଳ ହେଲେ ନୂଆ କମିଟି ଗଢ଼ାଯିବ ବୋଲି ଖଣ୍ଡପୀଠ ଚତାବନୀ ଦେଇଛନ୍ତି। କମିଟିକୁ ଦିନରାତି କାମକରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଆରାବଳୀ ପର୍ବତମାଳାର ସଂଜ୍ଞାକୁ ନେଇ ବିବାଦ ଦେଖାଦେବା ପରେ ଗତ ଡିସେମ୍ବରରେ ସୁପ୍ରିମକୋର୍ଟ ନିଜଆଡୁ ଏହାକୁ ବିଚାରକୁ ନେଇଥିଲେ। ଆରାବଳୀ ପର୍ବତ ସଂଜ୍ଞା ନିର୍ଦ୍ଧାରଣ ପାଇଁ ସର୍ବୋଚ୍ଚ ଅଦାଲତ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ଏକ ବ୍ୟାପକ ଓ ଯୁକ୍ତିଯୁକ୍ତ ଆକଳନ ପାଇଁ ଅଧିକ ସମୟ ଆବଶ୍ୟକ ବୋଲି ଦର୍ଶାଇ କମିଟି ଚୂଡ଼ାନ୍ତ ରିପୋର୍ଟ ଦାଖଲ ଲାଗି ସମୟସୀମା ୬ ମାସ ବଢ଼ାଇବାକୁ ନିବେଦନ କରିଥିଲା।

## ଅଧା ଦାମ୍‌ରେ ମିଳିବ ପେଟ୍ରୋଲ-ଡିଜେଲ୍: ଟ୍ରମ୍ପ

**ୱାଶିଂଟନ୍,୮।୯:** ଇରାନ ସହିତ ଉତ୍ତେଜନା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଏକ ବଡ଼ ଘୋଷଣା କରିଛନ୍ତି। ସେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଯଦି ଏହା ପୂରଣ ହୁଏ ତେବେ ନିକଟ ଭବିଷ୍ୟତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ ପାଇପାରେ। ମଙ୍ଗଳବାର ଅକ୍ସିଜେନେଟ ବ୍ଲେଣ୍ଡିଂ ପେଟ୍ରୋଲର ପାଇକାରୀ ମୂଲ୍ୟ ପ୍ରତି ଗ୍ୟାଲନ ୩.୨୨ ଡଲାର ଥିଲା। ହିଟିଂ ଅଏଲ୍‌ରର ପାଇକାରୀ ମୂଲ୍ୟ ପ୍ରତି ଗ୍ୟାଲନ ୪.୬୭ ଥିଲା। ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ଇରାନ ସହିତ ଯୁଦ୍ଧ ଜିତିବା ପରେ, ତୈଳ ମୂଲ୍ୟ ହ୍ରାସ ପାଇବ। ଯେପରି ଅନ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ପାଉଛି। ମୂଲ୍ୟ ପ୍ରତି ଗ୍ୟାଲନ ୩ ଡଲାରକୁ ହ୍ରାସ ପାଇବ ଏବଂ ଶେଷରେ ପ୍ରତି ଗ୍ୟାଲନ ୨ ଡଲାର ତଳକୁ ଖସିଯିବ। ଏହା ଦ୍ରୁତ ଗତିରେ ଘଟିବ ଏବଂ ଇରାନ କେବେବି ପରମାଣୁ ଅସ୍ତ୍ର ରଖିବ ନାହିଁ। ଟ୍ରମ୍ପଙ୍କ ବିବୃତ୍ତି ଉପରେ ଆଧାର କରି, ଯଦି ଅଶୋଧିତ ତୈଳ ମୂଲ୍ୟ ୨ ଡଲାରକୁ ହ୍ରାସ ପାଏ, ତେବେ ଏହା ମୂଲ୍ୟରେ ୫୦% ହ୍ରାସକୁ ବୁଝାଏ।

## ବୋଲେରୋକୁ ଧକ୍କାଦେଲା ଟ୍ରକ: ୬ ମୃତ, ୭ ଗୁରୁତର

**ମହାରାଷ୍ଟ୍ର,୮।୯:** ଗୋଣ୍ଡିଆ-ବାଲାଘାଟ ରାଜ୍ୟ ରାଜପଥରେ ସୋମବାର ବିଳମ୍ବିତ ରାତିରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ନାଗରା ଗାଁ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଶ୍ରମିକଙ୍କୁ ନେଇ ଯାଉଥିବା ବୋଲେରୋକୁ ସାମ୍ନାପଟୁ ଜୋରଦାର ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ୩ ବର୍ଷର ଶିଶୁ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୭ ଜଣ ଗୁରୁତର ଆହତ ହୋଇଛନ୍ତି । ପୋଲିସ ସୂଚନା ମୁତାବକ, ମଧ୍ୟପ୍ରଦେଶର ବାଲାଘାଟ ଜିଲ୍ଲାର କିରଣାପୁର ଓ ଲାଞ୍ଜି ତହସିଲ ଅଞ୍ଚଳର ବିଭିନ୍ନ ଗାଁର ଶ୍ରମିକମାନେ ପରିବାର ସହ ଏକ ବୋଲେରୋରେ ତେଲେଙ୍ଗାନାର ହାଇଦ୍ରାବାଦ ଯାଉଥିବା ବେଳେ ଦୁର୍ଘଟଣାର ଶିକାର । ରାତି ପ୍ରାୟ ୧୧ଟା ୩୦ ସମୟରେ ଗାଡ଼ିଟି ଗୋଣ୍ଡିଆ ସହରଠାରୁ ପ୍ରାୟ ୫ କିଲୋମିଟର ଦୂର ନାଗରା ନିକଟରେ ପହଞ୍ଚିବା ବେଳେ ବାଲାଘାଟରୁ ଗୋଣ୍ଡିଆ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍ ନିୟନ୍ତ୍ରଣ ହରାଇ ବୋଲେରୋକୁ ସାମ୍ନାପଟୁ ଧକ୍କା ଦେଇଥିଲା । ଦୁଇ ଗାଡ଼ି ମଧ୍ୟରେ ଧକ୍କା ଏତେ ଭୟଙ୍କର ଥିଲା ଯେ, ବୋଲେରୋଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯାଇଥିଲା । ଦୁର୍ଘଟଣାର ଶବ୍ଦ ଶୁଣି ଆଖପାଖର ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଖବର ପାଇ ଗୋଣ୍ଡିଆ ଗ୍ରାମୀଣ ପୋଲିସ ମଧ ଘଟଣାସ୍ଥଳରେ ପହଞ୍ଚିଥିଲା । ଗାଡ଼ି ଭିତରେ ଫସି ରହିଥିବା ମୃତକ ଓ ଆହତଙ୍କୁ ଗ୍ୟାସ୍ କଟର ସାହାଯ୍ୟରେ ବାହାର କରାଯାଇ ଜିଲ୍ଲା ହସ୍ପିଟାଲକୁ ପଠାଯାଇଥିଲା । ସେଠାରେ ଡାକ୍ତର ୬ ଜଣଙ୍କୁ ମୃତ ଘୋଷଣା କରିଥିଲେ ।



# ଆର୍‌ଆଇ କାର୍ଯ୍ୟାଳୟରେ ତାଲା

## ପଲିଥିନ୍‌ରୁ ବଞ୍ଚିତ ବନ୍ୟା ପ୍ରଭାବିତ

**ହାଟଡିହି (ଅମୃତ ମିଡିଆ):** କେନ୍ଦୁଝର ଜିଲା ହାଟଡିହୀ ତହସିଲ ଅଧୀନ ସମଣା ରାଜସ୍ୱ ନିରୀକ୍ଷକ (ଆରଆଇ) କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ତାଲା ଝୁଲୁଥିବା ଅଭିଯୋଗ ହୋଇଛି। ନିୟମିତ ଭାବେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ଆସୁନଥିବାରୁ ବିଭିନ୍ନ ରାଜସ୍ୱ ସମ୍ପର୍କିତ କାମ ପାଇଁ ଆସୁଥିବା ସାଧାରଣ ଲୋକେ ନିରାଶ ହୋଇ ଫେରୁଥିବା ଅଭିଯୋଗ କରିଛନ୍ତି।



ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଜମିଜମା, ରାଜସ୍ୱ, ବିଭିନ୍ନ ପ୍ରମାଣପତ୍ର, ଜମି ସମ୍ପର୍କିତ ତଦନ୍ତ ସମେତ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଲୋକେ ଆରଆଇ କାର୍ଯ୍ୟାଳୟ ଉପରେ ନିର୍ଭରଶୀଳ। ହେଲେ ଅଧିକାଂଶ ସମୟରେ ଆରଆଇ ଅନୁପସ୍ଥିତ ରହୁଥିବାରୁ ଲୋକଙ୍କୁ ହଇରାଣ ହେବା ସହ ଖାଲି ହାତରେ ଫେରିବାକୁ ପଡୁଛି।

ଅନ୍ୟପକ୍ଷରେ ଚଳିତବର୍ଷ ବନ୍ୟା ଯୋଗୁ ସମଣା ପଞ୍ଚାୟତର ଅନେକ ପରିବାର ପ୍ରଭାବିତ ହୋଇଛନ୍ତି। ତେବେ ଏପର୍ଯ୍ୟନ୍ତ ବନ୍ୟା ପ୍ରଭାବିତ ପରିବାରଙ୍କୁ ପଲିଥିନ ବଣ୍ଟନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏହାସହ ସମଣା ପଞ୍ଚାୟତ ଅଧୀନରେ ଥିବା ୭ଟି ଗାଁରେ ବନ୍ୟାଜନିତ କ୍ଷୟକ୍ଷତିର ଆକଳନ ମଧ୍ୟ ହୋଇ ନ ଥିବାରୁ ସରକାରୀ ସହାୟତା ପାଇବାରେ ବାଧା ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ଏଠାରେ କାର୍ଯ୍ୟରତ ଥିବା ରାଜସ୍ୱ ନିରୀକ୍ଷକ ନିଜ ଇଚ୍ଛା ଅନୁସାରେ କେତେକ ଲୋକଙ୍କୁ ପଲିଥିନ ବାଣ୍ଟିଥିଲେ। ଏଭଳି ଅନିୟମିତତା ଓ ଅବ୍ୟବସ୍ଥାକୁ ନେଇ ସୋମବାର ସ୍ଥାନୀୟ ଲୋକେ ସମଣା ଆରଆଇ କାର୍ଯ୍ୟାଳୟ ଘେରାଉ କରି ଦୃଢ଼ ପ୍ରତିବାଦ କରିଥିଲେ। ବନ୍ୟା ପ୍ରଭାବିତ ସମସ୍ତ ଗାଁର କ୍ଷୟକ୍ଷତିର ତୁରନ୍ତ ଆକଳନ କରି ଯୋଗ୍ୟ ପରିବାରଙ୍କୁ ପଲିଥିନ ସହ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ଲୋକେ ଦାବି କରିଛନ୍ତି। ଏହାସହ ଆରଆଇ କାର୍ଯ୍ୟାଳୟକୁ ନିୟମିତ ଖୋଲିବା ଏବଂ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ମଧ୍ୟ ଦାବି ହୋଇଛି।

ଏ ସମ୍ପର୍କରେ ହାଟଡିହୀ ତହସିଲଦାର ସଞ୍ଜୟ ସାମନ୍ତରାୟ କହିଛନ୍ତି ଯେ, ସମଣାରେ ନିଯୁକ୍ତ ରାଜସ୍ୱ ନିରୀକ୍ଷକ ଅସୁସ୍ଥତା ଯୋଗୁ ଛୁଟିରେ ଥିଲେ। ତାଙ୍କ ଅନୁପସ୍ଥିତିରେ ଅନ୍ୟ ଜଣେ ଆରଆଇଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ସେ ମଧ୍ୟ ଦୀର୍ଘଦିନ ଧରି ବିନା ଅନୁମତିରେ କାର୍ଯ୍ୟରେ ଯୋଗ ଦେଉନଥିବାରୁ ବଡ଼ରମ୍ପାସ ଆରଆଇଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅଞ୍ଚଳରେ ରହିଥିବା ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

# ଅମୂଲ୍ୟଙ୍କୁ ସହାୟତାର ହାତ ବଢ଼ାଇଲେ ଜିଲ୍ଲାପାଳ

## ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ପାଇଁ ମିଳିଲା ପ୍ରତିଶ୍ରୁତି

**ବ୍ରହ୍ମପୁର (ଅମୃତ ମିଡିଆ):** ଅସହାୟଙ୍କ ପାଖରେ ପହଞ୍ଚିଲା ପ୍ରଶାସନ। ମାନବିକତାର ଏକ ବଡ଼ ଉଦାହରଣ ସୃଷ୍ଟି କରିଛନ୍ତି ଗଞ୍ଜାମ ଜିଲାପାଳ କୀର୍ତ୍ତି ଭାସନ ଭି। ଭଞ୍ଜନଗର ଉପଖଣ୍ଡ ସାନକୋଦଣ୍ଡା ପଞ୍ଚାୟତ ଅନ୍ତର୍ଗତ ଗମ୍ଭାରୀଗୋଛା ଗ୍ରାମର ଶଯ୍ୟାଶାୟୀ ଅମୂଲ୍ୟ ଗୌଡ଼ଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଜିଲ୍ଲାପାଳ ରେଡକ୍ରସ ପାଣ୍ଠିରୁ ତାଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ସୋମବାର ଯୋଗାଇ ଦେଇଛନ୍ତି।

ଅମୂଲ୍ୟ ଦୀର୍ଘଦିନ ଧରି ଶାରୀରିକ ଅସୁସ୍ଥତା କାରଣରୁ ଶଯ୍ୟାଶାୟୀ ଅବସ୍ଥାରେ ରହିଆସୁଛନ୍ତି। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ତାଙ୍କ ଚିକିତ୍ସା, ଔଷଧ ଓ ଦୈନନ୍ଦିନ ଆବଶ୍ୟକତା ପୂରଣ ପରିବାର ପାଇଁ କଷ୍ଟକର ହୋଇପଡ଼ିଛି। ଅମୂଲ୍ୟଙ୍କ ପରିବାର ପକ୍ଷରୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରାଯାଇଥିଲା। ଆବେଦନ ପରେ ଆବଶ୍ୟକ ପ୍ରଶାସନିକ ଓ ଡାକ୍ତରୀ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ଜିଲାପାଳ ଅମୂଲ୍ୟଙ୍କ ପରିବାରକୁ ତୁରନ୍ତ ସହାୟତା ଯୋଗାଇବା ସହ



ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟା ଶୀଘ୍ର ସମ୍ପନ୍ନ କରିବାକୁ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଏହି ସହାୟତା ଅମୂଲ୍ୟଙ୍କ ଚିକିତ୍ସା ଓ ଔଷଧ ଖର୍ଚ୍ଚରେ କିଛି ମାତ୍ରାରେ ଆଶ୍ୱସ୍ତି ଆଣିବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଏହି ଅବସରରେ ଭଞ୍ଜନଗର ଉପଜିଲାପାଳ ଉମାଶଙ୍କର ବେହେରାଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ଏହି ମାନବିକ ପଦକ୍ଷେପକୁ ଅମୂଲ୍ୟଙ୍କ ପରିବାର ସମେତ ଗ୍ରାମବାସୀ ପ୍ରଶଂସା କରିଛନ୍ତି। ପ୍ରଶାସନର ଏଭଳି ସମ୍ବେଦନଶୀଳ ପଦକ୍ଷେପ ଅସହାୟ ଓ ଆର୍ଥିକ ଦୁର୍ବଳ ପରିବାରଙ୍କ ମନରେ ଆଶା ଓ ବିଶ୍ୱାସ ସୃଷ୍ଟି କରିଛି।

# ଖୋଲାସେତୁ ନିକଟରୁ ୧୦ ଫୁଟର ଅଜଗର ସାପ ଉଦ୍ଧାର




**ରାଜନଗର (ଅମୃତ ମିଡିଆ):** ଭିତରକନିକା ଜାତୀୟ ଉଦ୍ୟାନ ନିକଟସ୍ଥ ଖୋଲା ପୋଲ ନିକଟରୁ ଏକ ୧୦ ଫୁଟ ଲମ୍ବର ଅଜଗର ସାପ ବନବିଭାଗ ଦ୍ୱାରା ଉଦ୍ଧାର କରାଯାଇଛି। ଏହି ଅଜଗରକୁ ଭିତରକନିକା ଜାତୀୟ ଉଦ୍ୟାନ ସ୍ଥିତ କନିକା ରେଞ୍ଜ ପରିସରରେ ଥିବା ଉଦ୍ଧାର କେନ୍ଦ୍ରରେ ରଖାଯାଇ ତାର ସ୍ୱାସ୍ଥ୍ୟ ଗତ ନିରୀକ୍ଷଣ କରାଯାଉଛି।ଏହି ଉଦ୍ଧାର କାର୍ଯ୍ୟରେ ବନ ବିଭାଗର ଫରେଷ୍ଟର ପ୍ରଶାନ୍ତ କୁମାର ସିଂ ଓ ସଂଜୀବ ଦାସ, ବନରକ୍ଷୀ ବବୁଲ ପରିଡା, ସନ୍ଧ୍ୟାରାଣୀ ମଲ୍ଲିକ୍,କଳ୍ପତରୁ ସେଠୀ, ଅଲେଖ ପରିଡା, ମହେଶ୍ୱର ସ୍ୱାଇଁ, ଯଶୋବନ୍ତ ବେହେରା ପ୍ରମୁଖ ପହଁଚି ସାପଟିକୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ।

# ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର

## ପଞ୍ଚାୟତସ୍ତରୀୟ କୋର୍ ଗ୍ରୁପ୍ ବୈଠକ

**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁର ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ ସ୍ତରୀୟ କୋର୍ ଗ୍ରୁପ୍ ବୈଠକ ଆଜି ଜଗଦଳପୁର ଗ୍ରାମରେ ଅନୁଷ୍ଠିତ ହୋଇଛି। କମିଟିର କୋଷାଧ୍ୟକ୍ଷ ଏମ୍. ଲାବଣ୍ୟ ପାତ୍ରଙ୍କ ବାସଭବନ ପରିସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।



ବ୍ରହ୍ମପୁର ମହାନଗର ନିଗମରେ ସାମିଲ ହୋଇଥିବା ୧୪ ଗୋଟି ପଞ୍ଚାୟତରେ ସଂଗଠନର ବିସ୍ତାର କିଭଳି ସୁରୁଖୁରୁରେ ଓ ଦକ୍ଷତାର ସହ କରାଯିବ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗୁଡ଼ିକ ହେଲା ସମସ୍ତ ୧୪ ଗୋଟି ପଞ୍ଚାୟତରେ ପଞ୍ଚାୟତ ସଂଯୋଜକ ନିଯୁକ୍ତ କରାଯିବ। ସେହିପରି ପ୍ରତ୍ୟେକ ପଞ୍ଚାୟତର ପ୍ରତ୍ୟେକ ସାହିରୁ ଜଣେ ଲେଖାଏଁ ସ୍ଥାନୀୟ ବୀର ( ଲୋକାଲ ହିରୋ)ବା ସାମାଜିକ ସୈନିକ ( ସୋସିଆଲ ସୋଲଜିଅର) ଚୟନ କରାଯିବ। ସେମାନେ ପଞ୍ଚାୟତ ସଂଯୋଜକଙ୍କ ମାର୍ଗଦର୍ଶନରେ କାର୍ଯ୍ୟ କରିବେ।ନୂଆ ନେତୃତ୍ୱ ସୃଷ୍ଟି ପାଇଁ ପ୍ରତି ୬ ମାସରେ ଥରେ ଦାୟିତ୍ୱ ପରିବର୍ତ୍ତନ ( ରୋଟେସନ )କରାଯିବ। ସମସ୍ତ ସଦସ୍ୟଙ୍କୁ 'ମୁଁ ବି ବ୍ରହ୍ମପୁର - ଗର୍ବିତ ସଦସ୍ୟ, ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର' ଟ୍ୟାଗ୍ ଲାଇନ ସହ ପରିଚୟ ପତ୍ର (ଆଇଡି କାର୍ଡ) ପ୍ରଦାନ କରାଯିବ। ସମାଜର ସବୁ ବର୍ଗ ଓ ସବୁ କ୍ଷେତ୍ରର ନୂଆ ସଦସ୍ୟଙ୍କୁ ସଂଗଠନରେ ସାମିଲ କରାଯିବ। ସମସ୍ତ ୧୪ ଗୋଟି ପଞ୍ଚାୟତରେ ପ୍ରତି ମାସରେ 'ଜନ ଶୁଣାଣି ' କାର୍ଯ୍ୟକ୍ରମ କରାଯିବ। ଅଧିକନ୍ତୁ ସବୁ ପଞ୍ଚାୟତରେ ନିୟମିତ ପଞ୍ଚାୟତ ସ୍ତରୀୟ ବୈଠକ ଅନୁଷ୍ଠିତ ହେବ । ପରବର୍ତ୍ତୀ ପଞ୍ଚାୟତ ସ୍ତରୀୟ ବୈଠକ ନିମଖଣ୍ଡି ପଞ୍ଚାୟତରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଆଜିର ବୈଠକରେ ୫ ଜଣ ନୂଆ ସଦସ୍ୟ ସଂଗଠନରେ ଯୋଗ ଦେଇଥିଲେ। ସେହିଭଳି ଆଜିର ବୈଠକରେ ଜଗଦଳପୁର ନିମନ୍ତେ ସୁନିଲ ପାତ୍ରଙ୍କୁ , ନିମଖଣ୍ଡି ପଞ୍ଚାୟତ ନିମନ୍ତେ ଅନିଲ ସାହୁ, ଲୋଚାପଡା ନିମନ୍ତେ ଅଜିତ୍ ପଟ୍ଟନାୟକଙ୍କୁ ଏବଂ କୁଶସ୍ଥଳୀ ପଞ୍ଚାୟତ ନିମନ୍ତେ ଲକ୍ଷ୍ମୀ କାନ୍ତ ଜେନାଙ୍କୁ କମିଟିର ପଞ୍ଚାୟତ ସଂଯୋଜକ ରୂପେ ଘୋଷଣା କରଯାଇଥିଲା।ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ଦେବୀ ପ୍ରସାଦ ଦାସ, ସହ ସମ୍ପାଦକ ବି ଭି ସାଗର,ସମ୍ପାଦକ ଜିତେନ୍ଦ୍ର କୁମାର ପାଢ଼ୀ,କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ଉପ ସଂଗଠନ ସମ୍ପାଦକ ଅଜିତ୍ ପଟ୍ଟନାୟକ, ସହ ସଂଗଠନ ସମ୍ପାଦକ ଶ୍ରୀମନ୍ତ ପାଣିଗ୍ରାହୀ, ଉପଦେଷ୍ଟା ପ୍ରବୀଣ କୁମାର ପଟ୍ଟନାୟକ ଓ କାର୍ଯ୍ୟକାରୀ ସଦସ୍ୟ ଶ୍ରୀକାନ୍ତ ପଢିହାରୀ, ଗୋପାଳ ସାହୁ, ଲକ୍ଷ୍ମଣ କୁମାର ସାହୁ, ଅନିଲ ସାହୁ, ସୀମାଞ୍ଚଳ ପାତ୍ର, ସଂଜୀବ ପ୍ରଧାନ , ବାଲରାଜୁ ପାତ୍ର ଓ ଗଙ୍ଗାଧର ପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତ ରଖିଥିଲେ।ଶେଷରେ ଉପଦେଷ୍ଟା ବାଲରାଜୁ ପାତ୍ର ଧନ୍ୟବାଦ ଜଣାଇ ବୈଠକ ସମାପ୍ତ ହୋଇଥିଲା।

# ସଂସ୍କୃତ ମହାବିଦ୍ୟାଳୟରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ରାଜନଗର (ଅମୃତ ମିଡିଆ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସଂସ୍କୃତ ମହାବିଦ୍ୟାଳୟ ଓ ରାଜଭୂମି ମିଡିଆ ମିଳିତ ଆନୁକୂଲ୍ୟରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଘନଶ୍ୟାମ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବକୁ ଅଧ୍ୟାପିକା ତନୁଶ୍ରୀ ମିଶ୍ର ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ତହସିଲଦାର ଆଶିଷ କୁମାର ଜେନା, ମୁଖ୍ୟ ବକ୍ତାଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତଚନ୍ଦ୍ର ମହାପାତ୍ର, ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ଓ ଡଃ ବିକ୍ରମାଦିତ୍ୟ ଦାସ, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ରାଜଭୂମି ମିଡିଆର ଅଧ୍ୟକ୍ଷ ପବିତ୍ର ବ୍ରହ୍ମପୁତ୍ର ନାୟକ ଯୋଗଦେଇ ସଂସ୍କୃତ ଭାଷାର ମହନୀୟତା ଉପରେ ଆଲୋକପାତ କରିଥିଲେ । ଏହି ବ୍ଲକରେ ଥିବା ସମସ୍ତ ହାଇସ୍କୁଲର ସଂସ୍କୃତରେ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏତଦବ୍ୟତୀତ ରାଜନଗର ଅଂଚଳର ବିଶିଷ୍ଟ ଆୟୁର୍ବେଦିକ ଚିକିତ୍ସକ ଡାକ୍ତର ବଟକୃଷ୍ଣ ମିଶ୍ର ସ୍ମୃତି ମେଧାବୃତି ଅନୁଷ୍ଠାନର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ରାଜଭୂମି ମିଡିଆର ଅଧ୍ୟକ୍ଷ ଶ୍ରୀ ନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ଉତରୀୟ, ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ମଧ୍ୟ ପାଳନ କରାଯାଇଥିଲା । ଅଧ୍ୟାପକ ଆଦିତ୍ୟ ତ୍ରିପାଠି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ନିହାର ରଂଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଅଭୟ ରାଉତ, ପୁରାତନ ଛାତ୍ର ତଥା ସଂସ୍କୃତ ଶିକ୍ଷକ ଶରତ କୁମାର ରାଉତ ଓ ବରଦାକାନ୍ତ ଜେନା ସଂସ୍କୃତ ଶିକ୍ଷା ଉପରେ ନିଜର ମତାମତ ପ୍ରଦାନ କରିଥିଲେ ।

# ଆର୍ଯ୍ୟପଲ୍ଲୀରେ ସାମୂହିକ ସଫେଇ କାର୍ଯ୍ୟକ୍ରମ

## ହାତରେ ଝାଡୁ ଧରି ସଫା କଲେ ଜିଲ୍ଲାପାଳ

**ଛତ୍ରପୁର (ଅମୃତ ମିଡିଆ):** 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ' ଅଭିଯାନ ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାରେ ପ୍ରତ୍ୟେକ ମଙ୍ଗଳବାର ସାମୁହିକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ସାମୁହିକ ସଫେଇ ମାଧ୍ୟମରେ ଆର୍ଯ୍ୟପଲ୍ଲୀ ଅଞ୍ଚଳକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ସ୍ୱଚ୍ଛତାକୁ ଦୈନନ୍ଦିନ ଜୀବନର ଅଭିନ୍ନ ଅଂଶ କରିବା ପାଇଁ ଏହି ଅଭିଯାନ ଲୋକଙ୍କ ମଧ୍ୟରେ ସଚେତନତା ଓ ସାମୂହିକ ଦାୟିତ୍ୱବୋଧ ସୃଷ୍ଟି କରିଛି। ଏହି ସଫେଇ ଅଭିଯାନରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ସମେତ ପ୍ରଶାସନିକ ଅଧିକାରୀ, ପୌର ଓ ବ୍ଲକ କର୍ମଚାରୀ, ସଫେଇ କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳବାସୀ ସକ୍ରିୟ ଭାବେ ସାମିଲ ହୋଇଥିଲେ। ଜିଲ୍ଲାପାଳ ନିଜେ ହାତରେ ଝାଡୁ ଓ କୋଡ଼ି ଧରି ସଫେଇ କରିବା ସହ ସ୍ୱଚ୍ଛତା ଅଭିଯାନରେ ସମସ୍ତେ ସାମିଲ ହୋଇ ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ ଲୋକଙ୍କୁ ପ୍ରେରିତ କରିଥିଲେ। ବାତ୍ୟା ଆଶ୍ରୟସ୍ଥଳୀ, ବିଦ୍ୟାଳୟ ପରିସର, ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଅଞ୍ଚଳ, ରାସ୍ତାଘାଟ ସମେତ ବିଭିନ୍ନ ସ୍ଥାନରେ ସାମୁହିକ ଭାବେ ସଫେଇ କରାଯାଇଥିଲା। ଏଥିସହ ନିଜ ଘର ଓ ଆଖପାଖ ପରିବେଶକୁ ସ୍ୱଚ୍ଛ ରଖିବା ସହିତ ସ୍ୱଚ୍ଛତା ପ୍ରତି ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ସମସ୍ତେ ଶପଥ ପାଠ କରିଥିଲେ। ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ବିପିଏମ୍ ମାନିନୀ ଜେନାଙ୍କ ସମେତ ବହୁ ସଫେଇ କର୍ମଚାରୀ, ମହିଳା, ବ୍ଲକ ଓ ପୌର ପରିଷଦ କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ।



# ଗଣ୍ଡାନାଳୀରେ ହାତୀପଲଙ୍କ ଉତ୍ପାତ, ନଷ୍ଟକଲେ କଦଳୀ ବଗିଚା

**ହିନ୍ଦୋଳ (ଅମୃତ ମିଡିଆ):** ହିନ୍ଦୋଳ ବନାଞ୍ଚଳ ଖଲିବୋରେଇ ସେକ୍ସନ୍ ଅନ୍ତର୍ଗତ ଗଣ୍ଡାନାଳୀ ଗ୍ରାମରେ ହାତୀପଲଙ୍କ ଉତ୍ପାତ ଦେଖିବାକୁ ମିଳିଛି। ଗଣ୍ଡାନାଳୀ ଗ୍ରାମର ଲକ୍ଷ୍ମଣ ନାଏକଙ୍କ କଦଳୀ ବଗିଚାରେ ପଶି କଦଳୀ ସବୁ ଖାଇଦେବା ସହ କଦଳୀ ବଗିଚାକୁ ଭାଙ୍ଗି ସଂପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ତେବେ ବନବିଭାଗ କ୍ଷତିପୂରଣ ଯୋଗାଇଦେବାକୁ ଲକ୍ଷ୍ମଣ ଦାବି କରିଛନ୍ତି। ହାତୀପଲଙ୍କର ଏପରି ଉତ୍ପାତ ଦେଖି ସ୍ଥାନୀୟ ଅଞ୍ଚଳରେ କୋକୁଆଭୟ ସୃଷ୍ଟି ହୋଇଛି। ହାତୀପଲ ପୂର୍ବ ଅପେକ୍ଷା ଏବେ ବେଶି ଜନବସତି ମୁହାଁ ହେଉଥିବା ଜଣାପଡ଼ିଛି।



# ଜଙ୍ଗଲରୁ ୩୭୫ କେଜି ଗଞ୍ଜେଇ ଜବତ

**ମୋହନା (ଅମୃତ ମିଡିଆ):** ଅଡବା ପୋଲିସକୁ ପୁଣି ସଫଳତା ମିଳିଛି । ଜଙ୍ଗଲରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି । ଅଡବା ପୋଲିସର ପାଟ୍ରୋଲିଂ ସମୟରେ ପୋଲିସକୁ ଗଞ୍ଜେଇ ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା । ଗଜପତି ଜିଲା ଅଡବା ଥାନା ଅଧୀନ ଶିଆଳି ଲଟି ଗ୍ରାମ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଅଡବା ପୋଲିସ ଏକ ସର୍ଚ୍ଚ ଓ ଚଢ଼ାଉ ଅଭିଯାନ ଚଳାଇଥିଲା। ଚଢ଼ାଉ ସମୟରେ ପୋଲିସ ଜଙ୍ଗଲର ଏକ ପରିତ୍ୟକ୍ତ ସ୍ଥାନରେ ଲୁଚାଇ ରଖାଯାଇଥିବା ୧୫ଟି ପ୍ଲାଷ୍ଟିକ ଜରି ବ୍ୟାଗ ଜବତ କରିଥିଲା। ଉକ୍ତ ବ୍ୟାଗଗୁଡ଼ିକରେ ବହୁ ପରିମାଣର ସନ୍ଦିଗ୍ଧ ଗଞ୍ଜେଇ ରହିଥିଲା, ଯାହାକୁ ଅଜଣା ବ୍ୟକ୍ତିମାନେ ପରିବହନ ପାଇଁ ପ୍ରସ୍ତୁତ କରି ଲୁଚାଇ ରଖିଥିବା ପୋଲିସ ଅନୁମାନ କରୁଛି । ଏହି ଚଢ଼ାଉ ଉପ-ନିରୀକ୍ଷକ (ଏସ ଆଇ) ସୌମ୍ୟରଞ୍ଜନ ବରାଳଙ୍କ ନେତୃତ୍ୱରେ ପୋଲିସ ଟିମ୍ ଦ୍ୱାରା ପରିଚାଳିତ ହୋଇଥିଲା। ତହସିଲଦାର-କମ୍-କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଚକ୍ରଧର ପାଢ଼ୀ ଓଜନ ଓ ଜବତ ପ୍ରକ୍ରିୟା ସମୟରେ ଉପସ୍ଥିତ ରହିଥିଲେ। ଘଟଣାସ୍ଥଳଟି ନିଛାଟିଆ ଅଞ୍ଚଳ ହୋଇଥିବାରୁ କୌଣସି ସ୍ୱାଧୀନ ସାଧାରଣ ସାକ୍ଷୀ ଉପଲବ୍ଧ ନଥିଲେ। ତେଣୁ ଆଇନଗତ ପ୍ରକ୍ରିୟାରେ ପୋଲିସ କର୍ମଚାରୀମାନଙ୍କୁ ସାକ୍ଷୀ ଭାବେ ସାମିଲ କରାଯାଇଥିଲା। ଜବତ ହୋଇଥିବା ସମସ୍ତ ୧୫ଟି ବ୍ୟାଗର ଯାଞ୍ଚ ଓ ଓଜନ ପରେ ଗଞ୍ଜେଇର ମୋଟ ଓଜନ ୩୭୫ କିଲୋଗ୍ରାମ ବୋଲି ଜଣାପଡ଼ିଥିଲା । ଯାହାକି ୩୮ ଲକ୍ଷ ଟଙ୍କା ହେବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି। ଏହି ଘଟଣାରେ ଅଡବା ଥାନା ମାମଲା ନଂ. ୧୯୦/୨୬ ଅନୁଯାୟୀ ଅଜଣା ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି ଏବଂ ତଦନ୍ତ ଚାଲୁ ରହିଥିବା ଥାନା ଅଧିକାରୀ ସନ୍ତୋଷ କୁମାର ବିଶୋୟୀ କହିଛନ୍ତି ।

# ଜଗଦଳପୁର ତ୍ରିଶକ୍ତି ସଂଘ ପକ୍ଷରୁ ବନ୍ଧୁ ମିଳନ, ସମ୍ବର୍ଦ୍ଧନା

**ବ୍ରହ୍ମପୁର /କୁକୁଡ଼ାଖଣ୍ଡି (ଅମୃତ ମିଡିଆ):** ଜଗଦଳପୁର ଗ୍ରାମର ତ୍ରିଶକ୍ତି ସଂଘ ପକ୍ଷରୁ ମାଁ ତାରା ତାରିଣୀଙ୍କ ପୀଠରେ ଏକ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ସମସ୍ତ ଅତିଥି ମାନେ ପ୍ରଥମେ ମାଁ ତାରା ତାରିଣୀଙ୍କୁ ଦର୍ଶନ କରିଥିଲେ । ପରେ ଜଗଦଳପୁର ଗ୍ରାମର ଯୁବ ସମାଜସେବୀ ରାଜକିଶୋର ପାଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପି ସୁରେନ୍ଦ୍ର ପାତ୍ର ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ଜଗଦଳପୁର ଗ୍ରାମର ରଜା ନାଟର ଇତିହାସ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ପରିଚାଳକ ଶ୍ରୀ ପାଠୀ ଏହି ସମ୍ବର୍ଦ୍ଧନା ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ବରିଷ୍ଠ ସାମ୍ବାଦିକ କେ ସନ୍ତୋଷ କୁମାର ପାତ୍ର ଓ ଶତପଥୀ ଷ୍ଟାର୍ ଭିଜନ ମାଲିକ ଲକ୍ଷ୍ମୀନାରାୟଣ ଶତପଥୀ ନଳବଣ୍ଟା ଗ୍ରାମର ପରିଡ଼ା ପାର୍ଟି ପ୍ରହ୍ଲାଦ ନାଟକର ଗୁରୁଶ୍ରୀ ଅରୁଣ ପରିଡ଼ା ଓ ମୁଖ୍ୟ ପରିଚାଳକ ପ୍ରଫୁଲ୍ଲ ଶତପଥୀଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।ଏହି ଅବସରରେ ତ୍ରିଶକ୍ତି ସଂଘର ସଭାପତି ତଥା ଯୁବ ସମାଜସେବୀ ଅରୁଣ କୁମାର ପାଢ଼ୀ ସମସ୍ତଙ୍କୁ ଉତ୍ସାହିତ କରି ସଂଘକୁ ମଜବୁତ୍ କରିଯିବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବଞ୍ଚାଇ ରଖିବା ସହ ଚିରଦିନ ପାଇଁ ସୁସମ୍ପର୍କ ସ୍ଥାପନ ରଖିବା ନିମନ୍ତେ ଆହ୍ୱାନ ଦେଇଥିଲେ।ପରିଶେଷରେ ଜଗଦଳପୁର ତ୍ରିଶକ୍ତି ସଂଘର ସଭାପତି ଓ ଗ୍ରାମବାସୀ ମିଳିତ ଭାବେ ନଳବଣ୍ଟା ପରିଡ଼ା ପାର୍ଟି ପ୍ରହ୍ଲାଦ ନାଟକକୁ ସମ୍ବର୍ଦ୍ଧନା ଟ୍ରଫି ପ୍ରଦାନ କରିଥିଲେ।



# ଘରୋଇ ହିଂସା ଓ ପୋଷ୍ ଆଇନ ସମ୍ପର୍କିତ ପ୍ରଶିକ୍ଷଣ

## ଅନ୍ୟାୟ ବିରୋଧରେ ଚୁପ୍ ରହିବା ସବୁଠାରୁ ବଡ଼ ଅପରାଧ: ଅତିରିକ୍ତ ଜିଲ୍ଲାପାଳ

**ଛତ୍ରପୁର (ଅମୃତ ମିଡିଆ):** ମହିଳାଙ୍କ ସୁରକ୍ଷା ଓ ଅଧିକାର ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦର ଜଉଗଡ ସମ୍ମିଳନୀ କକ୍ଷରେ ଘରୋଇ ହିଂସା ନିରୋଧ ଆଇନ ଏବଂ କାର୍ଯ୍ୟସ୍ଥଳୀରେ ମହିଳା ଯୌନ ନିର୍ଯାତନା ନିରୋଧ, ନିଷେଧ ଓ ନିରାକରଣ ଆଇନ (ପୋଷ୍) ସମ୍ପର୍କିତ ଏକ ଦିବସୀୟ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ କହିଥିଲେ ଯେ, ଅନ୍ୟାୟ ବିରୋଧରେ ଜାଣିଶୁଣି ଚୁପ୍ ରହିବା ସବୁଠାରୁ ବଡ଼ ଅପରାଧ। ମହିଳାଙ୍କ ସୁରକ୍ଷା ପାଇଁ ନିରାକରଣ ଅପେକ୍ଷା ପ୍ରତିରୋଧ ହିଁ ସର୍ବୋତ୍ତମ ପଦକ୍ଷେପ। ସମସ୍ତ ଅନୁଷ୍ଠାନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ସହ ସଚେତନତାମୂଳକ ସାଇନେଜ୍ ପ୍ରଦର୍ଶନ ଏବଂ ଅଭିଯୋଗର ସମୟୋଚିତ ଫଇସଲା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସୂଚନା ଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲାରେ ଏପର୍ଯ୍ୟନ୍ତ ୫୪୦ଟି ପ୍ରତିଷ୍ଠାନରେ ଆଇସିସି ଗଠନ ହୋଇଛି। ୧୦ କିମ୍ବା ଅଧିକ କର୍ମଚାରୀ ଥିବା ସମସ୍ତ ପ୍ରତିଷ୍ଠାନରେ ଆଇସିସି ଗଠନ ଓ 'ସି-ବକ୍ସ' ପୋର୍ଟାଲରେ ପଞ୍ଜୀକରଣ ବାଧ୍ୟତାମୂଳକ। ପ୍ରତ୍ୟେକ କମିଟିରେ ଅତିକମରେ ୪ ଜଣ ସଦସ୍ୟ ରହିବେ ଏବଂ ଅଭିଯୋଗର ତଦନ୍ତ ୯୦ ଦିନ ମଧ୍ୟରେ ଶେଷ କରିବାର ବ୍ୟବସ୍ଥା ରହିଛି। ନିୟମ ଉଲ୍ଲଂଘନ କ୍ଷେତ୍ରରେ ୫୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ହୋଇପାରେ। ବ୍ରହ୍ମପୁର ଡିଏସପି ଶ୍ରୁତିପ୍ରଭା ପ୍ରଧାନ କହିଥିଲେ ଯେ, କେବଳ କଠୋର ଆଇନ ନୁହେଁ, ମହିଳାମାନେ ନିଜ ଅଧିକାର ସମ୍ପର୍କରେ ସଚେତନ ହୋଇ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ଗଞ୍ଜାମ ଡିଏସପି ଜ୍ୟୋସ୍ନା କାଉଁରୀ ଭୟ ଓ ଲୋକଲଜ୍ଜା ତ୍ୟାଗ କରି ଡିଭି ଓ ପୋଷ୍ ଆଇନ ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଛତ୍ରପୁର ଏସ୍ ?ଡିଏମ୍ ?ଓ ଡା. ଅଲେଖ ପ୍ରଧାନ ମହିଳାଙ୍କୁ ସୁରକ୍ଷିତ ଓ ସମ୍ମାନଜନକ ପରିବେଶ ଯୋଗାଇଦେବା ପ୍ରତ୍ୟେକ ନାଗରିକଙ୍କ ନୈତିକ ଦାୟିତ୍ୱ ବୋଲି କହିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ ମହିଳାମାନେ ଅବଳା ନୁହନ୍ତି, ସେମାନେ ସ୍ୱୟଂସକ୍ଷମ ଓ ସଶକ୍ତ ବୋଲି ମତପ୍ରକାଶ କରିଥିଲେ। ଅସହାୟ ଓ ନିର୍ଯାତିତ ମହିଳାଙ୍କ ସହାୟତା ପାଇଁ ଜିଲ୍ଲାରେ ୱାନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ ଓ ଡିଏଲ୍ ?ଏସ୍ ?ଏ କାର୍ଯ୍ୟ କରୁଛି। ଜରୁରୀ ପରିସ୍ଥିତିରେ ୧୧୨, ମହିଳା ହେଲ୍ପଲାଇନ୍ ୧୮୧ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ ୧୪୪୧୬ 'ଟେଲି-ମାନସ'ର ସହାୟତା ନେବାକୁ ନିବେଦନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ମହିଳା ସଶକ୍ତୀକରଣ କେନ୍ଦ୍ରର ସଂଯୋଜିକା ଗୀତାଞ୍ଜଳି ମହାରଣା ସଂଯୋଜନା କରିଥିଲେ। ସମସ୍ତ ବ୍ଲକର ସିଡିପିଓ, ସୁପରଭାଇଜର, ଶକ୍ତି ସଦନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଉପସ୍ଥିତ ଥିଲେ।





# ପ୍ରାଥମିକ ଶିକ୍ଷକ-ଶିକ୍ଷୟିତ୍ରୀ ପଦୋନ୍ନତିରେ ବିଳମ୍ବ

## ୨ଦିନ ଭିତରେ ପଦୋନ୍ନତି ନ ହେଲେ ଆନ୍ଦୋଳନ



**ଫୁଲବାଣୀ (ଅମୃତ ମିଡିଆ) :** କନ୍ଧମାଳ ଜିଲ୍ଲା ରେ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପଦୋନ୍ନତି ରେ ବିଳମ୍ବ ହେବାରୁ ଗତକାଲି ଅପରାହ୍ନ ୫ଟା ସମୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, କନ୍ଧମାଳ ଠାରେ ଜିଲ୍ଲା ର ସମସ୍ତ ପ୍ରାଥମିକ ଶିକ୍ଷକ ଶିକ୍ଷୟତ୍ରୀ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ ସ୍ୱାଇଁଙ୍କୁ ଭେଟି ପଦୋନ୍ନତି ସମ୍ପର୍କ ରେ ଆଲୋଚନା କରାଯାଇଛି। ଲେବେଲ ivରୁ ଲେବେଲ iii ଶିକ୍ଷକ ଶିକ୍ଷୟିତ୍ରୀଙ୍କର ପଦୋନ୍ନତୀ କାର୍ଯ୍ୟ ପ୍ରକ୍ରିୟା ଶେଷ ପରେ ଅନ୍ୟ ଲେବେଲ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି କଥା ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ ୧୯୯୭ ପରବର୍ତ୍ତୀ ସଂଶୋଧିତ ନିୟମାବଳୀ ୨୦୧୪ ଓ ୨୦୧୯ କନ୍ଧମାଳ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ପ୍ରାଥମିକ ସ୍ତର ଅନ୍ତର୍ଗତ ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ଲେବେଲ ଇରୁ ଲେବେଲ ଈ, ଲେବେଲ B ରୁ ଲେବେଲ ୦ (ଈ) , ଲେବେଲ ୦ରୁ ଲେବେଲ iv, ଲେବେଲ iv ଲେବେଲ iiiକୁ ପଦୋନ୍ନତି ନିମନ୍ତେ ଦୀର୍ଘ ଚାରି ବର୍ଷ ପରେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ତ୍ୱରାନ୍ୱିତ କରିବା ପାଇଁ ତା-୧୩/୦୫/୨୬ରିଖରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେବା ପରେ ନିର୍ଦ୍ଦେଶକ ଚିଠି ସଂଖ୍ୟା-୯୬୬୩ ତା-୧୮/୦୫/୨୬ରିଖରେ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଦୋନ୍ନତି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ଚିଠି ଆଧାରରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିଠି ସଂଖ୍ୟା-୫୪୭୧ ତା-୧୦/୦୭/୨୬ ରିଖରେ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କୁ ଫାଇନାଲ ଲିଷ୍ଟ ପଠାଇବା ପାଇଁ ଏକମାସ ସମୟ ଦେଇଥିଲେ,ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ରେ ତନଖି ତାଲିକା ପ୍ରଦାନ କରିଛନ୍ତି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଚିଠି ଆଧାରରେ କିଛି ଜିଲ୍ଲା ପଦୋନ୍ନତି ଦେଇ ସାରିଥିବା ସ୍ଥଳେ କନ୍ଧମାଳ ଜିଲ୍ଲା ରେ ବିଳମ୍ବ ଯୋଗୁଁ କନ୍ଧମାଳ ଜିଲ୍ଲାର ସମସ୍ତ ପ୍ରାଥମିକ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନଙ୍କଠାରୁ ପ୍ରାପ୍ତ ଆପତ୍ତି ଓ ସମ୍ବନ୍ଧୀୟ ତତ୍ତ୍ୱ ମିଳିବା ପରେ ମଧ୍ୟ ଜିଲ୍ଲା ଶିକ୍ଷା ଅଧିକାରୀ ତତ୍ତ୍ୱାବଧାନରେ କନ୍ଧମାଳ ଉଖଚଉ ବୈଠକ ବସିପାରୁନାହିଁ। ଦିନ ଦିନ ପରେ ଦିନ ଗଡି ଚାଲିଛି। ଇତିମଧ୍ୟରେ ୪ ମାସ ବିତି ଯାଇଥିଲେ ମଧ୍ୟ କନ୍ଧମାଳ ଜିଲ୍ଲାର ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ହୋଇ ପାରିନାହିଁ ଅନ୍ୟ ଜିଲ୍ଲାରେ ସବୁ ବର୍ଗର ଶିକ୍ଷକ ପଦୋନ୍ନତି ପାଇ ସାରିଥିବା ବେଳେ ଶିକ୍ଷା ଅଧିକାରୀଙ୍କ ଅବହେଳା ଯୋଗୁଁ ଶିକ୍ଷକମାନେ ପଦମର୍ଯ୍ୟାଦା ଅଧିକାରରୁ ବଞ୍ଚିତ ହେଉଛନ୍ତି। ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି କାହିଁକି ବିଳମ୍ବ ହେଉଛି ବୋଲି ପ୍ରଶ୍ନ ଉଠିଛି। ଅନ୍ୟପଟେ ସାମ୍ବାଦିକଙ୍କ ପ୍ରଶ୍ନରେ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ ସ୍ୱାଇଁ ପ୍ରତିଶ୍ରୁତି ଦେଇଛନ୍ତି କି ୯ ତାରିଖ ସୁଦ୍ଧା ଜିଲ୍ଲା ସ୍ତରୀୟ ପଦୋନ୍ନତି କମିଟିରେ ଲେବୁଲ୍-ivରୁ ଲେବୁଲ୍- iii ପଦୋନ୍ନତି ତାଲିକାକୁ ମଞ୍ଜୁର କରି ସରକାରଙ୍କ ଅନୁମୋଦନ ପାଇଁ ପଠାଇବେ। ଏହି କାର୍ଯ୍ୟ ଶେଷ ପରେ ଲେବୁଲ୍-୦ (ଈ)ରୁ ଲେବୁଲ୍-iv ବା ଗ୍ରାଜୁଏଟ୍ ଶିକ୍ଷକ ପଦକୁ ପଦୋନ୍ନତି ପାଇଁ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କ ଠାରୁ ପଦୋନ୍ନତି ପାଇଁ ତଥ୍ୟ ସଠିକ୍ ଥିବାର ସମସ୍ତ ତଥ୍ୟ ମଗାଯାଇ ଫାଇନାଲ ଗ୍ରେଡେସନ୍ ଲିଷ୍ଟ ପ୍ରସ୍ତୁତ କରି ସରକାରଙ୍କ ଅନୁମୋଦନ ପାଇଁ ପଠାଇବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିବା ବେଳେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ କହିଥିଲେ। ୯ ତାରିଖ ଭିତରେ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ଦିଆନ ଗଲେ ଜିଲ୍ଲାର ସମସ୍ତ ପ୍ରାଥମିକ ଶିକ୍ଷକ ଶିକ୍ଷୟତ୍ରୀ ବାଧ୍ୟ ହୋଇ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିବେ ବୋଲି ଗଣମାଧ୍ୟମ ଜରିଆରେ କଡା ଚେତାବନୀ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମ ସମୟରେ ବସନ୍ତ କୁମାର ସାହୁ, ପ୍ରଦୀପ କୁମାର ମହାନ୍ତି, ଅଜିତ୍ କୁମାର ବେହେରା, ଦ୍ୱିତୀକୃଷ୍ଣ ପଣ୍ଡା, ପ୍ରଶାନ୍ତ କୁମାର ପ୍ରଧାନ, ଅଶୋକ ପ୍ରଧାନ, ସ୍ୱର୍ଣ୍ଣଲତା ସାହୁ, ସୁଭଦ୍ରା ପ୍ରିୟଦର୍ଶନୀ ମଲ୍ଲିକ, କେଶବତି ଭୋଇ, ଜ୍ୟୋସ୍ନା ବେହେରା, କୈଳାସ ମେହେର ଓ ଅଜୟ କୁମାର ସାହୁ ପ୍ରମୁଖ ପ୍ରତିନିଧିତ୍ୱ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

# ବାଲିଚନ୍ଦ୍ରପୁର ପୋଲିସର ସଫଳତା

## ଡକାୟତି ଯୋଜନା ପଣ୍ଡ, ୨ କୋର୍ଟଚାଲାଣ



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ପଞ୍ଚାୟତ ସ୍ଥିତ ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣି ପାହାଡ ପାଦଦେଶ ଜଙ୍ଗଲ ମଧ୍ୟରେ ପାଞ୍ଚଜଣ ସନ୍ଦିଗ୍ଧ ଯୁବକ ବସି ଆଲୋଚନା କରୁଥିବା ବାଲିଚନ୍ଦ୍ରପୁର ପୁଲିସ ଏକ ନିର୍ଭର ସୂଚନା ଜାଣିବାକୁ ପାଇଥିଲା, ତତକ୍ଷଣାତ ସେହି ଅଞ୍ଚଳକୁ ପାଟ୍ରୋଲିଂ ରେ ଯାଇଥିବା ଏସ୍ ଆଇ ଦୀପାଲିସା ନାୟକ କିଛି ଷ୍ଟାଫ୍‌ଙ୍କ ସହିତ ଘଟଣା ସ୍ଥଳକୁ ଯାଇ ଚଢାଉକରି ଥିଲେ, ଚଢାଉ ସମୟରେ ତିନିଜଣ କାଦୁଅ ବିଲ ମଧ୍ୟରେ ଦୌଡ଼ି ଖସିଯାଇଥିବା ବେଳେ ଦୁଇଜଣଙ୍କୁ ପୁଲିସ କାବୁ କରି ଥାନାକୁ ଆଣିଥିଲେ। ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତି ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବା ସହ ପୁଲିସ ଅଟକ ରଖିଥିବା ଦୁଇଜଣଙ୍କୁ ପଚରା ଉଚରା କରି ସେମାନେ ଡକାୟତ ଯୋଜନା କରୁଥିବା ନେଇ ସ୍ୱୀକାର କରିଥିଲେ। ପୁଲିସ ଏ ନେଇ ଏକ ମାମଲା ୩୪୬/୨୬ ରୁଜୁ କରି ଉଭୟଙ୍କୁ ଗିରଫ କରିଥିଲା, ଗିରଫ ବ୍ୟକ୍ତି ଦୁଇଜଣ ବାଲିଚନ୍ଦ୍ରପୁର ଥାନା ବାଲିଚନ୍ଦ୍ରପୁର ଗ୍ରାମର ଶିଶୁମନ୍ଦିର ନିକଟସ୍ଥ ଘଡେଇ ସାହିର ସ୍ୱର୍ଗତ ବାବୁଲି ଘଡେଇଙ୍କ ପୁଅ ରାହୁଲ ଘଡେଇ ବୟସ ୧୯ ହୋଇଥିବା ବେଳେ ଅନ୍ୟଜଣେ କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ହଳଦିଆ ଗ୍ରାମର ଅଭିମନ୍ୟୁ ଘଡେଇଙ୍କ ପୁଅ ଦୀପକ ଘଡେଇ ବୟସ ୨୫ ପୁଲିସ ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ଦୁଇଟି ମାଗାଜିନ୍, ଦୁଇଟି ମୋବାଇଲ ଫୋନ, ପାଞ୍ଚଟି ଜୀବନ୍ତ ଗୁଳି, ଗୋଟିଏ କଳା ରଙ୍ଗର ବଜାଜ ପଲସର ୨୨୦ ଯବତ କରିଥିବା ବେଳେ ତାଙ୍କ ପାଖରୁ ବନ୍ଧୁକ ସମ୍ପର୍କିତ କାଗଜ ପତ୍ର ଓ ଲାଇସେନ୍ସ ପାଇନଥିଲେ। ଏ ନେଇ ବାଲିଚନ୍ଦ୍ରପୁର ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଯୋଗଦେଇ ଖସିଯାଇଥିବା ତିନିଜଣ ନିୟମିତ ଚୋରି, ରାହାଜାନି, ଡକାୟତିରେ ଲିପ୍ତଥିବା ବେଳେ ଏମାନେ ବିଶେଷ କରି ଘରୋଇ ଋଣ ଲଗାଣକାରୀ ସଂସ୍ଥାର କର୍ମଚାରୀ ମାନଙ୍କୁ ଲୁଟ୍ କରିବା ଉଦ୍ଦେଶ୍ୟରେ ଯୋଜନା କରୁଥିବା କଥା କହିଥିଲେ। ଏ ସମ୍ପର୍କିତ ଅଧିକ ତଦନ୍ତ ନିମିତ ଅନ୍ୟ ଥାନାମାନଙ୍କୁ ସୂଚନା ଦିଆଯାଇଥିବା ବଳେ ଏମାନେ କେଉଁ କେଶ ରେ ସମ୍ପୃକ୍ତି ଅଛନ୍ତି ତାହା ଜଣାପଡିବ ବୋଲି କହିଥିଲେ। ଗିରଫ ବ୍ୟକ୍ତି ଦୁଇଜଣଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି।

# ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ଦିବସ



ନୀଳଗିରି (ଅମୃତ ମିଡିଆ) : ସଂସ୍କୃତ ଓଡିଆ ଭାଷାର ଜନକ। ଭାଷାର ସମୃଦ୍ଧି ହେଲେ ସମାଜ ଅଗ୍ରଗତି କରେ। ସଂସ୍କୃତ ଭାଷା ଭଗବାନଙ୍କ ଭାଷା। ପବିତ୍ର ସଂସ୍କୃତ ଭାଷା ପ୍ରତ୍ୟେହ ବ୍ୟବହାର କଲେ ବ୍ୟକ୍ତିର ଆଧ୍ୟାତ୍ମିକ ଉନ୍ନତି ହେବାସହ ନୈତିକ ଅଭିବୃଦ୍ଧି ଘଟେବୋଲି ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ସଂସ୍କୃତ ବିଶାରଦ ଅଧ୍ୟାପକ ସଞ୍ଜୟ କୁମାର ପତି ଯୋଗଦେଇ ସଂସ୍କୃତ ଭାଷାର ମହିମା ବଖାଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତ ବିଭାଗର ଡ. ହରିପଦ ଦାଶ ଓ ଓଡିଆ ବିଭାଗର ଡ. ପ୍ରଦୀପ୍ତ କୁମାର ମିଶ୍ର ସମ୍ମାନିତ ବକ୍ତାଭାବରେ ଯୋଗଦେଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ସମସ୍ତ ଛାତ୍ରୀ ଯୋଗଦାନ ଦେଇଥିବାବେଳେ ଛାତ୍ରୀ ପୁଷ୍ପଲତା ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ଛତିଶଗଡ଼ ବାଲିମାଫିଆଙ୍କ କେନ୍ଦ୍ରସ୍ଥଳ ପାଲଟିଛି ରାଇଘର

ରାଇଘର (ଅମୃତ ମିଡିଆ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ବର୍ତ୍ତମାନ ଛତିଶ ଗଡ଼ ବାଲି ମାଫିଆଙ୍କ କେନ୍ଦ୍ରସ୍ଥଳ ପାଲଟି ଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଛତିଶ ଗଡ଼ ବାଲି ଭର୍ତ୍ତି ହାଇୱା ଗାଡି ପ୍ରତେକ ଦିନ ରାଇଘର ତଥା ଆଖ ପାଖ ଅଞ୍ଚଳରେ ଆସି ବାଲି ଖାଲି କରୁଛି। ଗତ କିଛିଦିନ ତଳେ ରାଇଘର ତହସିଲଦାର ସନ୍ଧ୍ୟା ସମୟରେ ବାଲି ଭର୍ତ୍ତି ହାଇୱା ଗାଡ଼ି ନୋ ସିଜି ୦୪ ପିବି ୪୪୩୫ ଏବଂ ଅନ୍ୟ ନୋ ହାଇୱା ଗାଡ଼ିର ନୋ ସିଜି ୨୭ଏନ୍ ୪୪୩୫। ଦୁଇଟି ଗାଡ଼ିକୁ ଅଟକ ରଖି ପଚରା ଉଚରା କରିବା ସହ ପୋଲିସ ଏବଂ ମାନିଂ ବିଭାଗକୁ ଖବର ଦେଇଥିଲେ। ହାଇୱା ଦୁଇଟା ଛତିଶ ଗଡ଼ ଅଞ୍ଚଳର ବୋଲି ଜଣାପଡ଼ିଥିଲା। ହାଇୱା ଦୁଇଟିର କୌଣସି ପ୍ରକାର କାଗଜପତ୍ର ବି ଠିକ୍ ନଥିଲା। ତାସହ ଡ୍ରାଇଭରର ବି ଡ୍ରାଇଭିଙ୍ଗ ଲାଇସେନ୍ସ ନଥିଲା। ସେହି ପରି ଗତ ୨୧ତାରିଖ ଦିନ ସିଜି ୦୪କ୍ସବ ୮୮୧୧ ଗାଡି ରାଇଘର ଆର ଆଇ ଅଫିସ ଆଗରେ ଅଟକ ରଖି ମାଇନିଙ୍ଗ ବିଭାଗକୁ ଖବର ଦିଆଯାଇଥିଲା। ତଥାପି ଛତିଶଗଡ଼ ଅଞ୍ଚଳରୁ ବେଆଇନ ବାଲି ଚାଲାଣ ହେଉଥିବା ବେଳେ ପ୍ରଶାସନ ଏହା ପ୍ରତି ନଜର ଦେଇ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକତା ରହିଛି। ପ୍ରକାଶ ଥାଉକି ଛତିଶ ଗଡ଼ ଅଞ୍ଚଳ ର କେତେକ ଗାଡି ଲୁଚା ଚୋରା ବାଲି ଚାଲାଣ କରୁଥିବା ବେଳେ ଅନ୍ୟ କେତେକ ଗାଡ଼ି ଖୁଲମ୍‌ଖୋଲା ବାଲି ଚାଲାଣ କରୁଛନ୍ତି। ତେଣୁ ଛତିଶଗଡ଼ରୁ ବାଲି ଭର୍ତ୍ତି ଆସୁଥିବା ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ଦାବି ହଉଥିବା ଦେଖିବାକୁ ମିଳିଛି।

# ସୂଚନା ଫଳକ ଅଛି, ହେଲେ ସୂଚନା କାହିଁ

## ସରକାରୀ କାର୍ଯ୍ୟରେ ଅନିୟମିତତା ଅଭିଯୋଗ



**ସାହାରପଡା (ଅମୃତ ମିଡ଼ିଆ) :** ସରକାରୀ ଅର୍ଥରେ ହେଉଥିବା ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟର ସମ୍ପୂର୍ଣ୍ଣ ତଥ୍ୟ ସାଧାରଣ ଜନତାଙ୍କ ସମ୍ମୁଖରେ ପ୍ରକାଶ ପାଇବା କଥା। ଏଥିପାଇଁ ନିର୍ମାଣ ସ୍ଥଳରେ ସୂଚନା ଫଳକ ସ୍ଥାପନ କରାଯାଇଥାଏ। କିନ୍ତୁ ସାହାରପଡା ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ପ୍ରାୟ ୩୦୦ ମିଟର ଦୂରରେ, ବ୍ଲକ କାର୍ଯ୍ୟାଳୟକୁ ଯିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଚାଲିଥିବା ଏକ ନିର୍ମାଣ କାର୍ଯ୍ୟକୁ ନେଇ ଏବେ ଉଠିଛି ଗମ୍ଭୀର ପ୍ରଶ୍ନ। ବିଡମ୍ବନାର ବିଷୟ ହେଉଛି ସୂଚନା ଫଳକ ତିଆରି ହେଉଛି, ହେଲେ ସେହି ଫଳକରେ ଜନସାଧାରଣଙ୍କ ପାଇଁ ଆବଶ୍ୟକୀୟ ସୂଚନା ହିଁ ନାହିଁ! ସ୍ଥାନୀୟ ଲୋକଙ୍କ ପ୍ରଶ୍ନ ଏହି କାର୍ଯ୍ୟ କେଉଁ ବିଭାଗ ଅଧୀନରେ ହେଉଛି ? କେଉଁ ଯୋଜନାରେ ଏହା ଅନୁମୋଦିତ ? କେତେ ଟଙ୍କା ବ୍ୟୟବରାଦ ହୋଇଛି ? କେବେ କାମ ଆରମ୍ଭ ହୋଇଛି ଏବଂ କେବେ ସମାପ୍ତ ହେବ ? କିଏ କାର୍ଯ୍ୟନିର୍ବାହୀ ସଂସ୍ଥା କିମ୍ବା ଠିକାଦାର ? ଏଭଳି ଅନେକ ମୌଳିକ ପ୍ରଶ୍ନର ଉତ୍ତର ସୂଚନା ଫଳକରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁନଥିବା ଅଭିଯୋଗ ହେଉଛି। ସାଧାରଣତଃ ଏକ ସରକାରୀ ନିର୍ମାଣ କାର୍ଯ୍ୟର ସୂଚନା ଫଳକରେ କାର୍ଯ୍ୟର ନାମ, ଯୋଜନାର ନାମ, ଅନୁମୋଦିତ ଅର୍ଥରାଶି, କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ, କାର୍ଯ୍ୟନିର୍ବାହୀ ସଂସ୍ଥା କିମ୍ବା ଠିକାଦାରଙ୍କ ବିବରଣୀ ଏବଂ ସମ୍ପୃକ୍ତ ବିଭାଗର ନାମ ରହିବା ଆବଶ୍ୟକ। ମାତ୍ର ଏଠାରେ ଫଳକର ଢାଞ୍ଚା ନିର୍ମାଣ ହେଉଥିଲେ ମଧ୍ୟ ଏଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନଥିବା ନେଇ ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି।

### ସୂଚନା ଫଳକ ନୀରବ, ହେଲେ କାମ ଚାଲିଛି !

ବର୍ତ୍ତମାନ ନିର୍ମାଣ ସ୍ଥଳରେ ସିମେଣ୍ଟ, ବାଲି, ଗୋଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ପଡ଼ିରହିଥିବା ବେଳେ ଶ୍ରମିକମାନେ କାର୍ଯ୍ୟରେ ନିୟୋଜିତ ଅଛନ୍ତି। କିନ୍ତୁ କାର୍ଯ୍ୟର ସମ୍ପୂର୍ଣ୍ଣ ପରିଚୟ ଓ ବ୍ୟୟବରାଦ ସମ୍ପର୍କରେ ସାଧାରଣ ଲୋକ ଅନ୍ଧକାରରେ ରହିଛନ୍ତି। ସରକାରୀ ଅର୍ଥରେ ହେଉଥିବା କାର୍ଯ୍ୟର ହିସାବ ଜାଣିବା ଜନସାଧାରଣଙ୍କ ଅଧିକାର। ତେବେ ସରକାରୀ କାର୍ଯ୍ୟ ଚାଲିଥିବା ସତ୍ତ୍ୱେ ସୂଚନାକୁ କାହିଁକି ଗୋପନ ରଖାଯାଉଛି ? କେବଳ କଂକ୍ରିଟର ଏକ ଫଳକ ତିଆରି କରିଦେଲେ କି ସ୍ୱଚ୍ଛତାର ଉଦ୍ଦେଶ୍ୟ ପୂରଣ ହୋଇଯିବ ?

### ପୁରୁଣା ଇଟା ବ୍ୟବହାର ଅଭିଯୋଗ, ଗୁଣବତ୍ତା ନେଇ ସନ୍ଦେହ

ଏହି ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଇଟାର ଗୁଣବତ୍ତାକୁ ନେଇ ମଧ୍ୟ ସ୍ଥାନୀୟ ମହଲରେ ପ୍ରଶ୍ନ ଉଠିଛି। ନିର୍ମାଣ ସ୍ଥଳରେ ବ୍ୟବହୃତ କେତେକ ଇଟା ପୁରୁଣା ଓ ନିମ୍ନମାନର ବୋଲି ଅଭିଯୋଗ କରାଯାଉଛି। ଇଟା ଗୁଡ଼ିକର ସଠିକ୍ ସଂଯୋଜନ ଏବଂ ନିର୍ମାଣର ଗୁଣବତ୍ତାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ସରକାରୀ ଅର୍ଥରେ ନିର୍ମାଣ କାର୍ଯ୍ୟ ହେଉଥିବା ବେଳେ ନିର୍ଦ୍ଧାରିତ ମାନର ସାମଗ୍ରୀ ବ୍ୟବହାର ହେଉଛି କି ନାହିଁ, ତାହା ତଦାରଖ କରିବା ଦାୟିତ୍ୱ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କର। ହେଲେ ବ୍ଲକ କାର୍ଯ୍ୟାଳୟରୁ ମାତ୍ର ୩୦୦ ମିଟର ଦୂରରେ ଏଭଳି କାର୍ଯ୍ୟ ଚାଲିଥିବା ସତ୍ତ୍ୱେ କାହାର ନଜର ପଡୁନାହିଁ କାହିଁକି— ତାହା ଏବେ ବଡ଼ ପ୍ରଶ୍ନ ହୋଇଛି।

### ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ? ନା ଅଧିକାରୀଙ୍କ ନୀରବ ସହଯୋଗ ?

ସରକାରୀ କାର୍ଯ୍ୟରେ ନିୟମ ଓ ଗୁଣବତ୍ତା ମାନଦଣ୍ଡ ପାଳନ କରାଯିବା କଥା। କିନ୍ତୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ନିୟମକୁ ଅଣଦେଖା କରି ଠିକାଦାରମାନେ ମନମୁଖୀ ଭାବେ କାର୍ଯ୍ୟ କରୁଥିବା ଭଳି ଚିତ୍ର ସାମ୍ନାକୁ ଆସିଛି। ପ୍ରଶ୍ନ ଉଠୁଛି କାର୍ଯ୍ୟର ତଦାରଖ ପାଇଁ ଦାୟିତ୍ୱରେ ଥିବା ଅଧିକାରୀମାନେ କେଉଁଠି ? ନିର୍ମାଣ ସାମଗ୍ରୀର ଗୁଣବତ୍ତା ପରୀକ୍ଷା କରାଯାଉଛି କି ? କାର୍ଯ୍ୟ ନିର୍ଦ୍ଧାରିତ ନକ୍ସା ଓ ମାନଦଣ୍ଡ ଅନୁଯାୟୀ ଚାଲିଛି କି ? ନା ସବୁକିଛି ଜାଣିଶୁଣି ଚୁପ୍ ରହୁଛନ୍ତି ଦାୟିତ୍ୱରେ ଥିବା ଅଧିକାରୀ ?

### ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବେ କି ?

ବ୍ଲକ କାର୍ଯ୍ୟାଳୟକୁ ଯିବା ରାସ୍ତା ପାର୍ଶ୍ୱରେ, ପ୍ରଶାସନିକ କେନ୍ଦ୍ରଠାରୁ ଅତି ନିକଟରେ ଚାଲିଥିବା ଏହି କାର୍ଯ୍ୟକୁ ନେଇ ଏବେ ସ୍ଥାନୀୟ ଲୋକ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି। ସୂଚନା ଫଳକରେ ସମ୍ପୂର୍ଣ୍ଣ ପ୍ରକଳ୍ପ ବିବରଣୀ ପ୍ରଦର୍ଶନ କରିବା ସହିତ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଓ ବ୍ୟବହୃତ ସାମଗ୍ରୀର ତଦନ୍ତ କରାଯିବାକୁ ଦାବି ହୋଇଛି। ସ୍ଥାନୀୟଙ୍କ ଦାବି ଏବେ ଦେଖିବାର ବିଷୟ, ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟର ତଦନ୍ତ କରିବେ, ନା ଅନିୟମିତତା ଅଭିଯୋଗ ମଧ୍ୟରେ ଚାଲିଥିବା କାର୍ଯ୍ୟକୁ ନୀରବ ସମର୍ଥନ ମିଳିବ ?



# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

### ଓଡ଼ିଶା...


କରାଯିବ। ଆବଶ୍ୟକ ହେଲେ ସେମାନଙ୍କୁ ନନ୍ଦନକାନନରେ ରଖିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପିସିସିଏଫ କହିଛନ୍ତି। ଅନ୍ୟପଟରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି ଯେ, ଏହା ପଛରେ ଆନ୍ତର୍ଜାତୀୟ ବନ୍ୟପ୍ରାଣୀ ଚାଲାଣକାରୀଙ୍କ ଲିଙ୍କ ଥାଇପାରେ। ଗୋଟିଏ ଓରାଙ୍ଗଉଟାନର ବଜାର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ଥିବା ନେଇ ସୂଚନା ରହିଛି । ଏହି କାରଣରୁ ସେମାନଙ୍କୁ ଚାଲାଣ କରାଯାଉଥିବା ବେଳେ କୌଣସି କାରଣରୁ ବାଲେଶ୍ୱର ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ସନ୍ଦେହ କରାଯାଉଛି। ଏସବୁ ଦିଗକୁ ନେଇତଦନ୍ତ ପରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ ବୋଲି ମନ୍ତ୍ରୀ କହିଛନ୍ତି । ଓରାଙ୍ଗଉଟାନ ଶାନ୍ତ ସ୍ୱଭାବର ପ୍ରାଣୀ ଏବଂ ସାଧାରଣତଃ ମଣିଷଙ୍କ ପ୍ରତି ଆକ୍ରମଣାତ୍ମକ ହୁଅନ୍ତି ନାହିଁ । ଠାବ ହୋଇଥିବା ଓରାଙ୍ଗଉଟାନଙ୍କୁ ନେଇ ଗବେଷଣା କରାଯିବା ସହ ସେମାନଙ୍କ ଉତ୍ପତ୍ତି ଓ ଓଡ଼ିଶାରେ ପହଞ୍ଚିବାର କାରଣ ଜାଣିବାକୁ ତଦନ୍ତ କରାଯିବ।ଏହାସହ ନନ୍ଦନକାନନରେ ପଶୁ ଅଦଳବଦଳ ପ୍ରକ୍ରିୟାରେ ଜାପାନରୁ ମଧ୍ୟ କିଛି ପ୍ରାଣୀ ଆଣିବା ପାଇଁ ଯୋଜନା ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । ସେହିପରି ଓରାଙ୍ଗଉଟାନ କୁ ଭୁବନେଶ୍ୱର ନନ୍ଦନ କାନନ ଅଣାଯାଇଥିବା ଜଣାପଡ଼ିଛି ।


### ନିଷ୍ପତ୍ତି ...

ମନୋହରପୁରଠାରେ ଗାଡ଼ି ଭିତରେ ଶୋଇଥିବା ଅବସ୍ଥାରେ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ଜୀବନ୍ତ ଜାଳି ହତ୍ୟା କରାଯାଇଥିଲା। ଏହି ଘଟଣାରେ ନିମ୍ନ ଅଦାଲତ ଦାରା ସିଂଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିବାବେଳେ ପରବର୍ତ୍ତୀ ସମୟରେ ଓଡ଼ିଶା ହାଇକୋର୍ଟ ଏହାକୁ ଆଜୀବନ ଜେଲ୍ ଦଣ୍ଡରେ ପରିଣତ କରିଥିଲେ, ଯାହାକୁ ୨୦୧୧ରେ ସୁପ୍ରିମକୋର୍ଟ ମଧ୍ୟ ବଳବତ୍ତର ରଖିଥିଲେ। ଏବେ ଓକିଲ ବିଷ୍ଣୁ ଶଙ୍କର ଜୈନଙ୍କ ଜରିଆରେ କରାଯାଇଥିବା ଆବେଦନରେ ଦାରା ସିଂ ଦର୍ଶାଇଥିଲେ ଯେ ତାଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ହୋଇସାରିଛି ଓ ସେ ବିଗତ ୨୪ ବର୍ଷରୁ ଅଧିକ ସମୟ ଜେଲରେ କାଟିସାରିଛନ୍ତି। ଯୁବାବସ୍ଥାରେ ଉତ୍ତେଜିତ ହୋଇ ସେ ଏହି ଅପରାଧ ଘଟାଇଥିଲେ ଓ ଏବେ ସେ ନିଜ କାର୍ଯ୍ୟ ପାଇଁ ଅନୁତପ୍ତ ଥିବା ସହ ତାଙ୍କ ଆଚରଣରେ ପୂର୍ଣ୍ଣ ସୁଧାର ଆସିଛି ବୋଲି ଦାବି କରିଛନ୍ତି।

### ୟୁଏଇରୁ ...

ପ୍ରସ୍ତୁତ କରାଯାଇଛି। 'ଓଡ଼ିଶା ଶିଳ୍ପ ବିକାଶର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି, ଏବଂ ୟୁଏଇ ସହ ଆମର ଆଲୋଚନା ଏହି ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଆମେ ଏଠାକୁ କେବଳ ନିବେଶ ଆମନ୍ତ୍ରଣ କରିବାକୁ ଆସିନାହୁଁ, ବରଂ ବିଶ୍ୱାସ, ପ୍ରଯୁକ୍ତିବିଦ୍ୟା, ମୂଲ୍ୟ ବୃଦ୍ଧି ଏବଂ ରୋଜଗାର ଉପରେ ଆଧାରିତ ଦୀର୍ଘକାଳୀନ ଭାଗିଦାରୀ ଗଢ଼ିବାକୁ ଆସିଛୁ। ୟୁଏଇ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ଆର୍ଥିକ ଭାଗିଦାର, ଏବଂ ନିର୍ଦ୍ଦିଷ୍ଟ ନିବେଶ ଓ ଶିଳ୍ପ ସୁଯୋଗ ମାଧ୍ୟମରେ ଓଡ଼ିଶା-ୟୁଏଇ ସମ୍ପର୍କକୁ ଆହୁରି ମଜବୁତ କରିବାକୁ ଆମେ ଆଶାବାଦୀ।'ନିବେଶକଙ୍କ ଆଗ୍ରହକୁ ପ୍ରକୃତ ପ୍ରକଳ୍ପରେ ରୂପାନ୍ତରିତ କରିବା, କର୍ମସଂସ୍ଥାନ ସୃଷ୍ଟି କରିବା ଏବଂ ବିଶ୍ୱସ୍ତରୀୟ ବ୍ୟବସାୟ ପାଇଁ ଓଡ଼ିଶାକୁ ଏକ ଆକର୍ଷଣୀୟ ଓ ପ୍ରତିଯୋଗିତାମୂଳକ ଗନ୍ତବ୍ୟସ୍ଥଳ ଭାବେ ଗଢ଼ିତୋଳିବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାର ୟୁଏଇ ନିବେଶ ଅଭିଯାନ ଆସନ୍ତାକାଲି ଆବୁଧାବିରେ ଆରମ୍ଭ ହେବ। ଏହି ଅବସରରେ ୟୁଏଇ ର ବିଭିନ୍ନ ଅନୁଷ୍ଠାନ, ନିବେଶକ ଏବଂ ବ୍ୟବସାୟିକ ନେତାମାନଙ୍କ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକ ଓ ଆଲୋଚନା ଅନୁଷ୍ଠିତ ହେବ। ସେପ୍ଟେମ୍ବର ୯ର କାର୍ଯ୍ୟକ୍ରମରେ ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ ( ଆଇଏଚସି ) ଏବଂ ଏହାର ବିଭିନ୍ନ ବ୍ୟବସାୟିକ ଶାଖା, ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରୋଫେସନାଲ୍ ଗ୍ରୁପ୍ ( ଆଇବିପିଜି), ୟୁଏଇ ର ନିବେଶ ମନ୍ତ୍ରୀ ଓ ବରିଷ୍ଠ ନିବେଶକମାନଙ୍କ ସହ ଆଲୋଚନା ସାମିଲ ରହିଛି। ଏହାପରେ ପେଟ୍ରୋକେମିକାଲ୍ସ ଏବଂ କେମିକାଲ୍ସ କ୍ଷେତ୍ର ଉପରେ ଆଧାରିତ ଆଲୋଚନା ଅନୁଷ୍ଠିତ ହେବ। ଏହି ବୈଠକଗୁଡ଼ିକ ନିର୍ଦ୍ଦିଷ୍ଟ ନିବେଶ ସୁଯୋଗ, ଶିଳ୍ପ ଭାଗିଦାରୀ, ପ୍ରଯୁକ୍ତିବିଦ୍ୟା ସହଯୋଗ ଏବଂ ଓଡ଼ିଶା-ୟୁଏଇ ଆର୍ଥିକ ସମ୍ପର୍କକୁ ଅଧିକ ମଜବୁତ କରିବାର ମାର୍ଗ ସମ୍ପର୍କରେ ଆଲୋଚନା ପାଇଁ ମଞ୍ଚ ପ୍ରଦାନ କରିବ। ଏହି ନିବେଶ ଅଭିଯାନ ୟୁଏଇ ଏବଂ ସମଗ୍ର 'ଏମଇଏନଏ' ଅଞ୍ଚଳ ସହ ଏକ ସୁଦୃଢ଼ ଆର୍ଥିକ ସମ୍ପର୍କ ଗଢ଼ିତୋଳିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରଚେଷ୍ଟାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ନିବେଶକଙ୍କ ଆଗ୍ରହକୁ ପ୍ରକୃତ ଫଳାଫଳରେ ରୂପାନ୍ତରିତ କରି ରାଜ୍ୟର ଶିଳ୍ପ ବିକାଶ, କର୍ମସଂସ୍ଥାନ ସୃଷ୍ଟି ଏବଂ ଦୀର୍ଘମିଆଦୀ ଆର୍ଥିକ ପ୍ରଗତିକୁ ସୁନିଶ୍ଚିତ କରିବ। ସେପ୍ଟେମ୍ବର ୯ରୁ ଉଚ୍ଚସ୍ତରୀୟ ବ୍ୟବସାୟିକ ଏବଂ ଅନୁଷ୍ଠାନିକ ଆଲୋଚନା ନିର୍ଦ୍ଧାରିତ ହୋଇଥିବା ବେଳେ, ଓଡ଼ିଶା ୟୁଏଇ ସହିତ ନିବେଶ, ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ ଏବଂ ଶିଳ୍ପ ଭାଗିଦାରୀ କ୍ଷେତ୍ରରେ ସମ୍ପର୍କକୁ ଆହୁରି ନିବିଡ଼ କରିବା ସହ ନୂତନ ସୁଯୋଗର ସନ୍ଧାନ କରିବ।

### ବିଦ୍ୟୁତ୍ ...

ଓ ବିଳମ୍ବ ଯୋଗୁଁ ମା' ଓ ଝିଅଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଏବଂ ଚିକିତ୍ସାରେ କୌଣସି ଅବହେଳା ହୋଇଥିଲା କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଘଟଣାକୁ ନେଇ ପରିବାର ଓ ସମ୍ପର୍କୀୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଦୁଇ ମୃତଦେହକୁ ଧରି ପରିବାରଲୋକେ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଘେରାଉ କରିଥିଲେ। ଆମ୍ବୁଲାନ୍ସ ବିଳମ୍ବର କାରଣ ଓ ମେଡିକାଲରେ କଥିତ ଚିକିତ୍ସା ଅବହେଳାର ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ପଦକ୍ଷେପ ନେବା ସହ ପରିବାରକୁ ନ୍ୟାୟ ଦେବାକୁ ସେମାନେ ଦାବି କରିଥିବା ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ଭବାନୀପାଟଣା ଟାଉନ ଥାନା ପୋଲିସ ଓ ତହସିଲଦାର ପହଞ୍ଚି ପରିବାରବର୍ଗଙ୍କ ସହ ଆଲୋଚନା କରି ସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ। ଘଟଣାର ପ୍ରକୃତ କାରଣ, ଆମ୍ବୁଲାନ୍ସ ସେବାରେ ବିଳମ୍ବ ହୋଇଥିଲା କି ନାହିଁ ଏବଂ ଚିକିତ୍ସାରେ କୌଣସି ଅବହେଳା ହୋଇଥିଲା କି ନାହିଁ—ଏସବୁ ଦିଗରେ ନିରପେକ୍ଷ ତଦନ୍ତ ହେଲେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ। ମା' ଓ ଝିଅଙ୍କ ମୃତ୍ୟୁକୁ ନେଇ କର୍ଲାଶୋଡା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ମଧ୍ୟ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା।

# ସରକାରୀ ଅନୁଦାନରୁ ବଞ୍ଚିତ ରାଜୀବ ସ୍ମୃତି ବାଳିକା ଉଚ୍ଚବିଦ୍ୟାଳୟ

ରାଇଘର (ଅମୃତ ମିଡିଆ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମାଠାରେ ଥିବା ରାଜୀବ ସ୍ମୃତି ବାଳିକା ଉଚ୍ଚବିଦ୍ୟାଳୟ ୧୯୯୬ ମସିହାରେ ସ୍ଥାନୀୟ ଲୋକଙ୍କ ଅବଦାନ ରେ ମୁଣ୍ଡ ଟେକିଥିଲା। ତାହା ପୁଣି ରାଇଘର ବ୍ଲକର ଗୋଟାଏ ବୋଲି ବାଳିକା ଉଚ୍ଚ ବିଦ୍ୟାଳୟ। କିନ୍ତୁ ଦୀର୍ଘ ୩୦ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସରକାର ହାତକୁ ଯାଇପାରିନାହିଁ। ୩୦ ବର୍ଷ ଧରି ବିଦ୍ୟାଳୟର କାର୍ଯ୍ୟରତ କର୍ମଚାରୀ ବିନା ପାରିଶ୍ରମିକରେ ଛାତ୍ରୀମାନଙ୍କୁ ପାଠ ପଢ଼ାଇ ଆସୁଛନ୍ତି। ଦୁଇ, ତିନି ଜଣ ଶିକ୍ଷୟତ୍ରୀ ବୋଧେ ହୁଏ ଆଉ ବର୍ଷେ କିମ୍ବା ଦୁଇବର୍ଷ ମଧ୍ୟରେ ଅବସର ଗ୍ରହଣ କରିବେ। ଦୀର୍ଘ ୩୦ବର୍ଷ ବିତିଯାଇଥିଲେ ସୁଦ୍ଧା କାହିଁକି ସରକାର ହାତକୁ ନେଇ ପାରିନି। ତାହା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଓଡ଼ିଶା ସରକାରଙ୍କ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ନିର୍ବାଚନ ମଣ୍ଡଳୀ ହୋଇଥିବା ବେଳେ ମନ୍ତ୍ରୀ ଏହା ଉପରେ ନଜର ଦେବାକୁ ସ୍କୁଲ ଶିକ୍ଷକ, ଶିକ୍ଷୟତ୍ରୀ ଓ ଅଧ୍ୟୟନ କରୁଥିବା ଛାତ୍ରୀମାନେ ଅନୁରୋଧ କରିଛନ୍ତି।




# ନୀଳରଙ୍ଗର ଜର୍ସି ପିନ୍ଧି ପୁଣି ମୈଦାନକୁ ଓହ୍ଲାଇବ ଭାରତୀୟ ହକି ଟିମ୍



**ନୂଆଦିଲ୍ଲୀ :** ଆଉ ଗେରୁଆ ରଙ୍ଗର ଜର୍ସି ରହିବ ନାହିଁ! ଭାରତୀୟ ହକି ଟିମ ପୁଣି ପାରମ୍ପରିକ ନୀଳ ଜର୍ସି ପିନ୍ଧି ମୈଦାନକୁ ଓହ୍ଲାଇବ। ଆସନ୍ତା ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ଓ ହକି ଟିମ ଗେରୁଆ ବଦଳରେ ନୀଳ ରଙ୍ଗ ପିନ୍ଧି ଟର୍ଫରେ ମେଡାଲ ପାଇଁ କରିବେ ଲଢ଼େଇ। ଏନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଅଗଷ୍ଟ ମାସରେ ଆୟୋଜିତ ହକି ବିଶ୍ୱକପ ପୂର୍ବରୁ ହଠାତ୍ ବଦଳି ଯାଇଥିଲା ଭାରତୀୟ ହକି ଟିମ ଜର୍ସିର ରଙ୍ଗ। ପାରମ୍ପରିକ ନୀଳ ରଙ୍ଗ ଛାଡ଼ି ଖେଳାଳିମାନେ ପିନ୍ଧିଥିଲେ କମଳା ରଙ୍ଗର ଜର୍ସି। ବିଶ୍ୱକପରେ କମଳା ରଙ୍ଗର ଜର୍ସିକୁ ନେଇ ବେଶ ବିବାଦ ଦେଖାଯାଇଥିଲା। ଦଳର ଏକାଧିକ ପୂର୍ବତନ ଅଧିନାୟକ ଜର୍ସିର ରଙ୍ଗ ପରିବର୍ତ୍ତନକୁ ନାପସନ୍ଦ କରିଥିଲେ। ବିବାଦ ବଢ଼ୁଥିବା ବେଳେ ହକି ଇଣ୍ଡିଆ ସଫେଇ ଦେଇ କହିଥିଲା ଯେ ନୀଳ ରଙ୍ଗର ସିନ୍ଥେଟିକ ଟର୍ଫ ସହ ଭାରତୀୟ ଖେଳାଳିଙ୍କ କିଟ୍ ମିଶି ଯାଉଥିବାରୁ ଏବେ ଜର୍ସି ରଙ୍ଗରେ ପରିବର୍ତ୍ତନ କରାଯାଇଛି। ନୀଳ ଛାଡ଼ି ଖେଳାଳିମାନେ କମଳା ରଙ୍ଗର ଜର୍ସି ପିନ୍ଧିଥିବା ହକି ଇଣ୍ଡିଆ କହିଥିଲା। ବୋର୍ଡ ଆହୁରି କହିଥିଲା ଯେ ୨୦୧୪ ଏଫଆଇଏଚ୍ ହକି ବିଶ୍ୱକପ ବେଳେ ଭାରତୀୟ ଟିମ ହଳଦିଆ ଜର୍ସି ପିନ୍ଧିଥିଲା। ୨୦୧୮ ସଂସ୍କରଣର ବିଭିନ୍ନ ସମୟରେ ସ୍କାଏ ନୀଳ ଜର୍ସି ମଧ୍ୟ ଖେଳାଳିମାନେ ପିନ୍ଧିଥିଲେ। ତଥାପି ଚଳିତ ବିଶ୍ୱକପରେ ଗେରୁଆ ରଙ୍ଗର ଜର୍ସିକୁ ନେଇ ବିବାଦ ହୋଇଥିଲା। ଏବେ କିନ୍ତୁ ଏସିଆନ ଗେମ୍ସରେ ଭାରତର ପ୍ରଥମ ପସନ୍ଦର କିଟ୍ ନୀଳ ହେବ। ହକି ଇଣ୍ଡିଆ କୋଷାଧ୍ୟକ୍ଷ ଶେଖର ମନୋହରନ କହିଛନ୍ତି, ଭାରତୀୟ ଅଲିମ୍ପିକ ଆସୋସିଏସନ ଆମକୁ ପସନ୍ଦର କିଟ ସମ୍ପର୍କରେ ପଚାରିଥିଲା। ହକି ଇଣ୍ଡିଆ ନିଜର ପ୍ରଥମ ପସନ୍ଦ ଭାବେ ନୀଳକୁ ବାଛିଛି। ଗେରୁଆ ରଙ୍ଗକୁ ଦ୍ୱିତୀୟରେ ରଖାଯାଇଛି। ବିଶ୍ୱକପ ପୂର୍ବରୁ ନିଜର ସୋଶାଲ ମିଡିଆ ପେଜ୍‌ରେ ନୂଆ ଜର୍ସିକୁ ଲଞ୍ଚ କରି ହକି ଇଣ୍ଡିଆ କହିଥିଲା ଯେ ଜର୍ସିର ଡିଜାଇନ ଓ ରଙ୍ଗର କେବଳ ସାଧାରଣ ପୋଷାକ ନୁହେଁ, ବରଂ ଏହା ଭାରତର ଗୌରବ ଓ ପରମ୍ପରାର କାହାଣୀକୁ ପ୍ରଦର୍ଶନ କରୁଛି। ଗେରୁଆ ରଙ୍ଗ ସାହସ, ତ୍ୟାଗ ଓ ବିଜୟର ପ୍ରତୀକ। ଭାରତୀୟ ତ୍ରିରଙ୍ଗା ଓ ଉଦୟମାନ ସୂର୍ଯ୍ୟରୁ ପ୍ରେରିତ ଏହି ଡିଜାଇନ୍ ନୂତନ ଆରମ୍ଭର ବାର୍ତ୍ତା ଦେଉଛି। ଜର୍ସିର ଛାତି ପାଖରେ ସୁଦର୍ଶନ ଚକ୍ରର ଆଧୁନିକ ରୂପ ରହିଛି, ଯାହା ଶକ୍ତି ଓ ଏକତା ପ୍ରତୀକ। କାନ୍ଧ ଓ ସାମ୍ନା ପଟେ ତ୍ରିରଙ୍ଗା ଷ୍ଟ୍ରାଇପ୍ ରଖାଯାଇଛି, ଯାହା ଜାତୀୟ ଗର୍ବକୁ ଆହୁରି ସୁଦୃଢ଼ କରିଥାଏ। ଜର୍ସିର ସାମ୍ନା ଭାଗରେ 'ଇଣ୍ଡିଆ' ଶବ୍ଦକୁ ଦେବନାଗରୀ ଲିପିରେ ଲେଖାଯାଇଛି, ଯାହା ଭାରତର ଭାଷାଗତ ଓ ସାଂସ୍କୃତିକ ବିବିଧତାକୁ ସମ୍ମାନ ଜଣାଏ। ଏହି ନୂଆ ଜର୍ସି 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ପ୍ରତିଫଳିତ କରୁଛି ବୋଲି ହକି ଇଣ୍ଡିଆ କହିଥିଲା। ଏବେ କିନ୍ତୁ ବିବାଦ ପରେ ପୁଣି ନୀଳକୁ ଫେରିବାକୁ ଯାଉଛି ହକି ଇଣ୍ଡିଆ।

# ୨୭ ବର୍ଷରେ ପାଦଦେଲେ କ୍ୟାପଟେନ୍ ଶୁଭମନ ଗିଲ୍



**ନୂଆଦିଲ୍ଲୀ ;** ଟିମ୍ ଇଣ୍ଡିଆର ଅଧିନାୟକ । ଟେଷ୍ଟ ଏବଂ ଦିନିକିଆରେ ଭାରତର ନେତୃତ୍ୱ ନେଇଥିବା ଷ୍ଟାର୍ ପ୍ଲେୟାର । ଭାରତୀୟ କ୍ରିକେଟ ଦଳର ପ୍ରିନ୍ସ ଶୁଭମନ ଗିଲ । ଆଜି ୨୭ ବର୍ଷରେ ପଦର୍ପଣ କରିଛନ୍ତି କ୍ୟାପଟେନ୍ ଶୁଭମନ ଗିଲ୍ । ଷ୍ଟାର ବ୍ୟାଟର ଅଧିନାୟକ ଶୁଭମନ ଗିଲଙ୍କର ଆଜି ଜନ୍ମଦିନ । ସ୍କୁଲ କ୍ରିକେଟ୍ ଠାରୁ ଆରମ୍ଭ କରି ୧୯ ବର୍ଷରୁ କମ୍ କ୍ରିକେଟ୍, ପ୍ରଥମ ଶ୍ରେଣୀ, ଆଇପିଏଲ୍ ଏବଂ ଅନ୍ତର୍ଜାତୀୟ କ୍ରିକେଟ୍ ପର୍ଯ୍ୟନ୍ତ ଶୁଭମନ ଗିଲ୍ ନିଜର ଛାପ ଛାଡ଼ିଛନ୍ତି । ଗିଲଙ୍କୁ ନେଇ ମଜାଳିଆ କଥା...ଶୁଭମନ ଗିଲ୍ କେବେ ଟିମ୍ ଇଣ୍ଡିଆ ପାଇଁ ଡେବ୍ୟୁ କରିଥିଲେ? ସେ ଅଣ୍ଡର -୧୯ ବିଶ୍ୱକପ୍‌ରେ କେତେ ରନ୍ ସ୍କୋର କରିଥିଲେ ? ଆଇପିଏଲ୍‌ରେ ସେ କେଉଁ ଦଳ ପାଇଁ ଖେଳନ୍ତି ? ଏହାର ଉତ୍ତର ଅଧିକାଂଶ ପ୍ରଶଂସକ ଜାଣିବେ । କିନ୍ତୁ ଗିଲଙ୍କ ସହ ଜଡ଼ିତ କିଛି ମଜାଦାର କଥା ଅଛି, ଯାହା ଆଜି ମଧ୍ୟ ତାଙ୍କର ପ୍ରତ୍ୟେକ ପ୍ରଶଂସକ ଜାଣିନାହାନ୍ତି । ଜନ୍ମଦିନ ଅବସରରେ ଗିଲଙ୍କ ବିଷୟରେ ଜାଣନ୍ତୁ କିଛି ଅଜଣା କଥା । ଶୁଭମନ ଗିଲ ଆଜି ସବୁଠାରୁ ଫିଟ୍ ଖେଳାଳିଙ୍କ ମଧ୍ୟରୁ ଜଣେ ଏବଂ ତାଙ୍କ ଡାଏଟ୍ ପ୍ଲାନ୍ ବି ସେହି ଅନୁସାରେ ଥାଏ । କିନ୍ତୁ ସମୟ ଥିଲା ସେ ବହୁତ ପରଟା ଖାଉଥିଲେ । ଏହାର କାରଣ ଥିଲା ବଲିଉଡ ତାରକା ହ୍ରିତିକ ରୋଶନ। ଗିଲ୍ ଏକ ସାକ୍ଷାତକାରରେ କହିଥିଲେ ଯେ, ପଞ୍ଜାବୀ ହୋଇଥିଲେ ମଧ୍ୟ ସେ ପିଲାଦିନେ ପରଠାକୁ ପସନ୍ଦ କରୁନଥିଲେ । କିନ୍ତୁ ସେ ହ୍ରିତିକ ରୋଶନଙ୍କ ପ୍ରଶଂସକ ଥିଲେ ଏବଂ ଯେତେବେଳେ ସେ ହ୍ରିତିକଙ୍କୁ 'କହୋ ନା ପ୍ୟାର ହୈ' ଫିଲ୍ମରେ ପରଟା ଖାଉଥିବାର ଦେଖିଥିଲେ ସେବେଠୁ ପରଟା ଖାଉଥିଲେ । ଅନେକ କ୍ରିକେଟରଙ୍କ ଭଳି ଶୁଭମନ ଗିଲଙ୍କ ମଧ୍ୟ ତାଙ୍କ ଖେଳକୁ ନେଇ ଅନ୍ଧବିଶ୍ୱାସ ରହିଛି । ସେମାନେ ପକେଟରେ ନାଲି ରୁମାଲ କିମ୍ବା ଦେହରେ ନାଲି କପଡା ଧରି ଖେଳିବାକୁ ବାହାରକୁ ଆସନ୍ତି । ଏହାର କାରଣ ହେଉଛି, ୧୬ ବର୍ଷରୁ କମ୍ କ୍ରିକେଟରେ ସେ ସ୍କୋର କରିପାରୁନଥିଲେ । ତା'ପରେ ସେ ରୁମାଲ ନେଇ ପଡିଆକୁ ଓହ୍ଲାଇଥିଲେ ଏବଂ ଶତକ ହାସଲ କରିଥିଲେ । କିନ୍ତୁ ତାଙ୍କ ରୁମାଲ ମଇଳା ହୋଇଯାଇଥିଲା । ତା'ପରେ ପରବର୍ତ୍ତୀ ମ୍ୟାଚରେ ସେ ନାଲି ରୁମାଲ ଧରି ଓହ୍ଲାଇ ପୁଣି ଶତକ ହାସଲ କରିଥିଲେ। ସେବେଠାରୁ ନାଲି ରୁମାଲ ମଧ୍ୟ ତାଙ୍କ ଅଂଶପାଲଟି ଯାଇଛି ।

# ବିରାଟ କୋହଲିଙ୍କ ବ୍ରାଣ୍ଡ ଜୋତା ପିନ୍ଧି ଖେଳୁଛନ୍ତି ପାକିସ୍ତାନୀ କ୍ରିକେଟର



**ନୂଆଦିଲ୍ଲୀ :** ପାକିସ୍ତାନ ଦଳର କେତେଜଣ ଖେଳାଳି ବିରାଟ କୋହଲିଙ୍କ ବ୍ରାଣ୍ଡ, ଡଭର୍‌୮ ର ଜୋତା ପିନ୍ଧି ମହିଳା ଏସିଆ କପରେ ଖେଳୁଛନ୍ତି; ଏହାର ଫଟୋ ଏବେ ଭାଇରାଲ ହେଉଛି। ସୋମବାର ଅନୁଷ୍ଠିତ ମ୍ୟାଚରେ, ପାକିସ୍ତାନ ମହିଳା ଦଳ ହଂକଂକୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା। ଛଅଟି ୱିକେଟ ନେଇ ନାଶ୍ରା ସାନ୍ଧୁଙ୍କୁ 'ପ୍ଲେୟାର ଅଫ ଦି ମ୍ୟାଚ' ବିବେଚିତ କରାଯାଇଥିଲା। ଭାରତ ଗ୍ରୁପ ଇରୁ ଅନ୍ୟ ଏକ ସେମିଫାଇନାଲିଷ୍ଟ। ମହିଳା ଏସିଆ କପର ଏକାଦଶ ମ୍ୟାଚରେ, ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୧୪୩ ରନ କରିଥିଲା। ଓପନର ଶାୱାଲ ଜୁଲଫିକର ୪୭ ରନ କରିଥିଲେ। ଟାର୍ଗେଟ ପିଛା କରି, ସମଗ୍ର ହଂକଂ ଦଳ ୭୧ ରନରେ ଅଲଆଉଟ ହୋଇଯାଇଥିଲା; ନାଶାରା ସାନ୍ଧୁ ତାଙ୍କ ଚାରି ଓଭରରେ ସାତ ରନ ଦେଇ ଛଅଟି ୱିକେଟ ନେଇଥିଲେ। ପାକିସ୍ତାନ ୭୨ ରନରେ ମ୍ୟାଚ ଜିତିଥିଲା। ଏହି ଖେଳରେ 'ପ୍ଲେୟାର ଅଫ ଦି ମ୍ୟାଚ' ଭାବରେ ସମ୍ମାନିତ ହୋଇଥିବା ନାଶାରା ସାନ୍ଧୁ ବିରାଟ କୋହଲିଙ୍କ ବ୍ରାଣ୍ଡର ଜୋତା ପିନ୍ଧିଥିଲେ – ଏହା ତାଙ୍କ ଦ୍ୱାରା ସଦ୍ୟ ଆରମ୍ଭ ହୋଇଥିବା ଏକ ଲାଇନ। ଏହି ଜୋତାଗୁଡ଼ିକ ଖେଳାଳି ଏବଂ ଆଧୁନିକ କ୍ରିକେଟରଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବରେ ଡିଜାଇନ କରାଯାଇଛି। ମହିଳା ଏସିଆ କପରେ, ପାକିସ୍ତାନ ସେମିଫାଇନାଲରେ ଶ୍ରୀଲଙ୍କା ସହିତ ମୁକାବିଲା କରିବାକୁ ଯାଉଛି। ଶ୍ରୀଲଙ୍କା ଗ୍ରୁପ ବିରେ ଶୀର୍ଷରେ ରହି ତିନୋଟି ମ୍ୟାଚ ଜିତିଛି। ଭାରତ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ପ୍ରଥମ ଦଳ ଥିଲା, ଯଦିଓ ସେମାନଙ୍କର ପ୍ରତିଦ୍ୱନ୍ଦ୍ୱୀ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ; ଗ୍ରୁପ ବିର ଦ୍ୱିତୀୟ ସେମିଫାଇନାଲିଷ୍ଟ ଭାରତ କାହା ସହିତ ମୁକାବିଲା କରିବ ଏପର୍ଯ୍ୟନ୍ତ ନିର୍ଣ୍ଣୟ କରାଯାଇ ନାହିଁ। ଆଜି, ମହିଳା ଏସିଆ କପରେ ବାଂଲାଦେଶ ଏବଂ ୟୁଏଇ ମଧ୍ୟରେ ଏକ ମ୍ୟାଚ ରହିଛି, ଏବଂ ବିଜେତା ସେମିଫାଇନାଲରେ ଟିମ ଇଣ୍ଡିଆ ସହିତ ମୁକାବିଲା କରିବ।

# ଭାରତ ବିପକ୍ଷ ଐତିହାସିକ ଟି-୨୦ ପାଇଁ ଖେଳାଳିଙ୍କ ନାଁ ଘୋଷଣା କଲା ଜାପାନ



**ନୂଆଦିଲ୍ଲୀ :** ଭାରତ ବିପକ୍ଷ ଐତିହାସିକ ଟି-୨୦ ମ୍ୟାଚ୍ ପାଇଁ ଆଜି ଜାପାନ ସ୍କ୍ୱାଡ ଘୋଷଣା କରିଛି। ଆସନ୍ତା ୨୨ ତାରିଖରେ ଦୁଇ ଦେଶ ମଧ୍ୟରେ ଖେଳାଯିବ ଏହି ଐତିହାସିକ ମ୍ୟାଚ୍। ଦୁଇ ଦେଶର ମଧ୍ୟରେ ଥିବା କୂଟନୀତିକ ସମ୍ପର୍କର ୭୫ ବର୍ଷ ପୂର୍ତ୍ତି ଅବସରରେ ଏହି ମ୍ୟାଚ୍ ଖେଳା ଯାଉଛି। ଜାପାନ ଏହାର ଆୟୋଜନ କରୁଥିବା ବେଳେ ଆଜି ଟି-୨୦ ବିଶ୍ୱ ବିଜେତା ଭାରତ ବିପକ୍ଷ ମ୍ୟାଚ୍ ପାଇଁ ଘରୋଇ ଟିମ ସ୍କ୍ୱାଡ ଘୋଷଣା କରିଛି। ଜାପାନର ସାନୋ ଅନ୍ତର୍ଜାତୀୟ କ୍ରିକେଟ ଗ୍ରାଉଣ୍ଡରେ ଖେଳା ଯିବାକୁ ଥିବା ଏହି ମ୍ୟାଚ୍‌ରେ ଘରୋଇ ଟିମର ନେତୃତ୍ୱ କେଣ୍ଡେଲ କାଡୋୱାକି ଫ୍ଲେମିଂ ନେବେ। ଏସିଆନ ଗେମ୍ସରେ ଜାପାନ ଯେଉଁ ଖେଳାଳିଙ୍କ ସହ ମୈଦାନକୁ ଓହ୍ଲାଇବ ସେମାନେ ସମସ୍ତେ ଭାରତ ବିପକ୍ଷ ମ୍ୟାଚ୍‌ରେ ରହିଛନ୍ତି। ଭାରତ ସହ ସ୍ୱତନ୍ତ୍ର ଟି-୨୦ ମ୍ୟାଚ୍ ଖେଳିବାର ଦୁଇ ଦିନ ପରେ ଜାପାନ ଘରୋଇ ମାଟିରେ ଏସିଆନ ଗେମ୍ସରେ ମେଡାଲ ପାଇଁ ମଧ୍ୟ ଲଢ଼େଇ କରିବ। ଜାପାନର ଅଧିନାୟକ କାଡୋୱାକି ଫ୍ଲେମିଂ ଟି-୨୦ରେ ଦେଶ ପାଇଁ ସର୍ବାଧିକ ରନ ହାସଲକାରୀ କ୍ରିକେଟର। ସ୍କ୍ୱାଡରେ ଇବ୍ରାହିମ ତାକାହାଶି ଓ ଡେକଲାନ ସୁଜୁକି ମ୍ୟାକୋମ୍ବ ରହିଛନ୍ତି। ଉଭୟ ଜାପାନ ପାଇଁ ୫୦ରୁ ଅଧିକ ମ୍ୟାଚ୍ ଖେଳି ସାରିଛନ୍ତି। ଘରୋଇ କ୍ରିକେଟରେ ଦମଦାର ପ୍ରଦର୍ଶନ କରିଥିବା ସ୍ପିନ ବୋଲିଂ ଅଲରାଉଣ୍ଡର ଜାକେ କୁସୁଡା ନାଇରନ ମଧ୍ୟ ଜାପାନ ଟିମରେ ଅଛନ୍ତି। ଭେଟରାନ ଟସୁୟୋଶି ତାକାଡା ସ୍କ୍ୱାଡକୁ ଫେରିଛନ୍ତି। ସେ ପ୍ରଥମଥର ୨୦୧୩ରେ ଜାପାନ ପାଇଁ ପ୍ରତିନିଧିତ୍ୱ କରିଥିଲେ। ଏମାନଙ୍କ ବ୍ୟତୀତ ସ୍କ୍ୱାଡରେ ୱାଟାରୁ ମିୟାଉଚି, ମାକୋଟୋ ତାନିୟାମା, ଜାପାନାର ଅଣ୍ଡର ୧୯ ବିଶ୍ୱକପ ସ୍କ୍ୱାଡରେ ଥିବା ଚାର୍ଲି ହାରା ହିଞ୍ଜୋ ଓ ସ୍ପିନର ବେଞ୍ଜାମିନ ଇଟୋ ଡାଭିସ ପ୍ରମୁଖ ରହିଛନ୍ତି। ଭାରତ-ଜାପାନର କୂଟନୀତିକ ସମ୍ପର୍କକୁ ୭୫ ବର୍ଷ ପୂରିଥିବାରୁ ଏହି ମ୍ୟାଚକୁ ଆୟୋଜନ କରାଯାଉଛି। ଏହା ଭାରତ ଓ ଜାପାନ ମଧ୍ୟରେ ପ୍ରଥମ କ୍ରିକେଟ ମ୍ୟାଚ୍। ପୂର୍ବରୁ ଦୁଇ ଦେଶର ଖେଳାଳି କେବେ ବି ପରସ୍ପରକୁ କ୍ରିକେଟ ମୈଦାନରେ ଭେଟି ନାହାନ୍ତି। କିନ୍ତୁ ୨୨ ତାରିଖରେ ଦୁଇ ଦେଶରେ ମଧ୍ୟରେ ଐତିହାସିକ ମ୍ୟାଚ ଖେଳାଯିବ। ସେପ୍ଟେମ୍ବର ୧୯ରୁ ଏସିଆନ ଗେମ୍ସ ଆରମ୍ଭ ହେବ। ଏହି କ୍ରୀଡ଼ା ମହାକୁମ୍ଭରେ ଭାରତୀୟ ପୁରୁଷ କ୍ରିକେଟ ଟିମ ନିଜର ଅଭିଯାନ ସେପ୍ଟେମ୍ବର ୨୮ରୁ ଆରମ୍ଭ କରିବ। କିନ୍ତୁ ଏହା ପୂର୍ବରୁ ଆୟୋଜକ ଜାପାନ ସହ ଗୋଟିଏ ସ୍ପେଶାଲ ଟି-୨୦ ମ୍ୟାଚ୍ ଖେଳିବ। ଏହି ସ୍ପେଶଲ ମ୍ୟାଚ୍‌ଟି ଟୋଚିଗି ପ୍ରେଫେକଚର ସ୍ଥିତ ସାନୋ ଇଣ୍ଟରନ୍ୟାଶନାଲ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ। ଦୁଇ ଦେଶରେ କ୍ରୀଡ଼ା ସମ୍ପର୍କକୁ ମଜବୁତ କରିବା ଓ ଦୁଇ ଦେଶର ଲୋକଙ୍କୁ ପରସ୍ପର ସହ ଯୋଡ଼ିବା ଆରମ୍ଭ ଆରମ୍ଭ ହୋଇଥିବା ସ୍ପୋର୍ଟ ୭୫ର ଅଂଶ ବିଶେଷ ଭାବେ ଟି-୨୦ ମ୍ୟାଚ୍ ଖେଳାଯିବ ବୋଲି ବିସିସିଆଇ କହିଛି। ମ୍ୟାଚ୍‌ଟି ଭାରତୀୟ ସମୟ ସକାଳ ୯.୩୦ରେ ଖେଳାଯିବ।

# ପାକିସ୍ତାନ କ୍ରିକେଟ ଉପରେ ପୁଣି ମ୍ୟାଚ୍ ଫିକ୍ସିଂ; ଖେଳାଳିଙ୍କ ଫୋନ୍‌ରୁ ତଥ୍ୟ ସଂଗ୍ରହ





**କରାଚି :** ପାକିସ୍ତାନ କ୍ରିକେଟ୍ ଦଳର ଚଳିତ ଇଂଲଣ୍ଡ ଗସ୍ତରେ ପୁଣିଥରେ ମ୍ୟାଚ୍ ଫିକ୍ସିଂର ଭୂତ ଫେରିଛି। ପ୍ରଥମ ଟେଷ୍ଟରେ ଇନିଂସ ପରାଜୟ ପରେ ୨ୟ ଟେଷ୍ଟରେ ପାକିସ୍ତାନ ୧୯୪ ରନ୍‌ରେ ପରାସ୍ତ ହୋଇଥିଲା। ଏହାପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଦଳରୁ ୭ ଖେଳାଳିଙ୍କୁ ସ୍ୱଦେଶ ଡାକିଥିଲା। ସେମାନେ ହେଲେ ମହମ୍ମଦ ରିଜ୍‌ୱାନ, ସଲ୍‌ମାନ ଅଲୀ ଆଗା, ଇମାମ୍-ଉଲ୍-ହକ୍, ଅଲୀ ଉସ୍‌ମାନ, ଖୁରମ୍ ସେହ୍‌ଜାଦ, ଆମିର ଜମାଲ ଓ ମହମ୍ମଦ ଆୱେସ୍। ପୁଣି ଦଳର ମୁଖ୍ୟ ପ୍ରଶିକ୍ଷକ ସର୍ଫରାଜ ଅହମ୍ମଦ ଓ ବୋଲିଂ ପ୍ରଶିକ୍ଷକ ଉମର ଗୁଲ୍‌ଙ୍କୁ ମଧ୍ୟ ପିସିବି ବହିଷ୍କାର କରିଥିଲା। ଦଳରେ ସାମିଲ ହୋଇଥିବା ୭ ଖେଳାଳିଙ୍କ ମଧ୍ୟରୁ ୫ ଜଣ ନବାଗତ। ଏହି ପରିବର୍ତ୍ତନ କ୍ରିକେଟ୍ କାରଣରୁ ନୁହେଁ; ବରଂ ମ୍ୟାଚ୍ ଫିକ୍ସିଂ କିମ୍ବା ଅନ୍ୟ କୌଣସି ବିଶୃଙ୍ଖଳା ଯୋଗୁଁ ବୋଲି ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ରିପୋର୍ଟ ପରେ ପିସିବି ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ କରିଛି। ବୁଧବାରଠାରୁ ଇଂଲଣ୍ଡ-ପାକିସ୍ତାନ ତୃତୀୟ ଟେଷ୍ଟ ଆରମ୍ଭ ପୂର୍ବରୁ କିଛି ନିର୍ଦ୍ଦିଷ୍ଟ ଖେଳାଳିଙ୍କ ମୋବାଇଲ୍ ଫୋନ୍‌କୁ ପିସିବି ଜବତ କରିବା ମ୍ୟାଚ୍ ଫିକ୍ସିଂ ସନ୍ଦେହକୁ ଆହୁରି ଦୃଢ଼ କରିଛି। ମ୍ୟାଚ୍‌ର ତିନି ଦିନ ପୂର୍ବରୁ ଖେଳାଳିଙ୍କ ମୋବାଇଲ୍ ଫୋନ୍ ପିସିବି ଜବତ କରିବା ସ୍ୱାଭାବିକ ନୁହେଁ। କେଉଁ ଖେଳାଳିଙ୍କ ଫୋନ୍ ପିସିବି ନେଇଛି; ତାହା ସ୍ପଷ୍ଟ କରା ଯାଇନାହିଁ। ତେବେ ଜାଣିବାକୁ ମିଳିଛି ଯେ ମହମ୍ମଦ ରିଜ୍‌ୱାନ ଓ ଇମାମ୍-ଉଲ୍-ହକ୍‌ଙ୍କ ଫୋନ୍‌ର ସମସ୍ତ ଡାଟା କମ୍ପ୍ୟୁଟରକୁ ନିଆଯାଇ ଏହାର ତଦନ୍ତ କରାଯାଉଛି। ଅନ୍ୟ ଖେଳାଳିଙ୍କ ଫୋନ୍‌ରୁ ଡାଟା ସଂଗ୍ରହ ମଧ୍ୟ ପିସିବିର ତଦନ୍ତକାରୀ ଦଳ କରିପାରେ। ଇମାମ୍ ଆହତ ଥିବା କହି ଲର୍ଡସ ଟେଷ୍ଟର ୨ୟ ଇନିଂସରେ ବ୍ୟାଟିଂ କରିବାକୁ ନ ଆସିବା ଯୋଗୁଁ ପୂର୍ବତନ ଖେଳାଳି ଏଥିରୁ ଦୁର୍ନୀତିର ଗନ୍ଧ ବାରିଥିଲେ। ଫୋନ୍‌ରୁ ଡାଟା ସଂଗ୍ରହ ଯୋଗୁଁ ସନ୍ଦେହ ଉପୁଜିଛି ଯେ ଦଳର କିଛି ଖେଳାଳି ମ୍ୟାଚ୍ ଫିକ୍ସିଂରେ ସମ୍ପୃକ୍ତ ହୋଇପାରନ୍ତି। ପିସିବିର ମିଡିଆ ନିର୍ଦ୍ଦେଶକ ଆମିର ମୀର ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି, ଶୃଙ୍ଖଳା ଓ ଆଚରଣ ସମ୍ପର୍କିତ ଗଣମାଧ୍ୟମ ରିପୋର୍ଟ ପରେ ପିସିବି ଏକ ଆଭ୍ୟନ୍ତରୀଣ ଶୃଙ୍ଖଳାଗତ ତଦନ୍ତ ଆରମ୍ଭ କରିଛି। ପାକିସ୍ତାନ କ୍ରିକେଟ୍‌ରେ ଚର୍ଚ୍ଚା ଚାଲିଛି ଯେ କେବଳ ଖରାପ ପ୍ରଦର୍ଶନ ଯୋଗୁଁ ୭ ଜଣ ଖେଳାଳିଙ୍କୁ ବାଦ୍ ଦିଆଯିବା ଗ୍ରହଣୀୟ ନୁହେଁ। ଏହା ପଛରେ କ୍ରିକେଟ୍ ବ୍ୟତୀତ ଅନ୍ୟ କାରଣ ରହିଛି। ପିସିବି ଅଧ୍ୟକ୍ଷ ମୋହସିନ୍ ନକ୍‌ଭି ପୂର୍ବରୁ କହିଥିଲେ, ଦଳର ଖରାପ ପ୍ରଦର୍ଶନ ପଛରେ ଥିବା କାରଣଗୁଡ଼ିକ ଜାଣିବା ପାଇଁ ଆମେ ଆଲୋଚନା କରିଛୁ। ଏଥିରେ କେବଳ ପ୍ରଦର୍ଶନ ସମ୍ପର୍କିତ କାରଣ ନୁହେଁ, ଅନ୍ୟ କିଛି କାରଣ ମଧ୍ୟ ରହିଛି।

## ହ୍ୟାଟ୍ରିକ୍ ବିଜୟ ସହ କ୍ୱାର୍ଟରରେ ଭାରତୀୟ ଯୁବା ଦଳ

**ମୋକି :** ଯୁବ ଦଳ ଭଳି ଭାରତୀୟ ଯୁବା ଦଳ ମଧ୍ୟ ଚଳିତ ଏସୀୟ କନିଷ୍ଠ ହକି ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରୁଛି। ମଙ୍ଗଳବାର ଭାରତୀୟ ଯୁବା ଦଳ ୭-୦ ଗୋଲ୍‌ରେ ଜାପାନକୁ ପରାସ୍ତ କରି କ୍ୱାର୍ଟରଫାଇନାଲ୍‌ରେ ସ୍ଥାନ ପକ୍କା କରି ନେଇଛି। ପୂର୍ବରୁ କୋରିଆ (୪-୧), ମାଲେସିଆ (୧୧-୧)କୁ ପରାସ୍ତ କରିଥିଲା ଭାରତ। ମଙ୍ଗଳବାର ଲୟ ବଜାୟ ରଖି ପ୍ରଥମରୁ ଶେଷ ଯାଏ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଜାପାନ ଯୁବତୀଙ୍କୁ କୌଣସି ପ୍ରକାର ସୁଯୋଗ ଦେଇନଥିଲା। ପଞ୍ଚମ ମିନିଟରେ କୃଷ୍ଣା ଶର୍ମାଙ୍କ ଗୋଲ୍‌ରୁ ଭାରତୀୟ ଦଳ ଅଭିଯାନ ଆରମ୍ଭ କରିଥିଲା। ୧୧ତମ ମିନିଟ୍‌ରେ ସୁପ୍ରୀୟା ଏହାକୁ ୨-୦ କରି ଦେଇଥିଲେ। ପ୍ରଥମ କ୍ୱାର୍ଟର ପୂର୍ବରୁ ହିଁ ଭାରତକୁ ତୃତୀୟ ଗୋଲଟି ଦେଇଥିଲେ ପୂର୍ଣ୍ଣିମା ଯାଦବ (୧୪ତମ ମିନିଟ୍)। ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ବିତିଥିଲା। ପାର୍ଶ୍ୱ ପରିବର୍ତ୍ତନ ପରେ ଜାପାନ ଯୁବତୀମାନେ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣାଇଥିଲେ ମଧ୍ୟ ଭାରତର ରକ୍ଷଣଭାଗକୁ ଭେଦ କରିପାରିନଥିଲେ।

## ବୟସ ସମ୍ପର୍କିତ ଜାଲିଆତି ମାମଲାରେ ଟିମ୍‌ରୁ ବିଦାହେଲେ ଖେଳାଳି



**ନୂଆଦିଲ୍ଲୀ :** ବୟସ ସମ୍ପର୍କିତ ଜାଲିଆତି କାରଣରୁ ରୋହିତ ଯାଦବଙ୍କୁ ଅଷ୍ଟ୍ରେଲିଆ ଅଣ୍ଡର-୧୯ ଟିମ ବିପକ୍ଷରେ ହେବାକୁ ଥିବା ଦିନିକିଆ ଏବଂ ମଲ୍ଟି ଡେ ସିରିଜ ସ୍କ୍ୱାଡରୁ ବାଦ୍ ଦିଆଯାଇଛି । ବିସିସିଆଇ ଅଫିସିଆଲ ବୟାନ ଜାରି କରି କହିଛି, ଜୁନିଅର କ୍ରିକେଟ କମିଟି ରୋହିତଙ୍କ ସ୍ଥାନରେ ଇଣ୍ଡିଆ ଅଣ୍ଡର ୧୯ ଦିନିକିଆ ଟିମରେ ସୌରାଷ୍ଟ୍ର କ୍ରିକେଟ ଆସୋସିଏସନର ଆର୍ଯ୍ୟନ ସବସାନୀ ଏବଂ ମଲ୍ଟି ଡେ ଟିମରେ ହରିୟାଣା କ୍ରିକେଟ ଆସୋସିଏସନର ତନ୍ମୟ ବଲୋଦାଙ୍କୁ ସାମିଲ କରାଯାଇଛି । ଏଜ ଗ୍ରୁପ କ୍ରିକେଟରେ ବଙ୍ଗଳାକୁ ପ୍ରତିନିଧିତ୍ୱ କରୁଥିବା ରୋହିତଙ୍କୁ ନେଇ କ୍ରିକେଟ ଆସୋସିଏସନ ଅଫ ବଙ୍ଗଲ ଯାଞ୍ଚରେ ବୟସ ଜାଲିଆତିରେ ୨୭ ମାସର ଅନ୍ତର ରହିଛି । ତାଙ୍କ ଜନ୍ମ ବର୍ଷରେ ୩ ଥର ପରିବର୍ତ୍ତନ କରାଯାଇଛି । ନିକଟରେ ଶ୍ରୀଲଙ୍କା ଗସ୍ତ ବେଳେ ଇଣ୍ଡିଆ ଅଣ୍ଡର୧୯ ଟିମ ସହିତ ଯାଇଥିଲେ । ବିସିସିଆଇ କହିବା ମୁତାବକ, ରୋହିତ ଯାଦବଙ୍କୁ ରାଜକୋଟ ଏବଂ ଅହମଦାବାଦରେ ଅଷ୍ଟ୍ରେଲିଆ ଅଣ୍ଡର ୧୯ ବିପକ୍ଷ ଟିମ ପାଇଁ ଇଣ୍ଡିଆ ଟିମରେ ଚୟନ କରାଯାଇଥିଲା । କିନ୍ତୁ ବୟସ ସଂପର୍କିତ ଜାଲିଆତି ଯୋଗୁଁ ତାଙ୍କୁ ଟିମ୍‌ରୁ ହଟାଇ ଦିଆଯାଇଛି । ମଲ୍ଟି ଡେ ମ୍ୟାଚ୍ ପାଇଁ ଅଣ୍ଡର-୧୯ ସ୍କ୍ୱାଡ୍ : ଲକ୍ଷ୍ମୀ ରାୟଚନ୍ଦାନୀ (ଅଧିନାୟକ), ଯଶବର୍ଦ୍ଧନ ଚୌହ୍ୱାନ( ଉପ ଅଧିନାୟକ), ରଜତ ବଘେଲ, ଆର୍ଯ୍ୟବୀର ସେହ୍ୱାଗ, ଭିକେ ବିନୀତ, କୁଶାଗ୍ରେ ଓଝା, ଅର୍ଜୁନ ରାଜପୁତ, ମନାଲ ଚୌହ୍ୱାନ, ଅଭନ୍ୟ ଦ୍ରାବିଡ(ୱିକେଟ କିପର), ବି ଯଶବୀର, ଶାବୀନ ବିନୋଦ, ମୋହିତ ଉଲବା, ଚିଗୁରୁପତି ଭେଙ୍କଟ, କାବ୍ୟା ପଟେଲ, ଆର୍ଯ୍ୟନ ସବସାନୀ । ଦିନିକିଆ ସିରିଜ ପ୍ରଥମ ମ୍ୟାଚ୍ ୧୮ ସେପ୍ଟେମ୍ବର ରାଜକୋଟରେ ଖେଳାଯିବ । ଦ୍ୱିତୀୟ ମ୍ୟାଚ ୨୧ ଏବଂ ୩ୟ ମ୍ୟାଚ୍ ୨୩ ସେପ୍ଟେମ୍ବରରେ ଖେଳାଯିବ । ଦିନିକିଆ ସିରିଜର ୩ଟି ଯାକ ମ୍ୟାଚ ରାଜକୋଟରେ ନିରଞ୍ଜନ ଶାହ ଷ୍ଟାଡିୟମରେ ଖେଳାଯିବ ।

# 'ବୈଭବ ସୂର୍ଯ୍ୟବଂଶୀଙ୍କଠାରୁ ମୋର କୌଣସି ଆଶା ନାହିଁ' : ସୁନୀଲ ଗାଭାସ୍କର



**ନୂଆଦିଲ୍ଲୀ :** ଆଫଗାନିସ୍ତାନ ବିପକ୍ଷରେ ଟି-୨୦ ସିରିଜ ପରେ, ଭାରତୀୟ ପୁରୁଷ କ୍ରିକେଟ ଦଳ ୨୦୨୬ ଏସୀୟ କ୍ରୀଡାରେ ଅଂଶଗ୍ରହଣ କରିବ। ସେପ୍ଟେମ୍ବର ୧୯ରେ ଜାପାନର ଆଇଚି-ନାଗୋୟାରେ ଆରମ୍ଭ ହେଉଥିବା ଏହି ବହୁ-କ୍ରୀଡା ଇଭେଣ୍ଟରେ ଶ୍ରେୟସ ଆୟର ଭାରତୀୟ ଦଳର ନେତୃତ୍ୱ ନେବେ। ଟୁର୍ଣ୍ଣାମେଣ୍ଟ ପୂର୍ବରୁ, କିମ୍ବଦନ୍ତୀ ଭାରତୀୟ କ୍ରିକେଟର ସୁନୀଲ ଗାଭାସ୍କର ଭାରତୀୟ ଦଳର ପ୍ରଶଂସା କରିଥିଲେ। ସେ ମନ୍ତବ୍ୟ ଦେଇଥିଲେ ଯେ ଯଦି କୌଣସି ଦେଶ କ୍ରିକେଟକୁ ପ୍ରୋତ୍ସାହିତ ଏବଂ ଲୋକପ୍ରିୟ କରିବାକୁ ଚାହେଁ, ତେବେ ଏହାକୁ ଅଲିମ୍ପିକ୍ସ ଏବଂ ଏସୀୟ କ୍ରୀଡା ଦ୍ୱାରା ପ୍ରଦାନ କରାଯାଇଥିବା ସୁଯୋଗର ଲାଭ ଉଠାଇ ସେହି ଅନୁସାରେ ଖେଳିବାକୁ ପଡିବ। ପୂର୍ବ ଏସୀୟ କ୍ରୀଡାରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିବା ଉଲ୍ଲେଖ କରି, ସେ ଆଶା ପ୍ରକାଶ କରିଥିଲେ ଯେ ଦଳ ଏଥର ପୁଣି ଭଲ ପ୍ରଦର୍ଶନ କରିବ ଏବଂ ଘରକୁ ଆଉ ଏକ ସ୍ୱର୍ଣ୍ଣ ଆଣିବ। ଏସୀୟ କ୍ରୀଡ଼ା ପାଇଁ ଦ୍ରୁତ ବୋଲର ଜସପ୍ରିତ ବୁମରାହଙ୍କ ଚୟନ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି ଯେ ଏସୀୟ କ୍ରୀଡ଼ା ଏବଂ ନ୍ୟୁଜିଲାଣ୍ଡରେ ଟେଷ୍ଟ ସିରିଜ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନ ରହିଛି। ତେଣୁ, ସେ ବିଶ୍ୱାସ କରନ୍ତି ଯେ ବୁମରାହଙ୍କୁ ଖେଳାଇବା ଏକ ଭଲ ଧାରଣା, କାରଣ ନ୍ୟୁଜିଲାଣ୍ଡ ସିରିଜ ପୂର୍ବରୁ ତାଙ୍କ ପାଇଁ କିଛି ବୋଲିଂ ଅଭ୍ୟାସ କରିବା ଅତ୍ୟନ୍ତ ଜରୁରୀ। ସେ ଉଲ୍ଲେଖ କରିଛନ୍ତି ଯେ ମହମ୍ମଦ ସିରାଜ ପୂର୍ବରୁ ମ୍ୟାଚ ଅଭ୍ୟାସର ଅଭାବ ଯୋଗୁ ତାଙ୍କ ଲୟ ସହିତ ସଂଘର୍ଷ କରିଥିଲେ, ଯାହା ତାଙ୍କୁ ତାଙ୍କର ସର୍ବୋତ୍ତମ ବୋଲିଂ କରିବାରୁ ବାଧା ଦେଇଥିଲା। ଫଳରେ, ବୋଲରମାନଙ୍କ ପାଇଁ ଓଭର ପାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; ବୁମରାହଙ୍କ ପାଇଁ ମଧ୍ୟ, ଏହି ମ୍ୟାଚଗୁଡ଼ିକରେ କିଛି ଓଭର ବୋଲିଂ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ଶ୍ରେୟସ ଆୟରଙ୍କ ବିଷୟରେ କହିବାକୁ ଗଲେ, ସେ ମନ୍ତବ୍ୟ ଦେଇଛନ୍ତି ଯେ ଆୟର ଜଣେ ଅଧିନାୟକ ଭାବରେ ବହୁତ ଅଭିଜ୍ଞ, ସେ କେକେଆର, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ପଞ୍ଜାବ କିଙ୍ଗ୍ସର ନେତୃତ୍ୱ ନେଇଛନ୍ତି। ତାଙ୍କ ଅଭିଜ୍ଞତାକୁ ଦୃଷ୍ଟିରେ ରଖି, ଏହି ଟୁର୍ଣ୍ଣାମେଣ୍ଟରେ ତାଙ୍କୁ କୌଣସି ଅତିରିକ୍ତ ଚାପର ସମ୍ମୁଖୀନ ହେବାର ସମ୍ଭାବନା କମ, ଯଦିଓ ଭାରତର ଅଧିନାୟକତ୍ୱ ସର୍ବଦା ଉଚ୍ଚ ଆଶା ନେଇଥାଏ। ଗାଭାସ୍କର କହିଛନ୍ତି ଯେ ପ୍ରତ୍ୟେକ ଅଧିନାୟକ ବୁଝନ୍ତି ଯେ ଦେଶକୁ ନେତୃତ୍ୱ ଦେବା ଏକ ସମ୍ମାନ ଏବଂ ସୌଭାଗ୍ୟ, ତଥାପି ଏହା ଅନିବାର୍ଯ୍ୟ ଭାବରେ ଆଶାର ଚାପ ସହିତ ଆସେ। ଯେହେତୁ ଆୟର ଅଭିଜ୍ଞ, ସେ ଏସୀୟ କ୍ରୀଡ଼ାରେ ପ୍ରବେଶ କରିବା ପୂର୍ବରୁ ଚାପ ଅନୁଭବ କରିବାର ସମ୍ଭାବନା କମ, ଯଦିଓ ଟୁର୍ଣ୍ଣାମେଣ୍ଟ ନିଜେ ସହଜ ହେବ ନାହିଁ। ଏହା ଏକ ଟି୨୦ ଟୁର୍ଣ୍ଣାମେଣ୍ଟ; ବାଂଲାଦେଶ ଭଲ ଫର୍ମରେ ଅଛି, ପାକିସ୍ତାନ ସର୍ବଦା ଏକ ବିପଜ୍ଜନକ ଦଳ, ଏବଂ ଶ୍ରୀଲଙ୍କା ମଧ୍ୟ ଏକ ଉତ୍କୃଷ୍ଟ ଟି୨୦ ଦଳ। ଆଫଗାନିସ୍ତାନକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ, ତେଣୁ ପ୍ରତିଯୋଗିତା ନିଶ୍ଚିତ ଭାବରେ କଠିନ ହେବ। ଯୁବ ବ୍ୟାଟସମ୍ୟାନ ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରଦର୍ଶନ ବିଷୟରେ, ସେ ଉଲ୍ଲେଖ କରିଥିଲେ ଯେ ଟି୨୦ କ୍ରିକେଟରେ କୌଣସି ବ୍ୟାଟସମ୍ୟାନଙ୍କଠାରୁ ସ୍ଥିର ପ୍ରଦର୍ଶନ ଆଶା କରାଯାଇପାରିବ ନାହିଁ – ଏହା କାହା ପାଇଁ ଏକ କଷ୍ଟକର କାର୍ଯ୍ୟ। ତଥାପି, ସୂର୍ଯ୍ୟବଂଶୀ ଏପରି ଜଣେ ବ୍ୟାଟସମ୍ୟାନ ଯିଏ ତାଙ୍କର ବିସ୍ଫୋରକ ବ୍ୟାଟିଂ ଦ୍ୱାରା ଦଶଟି ମ୍ୟାଚ ମଧ୍ୟରୁ ତିନି କିମ୍ବା ଚାରିଟି ଜିତିପାରିବେ। ଅନ୍ୟ ମ୍ୟାଚରେ ମଧ୍ୟ, ଯଦିଓ ସେ ୫୦ ରୁ ଅଧିକ ରନ ସ୍କୋର କରିପାରିବେ ନାହିଁ, ସେ ଦଳକୁ ଏକ ଦୃଢ଼ ଆରମ୍ଭ ପ୍ରଦାନ କରିପାରିବେ।


କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
**Editor: Niranjan Patra**





# ରଙ୍ଗୀନ ମିଶନ ଶକ୍ତି କାଫେ ଏବେ ଭୂତକୋଠି ସଦୃଶ

## ଲକ୍ଷାଧିକ ଟଙ୍କା ବ୍ୟୟ ପରେ ବି ହେଉନି ଉଦ୍‌ଘାଟନ



### ଅସ୍ଥାୟୀ କାଫେରେ କେତେ ଦିନ ଚାଲିବ କାର୍ଯ୍ୟ ?

**ସାହାରପଡା (ଅମୃତ ମିଡ଼ିଆ) :** ମହିଳା ସଶକ୍ତିକରଣ ଓ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ରୋଜଗାରର ସୁଯୋଗ ଦେବା ଉଦ୍ଦେଶ୍ୟରେ ସାହାରପଡା ବ୍ଲକ ପରିସରରେ ନୂତନ ଭାବେ ନିର୍ମାଣ କରାଯାଇଥିବା ମିଶନ ଶକ୍ତି କାଫେ ଏବେ ଉଦଘାଟନକୁ ଅପେକ୍ଷା କରି ରହିଛି। ବହୁ ଅର୍ଥ ବ୍ୟୟ କରି ଆକର୍ଷଣୀୟ ଓ ରଙ୍ଗବେରଙ୍ଗ ଢଙ୍ଗରେ କାଫେ ଗୃହ ନିର୍ମାଣ କରା ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ। କାଫେଟି ଦୀର୍ଘଦିନ ଧରି ବନ୍ଦ ରହିଥିବାରୁ ଏହାର ପରିସର ଏବେ ଲତା, ବୁଦା ଓ ଅନାବନା ଘାସରେ ଭରିଯାଇଛି। ସୁରକ୍ଷା ପାଇଁ ଲଗା ଯାଇଥିବା ଷ୍ଟିଲ ବାଡ଼ର କେତେକ ଅଂଶ ଭାଙ୍ଗି ପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଛି। ନୂଆ ନିର୍ମିତ ଏହି ସୁନ୍ଦର କାଫେଟି ବ୍ୟବହାର ଅଭାବରେ ଧୀରେଧୀରେ ଭୂତକୋଠି ସଦୃଶ୍ୟ ହୋଇ ପଡୁଥିବା ଅଭିଯୋଗ ହେଉଛି। ସବୁଠାରୁ ବଡ଼ ପ୍ରଶ୍ନ ହେଲା କାହିଁକି ଏପର୍ଯ୍ୟନ୍ତ ଏହି ମିଶନ ଶକ୍ତି କାଫେର ଉଦଘାଟନ ହୋଇପାରୁନାହିଁ ? କେବେ ଠାରୁ ଏହା କାର୍ଯ୍ୟକ୍ଷମ ହେବ ? ବର୍ତ୍ତମାନ ଅସ୍ଥାୟୀ ସ୍ଥାନରେ କାଫେ କାର୍ଯ୍ୟ ଚାଲିଥିବା ବେଳେ ନୂତନ ନିର୍ମିତ ସ୍ଥାୟୀ କାଫେ ଗୃହଟି ଖାଲି ପଡ଼ି ରହିଛି। ତେବେ ଅସ୍ଥାୟୀ କାଫେରେ ଆଉ କେତେ ଦିନ ପର୍ଯ୍ୟନ୍ତ କାର୍ଯ୍ୟ ଚାଲିବ, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସରକାର ମହିଳା ସଶକ୍ତିକରଣ ଓ 'ମା'ମାନଙ୍କ ସମ୍ମାନର କଥା କହୁଥିବା ବେଳେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ରୋଜଗାର ଓ ସ୍ୱାବଲମ୍ବନ ପାଇଁ ଉଦ୍ଦିଷ୍ଟ ଏଭଳି ପ୍ରକଳ୍ପ କାହିଁକି ଅଚଳ ଅବସ୍ଥାରେ ପଡ଼ି ରହିଛି, ସେନେଇ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ସ୍ପଷ୍ଟ କରିବାକୁ ଦାବି ହେଉଛି। ଦାବି ହେଉଛି, ଶୀଘ୍ର କାଫେର ଉଦଘାଟନ କରି ମିଶନ ଶକ୍ତି ମହିଳା ମାନଙ୍କ ହାତରେ ଏହାର ପରିଚାଳନା ଦାୟିତ୍ୱ ଦିଆଯାଉ। ନଚେତ ଲକ୍ଷାଧିକ ଟଙ୍କାରେ ନିର୍ମିତ ଏହି ସୁନ୍ଦର କାଫେଟି କେବଳ ଅବହେଳାର ନିଦର୍ଶନ ହୋଇ ରହିଯିବ। ପ୍ରଶାସନର ଦୃଷ୍ଟି କେବେ ପଡ଼ିବ ଏହି ମିଶନ ଶକ୍ତି କାଫେ ଉପରେ ଏବେ ତାହାକୁ ନେଇ ଅପେକ୍ଷା।

# ଯାଜପୁରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



**ଯାଜପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୨୩୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୭ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୮୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୯୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନଗେନ୍ଦ୍ର ନାଥ ମହାପାତ୍ର, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଡେପୁଟି କଲେକ୍ଟର, ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସାରସ୍ୱତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା,ତହସିଲଦାର ରବିନାରାୟଣ ପାଢ଼ୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଯାଜପୁର ସଦର ହରିପୁର ଗ୍ରାମର ସନାତନ ବେହେରାଙ୍କୁ ଶ୍ରବଣ ସହାୟକ ଯନ୍ତ୍ର ପ୍ରଦାନ କରାଯାଇଛି।

# ଶ୍ରୀମନ୍ଦିରର ମଣ୍ଡପ ସଂସ୍କୃତି ସନାତନୀର ପରିଚୟ : ପଣ୍ଡିତ ନିରଞ୍ଜନ ସାହୁ



**ନୀଳଗିରି (ଅମୃତ ମିଡିଆ) :** ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ମାସିକ ଶ୍ରୀଜଗନ୍ନାଥ ସଂସ୍କୃତି ବିଷୟକ ରାଜ୍ୟସ୍ତରୀୟ ପାଠଚକ୍ରରେ ଅଗଷ୍ଟମାସ ଶେଷ ସପ୍ତାହରେ ଶ୍ରୀମନ୍ଦିର ଭିତର ଓ ବାହାରେ ଥିବା ଚବିଶ ପ୍ରସଙ୍ଗ ପରିବାରର ନୟାଗଡ଼ ସଦସ୍ୟ ତଥା ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ଦାଶଙ୍କ ପୌରୋହିତ୍ୟରେ ଆଲୋଚିତ ହୋଇଯାଇଛି। ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ଼. ପ୍ରଦୀପ୍ତ କୁମାର ମିଶ୍ର ଶ୍ରୀଜଗନ୍ନାଥାଷ୍ଟକ ଗାନ କରିଥିବାବେଳେ କଣ୍ଠଶିଳ୍ପୀ ଭାର୍ଗବୀ ରାଉତ ସ୍ୱାଗତ ସଂଗୀତ ଗାନ କରିଥିଲେ। ସେହିପରି ଅତିଥି ଭାବରେ ଶ୍ରୀକ୍ଷେତ୍ର ପୁରୀର ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ଦୟାନିଧି ତ୍ରିପାଠୀ ଯୋଗଦେଇ ଶ୍ରୀମନ୍ଦିରରେ ମଣ୍ଡପ ସଂସ୍କୃତି ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ଆଲୋଚକ ଭାବରେ ସିଦ୍ଧାର୍ଥ ଭକ୍ତି ଦୂରଦର୍ଶନ ଚେନାଲର ବିଚାରକ ପଣ୍ଡିତ ନିରଞ୍ଜନ ସାହୁ ଯୋଗଦେଇ ଶ୍ରୀମନ୍ଦିର ଭିତରେ ଥିବା ଭୋଗମଣ୍ଡପ, ନାଟମଣ୍ଡପ, ମାଜଣା ମଣ୍ଡପ, ଜଳକ୍ରୀଡା ମଣ୍ଡପ, ନାଭିକଟା ମଣ୍ଡପ, ଚାହାଣୀ ମଣ୍ଡପ, ଆଡପ ମଣ୍ଡପ, ନେତମଣ୍ଡପ, ଚିତ୍ରମଣ୍ଡପ, ଦେବସଭା ମଣ୍ଡପ, ମୁକ୍ତି ମଣ୍ଡପ, ଆଦି ତେରମଣ୍ଡପ ପରେ ଶ୍ରୀମନ୍ଦିରର ବାହାରେ ଥିବା ଦୋଳ ମଣ୍ଡପ, ଆଡପ ମଣ୍ଡପ, ଚନ୍ଦନ ମଣ୍ଡପ, ଆଖଡ଼ା ମଣ୍ଡପ, କେଳି ମଣ୍ଡପ, ବଳି ମଣ୍ଡପ, ଅଚିନ୍ତା ମଣ୍ଡପ, ବକୁଳ ମଣ୍ଡପ, ନିର୍ମାଲ୍ୟ ମଣ୍ଡପ ଓ ଆନନ୍ଦ ମଣ୍ଡପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଶେଷରେ ପରିବାରର ଭଦ୍ରକ ସଦସ୍ୟା ଅଧ୍ୟାପିକା ଡ଼. ହରିପ୍ରିୟା ସେଠୀ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ।

# ଫ୍ରେଣ୍ଡଲୀ ଯୋଗ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ

**ପାରାଦୀପ (ଅମୃତ ମିଡିଆ)** ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମହାନ୍ ଶିକ୍ଷାବିତ୍ 'ଭାରତରତ୍ନ' ଡଃ.ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିବସ ଅବସରରେ ସେପଟ୍ମେର ୫ତାରିଖରେ ପବିତ୍ର ଗୁରୁ ଦିବସ ସାରା ଦେଶରେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଅଗ୍ରଣୀ ପାରାଦୀପର ଅଗ୍ରଣୀ 'ଫ୍ରେଣ୍ଡଲି ଯୋଗ ଅନୁଷ୍ଠାନ' ପକ୍ଷରୁ ପାରାଦୀପ ବେଳାଭୂମି ଠାରେ ଶନିବାର ଦିନ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗଗୁରୁ ବିଭୁତି ଭୂଷଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇ ଗୁରୁ ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ଆଲୋକ ମହାପାତ୍ର, ମନୋଜ ମହାନ୍ତି, ପ୍ରତାପ ଚନ୍ଦ୍ର ସାହୁ,ଆଲୋକ ସ୍ୱାଇଁ, ପ୍ରଶାନ୍ତ ରାଉତ, କୃପାସିନ୍ଧୁ ଦାସ, ପ୍ରଭାତ ମହାପାତ୍ର, ଆଲୋକ ଦାସ (ମେଘା), ସୁରେନ୍ଦ୍ର ମହାପାତ୍ର, ସୁନୀଲ ପରିଡା, ଅମୀୟ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଗୁରୁ ପୂଜା କରିଥିଲେ।

# ଷଷ୍ଠ ଆମନ୍ତ୍ରଣ କର୍ପୋରେଟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ-୨୦୨୬ ଉଦ୍‌ଯାପିତ



**ପାରାଦୀପ (ଅମୃତ ମିଡିଆ) :** ପାରାଦୀପ ବ୍ୟାଡମିଣ୍ଟନ ଆସୋସିଏସନ (ପିବିଏ) ପକ୍ଷରୁ ପାରାଦୀପ ବନ୍ଦର ପ୍ରାଧିକରଣର ଅଫିସର୍ସ କ୍ଲବ ପରିସରରେ ଚଳିତ ସେପଟ୍ମେର ୫ ଓ ୬ ତାରିଖରେ ଆୟୋଜିତ ଷଷ୍ଠ ଆମନ୍ତ୍ରଣ କର୍ପୋରେଟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ–୨୦୨୬ ରବିବାର ଦିନ ସଫଳତାର ସହ ଉଦଯାପିତ ହୋଇଯାଇଛି। ଏହି ଦୁଇଦିନିଆ ପ୍ରତିଯୋଗିତା କର୍ପୋରେଟ କ୍ଷେତ୍ରରେ କ୍ରୀଡ଼ା ଚେତନା, ସୁସ୍ଥ ପ୍ରତିଯୋଗିତା ଓ ପାରସ୍ପରିକ ସୌହାର୍ଦ୍ଦ ବୃଦ୍ଧି ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସାବ୍ୟସ୍ତ ହୋଇଛି। ଏହି ପ୍ରତିଯୋଗିତାରେ ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳର ପ୍ରମୁଖ ଶିଳ୍ପ ଓ କର୍ପୋରେଟ ସଂସ୍ଥାଗୁଡ଼ିକରୁ ମୋଟ ୬୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ପୁରୁଷ ଡବଲ୍ସ, ମହିଳା ଡବଲ୍ସ, ମିଶ୍ରିତ ଡବଲ୍ସ ଏବଂ ଭେଟେରାନ୍ ଡବଲ୍ସ ବିଭାଗରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର୍ କୋ-ଅପରେଟିଭ୍ ଲିମିଟେଡ୍ (ଇଫକୋ), ଜଗତସିଂହପୁର ପାରାଦୀପ ପାଇପଲାଇନ୍ ଲିମିଟେଡ୍ (ଜେପିପିଏଲ), ଜେଏମ୍ ବକ୍ସି ଗ୍ରୁପ୍, ନୁମାଳିଗଡ଼ ରିଫାଇନେରୀ ଲିମିଟେଡ୍ (ଏନଆରଏଲ), ଜେଏସଡବ୍ଲ୍ୟୁ ଗ୍ରୁପ୍ ଏବଂ ପାରାଦୀପ ବନ୍ଦର ପ୍ରାଧିକରଣ ର କ୍ରୀଡା ଶାଖା ପାରାଦୀପ ବ୍ୟାଡମିଣ୍ଟନ ଆସୋସିଏସନର ଦଳଗୁଡ଼ିକ ଅଂଶଗ୍ରହଣ କରିଥିଲେ। ଫାଇନାଲ ପର୍ଯ୍ୟାୟରେ ପାରାଦୀପ ବନ୍ଦର ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ସମସ୍ତ ଚାରିଟି ବିଭାଗରେ ବିଜୟୀ ହୋଇ ସାମଗ୍ରିକ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଥିଲା। ପୁରୁଷ ଡବଲ୍ସ, ମହିଳା ଡବଲ୍ସ, ମିଶ୍ରିତ ଡବଲ୍ସ ଓ ଭେଟେରାନ୍ ଡବଲ୍ସରେ ପାରାଦୀପ ବନ୍ଦର ପ୍ରାଧିକରଣ ର ପିବିଏ ଦଳ ସାମଗ୍ରିକ ଭାବେ ଚମ୍ପିୟନ ହୋଇଥିଲେ। ଉଦଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ପାରାଦୀପ ବନ୍ଦର ପୂର୍ବତନ ଅଧ୍ୟକ୍ଷ ପି.ଏଲ୍.ହରାନାଦ ମୁଖ୍ୟ ଅତିଥି ଭାବେ ଏବଂ ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବନ୍ଦରର ମୁଖ୍ୟ ଯାନ୍ତ୍ରିକ ଯନ୍ତ୍ରୀ ସୁଶିଲ ଚନ୍ଦ୍ର ନାହାକ, ବିଭିନ୍ନ ବିଭାଗର ମୁଖ୍ୟ, ବରିଷ୍ଠ ଅଧିକାରୀ, ବିଶିଷ୍ଟ ଅତିଥି ଓ କ୍ରୀଡ଼ାପ୍ରେମୀମାନେ ଉପସ୍ଥିତ ଥିଲେ। ଅତିଥିବୃନ୍ଦ ବିଜେତା ଏବଂ ଅଂଶଗ୍ରହଣକାରୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର କ୍ରୀଡ଼ା ନୈପୁଣ୍ୟ, ଶୃଙ୍ଖଳା ଓ କ୍ରୀଡ଼ାସୁଲଭ ମନୋଭାବର ଭୂୟସୀ ପ୍ରଶଂସା କରିଥିଲେ। ସେମାନେ କହିଥିଲେ ଯେ, କ୍ରୀଡ଼ା କେବଳ ଶାରୀରିକ ସୁସ୍ଥତା ନୁହେଁ, ବରଂ ଦଳଗତ ମନୋଭାବ, ନେତୃତ୍ୱ ଗୁଣ ଓ ପାରସ୍ପରିକ ସହଯୋଗର ବିକାଶରେ ମଧ୍ୟ ସହାୟକ ହୋଇଥାଏ। ଅତିଥିମାନେ ପାରାଦୀପ ବ୍ୟାଡମିଣ୍ଟନ ଆସୋସିଏସନର ସଫଳ ଆୟୋଜନକୁ ପ୍ରଶଂସା କରିବା ସହ ଅଞ୍ଚଳରେ କ୍ରୀଡ଼ା ସଂସ୍କୃତିର ବିକାଶ ପାଇଁ ଏହାର ନିରନ୍ତର ପ୍ରୟାସକୁ ସ୍ୱାଗତ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଖାତିର କରୁନାହିଁ ଗ୍ରାମ୍ୟ ଉନ୍ନୟନ ବିଭାଗ

**ଜେନାପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲା ବରୀ ବ୍ଲକ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ହେଉଥିବା ବାଇଁସିରିଆ ସାରଙ୍ଗପୁର ସେତୁ ନିର୍ମାଣ କାର୍ଯ୍ୟ ନିମ୍ନ ମାନର କରାଯାଇଛି। ଏହି ସେତୁର ପିଲାର ଢଳେଇରେ ରୁଢିଆ ନଦୀରୁ ବାଲି ଅଣାଯାଇ ବ୍ୟବହାର ହେବାର ପ୍ରଶାସନିକ ନିଷ୍ପତ୍ତି ହୋଇଥିବା ବେଳେ ବାସ୍ତବରେ ନଦୀ ପଠାରେ ଥିବା ଅତି ନିମ୍ନ ମାନର ମାଟି ମିଶା ବାଲିରେ ପିଲାର ଓ ଢଳେଇ କାର୍ଯ୍ୟ କରାଯାଇଛି। ଏଥିନେଇ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିଲା। ହେଲେ ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗର କର୍ତ୍ତୃପକ୍ଷ ଏହି ଦୁର୍ନିତିକୁ ଘଂଟ ଘୋଡାଇବା ସହ ନିୟମ ଅନୁସାରେ କାର୍ଯ୍ୟ ହୋଇଥିବାର ଦର୍ଶାଯାଇଛି। ହେଲେ ନିମ୍ନ ମାନର ବାଲି ବ୍ୟବହାର ହେବା ଏବଂ ଏହି ବାଲି କେଉଁଠାରୁ ଅଣାଯାଇ ବ୍ୟବହାର ହୋଇଛି ଏହାର କୌଣସି ଉତର ଦେଇ ନାହାନ୍ତି। ଖବରରୁ ପ୍ରକାଶ, ଏଥିନେଇ ଗତ ତା୦୬.୦୩.୨୬ ରିଖରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ହେଲେ ଏହି ଅଭିଯୋଗ ନେଇ ବିଭାଗ ତରଫରୁ କାର୍ଯ୍ୟାନୁଷ୍ଠାନ ବିବରଣୀ ଉତର ଯେତିକି ଆଶ୍ଚର୍ଯ୍ୟ ଜନକ ତତୋଧିକ ଉଦବେଗ ଜନକ। ଅଭିଯୋଗ ଅନୁସାରେ ଏଥିନେଇ ବହୁବାର ଅଭିଯୋଗ ପରେ ବିଭାଗୀୟ ସହକାରୀ ଯନ୍ତ୍ରୀ ବିନୋଦ ଶିଆଳ ଏହି କାର୍ଯ୍ୟରେ ନିମ୍ନ ମାନର ବାଲି ବ୍ୟବହାର ନେଇ ବନ୍ଦ କରିଥିଲେ। ତେବେ ସହକରୀ ଯନ୍ତ୍ରୀ ଏହି କାର୍ଯ୍ୟକୁ ବନ୍ଦ କରିଥିଲେ କି , ନାହିଁ ଏହାର କୌଣସି ଅନ୍ମାନ ଓ ଅନୁସନ୍ଧାନ କରାଯାଇ ନାହିଁ। ବାଲି କେଉଁ ଖାଦାନରୁ କାମ ପାଇଁ ଅଣାଯାଇଛି, ସେଥିନେଇ ବିଭାଗୀୟ ଅଧିକାରୀଙ୍କୁ କୌଣସି ପତ୍ର ପ୍ରଦାନ କରାଯାଇ ଅନୁଧାନ କରାଯାଇ ନାହିଁ। ଯେ କୌଣସି ଅଭିଯୋଗ ନେଇ ଅଭିଯୁକ୍ତ ଥିବା ଅଧିକାରୀଙ୍କ ଦ୍ୱାରା ଅଭିଯୋଗର ତଦନ୍ତ ବିଧି ସମ୍ମତ ନୁହେଁ। ଏଠାରେ କେଉଁ ଅଧିକାରୀ ଏଭଳି ଉତର ଦେଲେ ତାହା ମଧ୍ୟ ସ୍ପଷ୍ଟ ହୋଇ ନାହିଁ। ଏଭଳି ଏକ ଗୁରୁତର ଅଭିଯୋଗ ନେଇ ଅଧିକ୍ଷଣ ଯନ୍ତ୍ରୀ, ମୁଖ୍ୟ ଯନ୍ତ୍ରୀ କିଭଳି ଏଭଳି କାର୍ଯ୍ୟାନୁଷ୍ଠାନ ବିବରଣୀକୁ ଅନୁମୋଦନ କଲେ ତାହା ମଧ୍ୟ ତଦନ୍ତ ସାପେକ୍ଷ। ବିଭାଗୀୟ ଅଧିକାରୀ ମୋଟା ଅଙ୍କର ଅର୍ଥ ଲାଂଚ ନେଇ ଏଭଳି କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରଦାନ କରୁଥିବାର ଏଥିରୁ ସ୍ପଷ୍ଟ ହେଉଛି। ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପରେ ଏହି ତଦନ୍ତ ହୋଇଛି। ଏହା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟକୁ ଖାତିର ନକରି ଏଭଳି କାର୍ଯ୍ୟାନୁଷ୍ଠାନ ବିବରଣୀ ଆଶ୍ଚର୍ଯ୍ୟ ଜନକ। ଅଭିଯୋଗ ଗୁଡିକ ଏଭଳି ସମାଧାନ କରାଗଲେ, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟକୁ ଏଭଳି ଦୁର୍ନତିଗ୍ରସ୍ତ ଅଧିକାରୀ ମାନେ କେବଳ ଡାକଘର ବୋଲି ଭାବୁ ଥିବାର ଜଣାପଡୁଛି ବୋଲି ପୁନଶ୍ଚ ଅଭିଯୋଗକାରୀ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବୈଠକ



**ଯାଜପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ବର୍ତ୍ତମାନ ସ୍ଥିତି ଏବଂ ପରବର୍ତ୍ତୀ କାର୍ଯ୍ୟସୂଚୀ ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ୭ଟି ନିର୍ବାଚନ ମଣ୍ଡଳୀର ଚିଠା ଭୋଟର ତାଲିକାରେ ତ୍ରୁଟି, ନାମ ବାଦ ପଡ଼ିବା, ସଂଶୋଧନ ଆବଶ୍ୟକତା ଓ ଚିହ୍ନଟ ଅସଙ୍ଗତି ସମ୍ପର୍କିତ ଦାବି ଏବଂ ଆପତ୍ତି ଉପରେ ନୋଟିସ ପ୍ରଦାନ ସହ ଶୁଣାଣୀ ପ୍ରକ୍ରିୟା ସଫଳତାର ସହ ସମାପ୍ତ ହୋଇଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। ଭୋଟର ତାଲିକାରେ ସ୍ୱଚ୍ଛତା, ନିର୍ଭୁଲତା ଓ ବିଶ୍ୱସନୀୟତା ବଜାୟ ରଖିବା ଉଦ୍ଦେଶ୍ୟରେ ସମସ୍ତ ଦାବି ଓ ଆପତ୍ତିର ଯାଞ୍ଚ ଏବଂ ନିଷ୍ପତ୍ତି ପ୍ରକ୍ରିୟା ଶେଷ ହୋଇଥିବା ବେଳେ, ଆସନ୍ତା ସେପଟ୍ମେର ୨୧ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ସମ୍ପର୍କରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସମେତ ସମସ୍ତ ନିର୍ବାଚନ ମଣ୍ଡଳୀର ବୁଥ୍ ସ୍ତରୀୟ ଏଜେଣ୍ଟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ସିଡିଓ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଉପଜିଲ୍ଲାପାଳ, ଅତିରିକ୍ତ ସିଡିଓ, ଡେପୁଟି କଲେକ୍ଟର, ନିର୍ବାଚନ, ଅଶୋକ କୁମାର ଦେହୁରୀ, ବିଭାଗୀୟ ଅଧିକାରୀ ଦେବେନ୍ଦ୍ର ନାଥ କର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମେଗା ପାନୀୟଜଳ ପ୍ରକଳ୍ପରେ କୋଟି କୋଟି ଟଙ୍କା ଦୁର୍ନୀତି

## ପିଇବାକୁ ମୁନ୍ଦାଏପାଣି ପାଇଁ ଲୋକଙ୍କ ବଢୁଛି ଦୁର୍ଦ୍ଦଶା

**ଜେନାପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲାରେ ୯୦୩ଟି ଗ୍ରାମକୁ ପାନୀୟ ଜଳ ଯୋଗାଇବା ପାଇଁ ମେଘା ପାନୀୟ ଜଳ ପ୍ରକଳ୍ପ ଆଳରେ ବିଜେଡି ସରକାରରେ ଶହ ଶହ କୋଟି ଟଙ୍କାର ଦୁର୍ନିତି ହୋଇଛି। ଓଡିଆ ଅସ୍ମିତାକୁ ଆଘାତ ଦେଇ ରାଜ୍ୟ ବାହାରର କମ୍ପାନୀକୁ ପ୍ରକଳ୍ପ ମୂଲ୍ୟ ଠାରୁ ଅଧିକ ମୂଲ୍ୟରେ କାମ ଦିଆଯାଇ ଥିଲା। ଏଥିନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ତଥ୍ୟ ଭିତିକ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଆସିଛି। ହେଲେ ଏହି ନିର୍ଦ୍ଦେଶର ବର୍ଷକ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବି.ଜେ.ଡି ସରକାରର ଦୁର୍ନିତିକୁ ବି.ଜେ.ପି ସରକାରରେ ସୁରକ୍ଷା ଦିଆଯିବା ଅନ୍ତରାଳରେ ଜିଲ୍ଲାର ଜଣେ ବିଧାୟକଙ୍କ ଜରିଆରେ ବହୁ କୋଟି ଟଙ୍କାର ଡିଲ ନେଇ ସାଧାରଣରେ ଘୋର ଉଦବେଗ ପ୍ରକାଶ ପାଉଛି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ପାଇପ ଦ୍ୱାରା ପାନୀୟ ଜଳ ଯୋଗାଇବା କାର୍ଯ୍ୟରେ ବିଜେଡି ସରକାରରେ କୋଟି କୋଟି ଟଙ୍କା ଦୁର୍ନିତି ନେଇ ବିଧାନସଭାରେ ଖୋଦ ଶାସକ ଦଳର ସଭ୍ୟମାନେ ତୁମ୍ପି ତୋଫାନ କରିଛନ୍ତି। ଏହି ଦୁର୍ନିତି ନେଇ କଠୋର କାର୍ଯ୍ୟାନନୁଷ୍ଠାନନ ଗ୍ରହଣ କରାଯିବ ବୋଲି ସରକାର ବିଧାନସଭାରେ ସ୍ପଷ୍ଟ ଭାବେ ପ୍ରତିଶୃତି ଦେଇଛନନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଲୋକେ ମୁନ୍ଦାଏ ପାଣି ପାଉ ନଥିବା ବେଳେ ସରକାର ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି। ଏଥିନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ସତୀଶ ବିଶ୍ୱାଳଙ୍କ ତରଫରୁ ପତ୍ର ନଂ-୬୨/୨୫ ତା୦୬.୦୩.୨୫ ରେ ତଥ୍ୟ ଭିତିକ ଅଭିଯୋଗ ହୋଇଥିଲା। ଏଥିରେ ଦର୍ଶଯାଇଥିଲା ଯେ, ଯାଜପୁର ଜିଲ୍ଲାରେ ଧର୍ମଶାଳା ଓ ବଡଚଣା ବ୍ଲକରେ ୪୭୪ଟି ଗ୍ରାମକୁ ପାଇପ ଯୋଗେ ପିଇବା ପାଣି ଯୋଗାଣ ନିମନ୍ତେ ପ୍ରକଳ୍ପ ଟେଣ୍ଡର ମୂଲ୍ୟ ୩୦୫ କୋଟି ୯୮ ଲକ୍ଷ ଟଙ୍କା ଥିବା ବେଳେ ୩୩୫ କୋଟି ୭୨ ଲକ୍ଷ ଟଙ୍କାରେ ମେଗା ଇଂଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟକଚର ଲିମିଟେଡ ନାମକ ଠିକାସଂସ୍ଥାକୁ ପ୍ରକଳ୍ପ କାର୍ଯ୍ୟ କରିବାକୁ ଦାୟୀତ୍ୱ ପ୍ରଦାନ କରାଗଲା। ନିର୍ଦ୍ଧାରିତ ସମୟରେ ଭଲ କାମ କରିବାକୁ ରାଜ୍ୟ ବାହାରର ଏହି କମ୍ପାନୀକୁ ଓଡିଆ ଅସ୍ମିତାକୁ ବାଧାପ୍ରାପ୍ତ କରି ଟେଣ୍ଡର ମୂଲ୍ୟ ଠାରୁ ୨୯ କୋଟି ୭୪ ଲକ୍ଷ ଟଙ୍କା ଅଧିକ ଟଙ୍କାରେ ବି.ଜେ.ଡି ସରକାରରେ ଏହି ଟେଣ୍ଡରେ ପ୍ରଦାନ କରାଗଲା। ମୁଖ୍ୟମନ୍ତ୍ରୀଙ୍କୁ ଏହି ପତ୍ର ପ୍ରଦାନ ତାରିଖ ତା୦୬.୦୩.୨୫ ରିଖ ସୁଦ୍ଧା ୨୮୭ କୋଟି ୭ ଲକ୍ଷ ଟଙ୍କା ବିଲ ପୈଠ ସରିଥିଲା। ଏହି ପ୍ରକଳ୍ପ ଡିସେମ୍ବର ୨୦୧୯ ରୁ ଆରମ୍ଭ ହୋଇ ୨୦୨୧ ଡିସେମ୍ବର ସୁଦ୍ଧା କାର୍ଯ୍ୟକାରୀ ହେବାର ଲକ୍ଷଧାର୍ଯ୍ୟ ଥିଲା। ହେଲେ ବାସ୍ତବରେ ସେଭଳି କୌଣସି କାମ ନକରି ମଧ୍ୟ ଏତେ ପରିମାଣର ବିଲ ଉଠାଇ ନିଆଗଲା। ଲୋକେ ମୁନ୍ଦାଏ ପାଣି ପାଇଲେ ନାହିଁ। କୋଟି କୋଟି ଟଙ୍କା ବି.ଜେ.ଡି ସରକାରରେ ବରବାଦ ହେଲା। ସେହିପରି ଯାଜପୁର ଜିଲ୍ଲାର ଦଶରଥପୁର, ବିଂଝାରପୁର ବ୍ଲକ ଆଦିରେ ଏଭଳି ଦୁର୍ନିତି ହୋଇଥିଲା। ଏହାସହ ଆପଣ ଲୋକଙ୍କ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ଏତେ ବଡ ହରିଲୁଟ ଏବଂ ରାଜ୍ୟର କ୍ଷତିକୁ ବରଦାସ୍ତ ନକରି ଜଣେ ମାନବିକତାପୂର୍ଣ୍ଣ ଅନୁଭବୀ ମୁଖ୍ୟମନ୍ତ୍ରୀ ଭାବେ ଗୋଟିଏ ମୁହୂର୍ତ୍ତ ବରଦାସ୍ତ କରିବେ ନାହିଁ ବୋଲି ପତ୍ରରେ ଆଶା ପ୍ରକାଶ କରାଯାଇ ଥିଲା। ନୂତନ ବି.ଜେ.ପି ସରକାର ଆସିବା ପରେ ଏହି କାର୍ଯ୍ୟଶେଷ ଅବଧି ପ୍ରଥମେ ଡିସେମ୍ବର ୨୦୨୪ ଓ ଏହାପରେ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ବଢାଯାଇଛି ବୋଲି ବିଧାନସଭାରେ ସରକାର ପ୍ରତିଶୃତି ଦେଇଛନ୍ତି। ଏହାପରେ ବି ପ୍ରକଳ୍ପରୁ ମୁନ୍ଦାଏ ପାଣି ମିଳୁ ନଥିବା ବେଳେ ଫଳ କିନ୍ତୁ ଶୂନ। ମିଳିଥିବା ତଥ୍ୟ ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଏଥିନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଯାଜପୁର ଜିଲ୍ଲାପାଳଙ୍କୁ ଡାଏରୀ ସଂଖ୍ୟା – ୨୪୬୦ / ସିଏମ ତା୧୧.୦୩.୨୫ ରୁ ପ୍ରଦାନ କରାଯାଇଛି। ହେଲେ ଅଦ୍ୟାବଧି ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ସେହିପରି ଏଥିନେଇ ମୁଖ୍ୟ ଶାସନ ସଚିବ, ପଂଚାୟତରାଜ ସଚିବଙ୍କ ନିକଟରେ ହୋଇଥିବା ଅଭିଯୋଗ ଆଧାରରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏଥିନେଇ ପୁନଶ୍ଚ ମୁଖ୍ୟମନ୍ତ୍ରୀଙ୍କୁ ସତୀଶ ବିଶ୍ୱାଳ ପତ୍ର ନଂ-୩୩୭/୨୫ ତା୧୬.୧୨.୨୫ ପ୍ରଦାନ କଲେ। ଏହି ପତ୍ରର ନକଲ ମୁଖ୍ୟ ଶାସନ ସଚିବ, ପଂଚାୟତରାଜ ସଚିବ, ଜିଲ୍ଲାପାଳ ଯାଜପୁରଙ୍କୁ ପ୍ରଦାନ କରାଯାଇ ଥିଲା। ତେବେ ଏଥିନେଇ ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀ ଜ୍ୟୋତିର୍ମୟ ପତ୍ର ନଂ-୫୩୮୩ ତା୨୯.୦୬.୨୬ ରିଖରେ ଯାଜପୁର ସହକାରୀ ଜିଲ୍ଲାପାଳଙ୍କୁ ଉତର ପ୍ରଦାନ କରିଥିଲେ। ଏଥିରେ ଅଭିଯୋଗ ନେଇ କୌଣସି ଉତର ଦିଆ ନଯାଇ ଖୁବଶିଘ୍ର ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ଦର୍ଶାଗଲା। ବାସ୍ତବରେ ରାଇଛନ୍ଦା ମେଗା ପାନୀୟ ଜଳ ସମ୍ବନ୍ଧରେ ଅଭିଯୋଗ ପତ୍ରରେ କିଛି ବି ଉଲ୍ଲେଖ ନାହିଁ। ଜିଲ୍ଲାରେ ହୋଇଥିବା ଏତେବଡ ଦୁର୍ନିତିରେ ଧର୍ମଶାଳା ବି.ଡି.ଓ କାର୍ଯ୍ୟାନୁଷ୍ଠାନ ବିବରଣୀ ଦେବାର ଅଧିକାର ନାହିଁ। ଯଦି ବି ଦେଲେ ତେବେ, ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ତା୧୭.୧୨.୨୫ ର ଅଭିଯୋଗ ନେଇ ତା୨୯.୦୬.୨୬ ରିଖରେ ବି.ଡି.ଓ କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରଦାନ କରିବା ମଧ୍ୟ ଉଦ୍ଦେଶ୍ୟମୂଳକ ବୋଲି ପ୍ରମାଣିତ ହେଉଛି। ସ୍ଥାନୀୟ ଧର୍ମଶାଳା ବିଧାୟକଙ୍କ ସହ ବାରମ୍ବାର ସମୀକ୍ଷା ବୈଠକ, ଠିକା ସଂସ୍ଥା କାମ ଶେଷ କରିଦେବାର ପ୍ରତିଶୃତି ଦେବା ଆଦି ଧର୍ମଶାଳା ବିଡିଓ ଉଲ୍ଲେଖ କରି ସିଧାସଳଖ ଏଠାରେ ଠିକା ସଂସ୍ଥା ଏବଂ ବିଜେଡି ସମୟରେ ହୋଇଥିବା କୋଟି କୋଟି ଟଙ୍କା ହରିଲୁଟକୁ ସୁରକ୍ଷା ଦିଆଯାଉଛି ବୋଲି ପ୍ରମାଣିତ ହେଉଛି। ଏହାର ଅନ୍ତରାଳରେ ବଡ ଧରଣର ଦୁର୍ନିତିକୁ ଚାପି ଦେବା ପାଇଁ ବିଜେପି ସରକାରରେ ବହୁକୋଟି ଟଙ୍କାର ଡିଲ ହୋଇଥିବା ଅଭିଯୋଗ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଥିନେଇ ପୁନଶ୍ଚ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ପାନୀୟ ଜଳ ବିଭାଗର ସର୍ବୋଚ୍ଚ ଅଧିକାରୀଙ୍କ ଦ୍ୱାରା ଉଚ୍ଚ ସ୍ତରୀୟ ତଦନ୍ତ କିମ୍ବା ଭିଜିଲାନ୍ସ ତଦନ୍ତ କରାଯିବାକୁ ନିବେଦନ କରାଯାଇଛି। ଏହାସହ ତୁରନ୍ତ ଜିଲ୍ଲାବାସୀଙ୍କୁ ଏହି ପାନୀୟ ଜଳ ପ୍ରକଳ୍ପରୁ ପିଇବା ପାଣି ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଉ। ବିଳମ୍ବ ପାଇଁ ବିଭାଗ ତରଫରୁ ହୋଇଥିବା କାର୍ଯ୍ୟାନୁଷ୍ଠାନ ସାର୍ବଜନିନ କରାଯାଉ। ସଂପୃକ୍ତ ଠିକାସଂସ୍ଥାକୁ କଳା ତାଲିକାଭୁକ୍ତ କରାଯାଉ। ଏଥିନେଇ ଅଭିଯୋଗ ଆଧାରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ପରେ ଅଦ୍ୟାବଧି ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ନଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିବେଦନ କରାଯାଇଛି।





# ଜିଲ୍ଲା ଉପଭୋକ୍ତା ବିବାଦ ମଞ୍ଚର ରାୟ, ନ୍ୟାୟ ପାଇଲେ ଅଭିଭାବକ



**ପାରାଦୀପ (ଅମୃତ ମିଡିଆ) :** ସରକାରୀ ବିଦ୍ୟାଳୟ ଗୁଡିକର ଶୈକ୍ଷିକ ଗୁଣବତ୍ତା ଓ ମାନକୁ ହ୍ରାସ କରାଇବା ଉଦ୍ଦେଶ୍ୟରେ ଗୁଣାତ୍ମକ ଶିକ୍ଷାଦାନ ବା କ୍ୱାଲିଟୀ ଏଜୁକେସନର ସ୍ଲୋଗାନ ଦେଇ ବ୍ୟବସାୟିକ ମାନସିକତାରେ ସୃଷ୍ଟି ହୋଇଥିବା ଆବାସିକ ବିଦ୍ୟାଳୟ ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ନିଜ ନିକଟରେ କବଳିତ କରି ରଖିଛନ୍ତି। ମନଲୋଭା ବିଜ୍ଞାପନ ପୋଷ୍ଟର୍, ଗ୍ରୀଷ୍ମକାଳୀନ ଅବସର ସମୟରେ ଶିକ୍ଷାଦାନ, କମ୍ପ୍ୟୁଟର ଶିକ୍ଷା, ସ୍ପୋକେନ୍ ଇଂଲିସ୍ ଇତ୍ୟାଦିର ଲମ୍ବା ଚଉଡ଼ା ସୁବିଧା ସୁଯୋଗ ଅଭିଭାବକ ମାନଙ୍କୁ ଆକୃଷ୍ଟ କରିବା ସ୍ୱାଭାବିକ। ଅନେକ କାଗଜ ପତ୍ରରେ ଅଭିଭାବକମାନଙ୍କୁ ଦସ୍ତଖତ କରାଇ ତାଙ୍କ ଅଜାଣତରେ ସେମାନଙ୍କୁ ଶୋଷଣ କରନ୍ତି। ଏମିତି ଏକ ଘଟଣା ଘଟିଛି ବଡ଼ ବାଲିକଣୀ ଗ୍ରାମର ସଚିତ୍ର ଦାସ ଓ ମୋନାଲିସା ଦାସଙ୍କ କ୍ଷେତ୍ରରେ। ନିଜର ସାନ ପୁଅ, ଅନନ୍ତବ୍ରତ ଦାସ (ଅପୁ)ଙ୍କୁ ନେଇ ଭୁବନେଶ୍ୱର ସ୍ଥିତ ଟି.ଏସ.ଜି ଗୁରୁକୂଳ, ଗୋଠପାଟଣା, ମଳିପଡ଼ା ରେ ପଞ୍ଚମ ଶ୍ରେଣୀରେ ୧୦.୫.୨୦୨୬ ରିଖରେ ଗ୍ରୀଷ୍ମକାଳୀନ ଅବକାଶ ଅଧ୍ୟୟନ ପାଇଁ ଆଡମିଶନ୍ କରାଇଥିଲେ। ଅନନ୍ତ ୧୨.୫ .୨୦୨୫ରିଖ ଠାରୁ ୨୯.୫.୨୦୨୫ ପର୍ଯ୍ୟନ୍ତ ହଷ୍ଟେଲ ରେ ରହିବା ପରେ ପ୍ରବଳ ଗ୍ରୀଷ୍ମତାପ ପାଇଁ ସାମୟିକ ଭାବେ ହଷ୍ଟେଲ ବନ୍ଦ ହେବାରୁ ଘରକୁ ଫେରି ଆସିଥିଲେ। ଅନନ୍ତର ହଷ୍ଟେଲରେ ରହଣୀ ମଧ୍ୟରେ ପର୍ଯ୍ୟାୟାନୁକ୍ରମେ ୫୫୦୦୦ ଟଙ୍କା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ପୈଠ କରାଇଥିଲେ। ସରକାରୀ ଅବକାଶ ଅବଧି ଶେଷ ହେବା ପରେ ବାଳକ ଅନନ୍ତ ୨୦.୬.୨୫ ରିଖରେ ପୁଣି ଗୁରୁକୂଳ ବିଦ୍ୟାଳୟକୁ ଫେରିଥିଲା। ହଷ୍ଟେଲରେ ପୁଅକୁ ଛାଡି ଘରକୁ ଫେରିବା ପରେ ହଷ୍ଟେଲ ର ୱାର୍ଡେନ ତରଫରୁ ସଚିତ୍ର ବାବୁଙ୍କ ନିକଟକୁ ଫୋନ୍ ଆସିଥିଲା, ଯେ ତୁମ ପୁଅ ପ୍ରବଳ କାନ୍ଦୁଛି, ଖାଉନି ଇତ୍ୟାଦି। ବାପା ମାଆ ଅନନ୍ୟୋପାୟ ହୋଇ ହଷ୍ଟେଲ ଯାଇ ସେହିଦିନ ପୁଅକୁ ଯେତେ ବୁଝାଇଲେ ମଧ୍ୟ ସେ ନରହିବାରୁ ପୁଅକୁ ଘରକୁ ଆଣିଥିଲେ। ଅନନ୍ତ ହଷ୍ଟେଲରେ ୧୭ ଦିନ ରହିଛି। ବାପା ମାଆ ବାରମ୍ବାର ବିଦ୍ୟାଳୟକୁ ଯାଇ ଅନୁରୋଧାତ୍ମକ ଭାଷାରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପୁଅର ରହଣୀ ବାବଦକୁ କିଛି ପଇସା ରଖି ଅବଶିଷ୍ଟ ଫେରାଇବାକୁ ଗୁହାରି କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ନାଲି ଆଖି ଦେଖାଇ କୌଣସି ଟଙ୍କା ଫେରସ୍ତ ଦିଆଯିବ ନାହିଁ ବୋଲି ଏକ ପ୍ରକାର ଧମକ ଦେଇଥିଲେ। ଅନନ୍ୟୋପାୟ ବାପା ମାଆ ଶେଷରେ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ସଭାନେତ୍ରୀ ସ୍ନେହମୟୀ ଆଚାର୍ଯ୍ୟଙ୍କ ମାଧ୍ୟମରେ ଆଇନଜୀବୀ ହୃଷିକେଶ ନନ୍ଦଙ୍କ ପ୍ରୟାସରେ ଜିଲ୍ଲା ଉପଭୋକ୍ତା ବିବାଦ ମଞ୍ଚର, ଜଗତସିଂହପୁର ନିକଟରେ କ୍ଷତିପୂରଣ ବାବଦକୁ ଏକ କେସ ଦାୟର କରିଥିଲେ। ମାନ୍ୟବର ଜିଲ୍ଲା ଖାଉଟି ବିବାଦ ମଞ୍ଚର ସଭାପତି ପ୍ରଭାତ କୁମାର ପାଢ଼ୀ ଓ ସଭ୍ୟା ମଧୁସ୍ମିତା ସ୍ୱାଇଁ ଉକ୍ତ ବିଷୟକୁ ସାମଗ୍ରିକ ଭାବେ ବିଚାର ବିମର୍ଷ କରି ଉକ୍ତ ବିଦ୍ୟାଳୟ ବିରୁଦ୍ଧରେ ଆର୍ଥିକ ଜୋରିମାନା ସାବ୍ୟସ୍ତ କରି ଅନନ୍ତଙ୍କ ବାପା ମାଆଙ୍କ ଦ୍ୱାରା ପୈଠ କରିଥିବା ୪୬,୭୦୦ ର ୮% ସୁଧ ସହ କ୍ଷତି ପୂରଣ ବାବଦକୁ ଏକ ଲକ୍ଷ ତଥା ମାନସିକ ପ୍ରତାରଣା ପାଇଁ ୧୫୦୦୦ ଟଙ୍କା ଦେବାର ରାୟ ଦେଇଛନ୍ତି। ଜିଲ୍ଲା ଖାଉଟି ବିବାଦ ମଞ୍ଚର ଏପ୍ରକାର ରାୟକୁ ବୁଦ୍ଧିଜୀବୀ ମାନେ ଭୂୟସୀ ପ୍ରଂଶସା କରିବା ସହ ଏପରି ଠକୁଥିବା ଆବାସିକ ବିଦ୍ୟାଳୟ ପାଇଁ ମଧ୍ଯ ଏକ ମାର୍ମିକ ଶିକ୍ଷା ହେବ ବୋଲି ଆଶା ପୋଷଣ କରିଛନ୍ତି।

# ପାରାଦୀପ ରୋଟାରୀ କ୍ଲବ ପକ୍ଷରୁ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ପାରାଦୀପ (ଅମୃତ ମିଡିଆ) :** ପାରାଦୀପ ରୋଟାରୀ କ୍ଲବ୍ ପକ୍ଷରୁ ଏକ ଭାବବିହ୍ୱଳ ପରିବେଶରେ ଶନିବାର ଦିନ ଗୁରୁ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷରେ ଅବସର ଗ୍ରହଣ କରିବାକୁ ଥିବା ଜଣାଶୁଣା ଶିକ୍ଷକମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଏହି ଗୁରୁ ମାନଙ୍କ ଜୀବନବ୍ୟାପୀ ସାଧନା, ମାର୍ଗଦର୍ଶନ ଏବଂ ଅମୂଲ୍ୟ ଅବଦାନ ପ୍ରତି ଏକ ଆନ୍ତରିକ ଶ୍ରଦ୍ଧାଞ୍ଜଳି ଥିଲା। ଏହି ସମାରୋହରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ସମାଜ ଏବଂ ଶିକ୍ଷା କ୍ଷେତ୍ର ପ୍ରତି ଏହି ଶିକ୍ଷକମାନଙ୍କ ଗଭୀର ପ୍ରଭାବ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କୃତଜ୍ଞତା ଓ ସମ୍ମାନର ଏକ ମର୍ମସ୍ପର୍ଶୀ ପରିବେଶରେ ରୋଟାରୀ କ୍ଲବ୍ ପକ୍ଷରୁ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ, ଜାନକୀ ପ୍ରସନ୍ନ ସ୍ୱାଇଁ, ଭ୍ରମରବର ପ୍ରଧାନ, ଗୌରମୋହନ ବେହେରା, ବୈଷ୍ଣବ ଚରଣ ପାଇଟାଳ, ବିନୋଦିନୀ ମହାନ୍ତି ଏବଂ ମୀରାଙ୍ଗିନୀ ଦେଈ ପ୍ରମୁଖଙ୍କୁ ସେମାନଙ୍କ ଆଦର୍ଶ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାଦାନ କେବଳ ଏକ ବୃତ୍ତି ନୁହେଁ, ବରଂ ସମାଜର ମୂଳଦୁଆ ଗଠନ କରୁଥିବା ଏକ ପବିତ୍ର ଦାୟିତ୍ୱ ବୋଲି ବକ୍ତାମାନେ ଆଲୋକପାତ କରିଥିଲେ। ଶିକ୍ଷକମାନଙ୍କ ଅଙ୍ଗୀକାରବଦ୍ଧତା ଏବଂ ଧୈର୍ଯ୍ୟକୁ ପ୍ରଶଂସା କରି ସେମାନେ ଦେଇଥିବା ସଂସ୍କାର ପିଢ଼ି ପରେ ପିଢ଼ି ମନରେ ରହିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପାରାଦ୍ୱୀପ ରୋଟାରୀ କ୍ଲବ୍ ସଭାପତି ଅକ୍ଷୟ ଚନ୍ଦ୍ର ସୁତାର, ନିର୍ଦ୍ଦେଶକ ପ୍ରଫେସର ଅକ୍ଷୟ ଚନ୍ଦ୍ର ମିଶ୍ର, ଡକ୍ଟର ପ୍ରଶାନ୍ତ କୁମାର ମହାପାତ୍ର, ବିପ୍ଳବ କୁମାର ଜେନା, ଦୀପକ କୁମାର ସାରଙ୍ଗୀ, ନିରଞ୍ଜନ ଖୁଣ୍ଟିଆ, ପ୍ରଦୀପ ବୋଷ, ରଞ୍ଜିତ ବୋମାଳି, ଧର୍ମେନ୍ଦ୍ର କୁମାର ପତି ଏବଂ କ୍ଲବ ର ଅନ୍ୟାନ୍ୟ ସଦସ୍ୟମାନଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। ଶିକ୍ଷା ଓ ଜ୍ଞାନ ଆଲୋକ ବିସ୍ତାର କରିଥିବା ଏହି ମହାନ ଗୁରୁ ମାନଙ୍କ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ ସହ ଏହି ଉତ୍ସବଟି ଶେଷ ହୋଇଥିଲା।

# ଅଯୋଧା ମାରିଚୀ ବାଳିକା ସରକାରୀ ଉଚ୍ଚବିଦ୍ୟାଳୟରେ ଗୁରୁଙ୍କୁ ଅବମାନନା

## ସରକାରଙ୍କ ନିର୍ଦ୍ଦେଶକୁ ପ୍ରଧାନଶିକ୍ଷକଙ୍କ ଫୁ

**ନୀଳଗିରି (ଅମୃତ ମିଡିଆ) :** ଗୁରୁଙ୍କ ସମ୍ମାନ ଶିକ୍ଷାର ସମ୍ମାନ। ଏନେଇ ରାଜ୍ୟସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚଳିତବର୍ଷ ୨୦୨୬ମସିହା ସେପ୍ଟେମ୍ବର ୫ତାରିଖ ଗୁରୁଦିବସ ଅବସରରେ ପ୍ରତ୍ୟେକ ବିଦ୍ୟାଳୟ ମାନଙ୍କରେ ଆଖପାଖ ଅଞ୍ଚଳର ଶିକ୍ଷାକ୍ଷେତ୍ରରେ ବିଶେଷ ଅବଦାନ ଓ ଉତ୍ସର୍ଗୀକୃତ ଶିକ୍ଷାଦାନ ପାଇଁ ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କୁ ସମ୍ମାନିତ କରିବାକୁ ଚିଠିକରିଥିଲେ। ତେବେ ନୀଳଗିରି ଉପଖଣ୍ଡର ଅଧିକାଂଶ ବିଦ୍ୟାଳୟମାନଙ୍କରେ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଥିବା ଦେଖିବାକୁ ମିଳିଛି। ବିଶେଷକରି ନୀଳଗିରି ବ୍ଲକର ଶିକ୍ଷିତ ଗ୍ରାମଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ଅଯୋଧାର ମାରିଚି ବାଳିକା ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ତୀର୍ଥସାଧନ ବେହେରା ଜାଣିଶୁଣି କୌଣସି ଜ୍ଞାନୀଗୁଣୀ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନ ଡାକି ଗୁରୁଦିବସ କାର୍ଯ୍ୟକ୍ରମ କରିଥିଲେ ବୋଲି ଅଭିଯୋଗ ହୋଇଛି। ଯେତେବେଳେ କି ଅଯୋଧା ଓ ଏହାର ଆଖପାଖ ଅଞ୍ଚଳରେ ବହୁ ଉତ୍ସର୍ଗୀକୃତ ଶିକ୍ଷକ/ଶିକ୍ଷୟତ୍ରୀ ଅବସ୍ଥାନ କରୁଥିବା ଜଣାଯାଇଛି। ତେବେ ଓଡ଼ିଶା ସରକାରଙ୍କ ଗଣଶିକ୍ଷାବିଭାଗ ଶିକ୍ଷକଙ୍କ ସମ୍ମାନପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରିକରି ପ୍ରତ୍ୟେକ ବିଦ୍ୟାଳୟର ଉକ୍ତ କାର୍ଯ୍ୟକ୍ରମର ତଥ୍ୟ, ଫୋଟଚିତ୍ର ଏପରିକି ପ୍ରକାଶିତ ଖବରକାଗଜର ବିବରଣୀ ଭୁବନେଶ୍ୱର ସ୍ଥିତ ଓସେପା କାର୍ଯ୍ୟାଳୟକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ସଂପୃକ୍ତ ପ୍ରଧାନଶିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କିଛି ଅବସରପ୍ରାପ୍ତ ଶିକ୍ଷକଙ୍କୁ ଯୋଗାଯୋଗ କରିଥିଲେ ହେଁ ସେମାନେ ଆସିନଥିବା ସଫେଇ ଦେଇଥିଲେ। ଏନେଇ ଜିଲ୍ଲା ଶିକ୍ଷାଧିକାରୀ ତଦନ୍ତକରି ନୀଳଗିରି ଅଞ୍ଚଳରେ ହୋଇଥିବା ସରକାରୀ ନିର୍ଦ୍ଦେଶନାମାର ଅବମାନନା କରିଥିବା ଶିକ୍ଷାନୁଷ୍ଠାନ ଗୁଡିକର ପ୍ରଧାନଶିକ୍ଷକଙ୍କୁ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ 'ପ୍ରିନ୍ସିପାଲ୍ସ ମିଟ୍'

## ନାଲ୍କୋ ଓ ଜେକେ ପେପର ମିଲ୍ସ ସହ ଏମ୍ଓୟୁ ସ୍ୱାକ୍ଷର




**ଜୟପୁର (ଅମୃତ ମିଡିଆ) :** ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର 'ପ୍ରିନ୍ସିପାଲ୍ସ ମିଟ୍' ଅନୁଷ୍ଠିତ ହୋଇଛି। ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ, ନୂତନ ଶିକ୍ଷାନୀତି-୨୦୨୦ର କାର୍ଯ୍ୟାନ୍ୱୟନ ଏବଂ ଅଧିଭୁକ୍ତ ମହାବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ଓ ପ୍ରଶାସନିକ ସମସ୍ୟା ନେଇ ବୈଠକରେ ଆଲୋଚନା ହୋଇଥିଲା। କୁଳସଚିବ ମହେଶ୍ୱର ଚନ୍ଦ୍ର ନାଏକ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ କୁଳପତି ପ୍ରଫେସର ହୃଷୀକେଶ ସେନାପତି 'ଜାତୀୟ ଶିକ୍ଷା ନୀତି ୨୦୨୦: ମୁଖ୍ୟ ବିଶେଷତା ଓ କାର୍ଯ୍ୟାନ୍ୱୟନ' ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ନାଲ୍କୋ, ଦାମନଯୋଡ଼ି ଓ ଜେ.କେ. ପେପର ମିଲ୍ସ ସହ ବିଶ୍ୱବିଦ୍ୟାଳୟର ଏମ୍ଓୟୁ ସ୍ୱାକ୍ଷର ହୋଇଥିଲା। ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଇଣ୍ଟର୍ନସିପ୍, ଶିଳ୍ପ ପ୍ରଶିକ୍ଷଣ, ଶିଳ୍ପ ପରିଦର୍ଶନ, ଦକ୍ଷତା ବିକାଶ ଓ ଗବେଷଣା କ୍ଷେତ୍ରରେ ସୁଯୋଗ ସୃଷ୍ଟି ହେବ। ବୈଠକରେ ସିଡିସି ନିର୍ଦ୍ଦେଶକ ମହେଶ୍ୱର ଦୁରିଆ ଅନୁବନ୍ଧନ ଓ ୟୁଜିସି ୨(ଏଫ୍) ସମ୍ପର୍କିତ ବିଷୟ, ଆଇକ୍ୟୁଏସି ନିର୍ଦ୍ଦେଶକ ଡ. ଏସ୍.କେ. ଦେହୁରୀ ଓ ଡେପୁଟି କଣ୍ଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ଡ. ବି.ବି. ନନ୍ଦ ନାକ୍ ସମ୍ପର୍କିତ ବିଷୟ ଉପସ୍ଥାପନ କରିଥିଲେ। ଆଭ୍ୟନ୍ତରୀଣ ମୂଲ୍ୟାୟନ, ପ୍ରାକ୍ଟିକାଲ୍ ପରୀକ୍ଷା ଓ ପରୀକ୍ଷା ପରିଚାଳନା ନେଇ ମଧ୍ୟ ଆଲୋଚନା ହୋଇଥିଲା। ପିଜ କାଉନସିଲ୍ ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର ସମୁଦାୟ ସେବା ଓ ଇଣ୍ଟର୍ନସିପ୍‌ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ ଓ ଅଧିଭୁକ୍ତ ମହାବିଦ୍ୟାଳୟର ଶୈକ୍ଷିକ ଉନ୍ନତି ନେଇ ଅଂଶଗ୍ରହଣକାରୀମାନେ ମତବିନିମୟ କରିଥିଲେ। ଡ. ବ୍ରଜବନ୍ଧୁ ନନ୍ଦ, ଡ. ଉଜ୍ଜ୍ୱଳ କୁମାର ଷଡ଼ଙ୍ଗୀ ଓ ଡ. ସ୍ମିତା ଏସ୍. ଶତପଥୀଙ୍କ ସମନ୍ୱୟରେ କାର୍ଯ୍ୟକ୍ରମ ହୋଇଥିବାବେଳେ ଉପକୁଳସଚିବ ଏଫ୍. ବର୍ଲା ଧନ୍ୟବାଦ ଦେଇଥିଲେ।

# ନୀଳଗିରି କଂଗ୍ରେସ ପକ୍ଷରୁ ସ୍ୱର୍ଗତ ଗଣେଶ୍ୱର ବେହେରାଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା



**ନୀଳଗିରି (ଅମୃତ ମିଡିଆ) :** ନୀଳଗିରି ବ୍ଲକ କଂଗ୍ରେସପକ୍ଷରୁ ସଭାପତି ତପନ କୁମାର ରାଉତଙ୍କ ଆବାହକତ୍ୱରେ ଅବିଭକ୍ତ ବରହମପୁର ଗ୍ରାମପଂଚାୟତର ପୂର୍ବତନ ସରପଞ୍ଚ ତଥା ବଣସୀମା ଅଂଚଳର ବରିଷ୍ଠ କଂଗ୍ରେସନେତା ସ୍ୱର୍ଗତ ଗଣେଶ୍ୱର ବେହେରାଙ୍କ ପ୍ରଥମବାର୍ଷିକୀ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି।ଉକ୍ତ ସଭାରେ ସ୍ୱର୍ଗତ ବେହେରାଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସମସ୍ତ କଂଗ୍ରେସକର୍ମୀ ଓ ବନ୍ଧୁ ବାନ୍ଧବ, ଆତ୍ମୀୟ ସ୍ୱଜନ, ସପରିବାର, ମିଳିତଭାବେ ସ୍ୱର୍ଗତ ବେହେରାଙ୍କ ଆତ୍ମାର ସଦ୍ଗତି ନିମନ୍ତେ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟପ୍ରଦାନ କରିଥିଲେ। ଏହି ସଭାରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ଉପ-ସଭାପତି ରାମକୃଷ୍ଣ ଜେନା, ନୀଳଗିରି ନଗର ସଭାପତି ଉପେନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ଯଶୋଦା ନନ୍ଦନ ସିଂହ, ଜିଲ୍ଲା କଂଗ୍ରେସ ସମ୍ପାଦକ ରାହାସ ବିହାରୀ ମହାପାତ୍ର, ଧରମପୁର ଗ୍ରାମ ପଂଚାୟତ କଂଗ୍ରେସ ସଭାପତି ସନ୍ତୋଷ ବେହେରା, ଗରଡିହି ପଞ୍ଚାୟତ କଂଗ୍ରେସ ସଭାପତି ଚୈତନ୍ୟ ନାୟକ, ବ୍ଲକ କଂଗ୍ରେସ ଉପ-ସଭାପତି ପିତାମ୍ବର ମିଶ୍ର, ବ୍ଲକକଂଗ୍ରେସ ଉପ-ସଭାପତି ସୁରେନ୍ଦ୍ର ଦାସ, ବ୍ରଜମୋହନ ବାଗ, କୈଳାଶ ପାତ୍ର, ରତିକାନ୍ତ ବେହେରା, ଜୟନ୍ତ ମଲ୍ଲିକ, ମିଟୁ ବିନ୍ଧାଣି, ଦିଲ୍ଲୀପ ବେହେରା, ଓ ଅନେକ କଂଗ୍ରେସ କର୍ମୀ ସ୍ୱର୍ଗତ ବେହେରାଙ୍କ ସ୍ମୃତି ଚାରଣ କରିଥିଲେ।

# ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା

**ଜଗତସିଂହପୁର (ଅମୃତ ମିଡ଼ିଆ) :** ପ୍ରଜ୍ଞାନ ମିଶନ ପକ୍ଷରୁ ୮ମ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଜଗତସିଂହପୁର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ଆଧ୍ୟାତ୍ମିକ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉକ୍ତ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଡ଼ଃ କୁଞ୍ଜବିହାରୀ ସ୍ୱାଇଁ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ବିଚାରକ ଭାବେ ବିପିନି ବିହାରୀ ପାଣିଗ୍ରାହୀ, ସ୍ମୃତରଞ୍ଜନ ଦାଶ, ବଂଶୀଧର ଆଚାର୍ଯ୍ୟ, ବିନାୟକ ଉପାଧ୍ୟାୟ,ସ୍ୱର୍ଣ୍ଣପ୍ରଭା ସାମନ୍ତରାୟ, ବସନ୍ତ କୁମାର ଦାଶ,ନବଘନ ମୁଦୁଲି, ସୁବାସ ଚନ୍ଦ୍ର ବେଉରା, ବିଜୟ କୁମାର ବିଶ୍ୱାଳ ଯୋଗଦେଇଥିଲେ।

# ମଇଁଷି ସହ ପିକ୍‌ଅପ୍ ଜବତ, ୬ ଗିରଫ

**ଦଶପଲ୍ଲା (ଅମୃତ ମିଡିଆ) :** ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ବାଣିଗୋଛା ଥାନା ପୁଲିସ୍‌କୁ ମିଳିଛି ବଡ଼ ସଫଳତା। ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ରଙ୍କ ନିର୍ଦ୍ଦେଶ କ୍ରମେ ରବିବାର ବିଳମ୍ବିତ ରାତିରେ ଏସ୍‌ଆଇ ବିରେନ୍ଦ୍ର କୁମାର ଦେହୁରୀ ଓ ଷ୍ଟାଫ୍ ପାଟ୍ରୋଲିଂ କରୁଥିବା ବେଳେ ଗଣ୍ଡାପାଜୁ ଛକ ନିକଟରେ ଦୁଇଟି ବୋଲେରୋ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଂଚ ବେଳେ ୧୧ଟି ମଇଁଷି ଜବତ କରିବା ସହ ଘଟଣାରେ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫମାନେ କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ବୁଡ଼େନୀ ଲାଇନପଡା ଗ୍ରାମର ଧରଣୀଧର କହଁର ଓରଫ ଶ୍ରବଣ (୨୬), ଦୁଃଶାସନ ଦିଗାଲ (୫୦), ସଲାଗୁଡ଼ା ଗ୍ରାମର ସୁଶାନ୍ତ ନାୟକ (୬୫), ଖଜୁରୀପଡ଼ା ଥାନା ଡିମିଟିଖୋଲ ଗ୍ରାମର ବନମାଳୀ ଗଣ୍ଡ ଓରଫ ପଞ୍ଚୁ (୨୫), ଆଦିତ୍ୟ ମାଝୀ ଓରଫ ଅଦ୍ୱୈତ (୩୦) ଏବଂ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ମାଧପୁର ଗ୍ରାମର ମକୁନ୍ଦଦେବ ଦୀପ ଓରଫ କାହ୍ନା (୩୦) ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଏଥିନେଇ ବାଣିଗୋଛା ଥାନାରେ ନଂ-୧୧୭/ ୨୦୨୬ରେ ମାମଲା ରୁଜୁ କରାଯାଇଛି। ଅପରପକ୍ଷରେ, ଉଦ୍ଧାର କରାଯାଇଥିବା ମଇଁଷି ଗୁଡିକୁ ସୁରକ୍ଷିତ ଭାବେ ଖଣ୍ଡପଡ଼ା ଥାନା ଅଞ୍ଚଳର ଏକ ଗୋଶାଳାରେ ଛଡ଼ାଯାଇଥିବା ଥାନାଅଧିକାରୀ ଶ୍ରୀ ଭଦ୍ର ପ୍ରକାଶ କରିଛନ୍ତି।



# ବୃକ୍ଷରୋପଣ ଓ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା କଲେ ବିଧାୟକ



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ତିଳକଣା ପଞ୍ଚାୟତ ସ୍ଥିତ ନାକେଶଇଶୁଣି ମନ୍ଦିର ପରିସରରେ ବୃକ୍ଷରୋପଣ ଓ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦାନ କରି ସ୍ୱଚ୍ଛ,ସୁସ୍ଥ ସବୁଜ ପରିବେଶ ଗଠନ ପାଇଁ ମନ୍ଦିର ପରିସରରେ ଚାରା ରୋପଣ କରିବା ସହିତ ପରିବେଶର ସୁରକ୍ଷା ପାଇଁ ଉପସ୍ଥିତ ସମସ୍ତ ଯୁବକ, ମାଆ ଭଉଣୀ ଓ ବୁଦ୍ଧିଜୀବୀ ମାନଙ୍କୁ ଗୋଟେ ଗୋଟେ ଗଛ ପୋତିବା ସହିତ ସେହି ଗଛର ରକ୍ଷଣାବେକ୍ଷଣ କରି ବଡ଼ କରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ ଉପସ୍ଥିତ ଥିବା ବହୁ ବରିଷ୍ଠ ନାଗରିକ ମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏପରିକି ବିଧାୟକ ଶ୍ରୀଯୁକ୍ତ ସେଠୀ ପ୍ରସିଦ୍ଧ ପଦ୍ମବନ ନେମାଳ ଅଚ୍ୟୁତାନନ୍ଦ ପୀଠ ଏବଂ ତାଙ୍କର ସମାଧିସ୍ଥଳ ତିଳକଣାର ବିକାଶ ପାଇଁ ସରକାରଙ୍କ ନିକଟରେ ଜଣାଇ ସାରିଛନ୍ତି ଯାହାଦ୍ୱାରା ବହୁତ୍ ଶୀଘ୍ର ଉକ୍ତ ପୀଠରେ ଗମନାଗମନର ବିକାଶ ପାଇଁ ରାସ୍ତାର ପ୍ରଶସ୍ତିକରଣ କରାଯିବା ସହିତ ଆଉ ଏକ ନୂତନ ସେତୁ ନିର୍ମାଣ କରାଯିବା ପାଇଁ ସରକାରଙ୍କ ନିକଟରେ ଦାବି ରଖିଛନ୍ତି , ଯାହାକି ଖୁବ୍ ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ତିଳକଣା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ବିଶ୍ୱନାଥ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ବିଜେପି ପଞ୍ଚାୟତ ପ୍ରମୁଖ ତପନ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ସଭାପତି ଅଶ୍ୱିନୀ ମଲିକ, ମଣ୍ଡଳ ସଭାପତି ମୀନକେତନ ମହାନ୍ତି, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୁଜାତା ନନ୍ଦ,ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ଜୟଲକ୍ଷ୍ମୀ ସାମନ୍ତରାୟଙ୍କ ସମେତ ବହୁ ବିଜେପି କାର୍ଯ୍ୟକର୍ତ୍ତା, ଯୁବକ ଏବଂ ସ୍ଥାନୀୟ ଗ୍ରାମବାସୀ ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ଉପଭୋକ୍ତା କର୍ମୀ ଦିବସ ପାଳିତ




**ଜଗତସିଂହପୁର (ଅମୃତ ମିଡ଼ିଆ) :** ଜଗତସିଂହପୁର ଜ଼ିଲ୍ଲା ତିର୍ତ୍ତୋଲ କୁମାର ଉତ୍ସବ ସମିତି ସଭାଗୃହରେ ରାଜ୍ୟସ୍ତରୀୟ ଉପଭୋକ୍ତା କର୍ମୀ ଦିବସ ପାଳିତ ହୋଇଯାଇଛି। ଉପଭୋକ୍ତାଙ୍କ ଅଧିକାର, ସୁରକ୍ଷା ଓ ଆଇନଗତ ସଚେତନତାକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଉପଭୋକ୍ତା ସୁରକ୍ଷା ଅଭିଯାନକୁ ଅଧିକ ସୁଦୃଢ଼ କରିବା ଉପରେ ମତବ୍ୟକ୍ତ କରିଥିଲେ। ଉପଭୋକ୍ତା ସୁରକ୍ଷା ଅଭିଯାନର ପ୍ରତିଷ୍ଠାତା ସଦସ୍ୟ ଆଇନଜୀବୀ ନୃସିଂହ ଚରଣ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଉଦଘାଟକ ଭାବେ କଞ୍ଜୁମର କନଫ୍ଡେରେସନ୍ ଅଫ୍ ଇଣ୍ଡିଆର ବରିଷ୍ଠ ସଦସ୍ୟ ଆର୍ତ୍ତତ୍ରାଣ ପତି, ଆଇନଜୀବୀ କିଶୋର ଶତପଥୀ ମୁଖ୍ୟ ଅତିଥି ଏବଂ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ଜିଲ୍ଲା ସଭାପତି ବିମଳ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।ସମ୍ମାନିତ ଅତିଥି ଭାବେ କଞ୍ଜୁମର କନଫ୍ଡେରେସନ୍ ଅଫ୍ ଇଣ୍ଡିଆର ଜାତୀୟ ଯୁଗ୍ମ ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର, ଅଭିଯାନର ରାଜ୍ୟ ସମ୍ପାଦକ ଗୋବିନ୍ଦ ଓଝା, ସମାଜସେବୀ ରଶ୍ମିତା ନାୟକ, କୃଷକ ନେତା ବିଷ୍ଣୁ ଚରଣ ସ୍ୱାଇଁ, ସାମାଜିକ କର୍ମୀ କନକଲତା ସୁତାର, ନିରଞ୍ଜନ ବାରିକ, ଦେବବ୍ରତ ମହାନ୍ତି, ଆଇନଜୀବୀ ଜ୍ୟୋତି ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଉପଭୋକ୍ତାଙ୍କ ସୁରକ୍ଷା ଓ କଲ୍ୟାଣ ସଂପର୍କରେ ଆଲୋକପାତ କରିଥଲେ। ଏହି ଅବସରରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ଼ଃ ମିଥୁନ କୁମାର ଶତପଥୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କର ସାମାଜିକ ସଚେତନତା, ଜନ ସେବାମୂଳକ ଚିନ୍ତନ ଓ ଉପଭୋକ୍ତା ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟଧାରାକୁ ସମ୍ମାନ ଜଣାଇ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିସହ ବିପିନ ମାଝୀ, ସଂଗ୍ରାମ ନାୟକ, ଆଦିତ୍ୟ ରଞ୍ଜନ ରାଉତରାୟ, ମନୋଜ ସେଠୀ, ସସ୍ମିତା ଜେନା, ରାଜକିଶୋର ଦାଶ, ପଦ୍ମାବତୀ ଦାସ ଓ ତପସ୍ୱିନୀ ବାରିକ ପ୍ରମୁଖଙ୍କୁ ସଂଗଠନର ସଦସ୍ୟ ଭାବେ ଗ୍ରହଣ କରି ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ସଭାରେ ବକ୍ତାମାନେ କହିଥିଲେ ଯେ, ଉପଭୋକ୍ତାଙ୍କ ଅଧିକାର ସୁରକ୍ଷା କେବଳ ଆଇନର ବିଷୟ ନୁହେଁ, ଏହା ଏକ ସାମାଜିକ ଦାୟିତ୍ୱ। ଉପଭୋକ୍ତାଙ୍କ ମଧ୍ୟରେ ଅଧିକାର ସମ୍ପର୍କରେ ସଚେତନତା ବୃଦ୍ଧି ପାଇଲେ ହିଁ ଏକ ସୁସ୍ଥ, ସଚେତନ ଓ ଦାୟିତ୍ୱଶୀଳ ସମାଜ ଗଠନ ସମ୍ଭବ। VCA & PCA Day ପାଳନର ଏହି ଅବସର ଉପଭୋକ୍ତା ସୁରକ୍ଷା ଅଭିଯାନକୁ ନୂତନ ଦିଗ ଦେବା ସହ ସମାଜରେ ଉପଭୋକ୍ତା ଅଧିକାର ଓ ସଚେତନତାର ବାର୍ତ୍ତା ପହଞ୍ଚାଇବାରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲା। ପରିଶେଷରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ଼ଃ ଅରୁଣ କୁମାର ପାଣି, ଗଠନ ମୂଳକ ପରାମର୍ଶ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।





# ୩୨ତମ ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ତୃତୀୟ ସନ୍ଧ୍ୟା
# ମନ୍ତ୍ରମୁଗ୍ଧ କଲା ଡ. ପିୟାଲ ଭଟ୍ଟାଚାର୍ଯ୍ୟଙ୍କ ମାର୍ଗନାଟ୍ୟ 'ସୌଗନ୍ଧିକାହରଣମ୍'





**ଭୁବନେଶ୍ୱର (ବ୍ୟୁରୋ) :** ସୃଜନ - ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକର ସହଯୋଗରେ ଆୟୋଜିତ ୩୨ତମ ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ତୃତୀୟ ସନ୍ଧ୍ୟାରେ ଡ. ପିୟାଲ ଭଟ୍ଟାଚାର୍ଯ୍ୟଙ୍କ ନୃତ୍ୟନାଟ୍ୟ ରଚନା 'ସୌଗନ୍ଧିକାହରଣମ୍'ର ଏକ ମାର୍ଗନାଟ୍ୟ ପ୍ରଦର୍ଶନ ସହିତ ଶାସ୍ତ୍ରୀୟ କଳାର ହୃଦୟସ୍ପର୍ଶୀ ଉତ୍ସବକୁ ଜାରି ରଖିଥିଲା। ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଡକ୍ଟର ଅରୁଣା ମହାନ୍ତି, ବରିଷ୍ଠ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ କୁମକୁମ ମହାନ୍ତି, ଖ୍ୟାତନାମା ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ପ୍ରବୋଧ ରଥ, ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିକ୍ ଷ୍ଟଡିଜ୍ ବିଭାଗର ଡିନ୍ ଗୁରୁ ରତିକାନ୍ତ ମହାପାତ୍ର। ସନ୍ଧ୍ୟାର ମୁଖ୍ୟ ପ୍ରସ୍ତୁତି ଓଡ଼ିଶାରେ ପ୍ରଥମଥର ପାଇଁ ମାର୍ଗନାଟ୍ୟର ଅନୁଭବ ଆଣିଥିଲା - ଭରତ ମୁନିଙ୍କ ନାଟ୍ୟଶାସ୍ତ୍ରର ପ୍ରାଚୀନ ମାର୍ଗ ପରମ୍ପରାର ନାଟ୍ୟର ଏକ ପୁନରୁଜ୍ଜୀବନ। ଚିଦାକାଶ କଳାଳୟ-ସେଣ୍ଟର ଅଫ୍ ଆର୍ଟ ଆଣ୍ଡ ଡିଭିନିଟି ଦ୍ୱାରା ପ୍ରସ୍ତୁତ ସଂସ୍କୃତ ନାଟକ ସୌଗନ୍ଧିକାହରଣମ୍ କୁ ଦର୍ଶକମାନେ ଦେଖିଥିଲେ। ସୌଗନ୍ଧିକାହରଣମ୍ ଦ୍ରୌପଦୀଙ୍କ ଇଚ୍ଛା ପୂରଣ କରିବା ପାଇଁ ଦିବ୍ୟ ସୌଗନ୍ଧିକା ପୁଷ୍ପ ଆଣିବାରେ ଭୀମଙ୍କ ଅନ୍ୱେଷଣକୁ ଉନ୍ମୋଚିତ କରିଥିଲା। ଭୀମଙ୍କ ଅନିୟନ୍ତ୍ରିତ ଶକ୍ତି ପବିତ୍ର ଗନ୍ଧମାଦନ ବନକୁ ବିଚଳିତ କରିବାରୁ, ହନୁମାନ ଜଣେ ବୃଦ୍ଧ ବାନର ରୂପରେ ହସ୍ତକ୍ଷେପ କରିଥିଲେ, ଚତୁରତା, ପ୍ରଜ୍ଞା ଏବଂ ତାଙ୍କ ବିସ୍ମୟଜନକ ବିଶ୍ୱରୂପର ପ୍ରକାଶ ମାଧ୍ୟମରେ ଭୀମଙ୍କ ଗର୍ବକୁ ବିନମ୍ର କରିଥିଲେ। ହନୁମାନଙ୍କ ଆଶୀର୍ବାଦ ଏବଂ କୁବେରଙ୍କ ଅନୁମତି ପାଇ ଭୀମ ସୌଗନ୍ଧିକା ପୁଷ୍ପ ନେଇ ଫେରିଥିଲେ, ଯଦିଓ, ଜଣେ ପରିବର୍ତ୍ତିତ ବ୍ୟକ୍ତି ଭାବେ - ସଂଯମ, ବିନମ୍ରତା ଏବଂ ପ୍ରକୃତ ଶକ୍ତିର ଶିକ୍ଷା ଲାଭ କରି। ପ୍ରଦର୍ଶନୀ ଦଳରେ ହନୁମାନ ଭୂମିକାରେ ସାୟକ ମିତ୍ର; ଭୀମ ଭୂମିକାରେ ଇନ୍ଦରପାଲ ସିଂହ; କୁବେର ଏବଂ ଜଣେ ଯୁବ ବାନର ଭୂମିକାରେ ସୁଭେନ୍ଦୁ ଘୋଷ; ଜଣେ ଅପସରା ଏବଂ ଜଣେ ଯୁବ ବାନର ଭୂମିକାରେ ଅମୃତା ଦତ୍ତା; ସୌଗନ୍ଧିକପୁଷ୍ପ ଭୂମିକାରେ ନିଖିଲ ବୋରା; ଏବଂ ଅପସରା ଭୂମିକାରେ ଅମୃତା ଅଧିକାରୀ, ସୃଜନୀ ବିଶ୍ୱାସ, ମୌମିତା ଧର, ଏବଂ ସ୍ମୃତି ମଜୁମଦାର ଥିଲେ। ପ୍ରଦର୍ଶନୀ ପାଇଁ ସୁନ୍ଦର ଆଲୋକସଜ୍ଜା ଦିନେଶ ପୋଦ୍ଦାରଙ୍କ ଦ୍ୱାରା ପରିକଳ୍ପିତ ଏବଂ କାର୍ଯ୍ୟକାରୀ କରାଯାଇଥିଲା, ଯେଉଁଥିରେ ସୁଭାଷ ଦାସ ସହଯୋଗ କରିଥିଲେ, ନିର୍ଦ୍ଦେଶନା ଆଚାର୍ଯ୍ୟ ପିୟାଲ ଭଟ୍ଟାଚାର୍ଯ୍ୟ କରିଥିଲେ ଏବଂ ଏଥିରେ ସାୟକ ମିତ୍ରଙ୍କ ରଚିତ ସଙ୍ଗୀତ ପରିବେଷିତ ହୋଇଥିଲା। ଏହି ପ୍ରସ୍ତୁତି ଏହାର ସୂକ୍ଷ୍ମତା ପ୍ରତି ଧ୍ୟାନ ପାଇଁ ବିଶେଷ ଭାବେ ଉଲ୍ଲେଖନୀୟ ହୋଇଥିଲା, ଶାସ୍ତ୍ରୀୟ ଭାଷା ଏବଂ ପ୍ରତୀକାତ୍ମକ ମଞ୍ଚ ସାମଗ୍ରୀର ବ୍ୟବହାରଠାରୁ ଆରମ୍ଭ କରି ପ୍ରାଚୀନ ବାଦ୍ୟବୃନ୍ଦ ପର୍ଯ୍ୟନ୍ତ। ଅଭିନେତାମାନେ ନିଜ ନିଜ ଚରିତ୍ରର ସୂକ୍ଷ୍ମ ଚିତ୍ରଣ ପ୍ରଦାନ କରିବା ସହିତ ଆକର୍ଷଣ ଏବଂ ଉପସ୍ଥିତିରେ ମଞ୍ଚକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ଚିଦାକାଶ କଳାଳୟର ଅଭିନେତା-କେନ୍ଦ୍ରିକ ପ୍ରଦର୍ଶନ ରବୀନ୍ଦ୍ର ମଣ୍ଡପର ମଞ୍ଚକୁ ରୂପାନ୍ତରିତ କରି, ନୃତ୍ତ, ଗୀତ, ବାଦ୍ୟ ଏବଂ ଅଭିନୟକୁ ସମନ୍ୱିତ କରି ଗଭୀର ଆଧ୍ୟାତ୍ମିକ ଭାବଧାରା ସହିତ ଦର୍ଶକମାନଙ୍କୁ ଏକ ଅନନ୍ୟ ଇନ୍ଦ୍ରିୟଗତ ଅନୁଭବ ପ୍ରଦାନ କରିଥିଲା। କାର୍ଯ୍ୟକ୍ରମଟିକୁ ଡକ୍ଟର ମୃତ୍ୟୁଞ୍ଜୟ ରଥ ସୁନ୍ଦର ଭାବେ ପରିଚାଳନା କରିଥିଲେ।



# ଭୁବନେଶ୍ୱରରେ ନିଜ ଶାଖାର ସମ୍ପ୍ରସାରଣ କରିଛି ନେକ୍ସଏଜ କ୍ୟାପିଟାଲ



**ଭୁବନେଶ୍ୱର (ବ୍ୟୁରୋ) :** ଭାରତର ଅନ୍ୟତମ ଦ୍ରୁତ ବିକାଶଶୀଳ ଆର୍ଥିକ ବଜାର ଉପସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ସ୍ୱାଧୀନ ସମ୍ପତ୍ତି ପ୍ରବନ୍ଧନ ଏବଂ ବିବିଧ-ପାରିବାରିକ ଅଫିସ ସଂସ୍ଥା ନେକ୍ସଏଜ କ୍ୟାପିଟାଲ ଆଜି ଭୁବନେଶ୍ୱରରେ ଏହାର ନୂତନ ଶାଖା ଖୋଲିବା ସହ ଓଡ଼ିଶାରେ ନିଜର ଶୁଭାରମ୍ଭ ଘୋଷଣା କରିଛି। ଏହି ସମ୍ପ୍ରସାରଣର ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ସଂସ୍ଥା ସାରା ରାଜ୍ୟରେ ନିଜ ବ୍ୟବସାୟର ନେତୃତ୍ୱ ନେବା ପାଇଁ ଉପେନ୍ଦ୍ର ସ୍ୱାଇଁଙ୍କୁ ସଂସ୍ଥାପକ ଦଳ ଭାବେ ନିଯୁକ୍ତ କରିଛି। ପାରମ୍ପରିକ ଆର୍ଥିକ କେନ୍ଦ୍ରଗୁଡ଼ିକ ବ୍ୟତୀତ ଭାରତର ନୂତନ ଉଭାସିତ ଆର୍ଥିକ କେନ୍ଦ୍ରଗୁଡ଼ିକରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଏହି ନେକ୍ସଏଜ କ୍ୟାପିଟାଲର ଯେଉଁ ବ୍ୟାପକ ରଣନୀତି ରହିଛି, ଏହା ତାହାର ଏକ ଅଂଶବିଶେଷ। ସେହିସବୁ ଅଂଚଳରେ ବୃଦ୍ଧି ପାଉଥିବା ଉଦ୍ୟୋଗୀତା, ସାମଗ୍ରୀକ ଆର୍ଥିକ ଅଭିବୃଦ୍ଧି ଏବଂ ବୃଦ୍ଧି ପାଉଥିବା ଆର୍ଥିକ ସଚେତନତା ଯୋଗୁଁ ସ୍ୱାଧୀନ ସମ୍ପତ୍ତି ପରାମର୍ଶର ଚାହିଦା ବୃଦ୍ଧି ପାଉଛି। ବର୍ତ୍ତମାନ ଏହି ନେକ୍ସଏଜ କ୍ୟାପିଟାଲ ୧୩୦୦ରୁ ଅଧିକ ଅଲଟ୍ରା-ଅତିଉଚ୍ଚ-ନେଟ-ୱର୍ଥ ଥିବା ବ୍ୟକ୍ତି ତଥା ପରିବାରକୁ ପରାମର୍ଶ ଦେଉଛି, ୩ ବିଲିୟନ ଆମେରିକୀୟ ଡ଼ଲାରରୁ ଅଧିକ ସମ୍ପତ୍ତି ପରିଚାଳନା କରୁଛି ତଥା ୨୪୦ରୁ ଅଧିକ ପେଷାଦାରଙ୍କ ସହ ମିଶି ୧୧ଟି ସହରରେ ନିଜର ସେବା ଯୋଗାଇ ଦେଉଛି। ଓଡ଼ିଶାରେ ବ୍ୟବସାୟର ନେତୃତ୍ୱ ନେବା ପାଇଁ ନେକ୍ସଏଜ କ୍ୟାପିଟାଲ ଉପେନ୍ଦ୍ର ସ୍ୱାଇଁଙ୍କୁ ସଂସ୍ଥାପକ ଦଳ ଭାବେ ନିଯୁକ୍ତ କରିଛି। ସମ୍ପତ୍ତି ପ୍ରବନ୍ଧନ କ୍ଷେତ୍ରରେ ସ୍ୱାଇଁଙ୍କର ୧୫ ବର୍ଷରୁ ଅଧିକ ସମୟର ଅଭିଜ୍ଞତା ରହିଛି, ଯେଉଁଥିରେ ସେ ୩୬୦ ୱାନ ୱେଲଥ, ଆକ୍ସିସ୍ ବ୍ୟାଙ୍କ, ଏଚ୍‌ଡ଼ିଏଫସି ବ୍ୟାଙ୍କ ଏବଂ ନିପନ ଇଣ୍ଡିଆ ଏଏମସି ଭଳି ସଂସ୍ଥାର ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ଏହାର ନେତୃତ୍ୱ ନେଇସାରିଛନ୍ତି। ଉପେନ୍ଦ୍ର ସ୍ୱାଇଁ, ନେକ୍ସଏଜ କ୍ୟାପିଟାଲ, ଫାଉଣ୍ଡିଙ୍ଗ ଟିମ, ଓଡ଼ିଶା କହିଛନ୍ତି,"ଉଦ୍ୟୋଗୀ ମନୋଭାବ ବୃଦ୍ଧି, ବୃଦ୍ଧି ପାଉଥିବା ସମୃଦ୍ଧି ଏବଂ ପୁଞ୍ଜିନିବେଶ ପସନ୍ଦର ବିକାଶ ଯୋଗୁଁ ଓଡ଼ିଶା ସମ୍ପତ୍ତି ସୃଷ୍ଟିର ଏକ ରୋଚ୍‌କପୂର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରୁଛି। ଏହା ସ୍ୱାଧୀନ ସମ୍ପତ୍ତି ପରିଚାଳନା ପାଇଁ ଏକ ସୁଦୃଢ଼ ସୁଯୋଗ ସୃଷ୍ଟି କରୁଛି, ଯାହା ଗ୍ରାହକମାନଙ୍କର ଦୀର୍ଘକାଳୀନ ସ୍ୱାର୍ଥ ସହିତ ଜଡ଼ିତ। ମୋ ରାଜ୍ୟରେ ନେକ୍ସଏଜ କ୍ୟାପିଟାଲର ଉପସ୍ଥିତିକୁ ଆହୁରି ଅଧିକ ମଜବୁତ କରିବା ଏବଂ ଉଦ୍ୟୋଗୀ, ବ୍ୟବସାୟୀ ତଥା ପରିବାରଗୁଡ଼ିକ ସହିତ କାର୍ଯ୍ୟ କରି ସେମାନଙ୍କର ସମ୍ପତ୍ତି ଓ ଆକାଂକ୍ଷାର ବିକାଶ ସହିତ ଚିନ୍ତାଶୀଳ ତଥା ବ୍ୟକ୍ତିଗତ ପରାମର୍ଶ ପ୍ରଦାନ କରିବାର ସେହି ଅବସରକୁ ଅପେକ୍ଷା କରିଛି।

# ନଭେମ୍ବର ୨୭କୁ ବାଲ୍ୟବିବାହ ବିରୋଧୀ ଅନ୍ତର୍ଜାତୀୟ ଦିବସ ଘୋଷଣା
## ଲଢ଼େଇରେ ଯୋଗଦେଲା ଓଡ଼ିଶା



**ଭୁବନେଶ୍ୱର (ବ୍ୟୁରୋ) :** ବାଲ୍ୟବିବାହ ବିରୋଧରେ ଭାରତର ଲଢ଼େଇକୁ ଏକ ବଡ଼ ବିଶ୍ୱସ୍ତରୀୟ ସମର୍ଥନ ମିଳିଛି, ଯେଉଁଥିରେ ଜାତିସଂଘ(ୟୁଏନ) ନଭେମ୍ବର ୨୭କୁ ବାଲ୍ୟବିବାହ, ଶୈଶବ ଏବଂ ଜବରଦସ୍ତ ବିବାହ ବିଲୋପ ପାଇଁ ଆନ୍ତର୍ଜାତୀୟ ଦିବସ ଭାବେ ଘୋଷଣା କରିଛି। ଭାରତ ପାଇଁ ଏହି ତାରିଖଟି ଏକ ସ୍ୱତନ୍ତ୍ର ମହତ୍ୱ ବହନ କରେ କାରଣ ୨୦୨୪ ମସିହାର ଏହିଦିନ ଭାରତ ସରକାର 'ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ ଆରମ୍ଭ କରିଥିଲେ। ଜଷ୍ଟ ରାଇଟ୍ସ ଫର ଚିଲ୍ଡ୍ରେନ୍ (ଜେଆରସି)ର ପ୍ରତିଷ୍ଠାତା ଭୁବନ ରିଭୁ, ବାଲ୍ୟବିବାହ ଉଚ୍ଛେଦ କରିବା ପାଇଁ ଏକ ଉତ୍ସର୍ଗୀକୃତ ଦିବସ ନିମନ୍ତେ ଆନ୍ତର୍ଜାତୀୟ ସ୍ତରରେ ପ୍ରଚେଷ୍ଟା ଆରମ୍ଭ କରିଥିଲେ। ୨୦୨୬ ମାର୍ଚ୍ଚ ମାସରେ ମିଳିତ ଜାତିସଂଘରେ ଦେଇଥିବା ଅଭିଭାଷଣ ସମୟରେ, ଭୁବନ ରିଭୁ ଆଫ୍ରିକୀୟ ଦେଶ ସିଏରା ଲିଓନର ପ୍ରଥମ ମହିଳା (ଫାଷ୍ଟଲେଡି) ଡକ୍ଟର ଫାତିମା ମାଡା ବାୟୋଙ୍କ ସମେତ ଅନ୍ୟାନ୍ୟ ଆନ୍ତର୍ଜାତୀୟ ନେତାମାନଙ୍କ ଉପସ୍ଥିତିରେ ଏକ ଜାତିସଂଘ ପ୍ରସ୍ତାବ ପାଇଁ ଆହ୍ୱାନକୁ ପୁନର୍ବାର ଦୋହରାଇଥିଲେ, ଯେଉଁମାନେ ଏହି ପଦକ୍ଷେପକୁ ମଧ୍ୟ ସମର୍ଥନ କରିଥିଲେ। ପରବର୍ତ୍ତୀ ସମୟରେ, ଭାରତ ସମେତ ୬୭ଟି ଦେଶର ସମର୍ଥନ କ୍ରମେ ସିଏରା ଲିଓନ, ନଭେମ୍ବର ୨୭ କୁ ବାଲ୍ୟବିବାହ ଶେଷ କରିବା ପାଇଁ ଉତ୍ସର୍ଗୀକୃତ ଅନ୍ତର୍ଜାତୀୟ ଦିବସ ଭାବେ ମନୋନୀତ କରିବା ଲକ୍ଷ୍ୟରେ ଜାତିସଂଘ ମହାସଭାରେ ଏକ ସଂକଳ୍ପ ଉପସ୍ଥାପନ କରି ଏହି ପ୍ରଚେଷ୍ଟାର ନେତୃତ୍ୱ ନେଇଥିଲେ। ସେପ୍ଟେମ୍ବର ୪ ତାରିଖରେ, ଜାତିସଂଘ ଏହି ସଂକଳ୍ପକୁ ଅନୁମୋଦିତ କରିଥିଲା। ଜେଆରସି ହେଉଛି ବିଶ୍ୱର ସର୍ବବୃହତ୍ ଶିଶୁ ସୁରକ୍ଷା ନେଟୱାର୍କଗୁଡ଼ିକ ମଧ୍ୟରୁ ଅନ୍ୟତମ ଏବଂ ଏହା ଆଇନ, ଉତ୍ତରଦାୟିତ୍ୱ ଏବଂ ସାମୂହିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଶିଶୁ ବିବାହକୁ ସମାପ୍ତ କରିବା ପାଇଁ ଚାଇଲ୍ଡ ମ୍ୟାରେଜ୍ ଫ୍ରି ୱାର୍ଲ୍ଡ ଅଭିଯାନର ନେତୃତ୍ୱ ନେଉଛି।

# ଜାତୀୟ ତାପଜ ବିଦ୍ୟୁତ କେନ୍ଦ୍ର ଦୁର୍ଘଟଣାରେ ମୃତ ଠିକା ଶ୍ରମିକଙ୍କ ପରିବାର ପାଇଁ ୫୦ ଲକ୍ଷ ଟଙ୍କା ଦାବି : ଡ. ଖୁଣ୍ଟିଆ

**ଭୁବନେଶ୍ୱର (ବ୍ୟୁରୋ) :** ଏନ୍‌ଟିପିସି କଣିଆଁ ତାପଜ ବିଦ୍ୟୁତ କେନ୍ଦ୍ରରେ ଅସାବଧାନତା ହେତୁ କୋଇଲ ପରିଚାଳନା ପ୍ଲାଣ୍ଟରେ ଦୁର୍ଘଟଣାରେ ଆହତ ଓ ସମ ଅଲଟିମେଟ୍ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଖଗେଶ୍ୱର ସାହୁଙ୍କ ଅକାଳ ମୃତ୍ୟୁ ହୋଇଛି। ଏହି ଘଟଣାରେ ମଧ୍ୟ ୬ ଜଣରୁ ଅଧିକ ଆହତ ହୋଇଛନ୍ତି। ଏହି କୋଇଲା କାରଖାନାରେ ବିଦ୍ୟୁତ ବଣ୍ଟନ ହେଉଥିବା ଦୁର୍ଘଟଣାରେ ଶହ ଶହ ଶ୍ରମିକଙ୍କର ମୃତ୍ୟୁ ହୋଇଛି। ବିଶେଷ ଭାବରେ ବାରମ୍ବାର ଦାବୀ ସତ୍ତ୍ୱେ ମହାନଦୀ କୋଲଫିଲ୍ଡ, ନାଲ୍‌କୋ, ଅନୁଗୁଳ, ଏନ୍‌ଟିପିସି ତାଳଚେର, ଏମ୍.ସି.ଏଲ, ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ବିଭିନ୍ନ ସରକାରୀ ଉଦ୍ୟଗରେ ଅସବଧାନତା ହେତୁ ଶ୍ରମିକମାନଙ୍କର ମୃତ୍ୟୁ ହେଉଛି। ଗତ କିଛି ମାସ ପୂର୍ବରୁ ନାଲକୋ ଦାମନ୍‌ଯୋଡିରେ ଏହିଭଳି ଦୁର୍ଘଟଣାରେ ଠିକା ଶ୍ରମିକମାନଙ୍କର ମୃତ୍ୟୁ ହୋଇଥିଲା। ଗତ କିଛିଦିନ ତଳେ ନାଲ୍‌କୋ ଟ୍ରାକ୍ ?ରେ ଜଣେ ଶ୍ରମିକଙ୍କର ହାତ କଟିଯାଇଛି। ଭୁଷଣ ଷ୍ଟିଲ ପ୍ଲାଣ୍ଟ, ଢ଼େଙ୍କାନାଳରେ ଭୟାବହ ଦୁର୍ଘଟଣା ଯୋଗୁଁ ଏପର୍ଯ୍ୟନ୍ତ ଲୋକମାନଙ୍କ ମନରୁ ଭୟ ଦୂର ହୋଇନାହିଁ। ୨୦୧୯ ମସିହାରେ କୋରନା ସମୟରେ ଏବଂ ୨୦୨୨ ମସିହା ଆନ୍ତର୍ଜାତିକ ସାଧାରଣ ଅଧିବେଶନରେ ଏକ ସର୍ବସମ୍ମତି ପ୍ରସଙ୍ଗରେ "ନିରାପତ୍ତା, ସ୍ୱାସ୍ଥ୍ୟ ଚିକିତ୍ସା, ନିଯୁକ୍ତି ଦାତାର ଦୟା ନୁହେଁ, ଶ୍ରମିକ କର୍ମଚାରୀଙ୍କ ଅଧିକାର ଏବଂ ସମସ୍ତ ଦେଶର ଜାତୀୟ ସରକାର ନିଯୁକ୍ତି ଦାତା ଓ ଶ୍ରମିକ ସଂଗଠନ ମାନଙ୍କ ସହିତ ପରାମର୍ଶ କରି ନିରାପତ୍ତା ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଆଇନ ପ୍ରଣୟନ କରିବା ପାଇଁ କୁହାଯାଉଥିଲେ ହେଁ ଅବଧି ଭାରତ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ରାଜ୍ୟର ମୁଖ୍ୟ ନିରାପତ୍ତା, ନିରପେକ୍ଷ ଏ ସଂପର୍କରେ ଅନୁସନ୍ଧାନ କରି ଦୁର୍ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବା ଦରକାର। ଅନ୍ୟପକ୍ଷରେ ଏନ୍.ଟି.ପି.ସି. ଦୁର୍ଘଟଣାରେ ନିହତ ଖଗେଶ୍ୱର ସାହୁଙ୍କର ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୁରଣ ଦେବା, ତାଙ୍କ ପତ୍ନିଙ୍କୁ ସ୍ଥାୟୀ ଚାକିରି ଦେବା ଏବଂ ତାଙ୍କ ପରିବାରର ପିଲାମାନଙ୍କୁ ମାଗଣାରେ ପାଠ ପଢ଼ାଇବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି, ପ୍ରାକ୍ତନ ସାଂସଦ ତଥା ଏନ୍.ଟି.ପି.ସି ମେନ୍ସ୍ କଂଗ୍ରେସର ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ ଏନ୍.ଟି.ପି.ସିର ଅଧ୍ୟକ୍ଷ ଓ ପରିଚାଳନାଙ୍କୁ ପତ୍ର ଲେଖି ଦାବୀ କରିଛନ୍ତି।

# ଖିମଜୀ ଅଟୋମୋବାଇଲ୍‌ସ ଏଲ୍‌ଏଲ୍‌ପି ପକ୍ଷରୁ ନୂଆ ହିମାଳୟାନ ୪୪୦ ଶୁଭାରମ୍ଭ



**ଭୁବନେଶ୍ୱର (ବ୍ୟୁରୋ) :** ଖିମଜି ଅଟୋମୋବାଇଲସ ଏଲ୍‌ଏଲ୍‌ପି ଫୁଲନଖରା, କଟକ ପକ୍ଷରୁଶନିବାର ଦିନ ନୂଆହିମାଳୟାନ ୪୪୦ ଉନ୍ମୋଚନ କରାଯାଇଛି। ଭାରତରେ ରୋମାଞ୍ଚକର ମୋଟରସାଇକେଲ ଚାଳନା ପାଇଁହିମାଳୟାନ ଏକ ନୂଆ ପରିଭାଷା ସୃଷ୍ଟିକରିବାର ଏକ ଦଶନ୍ଧି ପୂରଣ କରିବା ଅବସରରେ ହିମାଳୟାନ ୪୪୦ ଏକ ଉନ୍ନତ ଇଞ୍ଜିନ୍ ଓ ଅପରିବର୍ତ୍ତିତ ଆତ୍ମା ସହିତ ଆସିଛି ସେଂଚୁରିଅନ୍ ବିଶ୍ୱ ବିଦ୍ୟାଳୟରସ୍କୁଲ୍ ଅଫ୍ ଅଟୋମୋବାଇଲ୍ ଡିଜାଇନ୍‌ର ନିର୍ଦ୍ଦେଶକ ପ୍ରଫେସର ରଥୀଶ ନାୟାର, ସେଂଚୁରିଅନ୍ ବିଶ୍ୱ ବିଦ୍ୟାଳୟର ଡିନ୍ ପ୍ରଫେସର ଫିଲିପ୍‌ଏସଙ୍କ ଭଳି ଅତିଥିମାନଙ୍କ ଉପସ୍ଥିତିରେ ଏହି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂଆହିମାଳୟାନ ୪୪୦ ସେହି ପ୍ରାରମ୍ଭିକ ଦୂରଦୃଷ୍ଟିକେତେ ଦୂର ବିକଶିତ ହୋଇ ଛିତାହାର ଏକ ପ୍ରମାଣ ଭାବରେ ଦଣ୍ଡାୟମାନ ହୋଇଛି। ଏହା ପ୍ରଥମ ମଡେଲକୁ ପ୍ରତିଷ୍ଠିତ କରିଥିବା ଆଇକନିକ୍ ଡିଜାଇନ୍ ଓ ଆରାମଦାୟକ ରାଇଡର ଟ୍ରାଏଙ୍ଗଲକୁ ବଜାୟ ରଖିଛି, ଯାହା ସହିତ ଅଧିକ ସ୍ଥାୟୀତ୍ୱ, ବହୁମୁଖୀ ବ୍ୟବହାର ଓ ଟୁରିଂ ଆରାମ ପାଇଁ ଏକ ଉନ୍ନତ ୪୪୩ସିସି ଲଙ୍ଗଷ୍ଟ୍ରୋକ୍ ଇଞ୍ଜିନ୍, ଏକ ନୂଆ ଛଅ ସ୍ପିଡ ଟ୍ରାନ୍ସମିସନ୍ ଓ ଯାନ୍ତ୍ରିକସୁଧାର ପ୍ରଦାନ କରୁଛି। ସୌନ୍ଦର୍ଯ୍ୟ ଅପେକ୍ଷା କାର୍ଯ୍ୟକାରିତା, ଜଟିଳତା ପୂର୍ବରୁ ସାମର୍ଥ୍ୟ ଓ ସମସ୍ତଙ୍କ ଉପରେ ବ୍ୟକ୍ତିତ୍ୱଭଳି ମୂଳ ଦର୍ଶନ ଅପରିବର୍ତ୍ତିତ ରହିଛି। ଆମର ସବୁଠାରୁ ଆଦୃତ ଉତ୍ପାଦ ଗୁଡ଼ିକ ମଧ୍ୟରୁ ଗୋଟିଏ, ଏହା ଆଡଭେଂଚର ଟୁରିଂଏବଂ ଅନୁସନ୍ଧାନର ଦ୍ୱାର ଖୋଲିଥିଲା ଯାହା ଏଭରେଷ୍ଟ ବେସ୍‌କ୍ୟାମ୍ପରୁ ଦକ୍ଷିଣମେରୁ ପର୍ଯ୍ୟନ୍ତ ଅସାଧାରଣ ଯାତ୍ରା ପାଇଁ ପଥ ପରିଷ୍କାର କରିଥିଲା। ହିମାଳୟାନ ୪୪୦ ଏହି ଅବିଶ୍ୱସନୀୟ ଯାତ୍ରାର ଏକ ଉତ୍ସବକୁ ଦର୍ଶାଉଛି। ଆମ ସମ୍ପ୍ରଦାୟର ବାର୍ତ୍ତା ଦ୍ୱାରା ପରିଚାଳିତ ଓ ପ୍ରକୃତ ଚାଳକମାନଙ୍କ ମତାମତ ଦ୍ୱାରା ଚିନ୍ତାଶୀଳ ଭାବରେ ପ୍ରସ୍ତୁତ ହିମାଳୟାନ ୪୪୦ ଠିକ୍ ତାହା ହିଁ ପ୍ରଦାନ କରୁଛି ଯାହା ଏକ ସରଳ, ସୁଗମ ଓ ସହଜ ଆଡଭେଂଚର ଟୁରର ପ୍ରଦାନ କରୁଛି। ସେହିସମାନ ସାରାଂଶ ଯାହା ମୂଳ ହିମାଳୟାନକୁ ପରିଭାଷିତ କରିଥିଲା। ନୂଆ ହିମାଳୟାନ ୪୪୦ ତିନିଟି ରଙ୍ଗ ଯଥା ସେଲାବ୍ଲାକ୍, ମଷ୍ଟାଙ୍ଗବ୍ରାଉନ୍ ଓ ନେଲୋଙ୍ଗ ହ୍ୱାଇଟ୍‌ରେ ଉପଲବ୍ଧ। ଏହି ମୋଟର ସାଇକେଲର ମୂଲ୍ୟ ୨,୨୯,୦୦୦ ଟଙ୍କା (ଏକ୍ସ-ସୋରୁମ୍) ରଖାଯାଇଛି। ସ୍ୱୀକୃତିପ୍ରାପ୍ତ ରୟାଲ୍ ଏନଫିଲ୍ଡ ଡିଲରସିପ୍‌ଗୁଡ଼ିକରେ ବୁକିଂ ଆରମ୍ଭ ହୋଇଛି। ରୟାଲ୍ ଏନଫିଲ୍ଡ ଏବେ ତାହାର ସମସ୍ତ ମୋଟର ସାଇକେଲରେ ସଡ଼କ ପାର୍ଶ୍ୱ ସହାୟତା ସହିତ ଏକ ବ୍ୟାପକ ୭ ବର୍ଷର ବର୍ଦ୍ଧିତ ୱାରେଣ୍ଟି ପ୍ରଦାନ କରୁଛି ଯାହା ଗ୍ରାହକଙ୍କ ବିଶ୍ୱାସ ଓ ମାଲିକାନା ଅନୁଭୂତିକୁ ଆହୁରି ବୃଦ୍ଧିକରୁଛି। ଏହି ବର୍ଦ୍ଧିତ ସୁବିଧା ୩ ବର୍ଷ / ୩୦,୦୦୦ କିମିକିମ୍ବା ୪୦,୦୦୦ କିମି (୬୫୦ସିସି ମୋଟରସାଇକେଲ)ର ଷ୍ଟାଣ୍ଡାର୍ଡ ୱାରେଣ୍ଟି ଉପରେ ଅତିରିକ୍ତ ୪ ବର୍ଷ କିମ୍ବା ୪୦,୦୦୦ କିମି (ଯାହା ପ୍ରଥମେ ଆସିବ) ସାମିଲ କରିଛି ଯାହା ଚାଳକଙ୍କ ପ୍ରତ୍ୟେକ ରାଇଡରେ ଦୀର୍ଘମିଆଦୀ ଆଶ୍ୱାସନା ଓ ମାନସିକଶାନ୍ତି ପ୍ରଦାନ କରୁଛି।

# ଏଆଇ+ ପକ୍ଷରୁ ସ୍ୱଚ୍ଛ ସଫ୍ଟୱେୟାର ଭର୍ସନ ଓ ନେଟ୍‌ୱର୍କ ଡାଇଗ୍ନୋଷ୍ଟିକ୍ସ ସହିତ ନେକ୍ସଟ କ୍ୱାଣ୍ଟମ୍ ଓଏସ

ଭୁବନେଶ୍ୱର (ବ୍ୟୁରୋ) : ଏଆଇ+ ସ୍ମାର୍ଟଫୋନ ପକ୍ଷରୁ ନେକ୍ସଟ କ୍ୱାଂଟମ ଓଏସ ଭି୧.୧ର ଶୁଭାରମ୍ଭ କରାଯାଇଛି ଯାହା ଏହାର ଗୋପନୀୟତା ଢାଂଚାକୁ ସୁଦୃଢ କରିଛି ଏବଂ ଆପ୍ଲିକେଶନଗୁଡିକ କିଭଳି ନିଜର ଡିଭାଇସ ଓ ଡାଟା ଆକ୍‌ସେସ କରୁଛନ୍ତି ତାହା ଉପରେ ଉପଭୋକ୍ତାଙ୍କୁ ଉନ୍ନତ ଦୃଶ୍ୟମାନତା ଓ ନିୟନ୍ତ୍ରଣ ପ୍ରଦାନ କରିଥାଏ। ଡାଟା ଅଖଣ୍ଡତା ଓ ସୁରକ୍ଷା ପାଇଁ ପ୍ରତିବଦ୍ଧତାର ଅଂଶ ଭାବେ ନେକ୍ସଟ କ୍ୱାଂଟମ ଏକ କଠୋର ସାର୍ବଭୌମ୍ୟ ଡାଟା ସୀମା ଲାଗୁ କରିଥାଏ, ଯାହା ନିଶ୍ଚିତ କରିଥାଏ ଯେ, ୧୦୦% ଆପ୍ଲିକେଶନ ଡାଟା ଟ୍ରାଫିକ ସ୍ଥାନୀୟ, ଭାରତ-ଆୟୋଜିତ ଭିତିଭୂମି ମାଧ୍ୟମରେ ପଠାଯାଇଛି। ଏହି ମଜବୁତ ସିଷ୍ଟମ ପରିଧି ସୁରକ୍ଷା ନିଶ୍ଚିତ କରିବା ପାଇଁ ୧୦୦୦ରୁ ଅଧିକ କନେକ୍ସନ ଓ ୧୭୨ଟି ସ୍ୱତନ୍ତ୍ର ଡେଷ୍ଟିନେଶନ ଆଇପିଓରେ ସୋର୍ସ ନିୟମଗୁଡିକର ସ୍ୱୟଂଚାଳିତ ବିଶ୍ଳେଷଣ କରିଥାଏ। ଉଲ୍ଲେଖନୀୟ ଯେ, ସମସ୍ତ ଡାଟା ଟ୍ରାଫିକ୍ ଓ ଆଇ ପିଙ୍ଗ୍ ଭାରତ ମଧ୍ୟରେ ଅନ୍ତର୍ଭୁକ୍ତ, ବାହ୍ୟ ଟ୍ରାଫିକ୍ ଜରୁରୀ ଗୁଗଲ କୋର୍ ସେବା ପର୍ଯ୍ୟନ୍ତ ସୀମିତ ଯାହା କେବଳ କାଲିଫର୍ନିଆ ଏବଂ ସିଙ୍ଗାପୁରକୁ ନିର୍ଦ୍ଦେଶିତ, ଏହା ଷ୍ଟାଣ୍ଡାର୍ଡ ଅପରେଟିଂ ସିଷ୍ଟମ୍ କାର୍ଯ୍ୟ ପାଇଁ ଆବଶ୍ୟକ। ଏହି ପଦ୍ଧତି କେବଳ ଡାଟା ଏକତାକୁ ପ୍ରାଥମିକତା ଦିଏ ନାହିଁ ବରଂ ନେକ୍ସଟକ୍ୱାଂଟମ୍ ଓଏସ ଫ୍ରେମୱାର୍କ ସହିତ ଉପଭୋକ୍ତାଙ୍କ ସୂଚନାକୁ ସୁରକ୍ଷା ଦେବା ପାଇଁ ଆମର ପ୍ରତିବଦ୍ଧତାକୁ ମଧ୍ୟ ସୁଦୃଢ କରିଥାଏ। ଏହି ଅପଡେଟ୍ ଉପରେ ମନ୍ତବ୍ୟ ଦେଇ, ନେକ୍ସଟକ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିସ୍ (ଏଆଇ+ ସ୍ମାର୍ଟଫୋନ)ର ସିଇଓ ମାଧବ ସେଠ କହିଛନ୍ତି, "ଟେକ୍ନୋଲୋଜିର ଭବିଷ୍ୟତ ଏହା କ'ଣ କରିପାରିବ ତାହା ଦ୍ୱାରା ପରିଭାଷିତ ହୋଇନଥାଏ। ବରଂ ଏହା ଲୋକମାନେ ଏହାକୁ କେତେ ବିଶ୍ୱାସ କରିପାରିବେ ଏବଂ ଏହା ଆକାଂକ୍ଷାଗୁଡିକୁ କିଭଳି ସକ୍ଷମ କରିପାରିବ ତାହା ଦ୍ୱାରା ପରିଭାଷିତ ହୋଇଥାଏ। ସେହି ବିଶ୍ୱାସ ଆମର ନେକ୍ସଟକ୍ୱାଂଟମ ଓଏସ୍‌ର ନିର୍ମାଣର କେନ୍ଦ୍ରବିନ୍ଦୁ ଅଟେ। ଭି୧.୧ ସହିତ, ନେକ୍ସଟକ୍ୱାଂଟମ ଓଏସ, ନେକ୍ସଟପ୍ରାଇଭେସି ଡ୍ୟାଶବୋର୍ଡ ମାଧ୍ୟମରେ ଏକ ଅଧିକ ଶୃଙ୍ଖଳିତ ଗୋପନୀୟତା ଅନୁଭୂତି ପ୍ରଦାନ କରିଥାଏ, ଯାହା ଏକକ ଇଂଟରଫେସରେ ଆପ୍ଲିକେଶନ ଅନୁମତିଗୁଡିକୁ ଏକତ୍ରିତ କରିଥାଏ। ଉପଭୋକ୍ତାମାନେ ଅନୁମତିଗୁଡିକୁ ଅଧିକ ସହଜରେ ସମୀକ୍ଷା, ପରିବର୍ତ୍ତନ ଓ ପ୍ରତ୍ୟାହାର କରିପାରିବେ ଯାହା ଆପ୍ଲିକେସନଗୁଡିକ ଡିଭାଇସ୍ ସଂଶାଧନ ଓ ବ୍ୟକ୍ତିଗତ ଡାଟା ସହିତ କିପରି ଯୋଗାଯୋଗ କରନ୍ତି ତାହା ଉପରେ ଅଧିକ ନିୟନ୍ତ୍ରଣ ପ୍ରଦାନ କରିଥାଏ। ଉନ୍ନତ ପୃଷ୍ଠଭୂମି କାର୍ଯ୍ୟ ଦୃଶ୍ୟମାନତା ଉପଭୋକ୍ତାଙ୍କୁ ସକ୍ରିୟ ବ୍ୟବହାର ବାହାରେ ପରିଚାଳନା ସମୟରେ ଆପ୍ଲିକେସନଗୁଡିକ ସମ୍ବେଦନଶୀଳ ଡିଭାଇସ୍ ସଂଶାଧନକୁ ଆକ୍‌ସେସ କରିବା ସମୟରେ ତାହାକୁ ଭଲ ଭାବେ ବୁଝିବାରେ ସାହାଯ୍ୟ କରିଥାଏ। ଗୋପନୀୟତା ସତର୍କତା (ପ୍ରାଇଭେସି ଆଲର୍ଟ), ଅନୁମତିଗୁଡିକୁ ଚିହ୍ନଟ କରିବାରେ ସାହାଯ୍ୟ କରିଥାଏ ଯାହା ଅତ୍ୟଧିକ, ଅନାବଶ୍ୟକ କିମ୍ବା ଆଉ ଆବଶ୍ୟକ ନଥାଏ, ଯାହା ଉପଭୋକ୍ତାଙ୍କୁ ସେମାନଙ୍କର ଗୋପନୀୟତା ସମ୍ପର୍କରେ ଅଧିକ ସୂଚିତ ନିଷ୍ପତି ନେବା ପାଇଁ ସକ୍ଷମ କରିଥାଏ।

# ପ୍ରବାସରେ ଥାଇ ବି ମାତୃଭାଷାର ମୋହ ଛାଡ଼ିନାହାନ୍ତି ସଲୋନୀ
## କବୟିତ୍ରୀ ସଲୋନି ମହାନ୍ତିଙ୍କ ଦ୍ୱିତୀୟ କବିତା ସଂକଳନ 'ନିଃଶବ୍ଦ ଝଙ୍କାର' ଉନ୍ମୋଚିତ




**ଭୁବନେଶ୍ୱର (ବ୍ୟୁରୋ) :** ମାଟିଠାରୁ ଦୂରତା ତାଙ୍କ ମନରୁ ଓଡ଼ିଶା ଓ ମାତୃଭାଷାର ମୋହକୁ ଦୂର କରିପାରିନାହିଁ। ଆମେରିକାର କାଲିଫର୍ଣ୍ଣିଆରେ ବ୍ୟାଙ୍କିଂ କ୍ଷେତ୍ରରେ କାର୍ଯ୍ୟରତ କବୟିତ୍ରୀ ସଲୋନି ମହାନ୍ତି ପ୍ରବାସୀ ଜୀବନର ଅନୁଭୂତି, ସ୍ମୃତି ଓ ଅନ୍ତର୍ଦ୍ୱନ୍ଦ୍ୱକୁ ଓଡ଼ିଆ କବିତାରେ ରୂପ ଦେଇ ନିଜ ସୃଜନଶୀଳତାର ନିଆରା ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କ ଦ୍ୱିତୀୟ କବିତା ସଂକଳନ 'ନିଃଶବ୍ଦ ଝଙ୍କାର' ଭୁବନେଶ୍ୱର ସିଆରପି ସ୍କୋୟାରସ୍ଥିତ ବିଇଦି ଇଣ୍ଟେଲେକ୍ଟ ସେଣ୍ଟରଠାରେ ଉନ୍ମୋଚିତ ହୋଇଛି। ବ୍ଲାକ୍ ଇଗଲ୍ ବୁକ୍ସ ପକ୍ଷରୁ ପ୍ରକାଶିତ ଏହି କବିତା ସଂକଳନକୁ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଲେଖକ ଫନୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଥିଲେ। ଏହି ଅବସରରେ ଫନୀ ମହାନ୍ତି କହିଥିଲେ, ସୁଦୂର ଆମେରିକାରେ ରହି ଏକ ପ୍ରତିଷ୍ଠିତ ବ୍ୟାଙ୍କରେ କାର୍ଯ୍ୟରତ ଥିଲେ ମଧ୍ୟ ସଲୋନି ନିଜ ମାତୃଭାଷା ଓ ସାହିତ୍ୟକୁ ଭୁଲିନାହାନ୍ତି। ବରଂ ଓଡ଼ିଆ ଭାଷାରେ କବିତା ରଚନା କରି ତାହାକୁ ନିଜ ଜନ୍ମମାଟିରେ ପ୍ରକାଶ କରିବା ତାଙ୍କର ମାତୃଭାଷା ପ୍ରତି ଗଭୀର ଅନୁରାଗର ପ୍ରତୀକ। ତାଙ୍କ ସୃଜନଶୀଳ ପ୍ରତିଭା ଆଗାମୀ ଦିନରେ ଆହୁରି ସମୃଦ୍ଧ ହେଉ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ବିଶ୍ୱଭାରତୀ-ଶାନ୍ତିନିକେତନର ଓଡ଼ିଆ ବିଭାଗର ଅଧ୍ୟାପକ ରବୀନ୍ଦ୍ର କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂକଳନଟିର ସମୀକ୍ଷା କରିଥିଲେ। କବିତାଗୁଡ଼ିକର ଭାବ, ଭାଷା ଓ ଅଭିବ୍ୟକ୍ତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ କବୟିତ୍ରୀଙ୍କ ଲେଖନୀକୁ ଆହୁରି ଶକ୍ତିଶାଳୀ ଓ ପରିପକ୍ୱ କରିବା ନେଇ ମତ ରଖିଥିଲେ। ଚୌଦ୍ୱାରରେ ଜନ୍ମିତ ସଲୋନି ମହାନ୍ତି ସ୍ୱର୍ଗତ ରୁଦ୍ରପ୍ରସାଦ ମହାନ୍ତି ଓ ସ୍ୱର୍ଗତ ସତ୍ୟଭାମା ଦାସଙ୍କ ସର୍ବକନିଷ୍ଠ ସନ୍ତାନ। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଶିକ୍ଷା ପରେ ସେ ବୁର୍ଲା ଯାନ୍ତ୍ରିକ ମହାବିଦ୍ୟାଳୟରୁ ମେକାନିକାଲ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଛନ୍ତି। ପ୍ରାୟ ୧୪ ବର୍ଷ ଧରି କାଲିଫର୍ଣ୍ଣିଆରେ ରହି ସେ ନିଜ କ୍ୟାରିୟର ଗଢ଼ିବା ସହ ଓଡ଼ିଆ ଭାଷା ଓ ସାହିତ୍ୟ ସହ ସମ୍ପର୍କକୁ ଅତୁଟ ରଖିଛନ୍ତି। ପ୍ରବାସ ଜୀବନର ଅନୁଭୂତି, ଅଭିଜ୍ଞତା ଓ ଅନ୍ତର୍ଦ୍ୱନ୍ଦ୍ୱ ତାଙ୍କ କବିତାରେ ଏକ ସ୍ୱତନ୍ତ୍ର ଭାବାବେଗ ସୃଷ୍ଟି କରିଛି। ଓଡ଼ିଆ ସହ ଇଂରାଜୀ ଓ ହିନ୍ଦୀ ଭାଷାରେ ମଧ୍ୟ ସେ ନିରନ୍ତର ଲେଖାଲେଖି କରିଆସୁଛନ୍ତି। ତାଙ୍କ ପ୍ରଥମ କବିତା ସଂକଳନ 'ଅନୁରକ୍ତି' ପାଠକମହଲରେ ଆଦୃତ ହେବା ପରେ ଏବେ ପ୍ରକାଶ ପାଇଛି 'ନିଃଶବ୍ଦ ଝଙ୍କାର'। 'ନିଃଶବ୍ଦ ଝଙ୍କାର'ରେ ପ୍ରେମ, ଅପେକ୍ଷା, ସ୍ମୃତି, ଅପୂର୍ଣ୍ଣତା, ଅଭିମାନ ଓ ଆତ୍ମ-ଆବିଷ୍କାର ଭଳି ମାନବୀୟ ଅନୁଭବକୁ କବୟିତ୍ରୀ ସମ୍ବେଦନଶୀଳ ଭାଷାରେ ପ୍ରକାଶ କରିଛନ୍ତି। ନିଜ ଅନୁଭୂତିକୁ ପାଠକର ଅନୁଭବ ସହ ଯୋଡ଼ି ଆତ୍ମ-ଅନ୍ୱେଷଣର ଏକ ଅବକାଶ ସୃଷ୍ଟି କରିବା ଏହି ସଂକଳନର ବିଶେଷତ୍ୱ। ନିଜ ବକ୍ତବ୍ୟରେ ସଲୋନି ମହାନ୍ତି ଓଡ଼ିଶାରୁ ଆମେରିକା ଯାତ୍ରା, ସେଠାରେ କ୍ୟାରିୟର ଗଢ଼ିବା ଏବଂ ପ୍ରବାସ ଜୀବନ ସତ୍ତ୍ୱେ ମାତୃଭାଷା ଓଡ଼ିଆ ସହ ସମ୍ପର୍କକୁ ଅତୁଟ ରଖିବାର ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଅଶୋକ ପରିଡ଼ା ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରିୟବ୍ରତ ମହାଲିକ ଓ ବିରଞ୍ଚିନାରାୟଣ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସାହିତ୍ୟପ୍ରେମୀଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମାରୋହରେ 'ନିଃଶବ୍ଦ ଝଙ୍କାର' ଏକ ସମ୍ବେଦନଶୀଳ ଓ ପାଠକାଦୃତ ସୃଜନ ଭାବେ ଓଡ଼ିଆ ସାହିତ୍ୟରେ ନିଜସ୍ୱ ସ୍ଥାନ ସୃଷ୍ଟି କରିବ ବୋଲି ଆଶା ପ୍ରକାଶ ପାଇଥିଲା।

# ଟେଣ୍ଡର ତ୍ରୁଟିରେ ବନ୍ତ ବ୍ଲକର ଇଭି ଯୋଜନା ଅଟକିଲା



**ଭଦ୍ରକ(ଅମୃତ ମିଡିଆ):** ସରକାରୀ କାର୍ଯ୍ୟାଳୟରେ ଇଲେକ୍ଟ୍ରିକ୍ ଗାଡ଼ି ବ୍ୟବହାର ନେଇ ସରକାରୀ ନିର୍ଦ୍ଦେଶଥିବା ସତ୍ତ୍ୱେ ବନ୍ତ ବ୍ଲକ ପ୍ରଶାସନରେ ଏହାର କାର୍ଯ୍ୟାନ୍ୱୟନକୁ ନେଇ ଅବ୍ୟବସ୍ଥାର ଚିତ୍ର ସାମ୍ନାକୁ ଆସିଛି। ୭-ସିଟର ଇଭି ଗାଡ଼ି ଭଡ଼ାରେ ନେବା ପାଇଁ ହୋଇଥିବା ଟେଣ୍ଡରରେ ଆବେଦନ କରିଥିବା ସମସ୍ତ ୮ ଜଣଙ୍କ ଆବେଦନ ବାତିଲ ହୋଇଥିବାରୁ ପ୍ରକ୍ରିୟା ପୁଣି ଶୂନରୁ ଆରମ୍ଭ ହେବ। ୧୪ ଅଗଷ୍ଟ ୨୦୨୬ରେ ଟେଣ୍ଡର ନୋଟିସ୍ ନଂ-୩୮୩୩ ଜାରି ହୋଇଥିଲା। ମାସିକ ସର୍ବାଧିକ ୫୫ ହଜାର ଟଙ୍କା ଭଡ଼ାରେ ୭-ସିଟର ଇଭି ଗାଡ଼ି ଯୋଗାଇବା ପାଇଁ ମୋଟ ୮ଟି ଆବେଦନ ଆସିଥିଲା। ତେବେ ୩୧ ଅଗଷ୍ଟରେ ଆବେଦନପତ୍ର ଯାଞ୍ଚ ସମୟରେ କୌଣସି ଆବେଦନ ନିର୍ଦ୍ଦିଷ୍ଟ ମାନଦଣ୍ଡ ପୂରଣ କରୁନଥିବା ଦର୍ଶାଇ ସମସ୍ତ ଆବେଦନ ବାତିଲ କରାଯାଇଛି। ବିଶେଷକରି ଆନେକ୍ସର - (ବି) ରେ ଗାଡ଼ିର ରେଜିଷ୍ଟ୍ରେସନ୍ ନମ୍ବର, ମଡେଲ୍, ପରମିଟ୍, ଫିଟନେସ୍ ଓ ଇନ୍ସୁରାନ୍ସ ଭଳି ଆବଶ୍ୟକୀୟ ତଥ୍ୟ ନଥିବା ଯୋଗୁଁ ଆବେଦନଗୁଡ଼ିକୁ ଅଯୋଗ୍ୟ ବିବେଚନା କରାଯାଇଥିବା ସୂଚନା ମିଳିଛି। ପ୍ରଶ୍ନ ଉଠୁଛ ଟେଣ୍ଡର ଆହ୍ୱାନ ପୂର୍ବରୁ ଆବଶ୍ୟକ ସର୍ତ୍ତ ଓ ଦଲିଲ ସମ୍ପର୍କରେ ଆବେଦନକାରୀଙ୍କୁ ସ୍ପଷ୍ଟ ମାର୍ଗଦର୍ଶନ ଦିଆଯାଇଥିଲା କି? ଯଦି ନିୟମ ଅନୁଯାୟୀ ଦଲିଲ ଦାଖଲ କରିବା ଆବଶ୍ୟକ ଥିଲା, ତେବେ ୮ଟି ଆବେଦନ ମଧ୍ୟରୁ ଗୋଟିଏ ମଧ୍ୟ ଯୋଗ୍ୟ ନ ହେବା ପଛରେ ପ୍ରଶାସନିକ ପ୍ରକ୍ରିୟାର ତ୍ରୁଟି ରହିଛି କି ତାହା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ, ରାଜ୍ୟ ଅର୍ଥ ବିଭାଗର ଚିଠି ନମ୍ବର ୧୪୫୮୩/ ଏଫ୍ / ତା ୪/୬/୨୬ ଅନୁଯାୟୀ ସରକାରୀ କାର୍ଯ୍ୟ ପାଇଁ ଇଭି ବ୍ୟବହାର ନେଇ ନିର୍ଦ୍ଦେଶ ରହିଛି। ଏହା ସତ୍ତ୍ୱେ ବନ୍ତ ବ୍ଲକରେ ଏପର୍ଯ୍ୟନ୍ତ ଗାଡ଼ି ଚୂଡ଼ାନ୍ତ ନ ହେବାକୁ ନେଇ ପ୍ରଶାସନର ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନ ଉପରେ ପ୍ରଶ୍ନ ଉଠିଛି। ସମସ୍ତ ୮ଟି ଆବେଦନ ବାତିଲ ପରେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ୭ ସେପ୍ଟେମ୍ବର ୨୦୨୬ରେ ଆଦେଶ ନଂ-୪୦୭୧ ଜାରି ହୋଇଥିବା ଏବଂ ପୁଣି ନୂଆ ଟେଣ୍ଡର ଆହ୍ୱାନ କରାଯିବାକୁ ଥିବା ଜଣାପଡ଼ିଛି। ଏଭଳି ପୁନଃ ଟେଣ୍ଡର ପ୍ରକ୍ରିୟାରେ ସରକାରୀ ସମୟ ଓ ପ୍ରଶାସନିକ ସମ୍ପଦର ଅପଚୟ ହେଉନାହିଁ କି, ଟେଣ୍ଡର ପ୍ରକ୍ରିୟାରେ ପୂର୍ବରୁ ଆବଶ୍ୟକ ଯାଞ୍ଚ ଓ ମାର୍ଗଦର୍ଶନ କାହିଁକି ଦିଆଗଲା ନାହିଁ ଏଭଳି ଅନେକ ପ୍ରଶ୍ନ ଏବେ ବନ୍ତ ବ୍ଲକ ପ୍ରଶାସନ ସମ୍ମୁଖରେ।

# ଡରେଇଲାଣି ବାୟୁ ପ୍ରଦୂଷଣ : ଅଗଷ୍ଟରେ ଶହେ ଉପରେ ଏକ୍ୟୁଆଇ



**ଅନୁଗୋଳ(ଅମୃତ ମିଡିଆ):** ସହର ଛାତି ଉପରେ ଯାଉଛି ଶହ ଶହ କୋଇଲା ବୋଝେଇ ଟ୍ରକ୍। ପ୍ରତି ହମ୍ପସରେ ଗାଡ଼ିରୁ କେଜିଏରୁ ଅଧିକ କୋଇଲା ଗୁଣ୍ଡ ଉଡୁଛି। ଏଥିପାଇଁ ଅଗଷ୍ଟରୁ ଅନୁଗୋଳରେ ବାୟୁ ପ୍ରଦୂଷଣ ଆରମ୍ଭ ହୋଇଗଲାଣି। ଜୁଲାଇ ଓ ଅଗଷ୍ଟ ମାସରେ ଏଠାରେ ନିୟମିତ ବର୍ଷା ହୋଇଥିଲେ ମଧ୍ୟ ବାୟୁ ମାନ ସୂଚକାଙ୍କ(ଏକ୍ୟୁଆଇ) ଶହେ ଟପିଲାଣି। ଏଣୁ ଅକ୍ଟୋବର ପରେ ଏଥର ସ୍ଥିତି ଭୟଙ୍କର ହେବା ନେଇ ଆଶଙ୍କା କରାଯାଉଛି। ଗତ ଜୁନ୍ ପହିଲାରେ ଅନୁଗୋଳ ସହର ବାୟୁ ପ୍ରଦୂଷଣରେ ରେଡ୍ ଜୋନ୍‌ରେ ରହିଥିଲା। ଏହି ଦିନ ଏଠାରେ ବାୟୁ ମାନ ସୂଚକାଙ୍କ ୩୦୨ ରହିଥିଲା। ଏହା ପରେ ବର୍ଷା ଆସିବାରୁ ପ୍ରଦୂଷଣ ଖସିଥିଲା। ହେଲେ, ମାସର ୫ ଦିନକୁ ଛାଡ଼ିଦେଲେ ଆଉ ସବୁଦିନେ ଏକ୍ୟୁଆଇ ଶହେ ଉପରେ ରହିଥିଲା। ଏପଟେ ଜୁଲାଇ ଓ ଅଗଷ୍ଟରେ ମାସ ସାରା ଲଗାଣ ବର୍ଷା ହୋଇଥିଲେ ମଧ୍ୟ ପ୍ରଦୂଷଣ ସମ୍ପୂର୍ଣ୍ଣ କମିନଥିଲା। ଜୁଲାଇ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ବାୟୁ ପ୍ରଦୂଷଣ ଲଗାତାର ଭାବେ ଶହେ ଉପରେ ରହିଥିଲା। ଏମିତି ମାସରେ ୫ ଦିନ ଏକ୍ୟୁଆଇ ଶହେ ଉପରେ ରହିଥିଲା ବେଳେ ବାୟୁମଣ୍ଡଳରେ ପିଏମ୍ ୧୦ ସ୍ତର ଅଧିକ ରହିଥିଲା। ମାସକରେ କେବେ ଦିନେ ବି ଏକ୍ୟୁଆଇ ୫୦ ତଳକୁ ଆସିନି। ସେହିପରି ଅଗଷ୍ଟ ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ଲଗାତାର ୬ ଦିନ ପାଇଁ ଏକ୍ୟୁଆଇ ଶହେ ଉପରେ ରହିଥିଲା। ବର୍ଷା ନ ହେଲେ ପ୍ରଦୂଷଣ ଉପରମୁହାଁ ହୋଇଯାଉଛି। ସାଧାରଣତଃ ବର୍ଷାଦିନରେ ଏକ୍ୟୁଆଇ ୫୦ ତଳକୁ ରହୁଥିଲା ବେଳେ ଅନୁଗୋଳରେ ଏହା ଶହେ ଉପରକୁ ବଢ଼ିବା ଚିନ୍ତାର କାରଣ ସାଜିଛି। ବର୍ଷାଦିନରେ ଅନୁଗୋଳରେ ଏକ୍ୟୁଆଇ ଶହେ ଉପରକୁ ଟପିବା ପରେ ଦୀପାବଳି ପରେ ସ୍ଥିତି କ'ଣ ହେବ ବୋଲି ଏବେଠାରୁ ଚିନ୍ତା ପ୍ରକାଶ ପାଇଲାଣି। ସହର ମଝିରେ କୋଇଲା ପରିବହନ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ ସାଜିଥିବା କୁହାଯାଉଛି। ରାତିରେ ସହର ଦେଇ ଶହ ଶହ ଟ୍ରକ୍‌ରେ କୋଇଲା ପରିବହନ ହେଉଛି। ପାଲ ଭିଡ଼ି କୋଇଲା ନିଆଯାଉଥିବା କୁହାଯାଉଥିଲେ ମଧ୍ୟ ହମ୍ପସ୍‌ଗୁଡ଼ିକରେ ଟ୍ରକ୍‌ରୁ କୋଇଲା ଗୁଣ୍ଡ ଉଡୁଛି। ହେମସୁରପଡ଼ା ଛକରୁ ରାଜ୍ ହୋଟେଲ ଛକ ପର୍ଯ୍ୟନ୍ତ ରାସ୍ତା ଦେଖିଲେ ଏହି କୋଇଲା ଗୁଣ୍ଡର କୁପ୍ରଭାବ ସ୍ପଷ୍ଟ ଭାବେ ଜଣାପଡୁଛି। ଏପଟେ ସହର ଦେଇ ଲୁହାପଥର ଓ ପାଉଁଶ ପରିବହନ କରାଯାଉଛି। ଏହାର କୁପ୍ରଭାବ ମଧ୍ୟ ପଡୁଛି। ଏନେଇ ପରିବେଶବିତ୍ ପ୍ରସନ୍ନ ବେହେରା କହିଛନ୍ତି, କୋଇଲା ଗାଡ଼ିରେ ଠିକ୍ ଭାବେ ପାଲ ଭିଡ଼ା ହେଉନଥିଲା ବେଳେ ଅତ୍ୟଧିକ ହମ୍ପସ ପାଇଁ ଗୁଣ୍ଡ ଉଡୁଛି। ବିଭିନ୍ନ କଳକାରଖାନାଗୁଡ଼ିକ ମଧ୍ୟ ଠିକ୍ ଭାବେ ପ୍ରଦୂଷଣ ନିୟମ ପାଳନ କରୁନାହାନ୍ତି। ଡିସେମ୍ବର ମାସ ବେଳକୁ ସ୍ଥିତି ଭୟଙ୍କର ହେବ ବୋଲି ସେ କହିଛନ୍ତି। ଏନେଇ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ରମେଶ ଏକ୍କା କହିଛନ୍ତି, କୋଇଲା ପରିବହନ ସମୟରେ ପାଲ ଭିଡ଼ିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। କିଛିଦିନ ଭିତରେ ଟ୍ରେନ୍ ମାଧ୍ୟମରେ କୋଇଲା ପରିବହନ ହେବ ବୋଲି ନିଷ୍ପତ୍ତି ହୋଇଛି। ଫଳରେ ସହରରେ ପ୍ରଦୂଷଣ ମାତ୍ରା କମିବ ବୋଲି ସେ କହିଛନ୍ତି।

# ବିସିଇଟିରେ ଛାତ୍ରୀଙ୍କ ମୃତଦେହ ଉଦ୍ଧାର, ମୃତ୍ୟୁର କାରଣ ଅସ୍ପଷ୍ଟ



**ସୋର(ଅମୃତ ମିଡିଆ):** ବିସିଇଟିରେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କାରଣ ଅସ୍ପଷ୍ଟ। ଛାତ୍ରୀ ଜଣଙ୍କ ବିସିଇଟିରେ ଦ୍ୱିତୀୟ ବର୍ଷର ଛାତ୍ରୀ ଅଟନ୍ତି। ଆଜି ରାତିରେ ଶୋଇବା ଘର ଫ୍ୟାନରେ ଆପ୍ରୋନ ସାହାଯ୍ୟରେ ଝୁଲିପଡିଥିଲେ। ଅନ୍ୟମାନେ ଏହା ଦେଖି ତୁରନ୍ତ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ସହ ପୁଲିସକୁ ଖବର ଦେଇଥିଲେ। ଛାତ୍ରୀଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଅଛି। ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ସେରଗଡ଼ ଅଞ୍ଚଳରେ ଥିବା ଏକ ଘରୋଇ କଲେଜର ଜଣେ ଛାତ୍ରୀଙ୍କ କଲେଜ କ୍ୟାମ୍ପସ ହଷ୍ଟେଲରେ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିବା ଜଣାପଡ଼ିଛି ।। ଛାତ୍ରୀ ଜଣକ ନୀଳଗିରି ପଂଚଲିଙ୍ଗେଶ୍ୱର ଅଞ୍ଚଳର ଭାଗ୍ୟଶ୍ରୀ ରାଉତ ବୋଲି ଜଣାପଡିଛି । ସେ ସେହି କଲେଜ କଂପ୍ୟୁଟର ସାଇନ୍ସର ଦ୍ୱିତୀୟ ବର୍ଷର ଛାତ୍ରୀ ବୋଲି ଜଣାପଡିଛି । ସେ ହଷ୍ଟେଲ ଏକ ରୁମରେ ରହୁଥିବା ବେଳେ ନିଜ ରୁମରେ ଫ୍ୟାନରେ ଫାଶୀ ଦେଇ ଝୁଲି ପଡିଥିବା ପାଖ ଘରେ ରହୁଥିବା ଛାତ୍ରୀ ମାନେ ଆସି ଦେଖିଥିଲେ । ଏଘଟଣା ରାତି ୯.୩୦ରେ ଘଟିଥିବା ବେଳେ ଘଟଣା ସ୍ଥଳରେ ପରିବାର ଲୋକେ ପହଞ୍ଚି ଥିବା ଜଣାପଡିଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ଖବର ପାଇ ଖନ୍ତାପଡ଼ା ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରୁଥିବା ସୂଚନା ମିଳିଛି ।

# ପାହାଡ଼ ଉପରେ ଫସିଥିବା ଛାତ୍ର ଉଦ୍ଧାର

**ନୟାଗଡ଼(ଅମୃତ ମିଡିଆ):** ପାହାଡ଼ ଉପରେ ଫସିଗଲେ ଛାତ୍ର, ୨ ଘଣ୍ଟା ପରେ ଉଦ୍ଧାର କଲା ଅଗ୍ନିଶମ ବାହିନୀ । ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନି କମର୍ସର ଦ୍ୱିତୀୟ ବର୍ଷର ଛାତ୍ର ଆଦିତ୍ୟ ବୁଲିବାକୁ ଯାଇ ରୁଖି ପାହାଡ ଜଙ୍ଗଲ ମଧ୍ୟରେ ଫସି ରହିଥିଲା । ସନ୍ଧ୍ୟା ହୋଇଯିବାରୁ ପାହାଡ଼ରୁ ଆଉ ଫେରି ପାରିନଥିଲେ। ଆଦିତ୍ୟ ତାଙ୍କ ଭାଇଙ୍କୁ ଏ ସମ୍ପର୍କରେ ଫୋନରେ ଜଣାଇଥିଲେ । ପରେ ଆଦିତ୍ୟଙ୍କ ବାପା ନୟାଗଡ଼ ଟାଉନ ଥାନାରେ ଜଣାଇବା ପରେ ଆରମ୍ଭ ହୋଇଥିଲା ଉଦ୍ଧାର କାର୍ଯ୍ୟ । ରାତିରେ ଜଙ୍ଗଲ ଏବଂ ବିଭିନ୍ନ ହିଂସ୍ର ଜନ୍ତୁ ରହିଥିବା ପାହାଡ ଚଢି ଛାତ୍ରଙ୍କୁ ଉଦ୍ଧାର କରିବା ଅଗ୍ନିଶମ କର୍ମଚାରୀଙ୍କ ପାଇଁ ଅନେକ ଚାଲେଞ୍ଜ୍ ଆଣିଥିଲା । ପାହାଡ ଚଢିବା ସମୟରେ ବଡବଡ ସାପ ମଧ୍ଯ ଦେଖିଥିବା ଉଦ୍ଧାରକାରୀ ଦଳ କହିଛନ୍ତି । ପାହାଡ ଉପରେ ରହିଥିବା ଆଦିତ୍ଯଙ୍କ ମୋବାଇଲ୍ ଲାଇଟ୍ ଏବଂ ଲୋକେସନକୁ ଦେଖି ଉଦ୍ଧାରକାରୀ ଦଳ ପ୍ରାୟ ୧୧ଟା ସମୟରେ ତାଙ୍କ ପାଖରେ ପହଞ୍ଚିଥିଲେ । ଆଦିତ୍ୟଙ୍କୁ ଧରି ୧୨ଟା ସମୟରେ ସମସ୍ତେ ତଳେ ପହଞ୍ଚିଥିଲେ । ଅଗ୍ନିଶମ କର୍ମଚାରୀଙ୍କ ସାହାସ ଏବଂ ଉଦ୍ୟମ ପାଇଁ ଛାତ୍ର ଜଣକ ଉଦ୍ଧାର ହୋଇପାରିଥିବାରୁ ସମସ୍ତେ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି । ଛାତ୍ରଜଣକ ପୂର୍ବରୁ ଦୁଇଥର ସାଙ୍ଗମାନଙ୍କ ସହ ପାହାଡ ଚଢିଥିଲେ ହେଲେ ରବିବାର ଥିବାରୁ ଏକୁଟିଆ ପଳାଇଥିବା କହିଛନ୍ତି ।

## ଅନୁଗୋଳରେ ଅଧା ଡାକ୍ତରପଦ ଫାଙ୍କା

# ରେଫରାଲ୍ କେନ୍ଦ୍ର ପାଲଟିଛି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର



**ଅନୁଗୋଳ(ଅମୃତ ମିଡିଆ):** ସାତକୋଶିଆ ଭିତରେ ଥିବା ଲୋକଙ୍କୁ ସାମାନ୍ୟ ଥଣ୍ଡା ହେଲେ ବି ଚିକିତ୍ସା ସେବା ମିଳୁନି। ଦେହ ଖରାପ ହେଲେ ଲୋକମାନେ ନିକଟସ୍ଥ ପୁରୁଣାକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି। ହେଲେ, ଡାକ୍ତର ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ପାଖରେ ଆଉ ଡାକ୍ତରଖାନା ନ ଥିବାରୁ ସେମାନଙ୍କୁ ପ୍ରାୟ ୪୦ କିମି ଦୂରରେ ଥିବା ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି। ଏପଟେ ପାଲଲହଡ଼ା ବ୍ଲକ୍ ଜମରଡିହ ସ୍ୱାସ୍ଥ୍ୟକେନ୍ଦ୍ର ୩ ମାସ ହେଲା ବନ୍ଦ ରହିଛି। ଫଳରେ ଲୋକମାନଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ଭଗବାନ ଭରସା। ଏହି ଦୁଇ ଡାକ୍ତରଖାନାର ସ୍ଥିତି ଶିଳ୍ପ ବହୁଳ ଅନୁଗୋଳ ଜିଲ୍ଲାର ସ୍ୱାସ୍ଥ୍ୟସେବାର ଅସଲ ଚିତ୍ରକୁ ପଦାରେ ପକାଇ ଦେଇଛି। ଜିଲ୍ଲାରେ ଅର୍ଥର ଅଭାବ ନ ଥିଲେ ମଧ୍ୟ ଡାକ୍ତର ଅଭାବ ପାଇଁ ସାଧାରଣ ଲୋକେ ମୌଳିକ ସ୍ୱାସ୍ଥ୍ୟସେବା ଟିକିଏ ପାଉ ନାହାନ୍ତି। ଦୁର୍ଗମ ଅଞ୍ଚଳରେ ଥିବା ଡାକ୍ତରଖାନାଗୁଡ଼ିକ ବିନା ଡାକ୍ତରରେ ଚାଲୁଥିଲା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ବି ଭଲ ନାହିଁ। ଜିଲ୍ଲାରେ ପାଖାପାଖି ଅଧା ଡାକ୍ତର ପଦ ଖାଲି ପଡ଼ିଛି। ଉଦ୍‌ବେଗର ବିଷୟ, ଅଧିକାଂଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିନା ବିଶେଷଜ୍ଞ ଡାକ୍ତରରେ ଚାଲିଛି। ଏଥିପାଇଁ ଏଗୁଡ଼ିକ କେବଳ ରେଫରାଲ୍ କେନ୍ଦ୍ରରେ ପରିଣତ ହୋଇଛି। ସାମାନ୍ୟ ରୋଗ ହୋଇଥିଲେ ମଧ୍ୟ ଲୋକଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ଅନୁଗୋଳ ଜିଲ୍ଲାରେ ୯୭ ଜଣ ବିଶେଷଜ୍ଞ ଡାକ୍ତର ରହିବା କଥା। କିନ୍ତୁ, ଏବେ ୫୪ ଜଣ ଅଛନ୍ତି। ବହୁଦିନ ହେଲା ୪୩ଟି ପଦ ଖାଲିପଡ଼ିଛି। ସେହିପରି ଏମ୍‌ବିବିଏସ୍ ଡାକ୍ତରଙ୍କ ପାଇଁ ୩୯୭ଟି ଅନୁମୋଦିତ ପଦ ରହିଛି। ଏଥିରୁ ବର୍ତ୍ତମାନ ୨୦୧ ଜଣ ନିୟମିତ ଡାକ୍ତର କାର୍ଯ୍ୟ କରୁଛନ୍ତି। ୯ ଜଣଙ୍କୁ ଠିକାରେ ନିଯୁକ୍ତି ଦିଆଯାଇଛି। ଏମିତି ୨୧୦ ଜଣ ଡାକ୍ତର ରହିଥିଲା ବେଳେ ୧୮୭ଟି ଡାକ୍ତର ପଦ ଖାଲିପଡ଼ିଛି। ଅର୍ଥାତ୍, ଜିଲ୍ଲାରେ ଅନୁମୋଦିତ ପଦ ତୁଳନାରେ ୪୭ ପ୍ରତିଶତ ଡାକ୍ତର ନାହାନ୍ତି। ଏଣୁ ଆୟୁଷ ଡାକ୍ତରରେ କାମ ଚଳାଇ ନେବାକୁ ପଡୁଛି। ସ୍ୱାସ୍ଥ୍ୟ ବିଭାଗରେ କେବଳ ଡାକ୍ତର ଅଭାବ ରହିଛି ତାହା ନୁହେଁ। ପାରା ମେଡିକାଲ କର୍ମଚାରୀ, ନର୍ସ, ଟେକ୍‌ନିସିଆନ୍ ମଧ୍ୟ ଆବଶ୍ୟକତା ଅନୁଯାୟୀ ନାହାନ୍ତି। ଜିଲ୍ଲାରେ ୭୦୯ଟି ନର୍ସିଂ ଅଫିସର ପଦ ରହିଥିବା ବେଳେ ଏବେ ୩୧୮ଟି ପଦ ଖାଲିପଡ଼ିଛି। ଅର୍ଥାତ୍, ୪୫ ପ୍ରତିଶତ ନର୍ସ ନାହାନ୍ତି। ଫାର୍ମାସି ଅଫିସରଙ୍କ ପାଇଁ ୧୩୦ଟି ପଦ ରହିଥିବା ବେଳେ ଅଛନ୍ତି ୪୧ ଜଣ। ୮୯ଟି ପଦ ଖାଲି ରହିଛି। ରେଡିଓଗ୍ରାଫରଙ୍କ ପାଇଁ ୩୧ଟି ପଦ ରହିଥିଲେ ମଧ୍ୟ ଅଛନ୍ତି ମାତ୍ର ୯ ଜଣ। ଲ୍ୟାବ୍ ଟେକ୍‌ନିସିଆନର ୭୯ଟି ପଦରୁ ୩୮ଟି ପଦ ଫାଙ୍କା ପଡ଼ିଛି। ଏପଟେ ଅନେକ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ସୁପରଭାଇଜର ପଦରେ କାହାକୁ ନିଯୁକ୍ତି ମିଳିନି। ଏଥିପାଇଁ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁନି।

# ବଜ୍ରାଘାତରେ ଚାଲିଗଲା ଯୁବକଙ୍କ ଜୀବନ

**ଖଇରା(ଅମୃତ ମିଡିଆ):** ବଜ୍ରାଘାତ ନେଲା ଆଉ ଜଣେ ଯୁବକଙ୍କ ଜୀବନ। ଖଇରା ବ୍ଲକ ଡୁଙ୍ଗୁରା ପଞ୍ଚାୟତ ରଘୁନାଥପୁର ନିକଟରେ ବଜ୍ରାଘାତ ହେବା ଫଳରେ ଜଣେ ଯୁବକଙ୍କର ଅକାଳ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଉଛନ୍ତି ଭଦ୍ରକଜିଲ୍ଲା ଅଣିଜୋ ଗାଁର ସାଗର ହୋ'ଙ୍କପୁଅଚମାର ହୋ। ସୂଚନାଯୋଗ୍ୟ ଯେ, ଗତକାଲି ସନ୍ଧ୍ୟା ସମୟରେ ଚମାର ଏକ ବାଇକ୍‌ଯୋଗେ କୌଣସି କାମରେ ଯାଉଥିଲେ। ରଘୁନାଥପୁର ଗାଁ ନିକଟରେ ପହଞ୍ଚିବା ପୂର୍ବରୁ ହଠାତ୍ ପ୍ରବଳ ବର୍ଷାସହ ଘଡ଼ଘଡ଼ି ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ସେ ନିକଟସ୍ଥ ଏକ ଆମ୍ବ ଗଛ ମୂଳରେ ଆଶ୍ରୟ ନେଇଥିଲେ। ତେବେ ସେହି ସମୟରେ ଉକ୍ତ ଆମ୍ବ ଗଛ ଉପରେ ବଜ୍ରପାତ ହୋଇଥିଲା। ବଜ୍ରାଘାତର ତୀବ୍ରତା ଏତେ ଅଧିକ ଥିଲା ଯେ ଗଛଟି ଫାଟିଯିବା ସହ ଚମାର ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ବର୍ଷା ଛାଡ଼ିବା ପରେ ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଉତ୍ତର ବାଲେଶ୍ୱରରେ ବିପର୍ଯ୍ୟୟ ମୁକାବିଲା

# ୧୦୦୮ ଗାଁ ପାଇଁ ମାତ୍ର ୫୪ ଆଶ୍ରୟସ୍ଥଳ




**ଜଳେଶ୍ୱର(ଅମୃତ ମିଡିଆ):** ସାମୁଦ୍ରିକ ଜୁଆର, ବାତ୍ୟା ସହ ସୁବର୍ଣ୍ଣରେଖା ଓ ଜଳକା ନଦୀର ବନ୍ୟା ଯୋଗୁଁ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ବସ୍ତା ବ୍ଲକ୍ ପ୍ରତିବର୍ଷ କ୍ଷତିଗ୍ରସ୍ତ ହେଉଛି। ଏଭଳି ବିପର୍ଯ୍ୟୟ ସମୟରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ (ଏମ୍‌ସିଏସ୍) ଓ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳ (ଏମ୍‌ଏଫ୍‌ଏସ୍)ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ସଂପୃକ୍ତ ୪ ବ୍ଲକ୍‌ର ୧୦୦୮ଟି ଗାଁ ପାଇଁ ରହିଛି ମାତ୍ର ୫୪ଟି ଆଶ୍ରୟସ୍ଥଳ। ୨୦୧୧ ଜନଗଣନା ଅନୁସାରେ, ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ବସ୍ତା ବ୍ଲକ୍‌ରେ ୧୦୦୮ଟି ଗାଁ ରହିଛି। ଭୋଗରାଇ ଓ ବାଲିଆପାଳର ପ୍ରାୟ ୩୦ କିମି ସମୁଦ୍ରତଟରେ ୨୩ଟି ଗାଁ ଅବସ୍ଥିତ। ଜଳବାୟୁ ପରିବର୍ତ୍ତନ ପାଇଁ ଉପକୂଳବର୍ତ୍ତୀ ଗାଁଗୁଡ଼ିକର ପ୍ରତି ଅଧିକ ବିପଦ ରହୁଛି। ସେହିପରି, ସୁବର୍ଣ୍ଣରେଖା ଓ ଜଳକା ନଦୀର ବନ୍ୟା ଯୋଗୁଁ ପ୍ରତିବର୍ଷ ୨୯୪ଟି ଗାଁ ସିଧାସଳଖ ପ୍ରଭାବିତ ହେଉଛି। ଲଘୁଚାପ ସହ ଲଗାଣ ବର୍ଷା ହେଲେ ପ୍ରଭାବିତ ଗାଁ ସଂଖ୍ୟା ପ୍ରାୟ ଦୁଇଗୁଣକୁ ବଢ଼ିଯାଉଛି। ବାଲିଆପାଳରେ ସର୍ବାଧିକ ୨୯ଟି, ଭୋଗରାଇରେ ୧୮ଟି, ବସ୍ତାରେ ୪ଟି ଏବଂ ଜଳେଶ୍ୱରରେ ମାତ୍ର ୩ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ଅଛି। ଏହି ସ୍ୱଳ୍ପ ସଂଖ୍ୟକ ଆଶ୍ରୟସ୍ଥଳ ଯୋଗୁଁ ବିପର୍ଯ୍ୟୟ ସମୟରେ ସରକାରଙ୍କୁ ବିଭିନ୍ନ ସ୍କୁଲ୍ ଓ ଅନ୍ୟ ଶିକ୍ଷାନୁଷ୍ଠାନକୁ ଅସ୍ଥାୟୀ ଆଶ୍ରୟକେନ୍ଦ୍ର ଭାବେ ବ୍ୟବହାର କରିବାକୁ ପଡୁଛି। ଫଳରେ ପାଠପଢ଼ା ବ୍ୟାହତ ହେବା ସହ ପରିମଳ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହେଉଛି। ଏହାଠାରୁ ଆହୁରି ଚିନ୍ତାଜନକ ବିଷୟ ହେଉଛି, ଅଧିକାଂଶ ଆଶ୍ରୟସ୍ଥଳ ଅବସ୍ଥା ଦୟନୀୟ। ଗ୍ରାମସ୍ତରୀୟ ପରିଚାଳନା କମିଟି ଦାୟିତ୍ୱରେ ଥିଲେ ମଧ୍ୟ ହାତଗଣତି କିଛିକୁ ଛାଡ଼ି ଅନ୍ୟଗୁଡ଼ିକ ବ୍ୟବହାର ଉପଯୋଗୀ ନୁହେଁ। ବାଲିଆପାଳ ବ୍ଲକ୍‌ର ଅସ୍ତି ପଞ୍ଚାୟତର ବଡ଼ାପାଳ ଆଶ୍ରୟସ୍ଥଳରେ ଗୋରୁଗାଈ ବନ୍ଧାଯାଉଥିବାରୁ ତାହା ଗୁହାଳର ରୂପ ନେଇଛି। ଅନେକ ଆଶ୍ରୟସ୍ଥଳରେ ବିଶୁଦ୍ଧ ପାନୀୟଜଳ, ଶୌଚାଳୟ, ପ୍ରାଥମିକ ଚିକିତ୍ସା ସାମଗ୍ରୀ ଓ ସୁରକ୍ଷା ଉପକରଣର ଅଭାବ ରହିଛି। ଏଭଳି ପରିସ୍ଥିତିରେ ବିପଦ ବେଳେ ଲୋକେ ଆଶ୍ରୟସ୍ଥଳକୁ ଯିବା ପରିବର୍ତ୍ତେ ଘରେ ରହିବାକୁ ପସନ୍ଦ କରୁଛନ୍ତି। ତେଣୁ ସମସ୍ତ ବାତ୍ୟା ଓ ବନ୍ୟାପ୍ରବଣ ଗାଁରେ ନୂଆ ଆଶ୍ରୟସ୍ଥଳ ନିର୍ମାଣ ସହ ବର୍ତ୍ତମାନର ଆଶ୍ରୟସ୍ଥଳଗୁଡ଼ିକୁ ତୁରନ୍ତ ବ୍ୟବହାରଯୋଗ୍ୟ କରିବାକୁ ଦାବି ହେଉଛି।

# ଓସ୍ୱାସ ଫାଇଲ୍ ପ୍ରକ୍ରିୟାକରଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାଜ୍ୟରେ ପ୍ରଥମ



**ନବରଙ୍ଗପୁର(ଅମୃତ ମିଡିଆ):** ଅଗଷ୍ଟ ୨୦୨୬ ମାସର ଓଡ଼ିଶା ଷ୍ଟେଟ ୱର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍ (ଓସ୍ୱାସ) ପ୍ରଦର୍ଶନ ଆଧାରରେ ସରକାରୀ ଫାଇଲ୍ ପ୍ରକ୍ରିୟାକରଣ କ୍ଷେତ୍ରରେ ଓଡ଼ିଶାର ୩୦ ଗୋଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟରୁ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନ ହାସଲ କରିଛି। ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ ଓ ଅନୁଷ୍ଠାନଗୁଡ଼ିକରେ ଓସ୍ୱାସର ସୂଚାରୁ ବ୍ୟବହାର ଫଳରେ ଫାଇଲ୍ ପ୍ରକ୍ରିୟାକରଣ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଗତିଶୀଳତା ଆସିଛି। ଅପରପକ୍ଷରେ ଜିଲ୍ଲାର ୨୦ରୁ ଉର୍ଦ୍ଧ୍ୱ କାର୍ଯ୍ୟାଳୟ ନାମକୁ ମାତ୍ର ଓସ୍ୱାସରେ କାମ କରୁଥିବା ବେଳେ ତିନି ଅଙ୍କକୁ ବି ଛୁଇଁ ନାହାନ୍ତି। ୪ଟି କାର୍ଯ୍ୟାଳୟ ଏଥିରେ କାର୍ଯ୍ୟ ଆରମ୍ଭ କରି ନାହାନ୍ତି। ଯେଉଁ ବିଭାଗ ଓସ୍ୱାସରେ କାମ କରିବେ ନାହିଁ ସେହି ବିଭାଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଅଗଷ୍ଟ ମାସରେ ନବରଙ୍ଗପୁର କଲେକ୍ଟୋରେଟ୍ ?ର ପ୍ରତିଷ୍ଠାନ ଶାଖା ୧,୭୪୪ଟି, ସାଧାରଣ ଓ ବିବିଧ ଶାଖା ୧,୨୪୧ଟି ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ୧,୧୦୮ଟି ଫାଇଲ୍ ପ୍ରକ୍ରିୟାକରଣ କରିଛନ୍ତି। ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ମଧ୍ୟରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା ପକ୍ଷରୁ ୧,୧୩୨ଟି, ସିଡିଏମଓ ଓ ପିଏଚଙ୍କ କାର୍ଯ୍ୟାଳୟ ପକ୍ଷରୁ ୧,୦୩୪ଟି ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୬୮୮ଟି ଫାଇଲ୍ ପ୍ରକ୍ରିୟାକରଣ କରାଯାଇଛି। ବ୍ଲକ୍ ସ୍ତରରେ ନବରଙ୍ଗପୁର ପଞ୍ଚାୟତ ସମିତି ୭୪୨ଟି, ଉମରକୋଟ ପଞ୍ଚାୟତ ସମିତି ୬୨୨ଟି ଏବଂ ନନ୍ଦାହାଣ୍ଡି ପଞ୍ଚାୟତ ସମିତି ୫୫୧ଟି ଫାଇଲ୍ ପ୍ରକ୍ରିୟାକରଣ କରିଛନ୍ତି। ତହସିଲ୍ ସ୍ତରରେ ଉମରକୋଟ ତହସିଲ୍ ୬୩୬ଟି, ନନ୍ଦାହାଣ୍ଡି ତହସିଲ୍ ୪୮୫ଟି ଏବଂ ଚନ୍ଦାହାଣ୍ଡି ତହସିଲ୍ ୪୧୪ଟି ଫାଇଲ୍ ପ୍ରକ୍ରିୟାକରଣ କରିଛନ୍ତି। ସେହିପରି ନବରଙ୍ଗପୁର ପୌରପାଳିକା ପକ୍ଷରୁ ୮୧୯ଟି ଫାଇଲ୍ ପ୍ରକ୍ରିୟାକରଣ କରାଯାଇଛି। ଏସବୁ କାର୍ଯ୍ୟାଳୟକୁ ଆଜି ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଫଳତା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଡ. ମହେଶ୍ୱର ସ୍ୱାଇଁ ସମ୍ପୃକ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶ, ଜିଲ୍ଲା ବନଖଣ୍ଡ ଅଧିକାରୀ ଉଦୟନ ସୁବୁଦ୍ଧି, ସିଡିଏଓ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମାଧ୍ୟମରେ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିଥିବା ଡେପୁଟି କଲେକ୍ଟର ସମିନା ଅଖତରୀ, ଡେପୁଟି କଲେକ୍ଟର ନିବେଦିତା ଶତପଥୀ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଏଡିଏମଓ ଡ. ମଳୟ କୁମାର ତ୍ରିପାଠୀ, ବିଡିଓ ନବରଙ୍ଗପୁର ସୁନୀଲ ଖରା, ବିଡିଓ ଉମରକୋଟ ମନୋଜ କୁମାର ମେହେର, ବିଡିଓ ନନ୍ଦାହାଣ୍ଡି ଖିରୋଦ ଚନ୍ଦ୍ର ସାହୁ, ତହସିଲଦାର ଉମରକୋଟ ମଘବାନ ବାଘ, ତହସିଲଦାର ନନ୍ଦାହାଣ୍ଡି ଚନ୍ଦ୍ର ଦାସ ମହାନନ୍ଦିଆ, ତହସିଲଦାର ଚନ୍ଦାହାଣ୍ଡି ସହଦେବ କୁଟ୍ରୁକା ଏବଂ ନବରଙ୍ଗପୁର ପୌରପାଳିକାର ନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଣ୍ଣଙ୍କୁ ସମ୍ମାନିତ କରାଯାଇଥିଲା।

## ନକଲି ବିଦେଶୀମଦ କାରଖାନା ଉପରେ ଚଢ଼ଉ

# ଲକ୍ଷାଧିକ ଟଙ୍କାର ନକଲି ମଦ ଓ ସାମଗ୍ରୀ ଜବତ, ଜଣେ ଗିରଫ



**ରଣପୁର(ଅମୃତ ମିଡିଆ):** ସରକାର ମଦ ବିରୋଧୀ ସଚେତନତା ସୃଷ୍ଟି ପାଇଁ ବ୍ୟାପକ ପଦକ୍ଷେପ ନେଉଥିବା ବେଳେ ବେକାର ଯୁବକ ମାନେ ନକଲି ମଦ କାରଖାନା ଖୋଲିବାରେ ବ୍ୟସ୍ତ। ଯାହାକୁ ନେଇ ମଦମୃତ୍ୟୁ ଆଶଙ୍କା ଦେଖା ଦେଇଛି। ରଣପୁର ଅଂଚଳରେ ନକଲି ମଦ କାରଖାନା ଆରମ୍ଭ ହୋଇଥିବା ଖବର ପାଇବା ପରେ ନୟାଗଡ ଅବକାରୀ ଅଧିକ୍ଷକ ଜ୍ଞାନରଞ୍ଜନ ପଣ୍ଡା ରଣପୁର ଅବକାରୀ ଥାନା ଅଂଚଳରେ ପେଟ୍ରୋଲିଙ୍ଗ କରିବାକୁ ବ୍ୟାପକ କାରବାକୁ ନିର୍ଦ୍ଦେଶ ଦେଇଥିଲେ। ରଣପୁର ଅବକାରୀ ଥାନା ଅଧିକାରୀ ଶଶିକାନ୍ତ ରାଉତ ସଦଳବଳେ ସେପେଟେମ୍ବର ୮ ତାରିଖ ଭୋର ୫ଟା ସମୟରେ ନରସିଂହପୁର ନିକଟ ରାଇସ ମିଲ ସାମନା କାଜୁ ଜଙ୍ଗଲଭିତରେ ଥିବା ଏକ ଘରେ ନକଲି ମଦ କାରଖାନା ଚାଲିଥିବା ସୁରାକ ପାଇ ଚଢ଼ାଉ କରିଥିଲେ। ଚଢ଼ାଉରେ ଏକ ଲକ୍ଷ ୬୬ ହଜାର ଟଙ୍କାର ସ୍ପିରିଟ, ନାମୀ ଦାମୀ ବିଭିନ୍ନ କମ୍ପାନୀ ଲେବୁଲ, ବୋତଲ, ଠିପି, ରଙ୍ଗ ଓ ମଦର ଅତର ଜବତ କରିବା ସହ ଚାନ୍ଦପୁର ଥାନା ରାଜ ଜଙ୍କିଆ ଓଲସର ଗାଁର ଶ୍ରୀନିବାସ ବେହେରାଙ୍କ ପୁଅ ପ୍ରକାଶ ବେହେରା (୨୪)କୁ ଗିରଫ କରଥିବା ଜଣାପଡିଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ରଣପୁର ଅବକାରୀ ଥାନା ଅଧିକାରୀ ଶଶିକାନ୍ତ ରାଉତ,ନିର୍ମଳ କୁମାର ବେହେରା, ବିକାଶ ଜେନା,ସଂଜୀବ ମହାପାତ୍ର ରମ୍ଭା ରାଉତ। ସୂଚନା ଅନୁଯାୟୀ ଗିରଫ ପ୍ରକାଶ ଜଣେ ଆମ୍ବୁଲାନସ ଡ୍ରାଇଭର। ମୁଖ୍ୟ ଅଭିଯୁକ୍ତ ଗାଁ ବାଣିକିଲୋର ଘଟଣା ସ୍ଥଳରୁ ଅବକାରୀ ପୁଲିସକୁ ଚକମା ଦେଇ ଫେରାର ହୋଇଯାଇଛି। ଅବକାରୀ ଥାନା ଅଧିକାରୀ ଶଶୀକାନ୍ତ ରାଉତ କହିଛନ୍ତି ଏକ ନକଲି ମଦମୃତ୍ୟୁ ଆଶଙ୍କା ଏଡାଇ ଗଲା। ଏକ ସପ୍ତାହ ହେଲା ଏଠାରେ ନକଲି ମଦ ତିଆରି ଚାଲିଥିଲା। ଖୋର୍ଦ୍ଧା଼ଜିଲ୍ଲା ଜଙ୍କିଆ, ନାଚୁଣୀ ଥାନା ଅଞ୍ଚଳକୁ ନକଲି ମଦ ଚାଲାଣ ହେଉଥିଲା। ଆଗାମୀ ଦିନରେ ଚଢ଼ାଉକୁ ବ୍ୟାପକ କରାଯିବ।





## ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସ୍ନାତକ ସମାରୋହରେ ରାଜ୍ୟପାଳ


















## ଆଗକୁ ଗଣେଶ ପୂଜା, ମୂର୍ତ୍ତି ଗଢ଼ିବାରେ ନିମଗ୍ନ କାରିଗର





## ରାଜ୍ୟ ସଂକୀର୍ତ୍ତନ ପରିଷଦର ବାର୍ଷିକ ବୈଠକ





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.141, Wednesday, 9 September 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୧, ବୁଧବାର, ୯ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



